୪୫

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୨୪/୨୦୧୮ (୨୦ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, November 24/ 2018 | ★★

୧୪ଶ ଭାଗ ୩୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**STORES ONLY AT: BHUBANESWAR:** 621, Saheed Nagar, Janpath | **BHUBANESWAR:** Biju Patnaik International Airport | **BHUBANESWAR:** 309, DistrictCentre, Chandrasekharpur
**BERHAMPUR :** Venkatraju Arcade, Sano Bazar | **CUTTACK:** 558/834, Cantonment Road | **ROURKELA:** Kesar Bhawan, Main Road | Toll Free: 1800 3131 777 | **Open on Sundays**

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ନଭେମ୍ବର ୨୪/୨୦୧୮ Sambalpur, Saturday, November 24/ 2018 | ପୃଷ୍ଠା-୧




## ‘ମିଶନ୍ ମଙ୍ଗଳ’ର ଶୁଟିଂ ଆରମ୍ଭ

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଆଗାମୀ ଫିଲ୍ମ ‘ମିଶନ୍ ମଙ୍ଗଳ’ର ଶୁଟିଂ ଶୁକ୍ରବାର ଆରମ୍ଭ କରିଛନ୍ତି।


୦୩ ୧୮


## ଫାଇନାଲରେ ସୋନିଆ ଚହଲ

ଜୋ ସନ୍ ହ୍ୱାଙ୍କୁ ପରାସ୍ତ କରି ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍ ୫୭କେଜି ଶ୍ରେଣୀ ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ସୋନିଆ ଚହଲ।








### ଶ୍ରଦ୍ଧାଞ୍ଜଳି



ଶ୍ରୀ ଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସରେ ଧରିତ୍ରୀର ସାରସ୍ୱତ ଶ୍ରଦ୍ଧାଞ୍ଜଳି ଓ ପ୍ରଣତି।

### ଅଭିନନ୍ଦନ

ଧରିତ୍ରୀର ୪୫ତମ ଜୟନ୍ତୀ ଅବସରରେ ପ୍ରିୟ ପାଠିକାପାଠକ, ଲେଖିକାଲେଖକ, ଶୁଭେଚ୍ଛୁ, ଏଜେଣ୍ଟ, ବିଜ୍ଞାପନଦାତା ଓ ବିତରକମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

# ରାଜଧାନୀରେ ରହମନ୍

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

- ରିଲିଜ ହେଲା ହକି ଆନ୍ଥେମ୍
- ରହମନଙ୍କ ଉପସ୍ଥିତି ଆନନ୍ଦିତ କରିଛି: ନବୀନ
- ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ ସମ୍ମାନର କଥା: ରହମନ

ଓସ୍କାର ବିଜେତା ପ୍ରଖ୍ୟାତ ସଂଗୀତଜ୍ଞ ଏ.ଆର୍.ରହମନ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏଠାରେ ପହଞ୍ଚିବା ପରେ ସେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଅପରାହ୍ନ ୨ଟାରେ ପହଞ୍ଚିବା ପରେ ନବୀନ ନିବାସରେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ ତାଙ୍କୁ ରୁପା ନିର୍ମିତ କୋଣାର୍କ ଚକ୍ରର ଏକ ଫଳକ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ବାର୍ତ୍ତାଳାପ ହୋଇଥିଲା। ପାରମ୍ପରିକ ଏବଂ ଆଦିବାସୀ ବାଦ୍ୟଯନ୍ତ୍ରକୁ ସଂରକ୍ଷିତ କରିବା ପାଇଁ ଏକ ସଂଗ୍ରହାଳୟ ବିଷୟରେ ଉଭୟେ ଆଲୋଚନା କରିଥିଲେ। ରହମନଙ୍କ ଜୟ ହୋ ଏବଂ ବନ୍ଦେ ମାତରମ୍ ଭଳି ସଂଗୀତ ସୃଷ୍ଟିକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଏଥିସହିତ ଆଦିବାସୀ ସଂଗ୍ରହାଳୟ ପରିଦର୍ଶନ କରିବାକୁ ମୁଖ୍ୟମନ୍ତ୍ରୀ ତାଙ୍କୁ କହିଥିଲେ। ହକି ବିଶ୍ୱକପ ଆୟୋଜନ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ସେଲ୍ଫି ଉଠାଇବା ସୁଯୋଗ ହାତଛଡ଼ା କରି ନ ଥିଲେ।

☞ପୃଷ୍ଠା–୨

■ କରାଚୀରେ ଆତଙ୍କବାଦୀ ଆକ୍ରମଣ ଉଦ୍ୟମ ପଣ୍ଡ

# ଚାଇନା କନ୍‌ସୁଲେଟ୍‌କୁ ଟାର୍ଗେଟ: ୭ ନିହତ

କରାଚୀ,୨୩।୧୧(ପି.ଟି.)



- ମୃତକଙ୍କ ମଧ୍ୟରେ ୩ ଆତ୍ମଘାତୀ, ୨ ପୋଲିସ
- ନିଜକୁ ଦାୟୀ କଲା ବେଲୁଚିସ୍ତାନ ଲିବରେଶନ୍ ଆର୍ମି

ପାକିସ୍ତାନସ୍ଥିତ ସିନ୍ଧ୍ ପ୍ରଦେଶର ରାଜଧାନୀ କରାଚୀରେ ଶୁକ୍ରବାର ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଉଦ୍ୟମ ପଣ୍ଡ ହୋଇଛି। କରାଚୀରେ ଥିବା ଚାଇନା କନ୍‌ସୁଲେଟ୍ (ବାଣିଜ୍ୟିକ ଦୂତାବାସ)କୁ ଆତଙ୍କବାଦୀମାନେ ଟାର୍ଗେଟ କରିଛନ୍ତି। ୩ ବିସ୍ଫୋରକ ସଜ୍ଜିତ ଆତ୍ମଘାତୀ କନ୍‌ସୁଲେଟ୍‌କୁ ଧସେଇ ପଶି ୪ ଜଣଙ୍କୁ ହତ୍ୟା କରିଛନ୍ତି। ନିହତଙ୍କ ମଧ୍ୟରେ ୨ ପୋଲିସ କର୍ମୀ ଓ ୨ ସାଧାରଣ ନାଗରିକ ଅଛନ୍ତି। ସୁରକ୍ଷା କର୍ମୀଙ୍କ ଗୁଳିମାଡ଼ରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଆକ୍ରମଣ ପାଇଁ ବିଚ୍ଛିନ୍ନତାବାଦୀ ସଙ୍ଗଠନ ବେଲୁଚିସ୍ତାନ ଲିବରେଶନ୍ ଆର୍ମି (ବିଏଲ୍ଏ) ନିଜକୁ ଦାୟୀ କରିଛି। ବଲୁଚ୍ ମାଟିରେ ଚାଇନା ସେନାର କୌଣସି ସମରିକ ବିସ୍ତାରବାଦୀ ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଏଲ୍ଏ ପକ୍ଷରୁ କୁହାଯାଇଛି।

ପାକିସ୍ତାନର ବୃହତ୍ତମ ସହର କରାଚୀର କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହିଥିବା କ୍ଲିଫ୍‌ଟନ ଅଞ୍ଚଳରେ ରହିଛି ଚାଇନାର କନ୍‌ସୁଲେଟ୍। ଶୁକ୍ରବାର ସକାଳ ୯ଟା ୩୦ରେ ବିଏଲ୍ଏର ୩ ଆତ୍ମଘାତୀ କିଛି ଦୂରରେ ସେମାନଙ୍କ ଗାଡ଼ି ରଖି କନ୍‌ସୁଲେଟ୍‌କୁ ପ୍ରବେଶ କରିଥିଲେ। ସେଠାରେ ଉପସ୍ଥିତ ଥିବା କୂଟନୀତିଜ୍ଞମାନଙ୍କୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ ସେମାନେ ଉଦ୍ୟମ କରିଥିଲେ। ଆତଙ୍କବାଦୀଙ୍କ ଗ୍ରେନେଡ୍ ମାଡ଼ରେ ଟଳିପଡ଼ିଥିଲେ ୨ ପୋଲିସ କର୍ମୀ ଓ ୨ ସାଧାରଣ ନାଗରିକ (ବାପପୁଅ)। ଚାଇନା ସୁରକ୍ଷା କର୍ମୀ ଏହାର କଡ଼ା ଜବାବ ଦେଇଥିଲେ। କିଛି ସମୟର ଗୁଳି ବିନିମୟ ପରେ ୩ ଆତଙ୍କବାଦୀ ନିହତ ହୋଇଥିଲେ। ଆତଙ୍କବାଦୀଙ୍କ ମୃତଦେହ ନିକଟରୁ ଖାଦ୍ୟ, ଔଷଧ ଓ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଆକ୍ରମଣରେ ଆହତ ହୋଇଥିବା ଅନ୍ୟ କେତେଜଣଙ୍କୁ ଜିନ୍ନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣର କିଛି ସମୟ ପରେ ବିଏଲ୍ଏ ପକ୍ଷରୁ ଏହାର ଫଟୋ ଜାରି କରାଯାଇଛି। ଆକ୍ରମଣକୁ ଚାଇନା ଓ ଭାରତ ସମେତ ବିଭିନ୍ନ ଦେଶ ପକ୍ଷରୁ ନିନ୍ଦା କରାଯାଇଛି।

☞ପୃଷ୍ଠା–୨




### ଆଜିର ସମ୍ପାଦକୀୟ

## ବୈଜ୍ଞାନିକ ସହିଷ୍ଣୁତା


NECC NATIONAL EGG CO-ORDINATION COMMITTEE 23.11.2018 Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 70 | 119 | 129 |
| BDK | 69 | 118 | 128 |
| BLS | 69 | 118 | 128 |
| ANG | 71 | 120 | 130 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


## ମାଟିଆଗୁଣ୍ଡି ପୋକ ଉଜାଡ଼ିଲା ଫସଲ
# ଯୁବଚାଷୀଙ୍କ ଆତ୍ମହତ୍ୟା

ସିଂଘିଯୁବା,୨୩।୧୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ପଞ୍ଚାୟତ ବଳାରଙ୍ଗା ଗ୍ରାମର ଯୁବ ଚାଷୀ କୀଟନାଶକ ପିଇ ଆମହତ୍ୟା କରିଛନ୍ତି। ସେ ହେଲେ ରାମଚନ୍ଦ୍ର ସେଠ୍(୨୬)। ମାଟିଆଗୁଣ୍ଡି ପୋକ ଲାଗି ତାଙ୍କ ଧାନ ଫସଲ ଉଜୁଡ଼ି ଯାଇଥିଲା। ସେଥିଯୋଗୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ରାମଚନ୍ଦ୍ର ଚଳିତ ଖରିଫ ଋତୁରେ ନିଜ ୧ ଏକର ଏବଂ ୩ ଏକର ଭାଗ ଜମିରେ ଧାନଚାଷ କରିଥିଲେ। ସେଥିପାଇଁ ସେ ପ୍ରାୟ ୭୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ଫସଲ ଭଲ ହୋଇଥିଲା। ମାତ୍ର ଅମଳ ସମୟରେ ଚକଡା ଯୋଗୁ ଫସଲ ପ୍ରାୟ ନଷ୍ଟ ହୋଇଯାଇଥିଲା। ଗତବର୍ଷ ଅନୁରୂପ ଫସଲହାନୀର ସମ୍ମୁଖୀନ ହୋଇଥିବା ରାମଚନ୍ଦ୍ର ଚଳିତବର୍ଷ ମଧ୍ୟ କ୍ଷତି ସହି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଚଳିତ ବର୍ଷ ଚାଷ ପାଇଁ ସେ ବିନିକା ସମବାୟ

☞ପୃଷ୍ଠା–୨



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସେଲ୍‌ଫି ନେଉଛନ୍ତି ସଙ୍ଗୀତଜ୍ଞ ଏ.ଆର୍. ରହମନ।

### ଆଜିର ମନ୍ତବ୍ୟ

“ଗଣତନ୍ତ୍ରର ସୁରକ୍ଷା ପାଇଁ ସରକାରୀ ସଂସ୍ଥାଗୁଡ଼ିକ ଲୋକଙ୍କ ମନରେ ବିଶ୍ୱାସ ଫେରାଇଆଣନ୍ତୁ।

**– ପ୍ରଣବ ମୁଖାର୍ଜୀ, ପୂର୍ବତନ ରାଷ୍ଟ୍ରପତି**

### କିଛି ତଥ୍ୟ

ନଭେମ୍ବର ୧୬ ସୁଦ୍ଧା ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୫୬୮.୯ ନିୟୁତ ବୃଦ୍ଧି ଘଟି ୩୯୩.୫୮୦ ବିଲିୟନ ଡଲାର ଛୁଇଁଛି।

**– ଭାରତୀୟ ରିର୍ଜଭ ବ୍ୟାଙ୍କ**






■ ଶ୍ରୀମନ୍ଦିର ପ୍ରଶାସନ ଚିଠିରୁ ପଦାକୁ ଆସିଲା ସତ

# ଦିନରେ ହୋଇଛି ବ୍ରହ୍ମ ସଂସ୍ଥାପନ

ପୁରୀ ଅଫିସ, ୨୩।୧୧

- ସକାଳ ୮ଟାରେ ସରିଥିଲା ଦାରୁବିଗ୍ରହ ପହଣ୍ଡି
- ସାର୍ବଜନୀନ ହେବ ନାହିଁ ବ୍ରହ୍ମବିଭ୍ରାଟ ରିପୋର୍ଟ
- ନୋଟିସର ଉତ୍ତର ରଖିଛନ୍ତି ୪ ଦଇତା

ବ୍ରହ୍ମ ସଂସ୍ଥାପନ ଓ ବିଭ୍ରାଟ ଘଟଣା ସାର୍ବଜନୀନ ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ କହୁଥିବା ବେଳେ ଏ ସମ୍ପର୍କିତ ଗୋଟିଏ ପରେ ଗୋଟିଏ ନୂତନ ତଥ୍ୟ ପଦାକୁ ଆସୁଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା ଏକ ଚିଠିରୁ ସ୍ପଷ୍ଟ ହୋଇଛି ଯେ, ୨୦୧୫ ମସିହା ଜୁନ ୧୫ ତାରିଖ ନିଶାର୍ଦ୍ଧ ନୁହେଁ ଜୁନ ୧୬ ସକାଳ ୮ଟା ପରେ ହୋଇଛି ବ୍ରହ୍ମ ସଂସ୍ଥାପନ। ତତ୍କାଳୀନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ୨୦୧୫ ଜୁନ ୨୪ରେ ଜଣେ ସେବାୟତଙ୍କୁ ଜାରି କରିଥିବା ଏକ ଚିଠିରେ ଉଲ୍ଲେଖ ରହିଛି ଯେ, ୨୦୧୫ ଜୁନ ୧୬ ସକାଳ ୮ଟା ସମୟ ସୁଦ୍ଧା କୋଇଲି ବୈକୁଣ୍ଠରୁ ଅଣସର ଗୃହକୁ ଦାରୁବିଗ୍ରହମାନଙ୍କ ପହଣ୍ଡି ସରିଥିଲା।

ଏହି ଚିଠି ସ୍ପଷ୍ଟ କରୁଛି ଯେ, ଦାରୁବିଗ୍ରହଙ୍କ ପହଣ୍ଡି ସରିବା ପରେ ବ୍ରହ୍ମ ସଂସ୍ଥାପନକୁ ନେଇ ଦଇତାପତିଙ୍କ ମଧ୍ୟରେ ବାଦବିବାଦ ଲାଗି ରହିବାରୁ ୨ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଅର୍ଥାତ୍ ୧୬ ତାରିଖ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ବ୍ରହ୍ମ ସଂସ୍ଥାପନ ହୋଇଥିବା ସ୍ପଷ୍ଟ ହେଉଛି। ଦଇତାପତିଙ୍କ ମଧ୍ୟରେ ବ୍ରହ୍ମଦର୍ଶନକୁ ନେଇ ବାଦାନୁବାଦ ପୂର୍ବରୁ ବିଭ୍ରାଟ ସୃଷ୍ଟି ହୋଇଥିଲା ବୋଲି ଏହି ଚିଠିରୁ ସ୍ପଷ୍ଟ ହେଉଛି।

ଦଇତାପତି ସେବକମାନେ ଯୁକ୍ତି କରୁଛନ୍ତି ଶ୍ରୀବିଗ୍ରହଙ୍କ ନିର୍ମାଣ ନିମନ୍ତେ ୧୦ଦିନ ସମୟ ମିଳିଥାଏ। ଚଳିତବର୍ଷ ୯ଦିନ ସମୟ ମିଳିଲା। ନିର୍ମାଣରେ ବିଳମ୍ବ ଯୋଗୁ ନୀତି ବିଳମ୍ବ ହେଲା କିନ୍ତୁ କିଛି ବିଭ୍ରାଟ ଘଟିନାହିଁ। ଏଠାରେ ପ୍ରଶ୍ନ ଉଠେ ଶ୍ରୀବିଗ୍ରହଙ୍କ ନିର୍ମାଣ ନିମନ୍ତେ ଗତ ନବକଳେବରରେ ଗୋଟିଏ

☞ପୃଷ୍ଠା–୨






ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସିଦ୍ଧୀ ପରିବାରବର୍ଗ


ବେଦଦ୍ୟୁତି ପରିବାରବର୍ଗ


ବବୁଲ ପରିବାରବର୍ଗ


ବନ୍ଦନା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



### SALE

Innova 2012 6+1 Dzire VDI 2015 immediate sale. 8599843131, 8984915715. D-9614



### SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-9623

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

ସୁନ୍ଦରପଦା କୁହା ମୌଜାରେ ଘରବାଡି ପାଚେରି ପ୍ଲଟ୍ ବିକ୍ରିହବ। 9439364818, 9337766961. D-9148

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/-sft. Broker Excuse. 9176647692. D-9228

Plot size 40x60 ft. (25 ft. connecting road), near to 200 ft. newly built road from Infosys-2 Campus to Gohira Chhak (NH-5) in Badaraghunathpur mouza (adjacent Gita Gandhi College). 09443101191. D-9455

Morningsun Residency simplex near Hanspal-28,00,000/- (Handover within 1month) 8908015464, 9853347909. D-64378

**Residential plots at Atala, Balianta immediate possession, registration. Contact: 9437147826.** D-9465

Booking simplex 2BHK 1200 sqft. land 19,50,000/- near Tankapani road Sai Temple (Bankuala) installment and outright available. 7735738102. D-9555

3BHK luxurious flats available for booking at BJB Nagar extension (1km. from Kalpana Square, facing 60ft. Canal Road), Price- 65 lakhs to 72.50 lakhs. Contact: 9439543532, 9937447564. D-9615

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs Contact: 9937059891, 9348253463, 8908292617.** D-9625

ସୁନ୍ଦରପଦା Hitech ପାଖରେ 100' and 50' Revenue road ଥାଇ ୫ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-). 9777236619. D-9603



**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan SMPL: 9439483779.** D-9624



Desk- furnished office space on sharing, available at Samantarapur, Bhubaneswar. No Security. Rent Rs. 1800 (start). Mobile: 6309629747. D-9575

**2BHK with study Royal Lagoon, Raghunathpur, Patia for family. 9776505301.** D-9512

Centrally located for office at Unit-9, 450 sqft., 700 sqft., 650 sqft., 850 sqft. 7789837712, 9861256148. D-9558



Samal packers movers provide household shifting in reasonable rates. 9437035016. D-63872

### HEALTH CARE

Keralian Ayurvedic body massage, treatments/ medicines, Beauty preparations available. 9556341170. D-63874

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ମାମୁନି**
**ଆଇସା ପରିଡା**
ଅଲଣାଭାସ, ପଏଦା, ତିରଣ, ଜଗତ୍‌ସିଂହପୁର
ଆଜି ତୋ ଜନ୍ମଦିନରେ ଢେର୍ ସାରା ଶୁଭେଚ୍ଛା, ଶୁଭକାମନା, ଅଭିନନ୍ଦନ ଆଉ ଆଶୀର୍ବାଦ। ତୋ ଚଲାପଥ କୁସୁମିତ ହେଉ। ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ତୁ ଯଶସ୍ୱୀ ହୋଇ ସମସ୍ତଙ୍କ ଟେକ ରଖ। ପିଉସା, ପିଉସୀ, ରାନୀ ସହ ବନ୍ଧୁ ପରିବାର ଓ ଆତ୍ମୀୟସ୍ୱଜନ। ଧ-୯୬୨୯

### 7th Birthday Wish



**(Mahek)**
**Shbana Anjum**
**Rathipur, Jatni**
Have a wonderful time and your special day brings you all that your heart dezires. Best wishes from: Aman, Ayan, Tanaz & Rihan. D-9616

### 12th Birthday Wish



**(Aman)**
**Md Haseeb Ali**
**Rathipur, Jatni**
Have a wonderful Birthday. I wish your everyday to be filled with lots of Love, Laughter, Happiness and the warmth of sunshine. Best wishes from: Baba, Mama, dadi all family member Ayan, Rihan & Mahek. D-9617

### ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା



**(ଲିପୁ)**
**ଅମ୍ଳାନ୍ ପଟ୍ଟନାୟକ**
**ଗାନ୍ଧିନଗର, ଜଟଣୀ**
ଆଜି ତୋର ସପ୍ତମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ କୋଟି ପରମାୟୁ ଦିଅନ୍ତୁ। ଏତିକି ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ଜେଜେମା, ବଡବାପା, ବଡମା, ପାପା, ମାମା, ଟିକ ଦାଦା, ଖୁଡୀ, ବାବୁଦାଦା, ଆଈ, ମୁନାମାମୁଁ, ମାଇଁ, ଲୁନା ମାମୁଁ, ମଉସା, ମିନି ମାଉସି, ନବ ମଉସା, ମାନୁ ମାଉସି, ରାନୁ ମାଉସି, ପୁପୁ, ସିପୁ, ଡୁଗୁ, ଗୁଡି, ଲିନା, ନବ୍ୟୋୟା ପରିବାରବର୍ଗ। ଧ-୯୫୮୭

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ପରୀ**
**ଜଗତ୍‌ସିଂହପୁର, ଏରସମା, ପଏଦା**
ଆଜି ତୋର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତତେ ଆଶୀର୍ବାଦ ଏବଂ ଦୀର୍ଘାୟୁ କରନ୍ତୁ, ଏହାହିଁ ଆମର ପ୍ରାର୍ଥନା। **ଶୁଭେଚ୍ଛା ସହ:** ବଡଜେଜେ, ବଡମା, ସାନଜେଜେ, ସାନ ମା, ପିଉସୀ, ପିଉସା, ବାବା, ମାମା, ଜଗନ ଦାଦା ଏବଂ ଦାସ ପରିବାର। ଧ-୯୫୭୬

# ୬୦ ଗ୍ରାମ ବ୍ରାଉନସୁଗାର ଜବତ: ଜଣେ ଗିରଫ

କଟକ ଅଫିସ୍, ୨୩।୧୧

କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଶୁକ୍ରବାର କଟକରେ ଚଢାଉ କରାଯାଇ ୬୦ ଗ୍ରାମ୍ ଓଜନର ବ୍ରାଉନ ସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ଜଗତପୁର ଥାନା ଅନ୍ତର୍ଗତ ପଣ୍ଡାସାହି ଅଞ୍ଚଳର ସୁଧୀର ମହାନ୍ତି(୩୦)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଶୁକ୍ରବାର ସକାଳେ ଜଗତ୍‌ପୁର ଅଞ୍ଚଳରୁ ବ୍ରାଉନସୁଗାର ଚାଲାଣ ହେଉଥିବା ସମ୍ପର୍କରେ ଅବକାରୀ ବିଭାଗ ସୂଚନା ପାଇଥିଲା। ପରେ ଇନ୍ସପେକ୍ଟର ବୈଜୟନ୍ତୀ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଲିଙ୍କ୍‌ରୋଡ ପାଖରେ ଜଗି ରହିଥିଲା। ସୁଧୀର ଏକ ଅଟୋରେ ଆସୁଥିବାବେଳେ ଲିଙ୍କ୍‌ରୋଡ ପାଖରେ ପୋଲିସ ଅଟକାଇଥିଲା। ପରେ ଅଟୋକୁ ଯାଞ୍ଚ କରାଯିବା ପରେ ତାହା ଭିତରୁ ବ୍ରାଉନସୁଗାର ମିଳିଥିଲା। ଏହାପରେ ବିଭାଗ ପକ୍ଷରୁ ଉକ୍ତ ଅଟୋକୁ ଜବତ କରାଯିବା ସହ ସୁଧୀରଙ୍କୁ ଗିରଫ କରାଯାଇଥିଲା।

### ପ୍ରଥମ ପୃଷ୍ଠାରୁ...

## ଦିନରେ ହୋଇଛି ...

ଦିନ କ୍ଷୟ ପଡୁଥିବାରୁ ଶ୍ରୀବିଗ୍ରହ ନିର୍ମାଣ ନିମନ୍ତେ ୯ଦିନ ସମୟ ମିଳିବ ବୋଲି ସମସ୍ତେ ଜାଣିଥିଲେ। ଏଥିଲାଗି ମହାରଣା ଓ ଦଇତାପତି ଯତ୍ନବାନ ହେଲେନାହିଁ କାହିଁକି। ଉଭୟ ସେବକଙ୍କ ମଧ୍ୟରେ ସମନ୍ୱୟ ରକ୍ଷିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେଇଥିଲା କି ନାହିଁ ଏଭଳି ବହୁ ଅସମାହିତ ପ୍ରଶ୍ନ ଏହାପଛରେ ଛିଡା ହୋଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନର ବ୍ରହ୍ମବିଭ୍ରାଟ ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ ନାହିଁ ବୋଲି ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଥିବାବେଳେ ଶୁକ୍ରବାର ସେହି କଥା ଦୋହରାଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ମହାପାତ୍ର। ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ସେ କହିଛନ୍ତି ଯେ, ବ୍ରହ୍ମ ବିଭ୍ରାଟ ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଏହା ସାର୍ବଜନୀନ ହେବନାହିଁ। ଏହି ଘଟଣାରେ ୧୦ଜଣଙ୍କୁ ଶ୍ରୀମନ୍ଦିର ଆଇନର ୧୯୫୫ ୨୧(କ) ଧାରାରେ ନୋଟିସ କରାଯାଇଥିଲା। ସେଥିରେ ୯ଜଣ ଦଇତପତି ଓ ଜଣେ ମହାରଣା ସେବକ ଅଛନ୍ତି। ୧୫ଦିନ ମଧ୍ୟରେ ଉକ୍ତ ନୋଟିସର ଉତ୍ତର ଦେବାକୁ ସମ୍ପୃକ୍ତ ସେବାୟତଙ୍କୁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏଥିମଧ୍ୟରୁ ୪ଜଣ ନୋଟିସ ଉତ୍ତର ରଖିଥିବା ବେଳେ ତାହାକୁ ମଧ୍ୟ ସାର୍ବଜନୀନ କରାଯିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦଇତାପତି ନିଯୋଗ ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ରଙ୍କ ସମେତ ୪ଜଣ ଉତ୍ତର ରଖିଛନ୍ତି। ବ୍ରହ୍ମବିଭ୍ରାଟ ରିପୋର୍ଟ ସାର୍ବଜନୀନ ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ କହୁଥିବା ବେଳେ ଜଣେ ପରେ ଜଣେ ସେବକ ଏହି କଥାକୁ ଦାଣ୍ଡରେ ପକାଇ ହାଟରେ ଗଡାଉଛନ୍ତି। ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା ଶ୍ରୀମନ୍ଦିର ପ୍ରଶାସନର ନୋଟିସ ନ ପାଉଣୁ ଗଣମାଧ୍ୟମରେ ନିଜ ମତ ରଖି ନୂତନ ବିଭ୍ରାଟ ସୃଷ୍ଟି କରିଥିଲେ। ଦାରୁର ମାନ ଓ ଚୟନକୁ ନେଇ ପ୍ରଶ୍ନ ଉଠାଇ ସିଧାସଳଖ ଭକ୍ତଙ୍କ ଭାବାବେଗ ସହ ଖେଳିଥିଲେ। ଦାରୁ ଚୟନରେ ଫିକ୍ସିଂ ହୋଇଥିବା ଅଭିଯୋଗ ଆଣିଥିଲେ। ସେହିପରି ଦଇତାପତି ନିଯୋଗର ସମ୍ପାଦକଙ୍କୁ ନୋଟିସ ପରେ ସେ ଗଣମାଧ୍ୟମରେ ମତ ରଖି ୩ ବାଡ଼ଗ୍ରାହୀଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଦାରୁ ଚୟନ ପ୍ରକ୍ରିୟାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ। ବ୍ରହ୍ମ ଦର୍ଶନ କରିବା ଏବଂ ଗୁପ୍ତ ତଥ୍ୟ ଗଣମାଧ୍ୟମରେ ପ୍ରଘଟ କରିବା ଅଭିଯୋଗରେ ତାଙ୍କୁ ନୋଟିସ ହୋଇଥିବାବେଳେ ସେ ପୁଣି ଗଣମାଧ୍ୟମ ଆଗରେ ଦାରୁ ଚୟନକୁ ନେଇ ମତ ରଖିବା କେତେଦୂର ଯଥାର୍ଥ ତାହାକୁ ନେଇ ପ୍ରଶ୍ନ ଉଠିଛି। ବିଭ୍ରାଟର ଅଭିଯୋଗ ରହିଥିବା ସେବକ ପୁଣି ଗଣମାଧ୍ୟମରେ ମତ ରଖି ନୂତନ ବିଭ୍ରାଟ ଆଡକୁ ଇଙ୍ଗିତ କରିବା ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି।

## ଚାଇନା କନ୍‌ସୁଲେଟ୍‌କୁ ...

କନ୍‌ସୁଲେଟ୍‌ର ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି। ପାକିସ୍ତାନରେ ଥିବା ଚାଇନା ନାଗରିକ ଓ ସଂସ୍ଥାଗୁଡ଼ିକର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଇସ୍‌ଲାମାବାଦକୁ ପରାମର୍ଶ ଦିଆଯାଇଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ୍ କହିଛନ୍ତି। ପ୍ରକାଶ ଯେ, ସ୍ୱତନ୍ତ୍ର ବେଲୁଚିସ୍ତାନର ରାଜନୈତିକ ସ୍ୱାୟତ୍ତତା ଦାବିରେ ଆନ୍ଦୋଳନ ଚଳାଇଥିବା ବିଚ୍ଛିନ୍ନତାବାଦୀ ସଙ୍ଗଠନ ବିଏଲ୍‌ଏକୁ ପାକିସ୍ତାନ ସରକାର ଏକ ଆତଙ୍କବାଦୀ ସଙ୍ଗଠନ ଭାବେ ଘୋଷଣା କରିଛନ୍ତି। ମହତ୍ତ୍ୱାକାଂକ୍ଷୀ ଯୋଜନା ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର (ସିପିଇସି)ରେ ବେଜିଂ ପକ୍ଷରୁ ୬୦ ବିଲିୟନ୍ ଡଲାରର ପୁଞ୍ଜିନିବେଶ କରାଯାଇଛି। ଏହା ଚାଇନାର କାଶ୍‌ଗରରୁ ପାକିସ୍ତାନର ବେଲୁଚିସ୍ତାନକୁ ସଂଯୋଗ କରୁଛି। ବେଲୁଚିସ୍ତାନର ସ୍ଥାନୀୟ ଲୋକେ ଓ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଏହି ପ୍ରକଳ୍ପକୁ ବିରୋଧ କରିଆସୁଛନ୍ତି। ସେଠାରେ କାର୍ଯ୍ୟରତ ଚାଇନା ନାଗରିକଙ୍କ ଉପରେ ବିଏଲ୍‌ଏ ପକ୍ଷରୁ ପୂର୍ବରୁ ମଧ୍ୟ କେତେଥର ଆକ୍ରମଣ ହୋଇସାରିଛି।

## ରାଜଧାନୀରେ ...

ମଧ୍ୟାହ୍ନଭୋଜନ ଏବଂ ବାର୍ତ୍ତାଳାପ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ରହମନଙ୍କ ଉପସ୍ଥିତି ଆମକୁ ଆନନ୍ଦିତ କରିଛି। ଆମେ ଭାଗ୍ୟବାନ୍ ଯେ, ସେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱର ଓ କଟକ ଏହି ଦୁଇଟି ସ୍ଥାନରେ ସଂଗୀତ ପରିବେଷଣ କରିବେ। ମ୍ୟୁଜିକ୍ ଶୁଣିବା ପାଇଁ ଓଡ଼ିଶାରେ ଥିବା ତାଙ୍କର ଅସଂଖ୍ୟ ପ୍ରଶଂସକ ଚାହିଁ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପରେ ରହମନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ମଧ୍ୟାହ୍ନଭୋଜନ କରିବା ଏକ ସମ୍ମାନର କଥା। ଓଡ଼ିଶାର ପାଣିପାଗ ବହୁତ ଅନୁକୂଳ ଏବଂ ସଂସ୍କୃତି ମଧ୍ୟ ଉଚ୍ଚକୋଟୀର। ହକି ବିଶ୍ୱକପ୍‌ରେ ସଂଗୀତ ପରିବେଷଣ ନେଇ ସେ ବହୁତ ଉତ୍ସାହିତ ବୋଲି କହିଛନ୍ତି। ଆମେ 'ଜୟ ହିନ୍ଦ' ଭିଡିଓ ଭାରତରେ ପ୍ରସାରଣ କରିସାରିଛୁ। ମୁଁ ଚାହୁଁଛି ମୁଖ୍ୟମନ୍ତ୍ରୀ ଏହାକୁ ଉନ୍ମୋଚନ କରନ୍ତୁ। ଅଫିସିଆଲ ହକି ଆନ୍ଥେମ ମୁଁ ପ୍ରସ୍ତୁତ କରିଛି। ଆମେ ଏହାକୁ ଏବେ ଡାଉନ୍‌ଲୋଡ୍ କରିପାରିବା। ସଂଗୀତକାର ଗୁଲ୍‌ଜାର ଏହାକୁ ରଚନା କରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ସେ ମୁମ୍ବାଇ ଫେରିଯାଇଛନ୍ତି। ଆସନ୍ତା ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମ ଓ ୨୮ ତାରିଖରେ ବାରବାଟୀ ଷ୍ଟାଡିୟମରେ ସେ ନିଜର ସଂଗୀତ ପରିବେଷଣ କରିବେ।

## ଯୁବଚାଷୀଙ୍କ ...



ରାମଚନ୍ଦ୍ରଙ୍କ ଫାଇଲ୍ ଫଟୋ ।

ବ୍ୟାଙ୍କରୁ ୫୦ ହଜାର ଟଙ୍କା ଋଣ କରିଥିଲେ। ସେହି ଟଙ୍କା ପରିଶୋଧ ପାଇଁ ସେ ଗତ କିଛି ଦିନ ହେଲା ଚିନ୍ତାରେ ରହୁଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ରବିବାର ସକାଳ ସେ କୀଟନାଶକ ପିଇଦେଇଥିଲେ। ମୁହଁରୁ ଫେଣ ବାହାରୁଥିବା ଦେଖି ସ୍ତ୍ରୀ ସନ୍ତୋଷିନୀ ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୩ ଦିନର ଜୀବନ ସଂଗ୍ରାମ ପରେ ଗୁରୁବାର ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ରାମଚନ୍ଦ୍ର ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ଏହି ଦୁଃଖଦ ଘଟଣା ପରେ ସ୍ତ୍ରୀ ସନ୍ତୋଷିନୀ(୨୩), ବାପା ପରମେଶ୍ୱର(୭୦), ମା' ଝାଇଁ (୬୫) ଦୁଃଖରେ ଭାଙ୍ଗି ପଡିଛନ୍ତି।

# ମନେ ପଡ଼ନ୍ତି

### ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ସୁବୋଧ କୁମାର ଦତ୍ତ**
୧୩୧, ସତ୍ୟନଗର, ଭୁବନେଶ୍ୱର
ଆବିର୍ଭାବ: ୦୬।୦୨।୧୯୨୮
ତିରୋଧାନ: ୨୭।୧୧।୨୦୦୪
ଆପଣଙ୍କର ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ ହୋଇ ସଦା ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା। ଶ୍ରଦ୍ଧାଞ୍ଜଳି ସହ: ଆପଣଙ୍କ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ। ଧ-୯୬୦୬

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ଶ୍ରୀମତୀ ସୂର୍ଯ୍ୟମଣୀ ମିଶ୍ର**
(1953-2017)
ଜଗକଲୋନୀ, ମୁନିଗୁଡ଼ା, ରାୟଗଡ଼ା
ବୋଉ, ପ୍ରତି ମୁହୂର୍ତ୍ତରେ ତୁମେ ମନେପଡୁଛ। ତୁମର ସ୍ନେହ ଓ ହାର୍ଦ୍ଦିକ ପ୍ରେମକୁ ସାତ ଜନ୍ମରେ ବି ଭୁଲିବୁନି। ଆମକୁ ତୁମେ ଜନ୍ମ ଜନ୍ମ ପାଇଁ ଋଣୀ କରି ଚାଲିଗଲ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁ। ଶୋକସନ୍ତପ୍ତ ପରିବାର: ସ୍ୱାମୀ-ଶ୍ରୀ ଶଶିଭୂଷଣ ମିଶ୍ର, ଝିଅ-ମୀନୁ ଓ ରିନୁ, ଜ୍ୱାଇଁ-ରଜନୀ ମିଶ୍ର ଓ ନୀଲୁ, ନାତି ଓ ନାତୁଣୀ: ଓମ୍ ପ୍ରକାଶ, ଗେଲୁ ଓ ପଦ୍ମଲୟା। ଧ-୯୬୨୬



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିତା ଶାଗ ବୁଦି ବୁଦି**
**ରୂପେଇ ଗୋଡ଼ରେ ଯାଉଁଳି ମୁଦି**
**ଚାଲୁଥାଏ କୁଦି କୁଦି ।**

ସାଧାରଣତଃ ମହିଳାମାନେ ଅଳଙ୍କାରପ୍ରିୟ ହୋଇଥିବା ବେଳେ ଅଳଙ୍କାରକୁ ନେଇ ସେମାନଙ୍କ ମନରେ ଅନେକ ଗର୍ବ ରହୁଥିବା ଜଣାଯାଇଥାଏ। ଅଳଙ୍କାରରେ ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଅଳଙ୍କାର ପ୍ରତି ମନରେ ବିଶେଷ ଦୁର୍ବଳତା ଭାବ ରହିଥିବା ମହିଳା ଗୋଡ଼ରେ ମୁଦି ପିନ୍ଧି ଅନ୍ୟ ଆଗରେ ଦେଖେଇ ହୋଇ ଚାଲିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପର୍ବତ ତଳିଆ ଫଗୁ**
**ଆଖିଠାରି ଦେଲେ ପାଣକି ଯିବୁ**
**ତଳ ଘାଟେ ସାଳେ ଥିବୁ ।**

ସାଧାରଣତଃ ମନ ମଧ୍ୟରେ ଲୁଚି ରହିଥିବା ଭାବ ଓ ଆବେଗକୁ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିବା ନେଇ ପ୍ରେମୀଯୁଗଳ ସଦା ଚେଷ୍ଟିତ ରହିଥାନ୍ତି। ଇସାରାରେ ମଧ୍ୟ ପ୍ରେମ ନଈ ସୁଅ ଉଛୁଳି ଉଠେ। ଲୁଚାଛପା ପ୍ରେମ କରୁଥିବା ବ୍ୟକ୍ତି ଇସାରା ମାଧ୍ୟମରେ ଏକତ୍ର ହେବା ନେଇ ଯୋଜନା ପ୍ରସ୍ତୁତ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଧନଭାବସ୍ଥ ଚନ୍ଦ୍ର ତିନୋଟି ଗ୍ରହ ପ୍ରତି ଦୃଷ୍ଟି ନିକ୍ଷେପ କରି ବିଭିନ୍ନ ଦିଗରୁ ଅର୍ଥସଂଗ୍ରହର ପ୍ରଚେଷ୍ଟା କରିପାରନ୍ତି। ଚତୁର୍ଥାଧିପ ମୁଖଭାବସ୍ଥ ଆପଣଙ୍କୁ ଆତ୍ମୀୟସ୍ୱଜନ ଓ ପରିବାରସହ ସୁସ୍ୱାଦୁ ଭୋଜନ,ପରିଭ୍ରମଣ ସାଙ୍ଗକୁ ବନ୍ଧୁମିଳନ ମାଧ୍ୟମରେ ଆନନ୍ଦ ପ୍ରଦାନ କରିବ। ସହକର୍ମୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେବେ।

**ବୃଷ**

ବଳବାନ୍ ଚନ୍ଦ୍ର ଓ ମଙ୍ଗଳଙ୍କ ପ୍ରଭାବରୁ ଆପଣ ଦୃଢ଼ ମନୋବଳ ସାଙ୍ଗକୁ ଅସୀମ ଧୈର୍ଯ୍ୟ ଓ ସାହସ ମାଧ୍ୟମରେ କଷ୍ଟପ୍ରଦ କାମକୁ ମଧ୍ୟ ଅନାୟାସରେ ସମ୍ପନ୍ନ କରିପାରିବେ। ନିଜର ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ସମ୍ପର୍କୀୟମାନଙ୍କ ସହ ମିତ୍ରତା କରିବା ସକାଶେ ମନ ବଳାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ,କଳା ସାହିତ୍ୟ ଏବଂ କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ।

**ମିଥୁନ**

ଷଷ୍ଠାଧିପ ମଙ୍ଗଳ ନବମ ଭାବରେ ଗୁରୁବର୍ଗୀୟ ବ୍ୟକ୍ତିଙ୍କ ସହ ମତାନ୍ତର ସୃଷ୍ଟି କରିବ। କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ସୁଧା ବାଧା ବାଧକତାରେ କାମରୁ ଓହରି ଆସି ପାରିବେ ନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ । ଆର୍ଥିକ ପରିସ୍ଥିତି,ରାଜନୀତି ଓ ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ**

ମଙ୍ଗଳଙ୍କ ସମ୍ପୂର୍ଣ୍ଣ ଦୃଷ୍ଟି ଶନି କ୍ଷେତ୍ରସ୍ଥ ଚନ୍ଦ୍ର ଉପରେ ପଡୁଥିବାରୁ ମାନସିକ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିବ। ବନ୍ଧୁସମ୍ପର୍କ, ଦେଇଥିବା ପ୍ରତିଶ୍ରୁତିକୁ ନେଇ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସଭାସମିତି ଆଲୋଚନାର ଶେଷ ପର୍ଯ୍ୟାୟରେ ବନ୍ଧୁଙ୍କ ଟୀକାଟିପ୍ପଣୀ ମନରେ ଆଘାତ ଦେଇପାରେ। ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ।

**ସିଂହ**

ଆଜି ବନ୍ଧୁଙ୍କ ସହ ଭ୍ରମଣ ସାଙ୍ଗକୁ ହସଖୁସିର ମଉକା ଜୁଟିବ। ଅଟକି ରହିଥିବା କାମ, କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟାକୁ ନେଇ ସାମୟିକ ଚିନ୍ତିତ ରହିପାରନ୍ତି। କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଦୂରେଇଯାଇଥିବା ବନ୍ଧୁ ଯୋଗାଯୋଗ କରିପାରନ୍ତି। ବ୍ୟବସାୟ, ବାଣିଜ୍ୟ, ନୂତନ କର୍ମାରମ୍ଭ କ୍ଷେତ୍ରରେ ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆତ୍ମୀୟସ୍ୱଜନ ପଛରେ ବିଭିନ୍ନ କଥା କହିବୁଲିବେ। ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାର ସମସ୍ୟାକୁ ସାମ୍ନା କରି ମାନସିକ ଦୁର୍ବଳତା ଦେଖାଦେଇପାରେ। ସରକାରୀ ସ୍ତରରେ ସ୍ଥଗିତ କାମକୁ ପୁନଶ୍ଚ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ପରିବାର ଭିତରେ ସାଧାରଣ କଥାକୁ ଜଟିଳ କରି ମନସ୍ତାପ କରିପାରନ୍ତି।

**ତୁଳା**

କେନ୍ଦ୍ରକୋଣାଧିପ ଶନି କର୍ମାଧିପଙ୍କ ସହ ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ସୁଯୋଗ ପାଇଲେ ମଧ୍ୟ ଉପଭୋଗ୍ୟ ହେବା କଷ୍ଟକର ହେବ। ଆଶାନୁଯାୟୀ ଅର୍ଥଲାଭ ସାଙ୍ଗକୁ ସମସ୍ୟାଜନିତ ସାମୟିକ ଟେନ୍‌ସନ ଲାଗିରହିବ। ଶିଳ୍ପ, ନୂତନ ଯୋଜନା,ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇପାରେ।

**ବିଛା**

ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କଥାରେ ନୀରବତା ଅବଲମ୍ବନ କରିବେ। ଭାଗ୍ୟାଧିପ ସପ୍ତମ କେନ୍ଦ୍ରସ୍ଥ ହେତୁ ଯାତ୍ରା,ବ୍ୟବସାୟ ଓ ବନ୍ଧୁମାନଙ୍କ ପରାମର୍ଶକୁ ଶ୍ରେୟ ମନେ କରିପାରନ୍ତି। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ, କିନ୍ତୁ କିଛି ଅସୁବିଧା ହେବ ନାହିଁ। ସାହାଯ୍ୟ ଲାଭ ଆଶାରେ ହଠାତ୍ ଜଣେ ବନ୍ଧୁ ପ୍ରଗାଢ଼ ଅନୁରକ୍ତି ପ୍ରକାଶ କରିପାରନ୍ତି।

**ଧନୁ**

ପ୍ରତ୍ୟେକ କାମ ବିବାଦୀୟ ହେବା ସାଙ୍ଗକୁ ସଫଳତାର ନୈରାଶ୍ୟ ମନକୁ ବିଷାଦିତ କରିରଖିବ। ଅତୀତ ଘଟଣାକୁ ବାରମ୍ବାର ମନେ ପକାଇ ଅନୁତପ୍ତ ହୋଇପାରନ୍ତି। ଆଜିର କର୍ମକ୍ଷେତ୍ରରେ ସାଧାରଣ ଟିକିଏ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ପରିବାର,ବ୍ୟବସାୟିକ, କଳା, ରଚନାତ୍ମକ କାମରେ ସନ୍ତୋଷଜନକ ଫଳ ପାଇବେ।

**ମକର**

ଆଜିର ଦିନଟି ସ୍ମରଣୀୟ ଦିବସ ପରି ପ୍ରତୀୟମାନ ହେବ। ବନ୍ଧୁଙ୍କ ଆତିଥ୍ୟ, ଆତ୍ମୀୟତା ଓ ସହଯୋଗୀ ମନୋଭବ ଭାବପ୍ରବଣତାକୁ ବଢ଼ାଇଦେଇପାରେ। କର୍ମକ୍ଷେତ୍ର,ପରିବାର, ବ୍ୟବସାୟ,ଯାତ୍ରା ଓ ଧର୍ମୀୟକାର୍ଯ୍ୟ ଦିଗରେ ତତ୍ପରତା ପ୍ରକାଶ କରିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ନ ହେବା କାରଣରୁ ମନଟା ସାମାନ୍ୟ ଭାରାକ୍ରାନ୍ତ ରହିପାରେ।

**କୁମ୍ଭ**

ଷଷ୍ଠାଧିପତି ଚତୁର୍ଥସ୍ଥାନରେ ଅବସ୍ଥାନ କରି ପାରିବାରିକ ଅଶାନ୍ତି ସାଙ୍ଗକୁ କାର୍ଯ୍ୟହାନିଜନିତ ମନସ୍ତାପକୁ ବୃଦ୍ଧି କରିପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ବ୍ୟବସାୟରେ ଉନ୍ନତି, ନିର୍ମାଣରେ ଅଗ୍ରଗତି, ଜମିଜମା କାରବାରରେ ଚୁକ୍ତି ଆଦି କାମ ସମ୍ପନ୍ନ ହେବା ଆଶା କରାଯାଇପାରେ।

**ମୀନ**

ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଶୀର୍ଷସ୍ଥାନକୁ ସ୍ପର୍ଶ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି। ପରିବାରର ଖର୍ଚ୍ଚ ପରିମାଣ ବଢ଼ିଯିବ। କିନ୍ତୁ ଆପଣଙ୍କ ପ୍ରିୟ ବନ୍ଧୁଟି ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେଇ ଟେନ୍‌ସନକୁ ଲାଘବ କରିପାରନ୍ତି। କଳା, ସଙ୍ଗୀତ ସାଧନା, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରେଇଯିବ।

ଆଜି ଛାଡ଼ଖାଇ, ରୋହିଣୀ ପ୍ରତିପଦା ସ୍ନାନ, ମାର୍ଗଶୀର କୃଷ୍ଣ ପ୍ରତିପଦା ଶନିବାର, ସକାଳ ଘ୯।୦୭ମି. ଗତେ ଦ୍ୱିତୀୟା, ନଭେମ୍ବର ୨୪ ତାରିଖ, ଶ୍ରୀଅରବିନ୍ଦଙ୍କ ସିଦ୍ଧିଦିବସ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୭।୩୧ମି. ଗତେ ଘ୮।୫୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୨୫ମି. ଗତେ ଘ୧୨।୫୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୮ମି. ଗତେ ଘ୧୦।୧୧ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ନଭେମ୍ବର ୨୪/୨୦୧୮



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ






# ‘ମିଶନ୍ ମଙ୍ଗଳ’ର ଶୁଟିଂ ଆରମ୍ଭ କଲେ ସୋନାକ୍ଷୀ



ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଆସନ୍ତାବର୍ଷ ରିଲିଜ୍ ହେବାକୁ ଥିବା ଫିଲ୍ମ ‘ମିଶନ୍ ମଙ୍ଗଳ’ର ଶୁଟିଂ ଶୁକ୍ରବାର ଆରମ୍ଭ କରିଛନ୍ତି। ଏଥିରେ ଅକ୍ଷୟ କୁମାର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବେଳେ ନିର୍ଦ୍ଦେଶନା ଦେଉଛନ୍ତି ଜଗନ୍ ଶକ୍ତି। ୨୦୧୯ ପାଇଁ ସୋନାକ୍ଷୀଙ୍କ ହାତରେ ୪ଟି ଫିଲ୍ମ ଥିବାରୁ ବର୍ତ୍ତମାନ ସେ ଖୁବ୍ ବ୍ୟସ୍ତ ରହୁଛନ୍ତି। ୨୦୧୦ରେ ସଲମାନ୍ ଖାନ୍ ଅଭିନୀତ ‘ଦବଙ୍ଗ’ରେ ସେ ପ୍ରଥମ କରି ପାଦ ଦେଇ ଫିଲ୍ମ ଜଗତକୁ ଆସିଥିଲେ। ସେହିଦିନଠାରୁ ନିଜର ଚମତ୍କାର ଅଭିନୟ ପ୍ରଦର୍ଶନ କରି ସେ ଦର୍ଶକ ତଥା ସିନେପ୍ରେମୀଙ୍କ ହୃଦୟ ଜିଣିପାରିଛନ୍ତି। ସୋନାକ୍ଷୀ ମିଶନ୍ ମଙ୍ଗଲରେ ଶୁଟିଂ ଆରମ୍ଭ କରିଥିବା ତାଙ୍କ ଇନ୍ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଏଥିରେ ପ୍ରମୁଖ ଭୂମିକାରେ ଅଛନ୍ତି ତାପସୀ ପନ୍ନୁ, ବିଦ୍ୟା ବାଲାନ୍, ଶର୍ମନ୍ ଜୋଷୀ, କୀର୍ତ୍ତି କୁଲ୍‌ହାରି ଏବଂ ନିଥ୍ୟା ମେନନ୍। ଏତଦ୍‌ବ୍ୟତୀତ ସୋନାକ୍ଷୀଙ୍କ ହାତରେ ଅଛି ଅଭିଷେକ ବର୍ମନ୍‌ଙ୍କ ଆଗାମୀ ପିରିୟଡ ଡ୍ରାମା ‘କଳଙ୍କ’। ଏଥିରେ ପ୍ରମୁଖ ଭୂମିକାରେ ଆଲିଆ ଭଟ୍ଟ, ବରୁଣ ଧାୱନ, ସଞ୍ଜୟ ଦତ୍ତ ଏବଂ ମାଧୁରୀ ଦୀକ୍ଷିତ୍‌ଙ୍କୁ ଦେଖିବାକୁ ମିଳିବ। ଏଥିସହିତ ସଲମାନ୍‌ଙ୍କ ଅଭିନୀତ ‘ଦବଙ୍ଗ’ର ତୃତୀୟ ସିରିଜ୍ ଏବଂ ଗୁଲଶନ୍ କୁମାରଙ୍କ ଜୀବନୀ ଆଧାରିତ ବାୟୋପିକ୍ ‘ମୋଗଲ’ରେ ଅଭିନୟ କରିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ।

# ଗଢ଼ାହେଲା ବିଜୁ ସମତାକ୍ରାନ୍ତି ଦଳ



ବିଜୁ ସମତା କ୍ରାନ୍ତି ଦଳର ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ବରିଷ୍ଠ ନେତା ଡ. ଦାମୋଦର ରାଉତ ଓ ଅନ୍ୟମାନେ।

**ଦାମ ପ୍ରଚାର କମିଟି ଅଧ୍ୟକ୍ଷ, ବ୍ରଜ ସଭାପତି**

- ହଁ, ନାହିଁରେ ପ୍ରକାଶ ମିଶ୍ରଙ୍କ ଯୋଗଦାନ
- ଅନ୍ୟ ନେତାଙ୍କ ସହ ଆଲୋଚନା ଜାରି

ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ)

ବରିଷ୍ଠ ରାଜନେତା ଦାମୋଦର ରାଉତ କୌଣସି ନୂଆ ଦଳ ନ କରି ପୂର୍ବରୁ ଥିବା ସମତାକ୍ରାନ୍ତି ଦଳରେ ସାମିଲ ହୋଇଛନ୍ତି। ବିଜୁଙ୍କ ଆଦର୍ଶରେ ରାଜନୀତି କରୁଥିବାରୁ ସମତାକ୍ରାନ୍ତି ପୂର୍ବରୁ ‘ବିଜୁ’ ଶବ୍ଦ ଯୋଡିବା ପାଇଁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକାରିଣୀରେ ଏହା ଗ୍ରହଣୀୟ ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଦଳର ପ୍ରମୁଖ ଭାବେ ପୂର୍ବଭଳି କାର୍ଯ୍ୟ କରିବେ। ଦାମୋଦର ଉକ୍ତ ଦଳର ପ୍ରଚାର କମିଟି ଅଧ୍ୟକ୍ଷ ହେବେ ବୋଲି ଶୁକ୍ରବାର ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି।

ସେହିଭଳି ରାଜ୍ୟରେ ବିଜେଡିର ବିକଳ୍ପ ପାଇଁ ଆଗ୍ରହୀ ଥିବା ସମସ୍ତ ରାଜନେତାଙ୍କୁ ଦଳକୁ ସ୍ୱାଗତ କରାଯିବ। ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ଭଳି ବ୍ୟକ୍ତିମାନଙ୍କ ସହ ଆଲୋଚନା ଜାରି ରହିଥିବା ବ୍ରଜ କିଶୋର କହିଛନ୍ତି। ଏହାସହ ରାଜନୀତିରେ ନ ଥିବା ବ୍ୟକ୍ତି, ଯୁବଗୋଷ୍ଠୀମାନେ ଦଳରେ ଯୋଗ ଦିଅନ୍ତୁ ବୋଲି ଆହ୍ୱାନ କରାଯାଇଛି। ବିଜେଡିକୁ ଚେକ୍ ଦେବା ପାଇଁ ଭବିଷ୍ୟତରେ କୌଣସି ଦଳ ସହ ବିଜୁ ସମତାକ୍ରାନ୍ତିର ମେଣ୍ଟ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ନାଁ ପରିବର୍ତ୍ତନ ପରେ ଆଇନଗତ ଭାବରେ ବିଭିନ୍ନ ଦିଗକୁ ତର୍ଜମା କରାଯାଉଛି। ଲଗାତର ଭାବେ ନିର୍ବାଚନ କମିଶନଙ୍କ ସହ ଯୋଗସୂତ୍ର ରକ୍ଷା କରାଯାଉଥିବା ସୂଚନା ଦିଆଯାଇଛି।

ତେବେ ଦାମୋଦର ତାଙ୍କ ଦଳରେ ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ର ମିଶିବା ନେଇ ସୂଚନା ଦେଇଥିଲେ। ହେଲେ ଏହାର କିଛି ସମୟ ପରେ ପ୍ରକାଶ ଏ ସମ୍ପର୍କରେ ତାଙ୍କ ସହ କେହି ଆଲୋଚନା କରି ନାହାନ୍ତି ବୋଲି କହିବା ସହ ରାଜନୀତିରେ ଯୋଗଦେବା ନେଇ କୌଣସି ପ୍ରକାର ଚିନ୍ତା କରି ନ ଥିବା କହିଛନ୍ତି। ହେଲେ କିଛିଦିନ ହେବ ପ୍ରକାଶ ଭାଜପାର ଯୋଗସୂତ୍ରରେ ରହିଥିବା କୁହାଯାଇଛି।

ବିଜୁ ସମତାକ୍ରାନ୍ତି ଗଢ଼ାଯିବା ନେଇ ବିଜେଡି ରାଜ୍ୟ ସଭା ଏମ୍‌ପି ପ୍ରଶାନ୍ତ ନନ୍ଦ କହିଛନ୍ତି, ବିଗତ ଦିନରେ ବହୁ ନେତା ଦଳରୁ ବାହାରି ନୂଆ ଦଳ ଗଠନ କରିଛନ୍ତି। ହେଲେ ସେମାନେ ସମସ୍ତେ ନିଜ ଦଳ ସହ ବିଲୀନ ହୋଇଯାଇଛନ୍ତି। ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଦାମ ବାବୁ ନୂଆ ଦଳ ଗଠନ କରିବା ନେଇ ଆମର କିଛି କହିବାର ନାହିଁ। ହେଲେ ସେ ଯେଉଁ ଭ୍ରଷ୍ଟାଚାରର କଥା ଉଠାଇଛନ୍ତି ତାହା ଆମ ପାଇଁ ଗୁରୁତ୍ୱବହନ କରୁଛି। ସେ ମନ୍ତ୍ରୀ ଥିବାବେଳେ କୃଷି ଏବଂ ସମବାୟ ବିଭାଗରେ ଯେଉଁ ବ୍ୟାପକ ଦୁର୍ନୀତି ହୋଇଛି ବୋଲି କହିଛନ୍ତି ସେ ନେଇ ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିକ୍ରିୟା ରଖିନାହାନ୍ତି। ଏହା ଆଗାମୀ ଦିନରେ ଶାସକ ଦଳ ଉପରେ ବେଶ୍ ପ୍ରଭାବ ପକାଇବ ବୋଲି ସମୀର କହିଛନ୍ତି। ସେହିପରି କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ, ଦାମବାବୁଙ୍କ ନୂଆ ଦଳ ଗଠନ ଆଗାମୀ ଦିନରେ ବିଜେଡି ଉପରେ ନିଶ୍ଚିତ ପ୍ରଭାବ ପକାଇବ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)- ସେବା, ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ବିଧାନସଭା ପରିସରରେ ପାଳିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସକାଳେ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ବାଚସ୍ପତି ପ୍ରଦୀପ କୁମାର ଅମାତ, ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ପ୍ରମୁଖ ନବକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ବିଧାନସଭା ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଚିବ ଅମିୟ ପ୍ରସାଦ ଷଡଙ୍ଗୀ ଏବଂ ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ ହୋଇଥିଲା।

ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ
ନୂଆଦିଲ୍ଲୀ
କେନ୍ଦୁଝର ଜିଲ୍ଲା ପ୍ରଶାସନ
ସହବନ୍ଧନରେ
ଆୟୋଜନ କରୁଛି
Adirang
MAHOTSAV
ଆଦିରଙ୍ଗ ମହୋତ୍ସବ
ରାଷ୍ଟ୍ରୀୟ ଜନଜାତୀୟ ମହୋତ୍ସବ
୨୩-୨୫ ନଭେମ୍ବର, ୨୦୧୮
କାଳୀପଡ଼ିଆ ଗ୍ରାଉଣ୍ଡ, କେନ୍ଦୁଝରଗଡ଼, ଓଡ଼ିଶା
ଆଲୋଚନାଚକ୍ର
‘‘ଆଦିବାସୀ କଳା ଓ ସଂସ୍କୃତି’’
(Tribal Art and Culture)
୨୪ ନଭେମ୍ବର ୨୦୧୮, ପୂର୍ବାହ୍ନ ୧୧ ଘଟିକା ପରଠାରୁ
୧. ଡା. ଅର୍ଜୁନ ଦେଓ ଚରଣ, କାର୍ଯ୍ୟକାରୀ ଅଧକ୍ଷ, ଏନ୍‌ଏସ୍‌ଡି ସୋସାଇଟି ଇନ୍ ଚେୟାର୍
୨. ଶ୍ରୀ ଅନୁପ ରଞ୍ଜନ ପାଣ୍ଡେ (ମଧ୍ୟପ୍ରଦେଶ)
୩. ଶ୍ରୀ ବସନ୍ତ ନିର୍ଗୁଣେ (ମଧ୍ୟପ୍ରଦେଶ)
୪. ଶ୍ରୀ ଅମିୟ ପ୍ରସାଦ ମହାନ୍ତ (ଓଡ଼ିଶା)
୨୫ ନଭେମ୍ବର ୨୦୧୮, ପୂର୍ବାହ୍ନ ୧୧ ଘଟିକା ପରଠାରୁ
୧. ଡା. ଅର୍ଜୁନ ଦେଓ ଚରଣ, କାର୍ଯ୍ୟକାରୀ ଅଧକ୍ଷ, ଏନ୍‌ଏସ୍‌ଡି ସୋସାଇଟି ଇନ୍ ଚେୟାର୍
୨. ପ୍ରଫେସର ଜଗନ୍ନାଥ ଦାସ (ଓଡ଼ିଶା)
୩. ଡା. ଶ୍ରାବନ୍ତୀ ଚୌଧୁରୀ (ପଶ୍ଚିମବଙ୍ଗ)
୪. ଶ୍ରୀ ଗୌରହରି ଦାସ (ଓଡ଼ିଶା)
ଆର୍.ଏସ୍.ଭି.ପି.
ପ୍ରଦୀପ କୁମାର ମହାନ୍ତି
ରେଜିଷ୍ଟ୍ରାର
ରାଷ୍ଟ୍ରୀୟ ନାଟକ ବିଦ୍ୟାଳୟ, ନୂଆଦିଲ୍ଲୀ
୦୧୧ ୨୩୩୮୫୯୫୪
ଆପଣଙ୍କୁ ସାଦର ନିମନ୍ତ୍ରଣ

# ରତ୍ନସିଂହାସନରେ ଦାରୁଦିଅଁଙ୍କ ସୁନାବେଶ

**ଦର୍ଶନ କଲେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ**



ପୁରୀ ଅଫିସ, ୨୩।୧୧

ଶେଷ ହେଲା ଧର୍ମମାସ କାର୍ତ୍ତିକ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଶୁକ୍ରବାର ରତ୍ନସିଂହାସନରେ ବିରାଜିତ ଦାରୁଦିଅଁଙ୍କ ସୁନାବେଶ ତଥା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଛି। ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି। ଅବକାଶ ନୀତି ପରେ ଦାରୁଦିଅଁଙ୍କ ସୁନା ବେଶ ହୋଇଥିଲା। ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟ ବସ୍ତ୍ରରେ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ଭୂଷିତ କରିଥିଲେ। ଏହି ବେଶରେ ଶ୍ରୀବିଗ୍ରହ ୨୩ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଉଥିଲା। ସୂଚନାଥାଉ କି, ବର୍ଷକ ମଧ୍ୟରେ ମହାପ୍ରଭୁଙ୍କ ୫ଟି ସୁନାବେଶ ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ସୁନାବେଶ ଅନ୍ୟତମ।

SAHARAYN UNIVERSAL MULTIPURPOSE SOCIETY LIMITED
(Formerly known as Saharayn E-Multipurpose Society Limited)
(Regd. No.-MSCS/CR/935/2014)
195, Zone -1, In front of D.B. Mall, M.P. Nagar, Bhopal, Madhya Pradesh- 462011
NOTICE
A SPECIAL GENERAL MEETING OF THE MEMBERS OF SAHARAYN UNIVERSAL MULTIPURPOSE SOCIETY LIMITED IS SCHEDULED TO BE HELD AT 11.00 A.M. ON, THE 10th DAY OF DECEMBER, 2018 AT 195, ZONE-1, IN FRONT OF D.B. MALL, M.P. NAGAR, BHOPAL, MADHYA PRADESH-462011.
BUSINESS ON AGENDA :
1. To consider and approve subsidiary rules for constituting a smaller representative General Body of Saharayn Universal Multipurpose Society Limited.
2. Any other item with the permission of the Chair.
Place: Bhopal
Date: 16.11.2018
By order of the Board
For Saharayn Universal Multipurpose Society Limited
-Sd-
Managing Director
Note: Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 11:30 am on the same day i.e. 10th December, 2018 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.

## ମହାନଦୀ ବସ୍ ଦୁର୍ଘଟଣା: ମୃତ୍ୟୁ ସଂଖ୍ୟା ୧୧ ଛୁଇଁଲା

କଟକ ଅଫିସ, ୨୩।୧୧

ମହାନଦୀ ବସ୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ଗତ ୨୦ ତାରିଖରେ କଟକ ମହାନଦୀ ବସ୍ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଆଉ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ସରସ୍ୱତୀପୁର ଅଞ୍ଚଳର ରାମଚନ୍ଦ୍ର ମଲ୍ଲିକଙ୍କ ପୁଅ ଭରତ ମଲ୍ଲିକ। ଘଟଣାଦିନ ଗୁରୁତର ଅବସ୍ଥାରେ ଭରତଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ଏସ୍‌ସିବି ଟ୍ରମା ଆଇସିୟୁରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଶୁକ୍ରବାର ତାଙ୍କ ମୃତ୍ୟୁ ଘଟିଥିବା ନେଇ ଏସ୍‌ସିବି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ଶନିବାର ଏସ୍‌ସିବି ମେଡିକାଲରେ ଭରତଙ୍କ ମୃତଦେହ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

LOCALITY
• NH - 5 0 Km
• AIIMS Hospital 1 Km
• Khandagiri Square 3 Km
• Baramunda Bus Stand 4 Km
• Secretariat 8 Km
• Airport 8 Km
Oro Heights
At- Patrapada, Bhubaneswar
2 BHK & 3 BHK Flats



Project Approved by: ORERA BDA
Tied up with State Bank of India & All Leading Bank
ORO INFRA
ORO INFRACON Pvt. Ltd.
Head Off: Harsha Priya Home, Khandagiri Square, Near BPCL, Bhubaneswar - 751030, Orissa
Mob: 7873007700, 9337476250, 9337476251
www.oroinfra.in

ଗେଲ୍ (ଇଣ୍ଡିଆ) ଲିମିଟେଡ୍
GAIL
ଆଣନ୍ତୁ
ସତେଜତା ଭରା ପରିବର୍ତ୍ତନ
ସବୁଜ ଇନ୍ଧନ ପ୍ରାକୃତିକ ବାଷ୍ପ ଆପଣାନ୍ତୁ
ସର୍ବସାଧାରଣ ବାହନ ବ୍ୟବହାର କରନ୍ତୁ
ପ୍ରଦୂଷଣ-ମୁକ୍ତ ପରିବେଶ ଗଢ଼ନ୍ତୁ
Hawa badlo
#HawaBadlo



www.changetheair.org
#HawaBadlo

# ବୈଜ୍ଞାନିକ ସହିଷ୍ଣୁତା

ସବୁ ମଣିଷ ଭାବିଥାଏ ଯେ, ପୃଥିବୀ ତାକୁ ତାହାର ପ୍ରାପ୍ୟ ଦେଉନାହିଁ। ଯିଏ ଯେତିକି ପାଇଲା ତାହାଠାରୁ ଯଥେଷ୍ଟ ଅଧିକ ପାଇବାର ଯୋଗ୍ୟତା ଅଛି ବୋଲି ମାନବର ଚିନ୍ତା। ଏହିଭଳି ଭାବନାକୁ ଭୁଲ ବୋଲି କହି ହେବନାହିଁ। କିନ୍ତୁ ଏହା ବାସ୍ତବ ପରିସ୍ଥିତି ଉପରେ ଆଧାରିତ ହୋଇ ନ ଥାଏ। ଆମର ବ୍ୟକ୍ତିଗତ ମାନସିକ ଓ ଶାରୀରିକ ଯୋଗ୍ୟତା ସହିତ ଆଧ୍ୟାତ୍ମିକ ଯୋଗ୍ୟତାର ମଧ୍ୟ ଆବଶ୍ୟକତା ରହିଛି। ଆଧ୍ୟାତ୍ମିକତାର ଅର୍ଥ ନୁହେଁ ଧର୍ମ, ଗୁରୁ କିମ୍ବା ଠାକୁର ବିଶ୍ୱାସୀ ହେବା। ଏହି ଆଧ୍ୟାତ୍ମିକ ଶକ୍ତିକୁ ବୁଝିବାକୁ ହେଲେ ଆମ ଚାରିପାଖରେ ଥିବା ପ୍ରକୃତିକୁ ବୁଝିବା ଦରକାର ପଡ଼ିଥାଏ। ଯେତେବେଳେ ଆଦିମ ମଣିଷ ତାହାର ଚତୁଃପାର୍ଶ୍ୱର ପ୍ରକୃତିକୁ ବୁଝିପାରୁ ନ ଥିଲା, ସେତେବେଳେ ଅବୁଝା ରହିଯାଉଥିବା ପ୍ରାକୃତିକ ଶକ୍ତିକୁ ଭାବନା ମାଧ୍ୟମରେ ଏକ ରୂପ ଦିଆଯାଉଥିଲା। ସେହି ରୂପରେ ଶାସକମାନେ ନିଜେ ନିଜକୁ ସ୍ଥାପିତ କରିବା ପାଇଁ ସବୁବେଳେ ଚେଷ୍ଟା କରୁଥିଲେ। ଯେହେତୁ ରାଜାଙ୍କ ପାଖରେ ଅର୍ଥ ଓ ଲୋକବଳ ଥିଲା, ସେହେତୁ ସାଧାରଣ ନାଗରିକ ମନରେ ଭୟ ସୃଷ୍ଟି କରିବା ସମ୍ଭବପର ହେଉଥିଲା। ଭୟ ମାଧ୍ୟମରେ ରାଜାଙ୍କ ଚିତ୍ରକୁ ଶକ୍ତିଶାଳୀ କରାଇ ଦିଆଯାଉଥିଲା। ରାଜା ଯାହା କଲେ ତାହା ପ୍ରଭୁଙ୍କ ଇଚ୍ଛା, ଏହି ପ୍ରଚ୍ଛଦପଟରେ ଇଜିପ୍ଟ ଏବଂ ପୃଥିବୀର ଅନ୍ୟ ଭାଗର ଶକ୍ତିଶାଳୀ ଶାସକ ବା ରାଜାମାନଙ୍କୁ ସୂର୍ଯ୍ୟବଂଶୀ ବୋଲି ଆଖ୍ୟା ଦିଆଯାଇଥିଲା। ରାଜାଙ୍କୁ ସୂର୍ଯ୍ୟ କିମ୍ବା ସକଳ ଶକ୍ତିର ପ୍ରତୀକ ଭାବେ ଦେଖାଯାଉଥିଲା। ଭାରତରେ ରାମଚନ୍ଦ୍ରଙ୍କୁ ମଧ୍ୟ ସେହିଭଳି ଭାବରେ ସେତେବେଳର ଲୋକ ଦେଖୁଥାଇପାରନ୍ତି। ଏଭଳି ଲେଖିଲାବେଳକୁ ନକାରାତ୍ମକ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିପାରେ। କିନ୍ତୁ ବୈଜ୍ଞାନିକ ଚିନ୍ତାଧାରାର ପ୍ରବେଶ ଦ୍ୱାର ଖୋଲିବା ଅତ୍ୟନ୍ତ ଆବଶ୍ୟକ ହୋଇ ପଡ଼ିଲାଣି। ଯେତେଦିନ ପର୍ଯ୍ୟନ୍ତ ଭାରତର ତଥାକଥିତ ଆଧୁନିକ ଚିନ୍ତାଧାରା ପୋଷଣ କରୁଥିବା ଜନସାଧାରଣ ଏହିଭଳି ସାବରିମାଲାରେ ମହିଳାଙ୍କ ପ୍ରବେଶ କିମ୍ବା ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ସମ୍ପର୍କରେ ତର୍କବିତର୍କ କରି ଚାଲିବେ, ସେତେଦିନ ପର୍ଯ୍ୟନ୍ତ ଏହି ଦେଶର ପ୍ରକୃତ ଉନ୍ନତି ବାଧାପ୍ରାପ୍ତ ହେଉଥିବ।

**ତଥାଗତ ସତପଥୀ**

ଓଡ଼ିଶାକୁ ଦେଖିବା। ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ଆକାର ଭିତରେ ସୀମିତ ନାହାନ୍ତି। ଜଗତର ନାଥ ଭାବେ ଜାତି-ଧର୍ମ-ବର୍ଣ୍ଣ-ନିର୍ବିଶେଷରେ ସମସ୍ତେ ତାଙ୍କୁ ଭଲ ପାଇଥାଆନ୍ତି। ତାଙ୍କର କୌଣସି ଜନ୍ମସ୍ଥାନ ନାହିଁ। ତାଙ୍କର ଆକାରକୁ ଏଭଳି ରୂପ ଦିଆଯାଇଛି, ଯଦ୍ୱାରା କୌଣସି ରାଜାରାଜୁଡ଼ା କିମ୍ବା ଶକ୍ତିଶାଳୀ ପରିବାରର ତାଙ୍କ ଉପରେ ଦାବି ରହିବ ନାହିଁ। ଚୈତନ୍ୟ, ସାଲବେଗଙ୍କଠାରୁ ନେଇ ଦାସିଆ ବାଉରିଙ୍କ ପର୍ଯ୍ୟନ୍ତ ସମସ୍ତେ ଜଗନ୍ନାଥ ପ୍ରେମରେ ଜଡ଼ିତ। ଜଗନ୍ନାଥ ବିଷ୍ଣୁ, ଶିବ କିମ୍ବା ବ୍ରହ୍ମା ନୁହନ୍ତି। ତାଙ୍କୁ ଶ୍ରୀକୃଷ୍ଣଙ୍କ ସହିତ ଯୋଡୁଥିବା ଚିନ୍ତାଧାରା ତାଙ୍କ ସମ୍ପର୍କରେ ଧାରଣା ସମ୍ଭବତଃ କରିପାରିନାହାନ୍ତି। ମାଈଁ, ମାମୁ, ଗୋପୀ ଏବଂ ଜଟିଳ ରାଜନୀତିରେ କୃଷ୍ଣଙ୍କ ସମ୍ପର୍କ ଥିବା ବେଳେ ଜଗନ୍ନାଥ ଏକ ଭିନ୍ନ ଚିନ୍ତାଧାରାର ଠାକୁର। ଆଜିର ସ୍ନାନ, ଭୋଗଖାଇବା ଏବଂ ମାଉସୀଙ୍କ ଘରକୁ ଯିବା ଭଳି ରୀତିନୀତି ଆମେ ମଣିଷମାନେ ପରବର୍ତ୍ତୀ ସମୟରେ ଆମ ନିଜର ସ୍ୱାର୍ଥ ପାଇଁ ଯୋଡ଼ିଚାଲିଛୁ। ଅର୍ଥାତ୍ ଭାରତର ଅନ୍ୟସବୁ ସ୍ଥାନର ହିନ୍ଦୁ ଚିନ୍ତାଧାରାଠାରୁ ଜଗନ୍ନାଥଙ୍କ ଚିନ୍ତାଧାରା ଯଥେଷ୍ଟ ଭିନ୍ନ ଏବଂ ଊର୍ଦ୍ଧ୍ୱରେ ମଧ୍ୟ। କୌଣସି ବିଶ୍ୱାସକୁ କିମ୍ବା କୌଣସି ଠାକୁରଙ୍କୁ ଏହାଦ୍ୱାରା ଗୌଣ ଦର୍ଶାଇବାର ଉଦ୍ଦେଶ୍ୟ ନାହିଁ। କିନ୍ତୁ ସବୁଠାକୁରଙ୍କ ପଛରେ ଥିବା ଚିନ୍ତାଧାରାରେ ଅନେକ ତଫାତ୍ ରହିଛି। ଏହିସବୁ ଭିନ୍ନତାକୁ ଆହରଣ କରି ପ୍ରକୃତିକୁ ବୁଝିବାର ଏକମାତ୍ର ବାଟ ହେଉଛି ବୈଜ୍ଞାନିକ ଚିନ୍ତାଧାରା। ସମଗ୍ର ଭାରତ କଥା କହିବା କଷ୍ଟକର। କିନ୍ତୁ ଓଡ଼ିଶା ମାଟିର ସାଧାରଣ ମଣିଷ ସବୁବେଳେ ଆନିମିଷ୍ଟ ବା ପ୍ରକୃତିପୂଜାରୀ ଥିଲେ।

ପ୍ରକୃତିର ଶକ୍ତିକୁ ପୂଜା କରୁଥିବା ମଣିଷ ସହଜରେ ବୈଜ୍ଞାନିକ ଚିନ୍ତାଧାରାକୁ ଆପଣାଇ ପାରିବ। ଏହା କୌଣସି ଧର୍ମ, ଗ୍ରନ୍ଥ କିମ୍ବା ଠାକୁର ବିଶ୍ୱାସୀଙ୍କୁ ଆଘାତ ପହଞ୍ଚାଇ କରାଯାଇ ପାରିବ ନାହିଁ। କେବଳ ସମ୍ଭବପର ହେବ, ଯଦି ନିଜ ବିଶ୍ୱାସରେ ବୁଡ଼ି ରହିଥିବା ବ୍ୟକ୍ତି ଅନ୍ୟର ବିଶ୍ୱାସ ସମ୍ପର୍କରେ କର୍ଣ୍ଣପାତ କରିବାକୁ ପ୍ରସ୍ତୁତ ହେବ। ଏହାକୁ ଆମେ ବୈଜ୍ଞାନିକ ସହିଷ୍ଣୁତାର ଆଖ୍ୟା ଦେଉଛୁ। 'ଧରିତ୍ରୀ'ର ୪୫ତମ ଜନ୍ମଦିନରେ ଏକ ଖାଣ୍ଟି ଓଡ଼ିଆ ଖବରକାଗଜ ଭାବେ ଆମେ ବୈଜ୍ଞାନିକ ସହିଷ୍ଣୁତା ସହିତ ଅନ୍ୟସବୁ କ୍ଷେତ୍ରରେ ଆଧୁନିକ ଓ ପ୍ରଗତିଶୀଳ ଚିନ୍ତାଧାରା ବିସ୍ତାର ଦିଗରେ ନିଜକୁ ନିୟୋଜିତ କରୁଛୁ।

## ଚିରନ୍ତନୀ

ଯୁଗ ଯୁଗ ଧରି ତରୁଣ ତରୁଣୀ
ଉତ୍ସାହ କେତେ ଲଭିଲେ ତହୁଁ
ମଧୁରେ ଭରିଲା କେତେ ଆଖି ଓଠ
କେତେ ଅନ୍ତରୁ ଝରିଲା ଲହୁ।
ପୀରତି କୀରତି ବଖାଣି ବସିଲେ
ପଥର ତରଳି ବହିବ ଜଳ
ସବୁ ପୀରତିର ମୂଳରେ ଯା' ଅଛି
ନ କହିବା ତାହା ସବୁଠୁ ଭଲ !

(ପ୍ରେମର ଅର୍ଥ)
– କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | | | | B | 3 | | | 8 | | C | | |
| | | | | | | 4 | | | | 9 | | | | 3 |
| D | | | 4 | | B | | | | | 1 | | | | 7 |
| | | | 9 | | E | | 2 | 8 | | | | | | |
| 4 | 5 | B | | | | 6 | C | | | | 0 | | | |
| B | D | C | | | 0 | | | | 9 | A | | | | |
| | 0 | | 8 | | | | D | 7 | | | 5 | 6 | | |
| | | 1 | | | | E | | | | 7 | B | 5 | | 4 |
| | | 9 | 3 | 1 | | 5 | | | | E | | 2 | | |
| | | E | | 2 | | | 0 | A | | | | | | D |
| | | | D | | 6 | | B | | | | 1 | 8 | 0 | |
| | 7 | | | | | | 1 | | | 4 | E | | | |
| | | 0 | | | 4 | | | C | | 6 | 2 | | | A |
| | | A | 2 | E | | | | 0 | 8 | | 3 | 4 | | |
| | 1 | | | | C | 2 | | 6 | | | | | D | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 4 | 9 | 3 | C | A | 2 | 8 | 6 | 5 | 1 | 7 | E | D | 0 |
| 2 | E | C | 1 | 6 | D | A | 3 | 7 | 8 | B | 0 | 9 | 4 | 5 |
| 7 | 3 | 1 | E | 0 | 5 | D | 4 | B | C | 9 | 2 | A | 8 | 6 |
| 5 | D | 8 | 4 | B | 2 | 0 | C | 9 | E | 6 | A | 7 | 3 | 1 |
| 6 | A | 0 | 8 | 7 | 9 | E | 1 | 5 | D | 3 | 4 | B | C | 2 |
| C | 5 | 4 | 9 | 3 | B | 8 | 2 | A | 6 | E | D | 1 | 0 | 7 |
| 3 | 0 | E | 7 | D | 4 | B | 6 | C | 9 | 2 | 1 | 8 | 5 | A |
| 9 | 2 | B | 0 | A | 8 | 1 | D | 4 | 7 | C | 5 | 6 | E | 3 |
| 1 | 7 | A | 6 | 5 | C | 9 | E | 3 | 4 | 0 | 8 | D | 2 | B |
| 8 | 6 | D | 2 | E | 1 | 7 | 5 | 0 | B | A | 3 | C | 9 | 4 |
| A | B | 3 | C | 9 | 7 | 4 | 0 | 1 | 2 | 8 | E | 5 | 6 | D |
| D | C | 2 | B | 4 | 3 | 6 | 7 | 8 | 1 | 5 | 9 | 0 | A | E |
| E | 8 | 7 | D | 1 | 0 | 5 | 9 | 2 | A | 4 | 6 | 3 | B | C |
| 0 | 9 | 6 | 5 | 2 | E | C | A | D | 3 | 7 | B | 4 | 1 | 8 |
| 4 | 1 | 5 | A | 8 | 6 | 3 | B | E | 0 | D | C | 2 | 7 | 9 |

ଗତକାଲିର ଉତ୍ତର

# ଦୃଷ୍ଟି ବଦଳିଲେ ସୃଷ୍ଟି ବଦଳିବ



**ପ୍ରେମାନନ୍ଦ ନାୟକ**

ସମ୍ପ୍ରତି ପ୍ରକାଶ ପାଇଥିବା 'ଗ୍ଲୋବାଲ ଏକ୍ସପର୍ଟସ୍' ନାମକ ଏକ ସଂସ୍ଥାର ରିପୋର୍ଟ ଅନୁଯାୟୀ, ମହିଳାମାନଙ୍କ ପାଇଁ ଆମ ଦେଶ ପୃଥିବୀରେ ସବୁଠାରୁ ଅସୁରକ୍ଷିତ। ନାରୀ ନିର୍ଯ୍ୟାତନା ଓ ଯୌନ ଉତ୍ପୀଡନରେ ଭାରତ ଏକ ନମ୍ବର ସ୍ଥାନରେ ରହିଛି। ଏବେ ନାବାଳିକା ଓ କୋମଳମତି ଶିଶୁକନ୍ୟାମାନଙ୍କୁ ବଳାତ୍କାର ପରେ ହତ୍ୟା ଭଳି ସାଂଘାତିକ ଘଟଣା ବୃଦ୍ଧି ପାଉଛି। ଏଭଳି ପୈଶାଚିକ ଅପରାଧରେ ନାବାଳକମାନେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ସେଥିପାଇଁ କେନ୍ଦ୍ର ସରକାର ପୋକ୍ସୋ ଆଇନ-୨୦୧୨ରେ ସଂଶୋଧନ ଆଣି ୧୨ ବର୍ଷରୁ କମ୍ ବାଳିକାଙ୍କୁ ବଳାତ୍କାର କରିଥିବା ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦିଆଯିବାର ବ୍ୟବସ୍ଥା କରିଛନ୍ତି। ସୂଚନାଯୋଗ୍ୟ, ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଅପରାଧରେ ପଶ୍ଚିମବଙ୍ଗର ଧନଞ୍ଜୟ ଚାଟାର୍ଜୀଙ୍କୁ ୨୦୦୪ ଅଗଷ୍ଟ ୧୪ ତାରିଖରେ ଫାଶୀ ଦିଆଯାଇଥିଲା। ତେଣୁ ପ୍ରଶ୍ନ ହେଉଛି, ଧନଞ୍ଜୟଙ୍କ ଫାଶୀ ପରେ ମୃତ୍ୟୁଦଣ୍ଡ ଭୟରେ ମହିଳାଙ୍କ ପ୍ରତି ବଳାତ୍କାର ସଂଖ୍ୟା ହ୍ରାସ ପାଇଛି କି? ବରଂ ସଂକ୍ରାମକ ରୋଗ ଭଳି ଦିନକୁ ଦିନ ତାହା ବୃଦ୍ଧି ପାଇ ଚାଲିଛି। ଗତ ୨।୮।୧୭ରେ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜୁ ରାଜ୍ୟ ସଭାରେ ପ୍ରକାଶ କରିଥିବା ତଥ୍ୟ ଅନୁଯାୟୀ, ୨୦୧୪ରୁ ୨୦୧୬ ମଧ୍ୟରେ ଦେଶରେ ୧,୧୦,୩୩୩ଟି ବଳାତ୍କାର ମାମଲା ରୁଜୁ ହୋଇଛି। ଦେଶରେ ପ୍ରତିଦିନ ୯୨ ଜଣ ମହିଳାଙ୍କୁ ବଳାତ୍କାର କରାଯାଉଥିବା ବେଳେ କେବଳ ଦିଲ୍ଲୀରେ ପ୍ରତିଦିନ ୪ ମହିଳା ଏହାର ଶିକାର ହୁଅନ୍ତି। ଏହା ଛଡ଼ା, କଳା ଜଗତରେ କାଳିମା ହୋଇ ଦେଖା ଦେଇଛି କାଷ୍ଟିଂ କାଉଚ୍। ହଲିଉଡ୍, ବଲିଉଡ୍, ଓଲିଉଡ୍ ସଭିଏଁ ଏଥିରେ ଆକ୍ରାନ୍ତ। ଆନ୍ତର୍ଜାତିକ ସ୍ତରରେ ଲକ୍ଷଲକ୍ଷ ମହିଳାଙ୍କର ଯୌନଶୋଷଣର ବେଦନାସିକ୍ତ କାହାଣୀ ନିଗ୍ରୋ ମହିଳା ତରାନ୍ନା ବୁର୍କେଙ୍କର 'ମି-ଟୁ' (ମୁଁ-ମଧ୍ୟ) ନାମକ ସୋସିଆଲ ମିଡିଆ ଜରିଆରେ ଜାଣିବାକୁ ମିଳିଛି। ଯୌନନିର୍ଯ୍ୟାତନା ବିରୋଧରେ ବିଭିନ୍ନ ଦେଶରେ ଥିବା ରୋମାନ କ୍ୟାଥୋଲିକ୍ ଚର୍ଚ୍ଚର ଶହଶହ ନନ୍‌ଙ୍କର ପ୍ରତିବାଦର ସ୍ୱର ଏବଂ ନ୍ୟାୟ ପାଇଁ ସଂଘର୍ଷ 'ମି-ଟୁ' ଜରିଆରେ ଏବେ ଏହାର ମୁଖ୍ୟାଳୟ ଭାଟିକାନ ସିଟି ପର୍ଯ୍ୟନ୍ତ ପହଞ୍ଚିଛି।

ମନୋବିଜ୍ଞାନ ଅନୁଯାୟୀ କ୍ଷୁଧା ଓ ତୃଷା ଭଳି ଯୌନ ପ୍ରଚୋଦନାର ମଧ୍ୟ ଗୁରୁତ୍ୱ ରହିଛି। ଉତ୍ତମ ଶାରୀରିକ ତଥା ମାନସିକ ସ୍ୱାସ୍ଥ୍ୟ ପାଇଁ ଯୌନ ଇଚ୍ଛାର ତୃପ୍ତି ସାଧନ ନିତାନ୍ତ ଜରୁରୀ। ପୁରୁଷର ଯୌନ ବିକାଶ ଅଣ୍ଡକୋଷରୁ କ୍ଷରିତ 'ଏନ୍‌ଡ୍ରୋଜିନସ୍' ହର୍‌ମୋନ୍ ଏବଂ ପିଟୁଟାରି ଗ୍ରନ୍ଥିରୁ ଆଉ ଏକ ହର୍‌ମୋନ୍ କ୍ଷରଣ ଫଳରେ ନିୟନ୍ତ୍ରିତ ହୋଇଥାଏ। ପୁରୁଷମାନଙ୍କ ଶରୀରରେ ଏହି ଏନ୍‌ଡ୍ରୋଜିନସ୍ ହର୍‌ମୋନ୍‌ର କ୍ଷରଣରେ ପ୍ରାୟ ସ୍ଥିରତା ରହିଥାଏ। ପିଟୁଟାରି ହର୍‌ମୋନ୍ କ୍ଷରଣ ଫଳରେ ଉଭୟ ଅଣ୍ଡକୋଷ ଏବଂ ଆଡ୍ରିନାଲ କର୍ଟେକ୍ସ ସକ୍ରିୟ ହୋଇ ପୁରୁଷର ଯୌନ ପରିପକ୍ୱତା ବୃଦ୍ଧିକରେ। ଗବେଷଣାରୁ ଜଣାଯାଏ, ପୁରୁଷମାନଙ୍କ କ୍ଷେତ୍ରରେ ତେରବର୍ଷରୁ ଊଣେଇଶ ବର୍ଷ ମଧ୍ୟରେ ଯୌନ ଆବେଗ ଅଧିକ ଦେଖାଯାଏ। ପ୍ରାୟ ଏକୋଇଶ ବର୍ଷ ପରେ ଏହିଆବେଗ ହ୍ରାସ ପାଇବାକୁ ଆରମ୍ଭ କରେ, କାରଣ ଏନ୍‌ଡ୍ରୋଜିନସ୍‌ର କ୍ଷରଣ ଏକୋଇଶ ବର୍ଷ ପରେ କମିଯାଏ। ପାରିପାର୍ଶ୍ୱିକ ପରିସ୍ଥିତି କିଶୋର/ନାବାଳକଙ୍କ ମଧ୍ୟରେ ଅଧିକ ପରିମାଣରେ ଯୌନ ପିପାସା ସୃଷ୍ଟି କରେ। ପ୍ରତ୍ୟେକ ପ୍ରାଣୀର ଚାରିପଟେ ଥିବା ପରିବେଷ୍ଟନୀରେ ଯେଉଁସବୁ ବସ୍ତୁ ପ୍ରାଣୀଠାରେ ପ୍ରତିକ୍ରିୟା ସୃଷ୍ଟି କରନ୍ତି, ସେଗୁଡ଼ିକୁ ଉଦ୍ଦୀପକ କୁହାଯାଏ। ଜୀବିତ ପ୍ରାଣୀର ସମସ୍ତ ଆଚରଣ ବିଭିନ୍ନ ଉଦ୍ଦୀପକମାନଙ୍କ ଦ୍ୱାରା ହିଁ ସୃଷ୍ଟି ଏବଂ ପରିବର୍ତ୍ତିତ ହୋଇଥାଏ। ପାରିପାର୍ଶ୍ୱିକ ପରିସ୍ଥିତି ଆମର ମନସ୍ତାତ୍ତ୍ୱିକ ଅବସ୍ଥାକୁ ବିଶେଷଭାବେ ପ୍ରଭାବିତ କରିଥାଏ।

ଯୌନ ତାଡ଼ନାକୁ ପରାହତ କରିବାକୁ ହେଲେ ପ୍ରଥମେ ସେହି ଉଦ୍ଦୀପକମାନଙ୍କୁ ହିଁ ଦୂର କରିବାକୁ ପଡିବ। ସେହି ଉଦ୍ଦୀପକମାନଙ୍କର ପ୍ରଥମ ଉପାଦାନ ହେଉଛି ଅଶ୍ଳୀଳତା। ନବେ ଦଶକ ପରେ ସିନେମା ପରଦାରେ ଅଭିନେତ୍ରୀମାନଙ୍କର ଉଲଗ୍ନପ୍ରାୟ ରୂପ ଦେଖିବାକୁ ମିଳିଲା। ନିଜ ଶରୀରରୁ ଅଧିକ ପୋଷାକ ଖୋଲି ପାରୁଥିବା ଅଭିନେତ୍ରୀଙ୍କର ଅଧିକ ଚାହିଦା ହେଲା। ସେଥିପାଇଁ ଫିଲ୍ମର ନିର୍ଦ୍ଦେଶକ, ନିର୍ମାତା ଏବଂ ଅଭିନେତ୍ରୀଙ୍କୁ ସମୂହ ଭାବରେ ଦାୟୀ କରାଯାଇପାରେ। ଯୁବତୀମାନଙ୍କର ଗୁପ୍ତ ସମ୍ପର୍କ ଓ ନଗ୍ନ ଚିତ୍ର ସୋସିଆଲ ମିଡିଆ/ମୋବାଇଲରେ ଭାଇରାଲ ହେବା, ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣରେ ଆମ ଦେଶରେ 'ଭାଲେଣ୍ଟାଇନ ଡେ' ପାଳନ ଏବଂ ପାର୍କ/ମଇଦାନରେ ପ୍ରେମୀଯୁଗଳଙ୍କ ଖୁଲମ୍‌ଖୁଲା ପ୍ରେମ ଅଶ୍ଳୀଳତାର ବାହକ ହେଲା। ଦ୍ୱିତୀୟ ଉପାଦାନ ହେଉଛି ମଦ। ମଦ୍ୟପାନ ପରେ ମଣିଷର ମନ ନିଜ ନିୟନ୍ତ୍ରଣରେ ନ ଥାଏ। ତେଣୁ ସେ ସ୍ଥାନ-କାଳ-ପାତ୍ର ଭୁଲିଯାଇ ନାନାଦି ଅପକର୍ମରେ ଲିପ୍ତ ହୁଏ।

ଚଳଚ୍ଚିତ୍ରର ନିର୍ମାତା ଓ ନିର୍ଦ୍ଦେଶକମାନେ ଅଭିନେତ୍ରୀମାନଙ୍କୁ ଉଲଗ୍ନ କରିବା ପରିହାର କରନ୍ତୁ। ଚଳଚ୍ଚିତ୍ର, ନୃତ୍ୟ, ଯାତ୍ରା ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ, ଇଣ୍ଟରନେଟ୍, ବିଜ୍ଞାପନ, ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମ, ପତ୍ରିକାର ପ୍ରଚ୍ଛଦପଟ, କ୍ୟାଲେଣ୍ଡର, ପୋଷ୍ଟର ଇତ୍ୟାଦିରେ ଅଶ୍ଳୀଳତାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଉ। ଅଭିନେତ୍ରୀ/ମଡେଲ୍/ଗାୟିକାମାନେ ଫିଲ୍ମ, ବିଜ୍ଞାପନ, ସଙ୍ଗୀତ, ନୃତ୍ୟାଦି କାର୍ଯ୍ୟକ୍ରମରେ ସୁଯୋଗ ପାଇବା ଲାଗି କାଷ୍ଟିଂ କାଉଚ୍‌ର ଶିକାର ହୁଅନ୍ତୁ ନାହିଁ। ସେହିଭଳି ମଦର ଉତ୍ପାଦନ, ବିକ୍ରି, ପ୍ରସାରଣ ମଧ୍ୟ ବନ୍ଦ ହେବା ଉଚିତ। କର୍ମଜୀବୀ ମହିଳା ଏବଂ ଛାତ୍ରୀମାନେ ବସ୍, ଟ୍ୟାକ୍ସି, ଅଟୋରିକ୍ସା ଆଦି ଯାନବାହନରେ ଯାତାୟାତ ବେଳେ ଦୃଢ଼ତାର ସହିତ ପରିସ୍ଥିତିର ମୁକାବିଲା କରିବା ଦରକାର। ଗଣମାଧ୍ୟମରେ ବଳାତ୍କାରଜନିତ ଖବରର ବାରମ୍ବାର ପ୍ରସାରଣ ମଧ୍ୟ ଘଟଣାକୁ ଅନେକ ଦିନ ପର୍ଯ୍ୟନ୍ତ ଜନମାନସରେ ଉଜ୍ଜୀବିତ କରି ରଖେ। ରାଜନୈତିକ ଦଳଗୁଡ଼ିକ ଯୌନନିର୍ଯ୍ୟାତନା ପ୍ରସଙ୍ଗର ରାଜନୀତିକରଣ ନ କରି ତାହାକୁ ସାମାଜିକ ସମସ୍ୟା ଭାବେ ଗ୍ରହଣ କଲେ ଅଧିକ ଫଳପ୍ରଦ ହୋଇପାରିବ।

ମନେ ରଖିବାକୁ ହେବ, ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସମାଜ ପ୍ରତି ତା'ର କିଛି କର୍ତ୍ତବ୍ୟ ରହିଛି। ସେ ସମାଜ ନିକଟରେ ଋଣୀ। କାରଣ ଏହି ସମାଜରୁ ହିଁ ସେ ସବୁକିଛି ଶିଖିଥାଏ। ସମାଜକୁ ସୁଧାରିବା ଲାଗି ପ୍ରଥମେ ବ୍ୟକ୍ତି ଚରିତ୍ର ସଂଶୋଧନର ଆବଶ୍ୟକତା ରହିଛି। ଏହି ମହତ୍ ଉଦ୍ଦେଶ୍ୟ ନେଇ ପୂଜ୍ୟ କୁମାରଭାଇ ନାମକ ଜଣେ ବିଶିଷ୍ଟ ସମାଜସେବୀ କିଛିବର୍ଷ ପୂର୍ବେ 'ଶୋଭନୀୟ ଆନ୍ଦୋଳନ' ନାମରେ ଏକ ଅନୁଷ୍ଠାନ ସ୍ଥାପନ କରିଥିଲେ। କୁମାରଭାଇଙ୍କ ଅକାଳ ବିୟୋଗ ପରେ ତାଙ୍କର କେତେକ ସହକର୍ମୀ ସେହି ମହତ୍ କାର୍ଯ୍ୟର ଧାରା ଅବ୍ୟାହତ ରଖିଛନ୍ତି। ଶୋଭନୀୟ ଆନ୍ଦୋଳନର ମୂଳମନ୍ତ୍ର ହେଉଛି ସମାଜକୁ ସୁଧାରିବା। ତାଙ୍କର ମନ୍ତ୍ର ହେଉଛି, ''ଆନ କଥା ସିନା କହିହେବ ନାହିଁ ନିଜ କଥା ନିଶ୍ଚେ ହେବ କହି, ଗୋଟିଏ ଗୋଟିଏ ବଦଳି ଚାଲିଲେ ବଦଳିଯିବ ଏ ସାରା ମହୀ।'' ଆହୁରି ମଧ୍ୟ ''ଆଉ କେହି ଭଲ ହେଉ କି ନ ହେଉ ଭଲ ମୁଁ ନିଜକୁ କରିବଇଁ, ଏହା ହେଉ ପ୍ରତି ମନର ଶପଥ ଜୀବନରେ ସିଦ୍ଧି ଲାଭ ପାଇଁ।'' ମହାତ୍ମା ଗାନ୍ଧୀ କହିଥିଲେ, ''ଯେ ନିଜକୁ ପରିବର୍ତ୍ତନ ନ କରି ଜନ ଚରିତ୍ରକୁ ପରିବର୍ତ୍ତନ କରିବାକୁ ଚେଷ୍ଟାକରେ, ତା'ଠାରୁ ବଳି ନିର୍ବୋଧ ଆଉ କେହି ନାହିଁ।''

ଇଂଲିଶରେ ପ୍ରବାଦ ଅଛି, 'ପ୍ରିଭେନଶନ୍ ଇଜ୍ ବେଟର୍ ଦ୍ୟାନ କିଓର୍'। ପ୍ରତିଷେଧ ଚିକିତ୍ସାଠାରୁ ଆହୁରି ଉତ୍ତମ। ତେଣୁ ମଣିଷର ସ୍ୱଭାବ, ଚରିତ୍ର, ଅଭ୍ୟାସ ବଦଳାଇବା ପାଇଁ ଅଧିକ ସଚେତନତା ସୃଷ୍ଟି ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ମଣିଷର ଦୃଷ୍ଟିଭଙ୍ଗୀ ବଦଳିବା ଦରକାର। ମାନସିକତାରେ ପରିବର୍ତ୍ତନ ହେବା ଉଚିତ। ମନର ଭାବନା ଅନୁଯାୟୀ ସଫଳତା ମିଳିଥାଏ। ଉପନିଷଦର ଅମୃତ ବାଣୀ 'ସର୍ବେ ଭଦ୍ରାଣି ପଶ୍ୟନ୍ତୁ'। ସମସ୍ତଙ୍କର ଦୃଷ୍ଟି ଭଦ୍ର ହେଉ। ତା'ହେଲେ କାହାରି ପ୍ରତି କାମଲାଳସା ଜାଗ୍ରତ ହେବ ନାହିଁ। ତେଣୁ ସର୍ବ ପ୍ରଥମେ ଦୃଷ୍ଟିଭଙ୍ଗୀ ବଦଳୁ। ଭଗବାନଙ୍କ ସୁନ୍ଦର ସୃଷ୍ଟି ଯାହା ତା'ର ଚିରାଚରିତ ସମୁନ୍ନତ ମାର୍ଗରୁ ବିଚ୍ୟୁତ ହୋଇ ଏବେ ଅପସଂସ୍କୃତି ଆଡକୁ ମୁହାଁଇଛି, ତାହା ନିଶ୍ଚୟ ବଦଳିଯିବ।

ଶହୀଦ ନଗର, ଭୁବନେଶ୍ୱର, ମୋ- ୯୪୩୭୩୮୨୧୦୦

# ଜାତୀୟ ସମ୍ପତ୍ତି



**ଡ. ଚିନ୍ତାମଣି ପଣ୍ଡା**

ଦେଶ ପ୍ରଗତି ପଥରେ ଦୌଡୁଛି। ସରକାର ଅନେକ ଜନହିତକର ଯୋଜନା ମାଧ୍ୟମରେ ବିକାଶର ରଥକୁ ଆଗକୁ ନେବାକୁ ଚେଷ୍ଟିତ। କିନ୍ତୁ ଯାହାଙ୍କ ପାଇଁ ଏତେସବୁ ଆୟୋଜନ ସେମାନେ ମାନସିକ ଭାବରେ ପ୍ରସ୍ତୁତ ତ? ପିଢ଼ି ପିଢ଼ି ଧରି ବିଦେଶୀମାନଙ୍କ ଶାସନରେ ନିର୍ଯାତିତ, ନିଷ୍ପେଷିତ ହୋଇ ରହିବା ପରେ ତାଙ୍କର ଜିନୀୟ ଢାଞ୍ଚାରେ ଏପରି ବିକୃତି ଆସିଯାଇଛି ଯେ, ସ୍ୱତଃପ୍ରବୃତ୍ତ ଭାବରେ ଅନୁଶାସନର ଗଣ୍ଡି ଭିତରେ ଆବଦ୍ଧ ହୋଇ ରହିବାକୁ କେହି ଭଲପାଉନି। ବରଂ ଦଣ୍ଡ ଭୟରେ ଉପରଠାଉରିଆ ଭାବେ ଶୃଙ୍ଖଳିତ ହେଉଛି ସିନା କିନ୍ତୁ ଟିକିଏ ମଉକା ପାଇଲେ ଯଥେଚ୍ଛାଚାର କରୁଛି। ଏହାର ଜ୍ୱଳନ୍ତ ଉଦାହରଣ ହେଲା ଜାତୀୟ ସମ୍ପତ୍ତିର ଲୁଟ୍‌ତରାଜ। ଭାରତୀୟ ରେଳ ବିଭାଗର ସଦ୍ୟତମ ଆକଳନରୁ ବୁଝାପଡ଼େ ଯେ ବିଗତ ତିନିବର୍ଷ ମଧ୍ୟରେ ଜନସାଧାରଣ ଉକ୍ତ ବିଭାଗର ପ୍ରାୟ ୪୦୦୦ କୋଟି ଟଙ୍କାର ସମ୍ପତ୍ତି ଚୋରେଇ ନେଇଛନ୍ତି। ତା' ମଧ୍ୟରେ ୬୨ ଲକ୍ଷ ଟଙ୍କାର ବେଡ୍‌ସିଟ୍, ତକିଆ ଖୋଳ, କମ୍ବଳ ଇତ୍ୟାଦି ଅଛି। ଅତି ଦ୍ରୁତଗାମୀ ତେଜସ୍ ଏକ୍ସପ୍ରେସରେ ଲାଗିଥିବା ନାମୀଦାମୀ ଜାଗୁଆର କମ୍ପାନୀର ଟ୍ୟାପ ଓ ଅନ୍ୟାନ୍ୟ ଫିଟିଙ୍ଗ୍‌ସ, ହେଡ୍‌ଫୋନ୍ ଇତ୍ୟାଦି ଚୋରାଇ ନେବା ସହ ତା'ର ଏଲ୍‌ଇଡି ପରଦାଗୁଡ଼ିକୁ ଭାଙ୍ଗି ପକାଇଛନ୍ତି ଏଇ ଯାତ୍ରୀଗଣ। ତାକୁ ମରାମତି କରିବାକୁ ରେଳବିଭାଗ ୯ଲକ୍ଷ ଟଙ୍କାର ଖର୍ଚ୍ଚ ଆକଳନ କରିଛି।

ମୁମ୍ବାଇରୁ ମାନ୍‌ମାଡ଼ ମଧ୍ୟରେ ଚାଲୁଥିବା ଏଇ ଦ୍ରୁତତମ ରେଳଗାଡିର କୋଚ୍‌ଗୁଡ଼ିକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଅତ୍ୟାଧୁନିକ ସୁବିଧା ସହ ନବୀକରଣ କରାଯାଇଥିଲା। ଖାଲି ରେଳ ବିଭାଗ ନୁହେଁ, ବିଭିନ୍ନ ଘରୋଇ ବିମାନ ପ୍ରଚଳନକାରୀ କମ୍ପାନୀ ମଧ୍ୟ ଅଭିଯୋଗ କରିଛନ୍ତି ଯେ, ବିମାନ ଯାତ୍ରୀମାନେ ସିଟ୍ ତଳୁ ଲାଇଫ ଜ୍ୟାକେଟ୍, କମ୍ବଳ, କଫି ମଗ ତଥା ଅନ୍ୟାନ୍ୟ ଆସବାବପତ୍ର, ଏପରିକି ପରିଚାରିକାମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ଚୋରିକରି ନେଇଯାଉଛନ୍ତି। ତେବେ ବିମାନ ଯାତ୍ରା କରୁଥିବା ନାଗରିକମାନଙ୍କୁ ଆମେ ତ କେବେ ଅଶିକ୍ଷିତ କି ସାଧାରଣ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିପାରିବାନି। ଖାଲି ସେତିକି ନୁହେଁ, ରାସ୍ତା କଡ଼ରେ ଲଗାଯାଉଥିବା ଗଛରୁ ସୁରକ୍ଷା ଜାଲିଠୁ ଆରମ୍ଭକରି ବିଦ୍ୟୁତ୍ ଖୁଣ୍ଟିର ବଲ୍‌ବ କି ବାର୍‌ଲାଇଟ୍ ପର୍ଯ୍ୟନ୍ତ ଏମାନଙ୍କ କବଳରୁ ବର୍ତ୍ତିପାରୁନାହିଁ। ବିଦ୍ୟୁତ୍ ବନ୍ଦର ସୁଯୋଗ ନେଇ ସରବରାହ ତାର କାଟିନେବା, ଟ୍ରାନ୍ସଫର୍ମରରୁ ତେଲ କାଢ଼ିନେବା, ଟେଲିଫୋନ୍ ଟାୱାରରୁ ବ୍ୟାଟେରି କାଢ଼ିନେବା, ତମ୍ବା କି ଆଲୁମିନିୟମ ତାରକୁ ତରଳାଇ ବିକ୍ରି କରିଦେବା ଆମ ଦେଶର ନିତିଦିନିଆ ମାମୁଲି ଘଟଣା। ସର୍ବସାଧାରଣଙ୍କ ସୁବିଧାକୁ ବିନା ଦ୍ୱିଧାରେ ନଷ୍ଟଭ୍ରଷ୍ଟ କରିଦେବାର ମାନସିକତା ଅଳ୍ପେ ବହୁତେ ସମସ୍ତଙ୍କ ପାଖରେ ଅଛି। ଆଉ କିଛି ଦୁର୍ବୃତ୍ତ ଦୁଇପାଦ ଆଗେଇଯାଇ ରାତି ସମୟରେ ରାସ୍ତା କଡ଼ରେ ଦିଶା ନିର୍ଦ୍ଦେଶ ପାଇଁ ଉଦ୍ଦିଷ୍ଟ ଖୁଣ୍ଟିଗୁଡିକରୁ ପ୍ଲାଷ୍ଟିକ ରିଫ୍ଲେକ୍ଟର ସବୁ କାଢ଼ି ନଷ୍ଟ କରିଦିଅନ୍ତି। ଏହା ଦ୍ୱାରା କି ଲାଭ ମିଳେ ତାହା ସେହିମାନେ ହିଁ ଜାଣନ୍ତି। ଭର୍ତ୍ତୃହରି କହିଛନ୍ତି- ବିନା କାରଣରେ ଯେଉଁମାନେ ସର୍ବସାଧାରଣଙ୍କର ଅହିତ ଚିନ୍ତା କରନ୍ତି, ସେମାନଙ୍କୁ କି ପ୍ରକାର ମନୁଷ୍ୟ ଆଖ୍ୟା ଦିଆଯିବ, ତାହା ଆମ୍ଭ ଜ୍ଞାନର ପରିସୀମା ବାହାରେ।

ଆଜି ପ୍ରଗତିର ଦ୍ୱାରଦେଶରେ ଏହି ମାନସିକତାଧାରୀ ବ୍ୟକ୍ତିମାନଙ୍କୁ ନେଇ ପହଞ୍ଚିଲା ବେଳକୁ ଅନେକ ଆଶଙ୍କା ଆସିବା ସ୍ୱାଭାବିକ। ଧରନ୍ତୁ ଆପଣଙ୍କ ଇଲାକାରେ ସର୍ବସାଧାରଣଙ୍କ ନେଣଦେଣ ସୁବିଧା ନିମନ୍ତେ ଏଟିଏମ୍ କାଉଣ୍ଟରଟିଏ ପ୍ରତିଷ୍ଠା କରାଗଲା। ଅନେକେ ଏଥିରୁ ଉପକୃତ ହେବେ ସନ୍ଦେହ ନାହିଁ, କିନ୍ତୁ ଆଉ ପଞ୍ଚାଏ କେମିତି ସୁଯୋଗ ଉଣ୍ଡି ଏହାକୁ ଲୁଟିନେବେ ସେହି ମସୁଧା ଚଳାଇଥିବେ। ଖାତିର ନାହିଁ ସର୍ବସାଧାରଣଙ୍କ ଅସୁବିଧାକୁ ଏମାନଙ୍କର। ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରି ନିର୍ମାଣ କରାଯାଇଥିବା ଅବସର ବିନୋଦନ କେନ୍ଦ୍ର, ଭ୍ରମଣ ଉଦ୍ୟାନ, ସୂଚନା କେନ୍ଦ୍ର, ପାନୀୟ ଜଳ ଯୋଗାଣ ଇତ୍ୟାଦିର ଅବସ୍ଥା ନ କହିବା ଭଲ। ଖାଲି ରାଜନୈତିକ ଦଳଙ୍କର ବନ୍ଦ ବା ଆନ୍ଦୋଳନ ଡାକରାକୁ ଯାହା ଅପେକ୍ଷା। ଏହି ସୁବର୍ଣ୍ଣ ସୁଯୋଗରେ ଅସହିଷ୍ଣୁତାର ଶିକାର ପଞ୍ଚାଏ ମାନସିକ ବିକାରଗ୍ରସ୍ତ ଉଚ୍ଛୃଙ୍ଖଳ ବ୍ୟକ୍ତିତ୍ୱ ଏହି ସୁବିଧା କେନ୍ଦ୍ରଗୁଡିକୁ ଭଙ୍ଗାରୁଜା କରିଦେବାର ଅପେକ୍ଷାରେ ରହିଥାନ୍ତି।

ଆଜି ବିନ୍ଦୁସାଗରରେ ମ୍ୟୁଜିକାଲ ଫାଉଣ୍ଟେନ୍ ଲାଗିଲାଣି। ଧଉଳି ଶାନ୍ତିସ୍ତୁପରେ ଶବ୍ଦ ଓ ଆଲୋକର ପ୍ରଦର୍ଶନ ଚାଲୁଛି। ଅନ୍ୟ ବିକଶିତ ରାଷ୍ଟ୍ରର ସହରାଞ୍ଚଳ ପରେ ଆମର ଏକନମ୍ବର ସ୍ମାର୍ଟ ସହର ଭୁବନେଶ୍ୱରର ସୁନ୍ଦରୀକରଣ ପାଇଁ ସବୁମତେ ଉଦ୍ୟମ ଚାଲୁଛି। କିନ୍ତୁ ବିକଶିତ ଦେଶର ନାଗରିକମାନଙ୍କ ପରି ଆମ ମାନସିକତାରେ ଯଦି ପରିବର୍ତ୍ତନ ନ ହୁଏ ତା'ହେଲେ ଏହି ବ୍ୟବସ୍ଥାଗୁଡିକ ବେଶି ଦିନ ତିଷ୍ଠିରହିବା ଆଶା କରିହେଉ ନାହିଁ। ଛୋଟରୁ ବଡ଼ ସଭିଏଁ ଯଦି ଏଇଟା ମୋ ଦେଶ ଏବଂ ଏସବୁ ସୁବିଧା ସୁଯୋଗ ମୋ ଅର୍ଥରେ ପ୍ରତିଷ୍ଠିତ ବୋଲି ବୁଝିନେବେ ତେବେ ସେମାନେ ଏହାକୁ ଜାତୀୟ ସମ୍ପତ୍ତି ବୋଲି ଭାବି ସୁରକ୍ଷିତ ରଖିବେ। ଅନ୍ୟଥା ସରକାରୀ ସମ୍ପତ୍ତି ଭାବିଲେ କଥା ସରିଲା। ସୁଯୋଗ ଉଣ୍ଡି ଲୁଟିନେବେ, ନ ହେଲେ ଭାଙ୍ଗିରୁଜି ନଷ୍ଟ କରିଦେବେ। ତେଣୁ ଆମର ଚିନ୍ତାଧାରାକୁ ମଧ୍ୟ ପରିବେଶ ସହିତ ଖାପଖୁଆଇ ବିକଶିତ କରାଇବାର ବେଳ ଆସିଛି, ଯାହା କଲେ ଦେଶ ଓ ଦଶର ମଙ୍ଗଳ ହେବ।

ଭୁବନେଶ୍ୱର, ମୋ-୯୪୩୭୦୧୮୫୧୭୫

## ଏଇ ଭାରତରେ

ଦୁନିଆରେ ମାତାପିତାଙ୍କ ପରିଚୟ ନ ଥିବା କେତେକ ବ୍ୟକ୍ତି ଅଛନ୍ତି। ସେମାନଙ୍କୁ ମାନବରୂପଧାରୀ ଦେବଦୂତମାନେ ହିଁ ସହାୟ ହୋଇଥାଆନ୍ତି। ମା' ଗର୍ଭରୁ ଜନ୍ମହୋଇ ପୃଥିବୀରେ ନୂଆ ଆଲୋକ ଦେଖିବା ପରେ ପରେ କେତେକ ନବଜାତ ସନ୍ତାନ ପରିତ୍ୟକ୍ତ ହୋଇପଡନ୍ତି। କିନ୍ତୁ ସେମାନଙ୍କୁ କୋଳେଇ ନେବା ପାଇଁ କେତେକ ଶିଶୁ ଆଶ୍ରୟ ଗୃହ ପ୍ରସ୍ତୁତ ହୋଇଥାଆନ୍ତି। ଯେଉଁ ଅନୁଷ୍ଠାନର ଲାଳନପାଳନରେ ଅବୋଧ ଶିଶୁ ବଡହୋଇ ନୂଆ ଜୀବନର ରାହା ଦେଖନ୍ତି। ସେମିତି ଏକ ଅନୁଷ୍ଠାନ ହେଉଛି କର୍ଣ୍ଣାଟକର ଅନନ୍ତଶିଶୁ ନିବାସ। ଦୁଇଟି ନବଜାତ ସନ୍ତାନଙ୍କୁ ପରିତ୍ୟକ୍ତ ଅବସ୍ଥାରେ ପାଇବା ପରେ ସ୍ଥାନୀୟ ସରକାରୀ ହସ୍ପିଟାଲ୍ ଏବଂ ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ସେମାନଙ୍କ ସୁରକ୍ଷା ଲାଗି ୧୯୪୨ରେ ଏହି ଅନୁଷ୍ଠାନ ଗଢ଼ିଥିଲେ। ସେହିଦିନଠାରୁ ଏ ପର୍ଯ୍ୟନ୍ତ ପରିତ୍ୟକ୍ତ ୭,୦୦୦ରୁ ଊର୍ଦ୍ଧ୍ୱ ଶିଶୁ ଏଠାରେ ଲାଳିତପାଳିତ ହୋଇ ବିଭିନ୍ନ ପଦପଦବୀରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ବେଙ୍ଗାଲୁରୁର ଏନ୍‌ଆର୍ କଲୋନୀ ନିକଟବର୍ତ୍ତୀ ବୁଲ୍ ଟେମ୍ପଲ୍ ରୋଡରେ ଅବସ୍ଥିତ ଏହି କେନ୍ଦ୍ର ରାଜ୍ୟର ସବୁଠୁ ପୁରାତନ ଅନାଥାଶ୍ରମ। ଇତିମଧ୍ୟରେ ଏହି ଅନୁଷ୍ଠାନ ୭୫ବର୍ଷ ଅତିକ୍ରାନ୍ତ କରିସାରିଲାଣି। ନଭେମ୍ବର ୨୪ ଓ ୨୫ ଦୁଇଦିନ ଧରି ଏହାର ପ୍ଲାଟିନମ୍ ଜୟନ୍ତୀ ପାଳିତ ହେଉଛି। କେତେକ ମହିଳା ସେମାନଙ୍କ ନବଜାତ ସନ୍ତାନଙ୍କୁ ଏଠାରେ ଛାଡିଦେଇ ଯାଉଥିବାର ଦୃଷ୍ଟାନ୍ତ ରହିଛି। କିନ୍ତୁ ସେହି ଧାରା ଏଇ କିଛିବର୍ଷ ହେଲା କମିଯାଇଛି। ବର୍ତ୍ତମାନ ଏହି କେନ୍ଦ୍ରରେ ୬୮ ଶିଶୁ ଅଛନ୍ତି। ଲାଳନପାଳନରେ ଅକ୍ଷମତା ପ୍ରକାଶ କରୁଥିବା ଏକକ ମାତା/ପିତା ମଧ୍ୟ ଏଠାରେ ପିଲାଙ୍କୁ ଛାଡିଥାଆନ୍ତି। ଉକ୍ତ ଅନୁଷ୍ଠାନ ଉତ୍‌ଥାନପତନ ଦେଇ ୭୫ବର୍ଷ ପୂର୍ତ୍ତି ପାଳନ କରିବା ଅତ୍ୟନ୍ତ ଗର୍ବର ବିଷୟ।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ନଭେମ୍ବର ୧୯୯୪**

- ପଶ୍ଚିମ ୟୁରୋପର ୧୮ଟି ଦେଶର ୩୮୦ ମିଲିୟନ ଜନସଂଖ୍ୟାକୁ ନେଇ ବିଶ୍ୱର ସର୍ବବୃହତ୍ ବାଣିଜ୍ୟ ବ୍ଲକ ୟୁରୋପୀୟ ଆର୍ଥିକ ଅଞ୍ଚଳ ଗଠନକୁ ଫ୍ରାନ୍ସ ପାର୍ଲାମେଣ୍ଟର ଅନୁମୋଦନ।
- ଆନ୍ଧ୍ରପ୍ରଦେଶର କଡାପ୍ପାରେ ବିଷାକ୍ତ ମଦ ପିଇ ୨୪ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### କାର୍ବାଇଡ୍ ଦିଆ ଆନ୍ଧ୍ର କଦଳୀ

ମହାଶୟ,

ଆଜିକାଲି ବଜାରରେ ବହୁତ ଆନ୍ଧ୍ର କଦଳୀ ବିକ୍ରି ହେଉଛି। ଦେଶୀ କଦଳୀ ଯେତେ ସ୍ୱାଦପୂର୍ଣ୍ଣ, ଆନ୍ଧ୍ର କଦଳୀ ସେତେ ନୁହେଁ। ତଥାପି ଏହା ବହୁ ପରିମାଣରେ ବିକ୍ରି ହେଉଛି। କଦଳୀ ଗୋଟାକୁ ୫ରୁ ୧୦ ଟଙ୍କା ଯାଏ ବିକ୍ରି ହେଉଛି। ଦୁଃଖର କଥା, ଏହି କଦଳୀ ଶୀଘ୍ର ପାଚିବା ପାଇଁ ରାସାୟନିକ କାର୍ବାଇଡ୍ ଗ୍ୟାସ୍ ସ୍ପ୍ରେ କରାଯାଉଛି। ଲୋକମାନେ ତାକୁ ଆନନ୍ଦରେ ଖାଉଛନ୍ତି। ଏଭଳି କଦଳୀ ଖାଇବା ଦ୍ୱାରା ଆମ୍ଭେମାନେ ସାଂଘାତିକ ବ୍ୟାଧିକୁ ନିମନ୍ତ୍ରଣ କରୁନେ କି? ସରକାର ଏ ଦିଗରେ କଡ଼ା ପଦକ୍ଷେପ ନେବା ଦରକାର।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରାଯାଉ

ରାଜ୍ୟ ସରକାର ଚଳିତବର୍ଷ ବିଧାୟକଙ୍କ ଘରଭଡ଼ା ଦୈନିକ ଏକଶହ ଟଙ୍କାରୁ ଏକହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ପୂର୍ବତନ ବିଧାୟକଙ୍କ ପାଇଁ ଚିକିତ୍ସା ଭତ୍ତା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କ ଦରମା ବଢାଇଛନ୍ତି। ଆନ୍ଦୋଳନରତ ଶିକ୍ଷକଙ୍କ ପାଇଁ ପୂର୍ଣ୍ଣ ଅନୁଦାନ ଘୋଷଣା କରିସାରିଛନ୍ତି। ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କ ମହଙ୍ଗା ଭତ୍ତା ଓ ସାମୟିକ ବୃଦ୍ଧି ଠିକ୍ ସମୟରେ ପ୍ରଦାନ କରୁଛନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ବହୁ ଜନହିତକର କାର୍ଯ୍ୟ ହାତକୁ ନେଇଛନ୍ତି। ମାତ୍ର ଦୁଃଖର କଥା ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ପାଇଁ ବିଭିନ୍ନ ମହଲର ଦାବି ସତ୍ତ୍ୱେ ରାଜ୍ୟ ସରକାର କିଛି ବି ପଦକ୍ଷେପ ନେଉନାହାନ୍ତି। ଦରଦାମ୍ ବୃଦ୍ଧିରେ ଚାପିହୋଇ ଦୁର୍ବିଷହ ଜୀବନ ବିତାଉଥିବା ବୃଦ୍ଧାବୃଦ୍ଧଙ୍କ ପାଇଁ ସରକାର ବାର୍ଦ୍ଧକ୍ୟଭତ୍ତାର ଆଖିଦୃଷ୍ଟିଆ ପରିମାଣ ବୃଦ୍ଧି କରିବା ପାଇଁ ମୁଁ ଅନୁରୋଧ କରୁଛି।

ନିର୍ଭୟ କୁମାର ପାଣି, ବିଜିଗୋଳ, କଣିହାଁ, ଅନୁଗୋଳ

### ସାମ୍ପ୍ରତିକ ରାଜନୀତି ଓ ଯୁବସମାଜ

ଧରିତ୍ରୀ (୧୮।୧୦)ରୁ ଡ. ସୁବାସଚନ୍ଦ୍ର ପାତ୍ରଙ୍କ ଲେଖା 'ରାଜନେତା ଓ ନାଗରିକ ସମାଜ' ପାଠ କରି ଏହି ନିଷ୍କର୍ଷରେ ପହଞ୍ଚିବାକୁ ହୁଏ ଯେ ଯୁବସମାଜ ଉଦ୍‌ଭ୍ରାନ୍ତ ହୋଇ ନିଜର ଲକ୍ଷ୍ୟପଥରୁ ବିଚ୍ୟୁତ ହେଉଛନ୍ତି। ଯୁବସୁଲଭ ଉଦ୍ଦାମତାରେ ବହୁକିଛି କାର୍ଯ୍ୟ ସମ୍ପାଦନ ହୁଏ। ଅନ୍ୟଦ୍ୱାରା କିଣା ହୋଇଗଲେ କଥା ସରିଲା। ଅସୀମ ଶକ୍ତି ଓ ସମ୍ଭାବନାକୁ ପୁଞ୍ଜି କରି ଲମ୍ବା ଭବିଷ୍ୟତ ପାଇଁ ପଥ ତିଆରି କରିବାରେ ମଣିଷ ଜୀବନର ସାର୍ଥକତା। ଲସରପସର, ତୋସାମଦ, ଗୋଡ଼ାଣିଆପଣ କୌଣସି ଯୁବକକୁ ଶୋଭାପାଏନି। ଏଭଳି ଯୁବକ ନିଜସ୍ୱ ବୁଦ୍ଧି, ବିବେକ, ଇଚ୍ଛାଶକ୍ତି, କର୍ମଶକ୍ତିକୁ ବଦଳେଇ ପାଲଟିଯାନ୍ତି ସ୍ଥାଣୁ, ଅଥର୍ବ, କ୍ଳୀବ। ଯୁବକଙ୍କ ଭିତରେ ଥିବା ଅଦମ୍ୟଶକ୍ତି ରାଷ୍ଟ୍ରର ଭାଗ୍ୟ ବଦଳେଇ ଦେଇପାରେ। ବ୍ୟଷ୍ଟିସ୍ୱାର୍ଥଠାରୁ ଦୂରେଇ ରହି ସମଷ୍ଟିର ସମୃଦ୍ଧି ପାଇଁ ଯୁବସମାଜ ସଙ୍କଳ୍ପବଦ୍ଧ ନ ହେଲେ ରାଷ୍ଟ୍ର ଭୁଶୁଡ଼ିପଡିବ। ହେ ଯୁବଶକ୍ତି, ଜାଗିଉଠ।

କାର୍ତ୍ତିକଚନ୍ଦ୍ର ଷଡ଼ଙ୍ଗୀ, ବଲରା, ବିଳାସୁଣୀ, ନିଆଳି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ଅଧାରେ ରହିଲା ଡଙ୍ଗା ଭସା
### ନଦୀରେ ବୁଡ଼ିଗଲେ ନାବାଳକ

ଆନନ୍ଦପୁର/ଘସିପୁରା, ୨୩।୧୧(ସ୍ୱ.ପ୍ର.)
କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ ନୟାଗଡ଼ ଗ୍ରାମର ଜଣେ ନାବାଳକଙ୍କ ଶୁକ୍ରବାର ଡଙ୍ଗା ଭସାଇବା ବେଳେ ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଶୁଭମ ରାଉତ(୯)। ସକାଳେ ପରିବାରବର୍ଗଙ୍କ ସହ ସେ ଡଙ୍ଗା ଭସାଇବାକୁ କୁଶେଇ ନଦୀକୁ ଯାଇଥିଲେ। ଡଙ୍ଗା ଭସାଇବା ବେଳେ ଅସାବଧାନତାରୁ ତାଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ଅଧାରେ ରହି ଯାଇଥିଲା ଡଙ୍ଗା ଭସା। ସେ ନଦୀପାଣିରେ ବୁଡି ଯାଇଥିଲେ। ଗଭୀର ଜଳରୁ ତାଙ୍କୁ କେହି ଉଦ୍ଧାର କରିପାରି ନ ଥିଲେ। ପରେ ଅଗ୍ନିଶମ ବିଭାଗ ସହାୟତାରେ ନାବାଳକଙ୍କୁ ଉଦ୍ଧାର କରାଯାଇଥିଲା। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

### ଆଗରୁ ସଙ୍କେତ ପାଇ ଚୁପ୍ ଥିଲା କମ୍ପାନୀ
# ଖରାପ ପ୍ରଦର୍ଶନ ପାଇଁ ବାଦ୍ ପଡ଼ିଲା ଏୟାର ଓଡ଼ିଶା

ଝାରସୁଗୁଡ଼ା ଅଫିସ,୨୩।୧୧

ଭଲ ନ ଥିଲା ଏୟାର ଓଡ଼ିଶାର ପ୍ରଦର୍ଶନ। କେବଳ ଓଡ଼ିଶାରେ ନୁହେଁ, ଜାତୀୟ ସ୍ତରରେ ଏୟାର ଓଡ଼ିଶା ପାଇଥିବା କୌଣସି ସ୍ଥାନରେ କମ୍ପାନୀର ବିମାନ ଚଳାଚଳ ପ୍ରଦର୍ଶନ ଆଖିଦୃଶିଆ ନ ଥିଲା ବୋଲି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ତଥ୍ୟରୁ ସ୍ପଷ୍ଟ ହୋଇଥିଲା। ଲାଇସେନ୍ସ ବାତିଲ୍ ନେଇ ପୂର୍ବରୁ ଆଭାସ ମିଳିଥିଲେ ମଧ୍ୟ କମ୍ପାନୀ ପ୍ରଦର୍ଶନରେ ସୁଧାର ନ ଆଣି ନୀରବ ରହିଥିଲା। ଉଡାନ୍ ଯୋଜନାରେ ଲାଇସେନ୍ସ ପାଇଥିବା ଏୟାର ଓଡ଼ିଶା ଏବଂ ଅନ୍ୟ ଏକ ବିମାନସେବା ପ୍ରଦାନକାରୀ ସଂସ୍ଥାର ପ୍ରଦର୍ଶନ ଯଥେଷ୍ଟ ନିରୁତ୍ସାହଜନକ ରହିଥିବା ତଥ୍ୟରୁ ଜଣାପଡ଼ିଥିଲା। ଉଭୟ କମ୍ପାନୀର ମିଳିତ ଉଦ୍ୟମରେ ନିର୍ଦ୍ଦିଷ୍ଟ ସମୟରେ ଯେତେ ସଂଖ୍ୟକ ଯାତ୍ରୀ ସେବା ପାଇବା କଥା, ସେତିକି ନ ପାଇ ମାତ୍ର ୧% ଯାତ୍ରୀ ଉଡାନ୍ ଯୋଜନାର ସୁଫଳ ପାଇଥିଲେ। ତେଣୁ ବିମାନବନ୍ଦର ପ୍ରାଧିକରଣର ଏହି କଠୋର ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଝାରସୁଗୁଡ଼ା ଚାମ୍ବର ଅଫ୍ କମର୍ସର ହୀରାଲାଲ ଲୋକଚନ୍ଦାନୀ। ଅନ୍ୟପକ୍ଷରେ ଏହି ଶିଳ୍ପାଞ୍ଚଳର ଯାତ୍ରୀଙ୍କୁ ଖୁବ୍‌ଶୀଘ୍ର ଉପଯୁକ୍ତ ବିମାନସେବା ପ୍ରଦାନ କରିବା ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ସେ କହିଛନ୍ତି।

ମିଳିଥିବା ତଥ୍ୟ ଅନୁସାରେ, ୨୦୧୭ ଏପ୍ରିଲ ୨୭ରେ ଆର୍‌ସିଏସ୍ ଅନ୍ତର୍ଗତ




ଉଡାନ୍ ଯୋଜନା ଆରମ୍ଭ ହୋଇଥିଲା। ଏହି ୧୭ ମାସ ମଧ୍ୟରେ ୭ଟି ବିମାନ କମ୍ପାନୀ ୬୦ଟି ରୁଟ୍‌ରେ ୧୫,୭୨୩ ଥର ବିମାନ ଚଳାଚଳ କରିଛନ୍ତି। ଯୋଜନା ଆରମ୍ଭ ଦିନଠାରୁ ୨୦୧୮ ସେପ୍ଟେମ୍ବର ୨୩ ମଧ୍ୟରେ ମୋଟ ୭ ଲକ୍ଷ ୫୦ ହଜାର ଯାତ୍ରୀ ଯାତାୟାତ କରିଥିବାବେଳେ ଉଡାନ୍ ଯୋଜନାର ଲାଭ ଉଠାଇଛନ୍ତି ଦେଶର ୪.୫ ଲକ୍ଷ ଯାତ୍ରୀ। ରିହାତି ମୂଲ୍ୟରେ ୪.୫ ଲକ୍ଷ ଯାତ୍ରୀ ବିମାନସେବାର ମଜା ନେଇଥିବା ଏଏଆଇ ତଥ୍ୟରୁ ଜଣାପଡ଼ିଛି। ଉଡାନ୍ ଯୋଜନାରେ ଅଧିକ ଯାତ୍ରୀ ଲାଭବାନ ହୋଇପାରିଥାନ୍ତେ। କିନ୍ତୁ ଏୟାର ଓଡ଼ିଶା ଏବଂ ଅନ୍ୟଏକ ବିମାନ କମ୍ପାନୀର ଅନିୟମିତ ସେବା ଏହି ଯୋଜନାକୁ ପ୍ରଭାବିତ କରିଛି। ଦେଶର ୧୨୮ଟି ରୁଟ୍‌ରେ ଉଡାନ୍ ଯୋଜନାରେ ସେବା ଯୋଗାଇବା ପାଇଁ ଗତବର୍ଷ ମାର୍ଚ୍ଚରେ ବିମାନ କମ୍ପାନୀ ଚୟନ ହୋଇଥିଲା। ଏହି ଚୟନରେ ଏୟାର ଓଡ଼ିଶାକୁ ସର୍ବାଧିକ ୫୦ଟି ରୁଟ୍ ଏବଂ ଏୟାର ଡେକାନକୁ ୩୪ଟି ରୁଟ୍ ମିଳିଥିଲା। ଏୟାର ଓଡ଼ିଶା ମାତ୍ରାଧିକ ରୁଟ୍ ପାଇଥିଲେ ମଧ୍ୟ ବିମାନ ଚଳାଚଳ କରିବାରେ ବିଫଳ ହୋଇଥିଲା। ସେହିପରି ଏହି ଦୁଇ କମ୍ପାନୀର ମିଳିତ ପ୍ରଦର୍ଶନ ଅତ୍ୟନ୍ତ ଖରାପ ବୋଲି ଜଣାପଡ଼ିଛି। ମିଳିଥିବା ୧୦ଟି ଲେଖାଏଁ ରୁଟ୍‌ରେ ଏହି ଦୁଇ କମ୍ପାନୀ ମୋଟ ୬୯୩୫ ଜଣ ଯାତ୍ରୀଙ୍କୁ ସେବା ପ୍ରଦାନ କରିଛନ୍ତି। ଯେଉଁଥିରୁ ଏୟାର ଓଡ଼ିଶା ବିମାନରେ ୫୦୯୩ ଏବଂ ଏୟାର ଡେକାନ୍ ବିମାନରେ ୧୮୪୨ ଯାତ୍ରୀ ଯାତାୟାତ କରିଛନ୍ତି। ମୋଟ ୭.୫ ଲକ୍ଷ ଯାତ୍ରୀଙ୍କୁ ସେବା ପ୍ରଦାନ କରାଯାଇଥିବା ସ୍ଥଳେ ଏହି ଦୁଇ କମ୍ପାନୀ ମୋଟ ଯାତ୍ରୀର ୧%ରୁ କମ୍ ଅର୍ଥାତ ୬୯୩୫ ଯାତ୍ରୀଙ୍କୁ ଉଡାନ୍ ଯୋଜନାରେ ସେବା ପ୍ରଦାନ କରିଥିବା ଏଏଆଇ ତଥ୍ୟରୁ ଜଣାଯାଇଛି। ଦେଶର ଅନ୍ୟ ବିମାନବନ୍ଦର ଭଳି ଝାରସୁଗୁଡ଼ାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ବିମାନ ବନ୍ଦର ପ୍ରାଧିକରଣ ଏୟାର ଓଡ଼ିଶାର ଲାଇସେନ୍ସ ରଦ୍ଦ କରିଦେଇଛନ୍ତି।

# କୋଇଲା ଖଣିରେ ବିସ୍ଫୋରଣ
## ଟିପ୍ପର ଚାଳକ ମୃତ

ସୁନ୍ଦରଗଡ଼,୨୩।୧୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ଥିବା ଏମ୍‌ସିଏଲ୍‌ର କୁଲଡା କୋଇଲା ଖଣିରେ ଶୁକ୍ରବାର ଅପରାହ୍ନରେ ବିସ୍ଫୋରଣ ଘଟି ଜଣେ ଟିପ୍ପର ଚାଳକଙ୍କ ମୃତ୍ୟୁ ଘଟିଛି । ଏହି ଘଟଣାକୁ ନେଇ ବଲିଙ୍ଗା ଫାଣ୍ଡି ଓ ହେମଗିର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ମୃତ ଟିପ୍ପର ଚାଳକଙ୍କ ନାମ ଇସରାଫ୍ ଅନସାରୀ (୨୫)। ତାଙ୍କ ଘର ଝାଡ଼ଖଣ୍ଡରେ। ସେ ସୁନ୍ଦରଗଡ଼ର ଏକ ଟ୍ରାନ୍ସପୋର୍ଟରଙ୍କ ନିକଟରେ ଟିପ୍ପର ଚାଳକ ଭାବେ କାମ କରୁଥିଲେ। କୋଇଲା ପରିବହନ କାର୍ଯ୍ୟରେ ନିୟୋଜିତ ଏହି ଟିପ୍ପର ଖଣି ଭିତରକୁ ଯାଉଥିବା ବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ଟିପ୍ପର ଓଲଟି ଚୂରମାର ହେବା ସହ ଚାଳକ ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିବା ବାଟରେ ମୃତ୍ୟୁ ଘଟିଥିଲା। ମୃତ ଚାଳକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରାଯାଇଛି। କୋଇଲା ଖଣି କର୍ତ୍ତୃପକ୍ଷଙ୍କ ଅବହେଳାକୁ ଯୋଗୁ ଏପରି ଘଟଣା ଘଟିଛି । ଦିନ ୧ଟା ୪୦ରେ ବିସ୍ଫୋରଣ ଲାଗି ସମୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ୧ଟା ୪୦ ପରିବର୍ତ୍ତେ ୨ଟା ୧୮ରେ ବିସ୍ଫୋରଣ କରାଯାଇଥିଲା। ବିସ୍ଫୋରଣ ପୂର୍ବରୁ ସତର୍କ ଘଣ୍ଟି ମଧ୍ୟ ବାଜି ନ ଥିଲା। ଫଳରେ ଟିପ୍ପର ଚାଳକ ଜାଣି ନ ପାରି ପଶି ଯାଇଥିଲେ ବୋଲି କୁହାଯାଉଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ମାମଲା



ବିସ୍ଫୋରଣରେ ଚୂରମାର ହୋଇଥିବା ଟିପ୍ପର।

ରୁଜୁ ହୋଇଛି। କୁଲଡା କୋଇଲା ଖଣିର ପ୍ରୋଜେକ୍ଟ ଅଧିକାରୀ ଓ ନିରାପତ୍ତା ଅଧିକାରୀଙ୍କ ବିରୋଧରେ ମୃତ ଟିପ୍ପର ଚାଳକଙ୍କ ପରିବାର ଲୋକେ ଏତଲା ଦେଇଛନ୍ତି ବୋଲି ହେମଗିରି ଥାନା ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପ୍ରକାଶ କରିଛନ୍ତି।

### ରାଜ୍ୟସ୍ତରୀୟ ନୌଚାଳନା ପ୍ରତିଯୋଗିତା
# କୁନା, ଦୀପକ ଯୋଡି ପ୍ରଥମ

ସୋନପୁର,୨୩।୧୧(ନି.ପ୍ର.)
କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ପ୍ରତିବର୍ଷ ପରି ଚଳିତ ବର୍ଷ ସୁବର୍ଣ୍ଣପୁର ସହରସ୍ଥିତ ମହାନଦୀର ଲଙ୍କେଶ୍ୱର ଗଣ୍ଡ ନିକଟରେ ରାଜ୍ୟସ୍ତରୀୟ ନୌଚାଳନା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ନୟାଗଡ, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗୀର, କଳାହାଣ୍ଡି, ବରଗଡ, ବୌଦ୍ଧ ଓ ଅନୁଗୋଳ ଆଦି ଜିଲାର ମୋଟ ୬୦ଟି ଦଳ ଭାଗ ନେଇଥିଲେ। ଗୋଟିଏ ଡଙ୍ଗାରେ ଦୁଇଜଣ ଲେଖାଏଁ ପ୍ରତିଯୋଗୀ ରହିଥିଲେ। ଭାଗବତ ପାଠାଗାର ତେନ୍ତୁଳିଘାଟ୍ ପକ୍ଷରୁ ଅପରାହ୍ନରେ ଆୟୋଜିତ ଏହି ପ୍ରତିଯୋଗିତା ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଏଥିରେ ସୁବର୍ଣ୍ଣପୁରର କୁନା ବାଗ ଓ ଦୀପକ ଦଣ୍ଡସେନା ଯୋଡି ପ୍ରଥମ, ଅଭି ବେହେରା ଓ କିଷାନ ନାଏକ ଯୋଡି ଦ୍ୱିତୀୟ ଏବଂ ବିଶ୍ୱନାଥ ଦଣ୍ଡସେନା ଓ ବିକ୍ରମ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରଘୁନାଥ ଥନାପତି, ସଞ୍ଜୟ ସାହୁ ଓ ଶ୍ୟାମ ସୁନ୍ଦର



ମହାନଦୀର ସୋନପୁରସ୍ଥିତ ଲଙ୍କେଶ୍ୱର ଗଣ୍ଡଠାରେ ଅନୁଷ୍ଠିତ ନୌଚାଳନା ପ୍ରତିଯୋଗିତା ।

ନାଏକ ରେଫେରି ଦାୟିତ୍ୱ ନିର୍ବାହ କରିଥିଲେ। ପରେ ପୁରସ୍କାର ବିତରଣୀ ଉତ୍ସବ ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନୌଚାଳନା ଓଡିଆ ଜାତିର ପୁରାତନ ପରମ୍ପରା ବୋଲି କହିଥିଲେ। ଯୁବକମାନଙ୍କ ମଧ୍ୟରେ ଏଭଳି ପ୍ରତିଯୋଗିତା ଆୟୋଜନ ଦ୍ୱାରା ଜଳ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ମୁଖ୍ୟଅତିଥି ଦାଶ ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ପ୍ରାକ୍ତନ ନଗରପାଳ ପ୍ରକାଶ କୁମାର ସାହୁ ଓ ଚକ୍ରାୟୁଧ ନାଏକ ଯୋଗ ଦେଇଥିଲେ। ପାଠାଗାରର ଆଇନ ପରାମର୍ଶଦାତା ଷଷ୍ଠି କୁମାର ନାଏକ, ନନ୍ଦକିଶୋର ତ୍ରିପାଠୀ ଓ ଗଙ୍ଗାଧର ମହାନ୍ତା ମଞ୍ଚାସୀନ ଥିଲେ। ପାଠାଗାରର ସଭାପତି ଶଙ୍ଖନିଧି ରାଏଗୁରୁ ସଭାରେ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ପବିତ୍ର କୁମାର ସାହୁ ସଭାରେ ସଂଯୋଜନା କରିଥିଲେ। ପାଠାଗାରର ଉପସଭାପତି ସୂର୍ଯ୍ୟନାରାୟଣ ବେହେରା, ବରିଷ୍ଠ ସଭ୍ୟ ମାର୍କଣ୍ଡ ତରିଆ, ଶ୍ୟାମସୁନ୍ଦର ମଲ୍ଲିକ, କେଶବ ବୁଡେକ, ସୁଶାନ୍ତ କୁମାର ନାଏକ, ବୈଦ୍ୟନାଥ ସାହୁ, ରାଜେନ୍ଦ୍ର ମିଶ୍ର, ହେମନ୍ତ ନାଏକ, ଚନ୍ଦ୍ର ଶେଖର ଦଳେଇ, ଚିତ୍ତରଞ୍ଜନ ନାଏକ, ଅଭିମନ୍ୟୁ ବେହେରା, ଗୋବିନ୍ଦ ନାଏକ, ବଳରାମ ମଲ୍ଲିକ ଓ ମାନଭଞ୍ଜନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାନଦୀ ସୁରକ୍ଷାର ବାର୍ତ୍ତା ନେଇ ଗତ ୫୫ ବର୍ଷ ଧରି ଏଠାରେ ନୌଚାଳନା ପ୍ରତିଯୋଗିତା ଆୟୋଜିତ ହୋଇଆସୁଛି ।

## ଜାତୀୟ/ଅନ୍ତର୍ଜାତୀୟ

## ସଂକ୍ଷେପରେ

### ନିରବିଗଲା ଉସ୍ତାଦ ଇମ୍ରତଙ୍କ ସିତାର



ନୂଆଦିଲ୍ଲୀ,୨୩।୧୧(ପି.ଟି.): ଶାସ୍ତ୍ରୀୟ ସଙ୍ଗୀତ ଜଗତର ଜଣାଶୁଣା ଚେହେରା ତଥା ପ୍ରସିଦ୍ଧ ସିତାର ବାଦକ ଉସ୍ତାଦ୍ ଇମ୍ରତ ଖାନ୍‌ଙ୍କ ପରଲୋକ ହୋଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ଦୀର୍ଘବର୍ଷ ହେଲା ସେ ଅସୁସ୍ଥ ଥିଲେ। ହୃଦ୍‌ଘାତ ଯୋଗୁ ଆମେରିକାର ଏକ ହସ୍ପିଟାଲରେ ଗୁରୁବାର ରାତିରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଏନେଇ ଶୁକ୍ରବାର ତାଙ୍କ ପୁଅ ନିଶାତ ଖାନ୍ ସୂଚନା ଦେଇଛନ୍ତି। ଇମ୍ରତ ଖାନ ଥିଲେ ବିଶିଷ୍ଟ ସୀତାରବାଦକ ଉସ୍ତାଦ୍ ବିଲାୟତ୍ ଖାନଙ୍କ ସାନଭାଇ। ଇମ୍ରତଙ୍କ ପୁଅ ନିଶାତ ମଧ ସିତାର ବାଦନ କରନ୍ତି।

### ପଟେଲଙ୍କ ପ୍ରତିମୂର୍ତ୍ତିରୁ ଉଚ୍ଚ ହେବ ଆନ୍ଧ୍ର ବିଧାନସଭା

ନୂଆଦିଲ୍ଲୀ,୨୩।୧୧: ଆନ୍ଧ୍ରପ୍ରଦେଶର ରାଜଧାନୀ ଅମରାବତୀରେ ନିର୍ମାଣ ହେବାକୁ



ଥିବା ରାଜ୍ୟ ବିଧାନସଭାର ଉଚ୍ଚତା ଦେଶର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି (ଷ୍ଟାଚ୍ୟୁ ଅଫ୍ ୟୁନିଟି)ଠାରୁ ମଧ ଉଚ୍ଚ ହେବ। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ଶୁକ୍ରବାର ଏହା ଘୋଷଣା କରିଛନ୍ତି। ଗୁଜରାଟର ନର୍ମଦା ନଦୀକୂଳରେ ନିର୍ମିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ବା ଏକତାର ପ୍ରତିମୂର୍ତ୍ତିର ଉଚ୍ଚତା ହେଉଛି ୧୮୨ ମିଟର। ଏହା ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି। ଆନ୍ଧ୍ରର ନୂଆ ବିଧାନସଭା ସୌଧର ଉଚ୍ଚତା ଏହାଠାରୁ ୬୮ ମିଟର ଅଧିକ ଅର୍ଥାତ ୨୫୦ ମିଟର ରହିବ। ବ୍ରିଟେନର ସ୍ଥପତି ନୋର୍ମା ଫୋଷ୍ଟର୍ସ ଏହାର ନିର୍ମାଣ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଚନ୍ଦ୍ରାବାବୁ ସୂଚନା ଦେଇଛନ୍ତି।

# ପାକିସ୍ତାନରେ ତାଲିବାନ ଆକ୍ରମଣ

ପେଶାଓ୍ୱର,୨୩।୧୧(ପି.ଟି.)

ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱା ପ୍ରଦେଶରେ ଶୁକ୍ରବାର ବଡ଼ଧରଣର ବିସ୍ଫୋରଣ ହୋଇଛି। ଏଥିରେ ୩ ଶିଶୁଙ୍କ ସମେତ ୩୨ ଜଣ ନିହତ ହୋଇଥିଲା ବେଳେ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରି ନ ଥିଲେ ମଧ ଏହା ପଛରେ ତାଲିବାନର ହାତ ଥିବା କୁହାଯାଉଛି ।

ଓରାକଜାଇ ଆଦିବାସୀ ଜିଲାର କଲାୟା ଅଞ୍ଚଳସ୍ଥିତ ବ୍ୟସ୍ତବହୁଳ ଜୁମା ବଜାରରେ ଏକ ଧର୍ମୀୟ କାର୍ଯ୍ୟକ୍ରମ ଚାଲିଥିଲାବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ବଜାରରେ ବିସ୍ଫୋରକ ସାମଗ୍ରୀ ଖଞ୍ଜାଯାଇଥିବା ଏକ ବାଇକ୍‌କୁ ରିମୋଟ କଣ୍ଟ୍ରୋଲ ସାହାଯ୍ୟରେ ବିସ୍ଫୋରଣ କରାଯାଇଥିଲା। ବିସ୍ଫୋରଣ



କଲାୟାସ୍ଥିତ ଜୁମା ବଜାରରେ ବିସ୍ଫୋରଣ ପରର ଦୃଶ୍ୟ।

ସମୟରେ ଲୋକମାନେ ଶୀତବସ୍ତ୍ର ଆଦି କିଣିବାରେ ବ୍ୟସ୍ତ ଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ସଂଖ୍ୟାଲଘୁ ଶିହା ମୁସଲମାନ। ସୂଚନା ଅନୁଯାୟୀ ଜଣେ ଆତ୍ମଘାତୀ ବୋମାଧାରୀ ମୋଟରସାଇକେଲକୁ ଜନଗହଳିପୂର୍ଣ୍ଣ ମାର୍କେଟ ମଧକୁ ନେଇଯାଇ ବିସ୍ଫୋରଣ ଘଟାଇଥିଲେ। ବିସ୍ଫୋରଣ ପରେ ଉକ୍ତ ଅଞ୍ଚଳକୁ ସୁରକ୍ଷା ବାହିନୀ ଘେରୀ ତଦନ୍ତ ଚଳାଇଥିଲାବେଳେ ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହସ୍ପିଟାଲଗୁଡିକରେ ଜରୁରୀ ପରିସ୍ଥିତି ଜାରି କରାଯାଇଛି। ଏହି ଭୟାବହ ଆକ୍ରମଣକୁ ମାନବାଧିକାର ମନ୍ତ୍ରୀ ଶିରୀନ ମଜାରୀ ନିନ୍ଦା କରିବା ସହ ଆଫଗାନିସ୍ତାନରେ ଆମେରିକାର ବିଫଳତାକୁ ଏଥିପାଇଁ ଦାୟୀ କରିଛନ୍ତି। ପ୍ରତି ଶୁକ୍ରବାର ଉକ୍ତ ମାର୍କେଟରେ ଧର୍ମୀୟ

### ଶକ୍ତିଶାଳୀ ବିସ୍ଫୋରଣରେ ୩୨ ନିହତ, ୪୦ ଆହତ

ସମ୍ମିଳନୀ ହୋଇଥାଏ ଏବଂ ଏହା ଏକ ଆତ୍ମଘାତୀ ଆକ୍ରମଣ ବୋଲି ଆସିଷ୍ଟାଣ୍ଟ କମିଶନର ଆବାସ ଖାନ ସ୍ପଷ୍ଟ କରିଛନ୍ତି। ଆଫଗାନିସ୍ତାନ ସୀମାରେ ଅବସ୍ଥିତ ପସ୍ତୁଆନ ଆଦିବାସୀ ଅଞ୍ଚଳର ଓରାକଜାଇ ପୂର୍ବରୁ ଅର୍ଦ୍ଧସ୍ୱୟଂଶାସିତ ଅଞ୍ଚଳ ଥିଲା। ଏହି ଅଞ୍ଚଳରେ ଦୀର୍ଘବର୍ଷ ଧରି ଆଫଗାନିସ୍ତାନରେ ଲଢ଼େଇ କରୁଥିବା ଇସଲାମୀୟ ଆତଙ୍କବାଦୀମାନେ ରହିଆସୁଥିଲେ। ୨୦୦୯ରେ ପାକିସ୍ତାନୀ ସେନା ଉକ୍ତ ସୀମାନ୍ତ ଅଞ୍ଚଳ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା ଏବଂ କେତେକ ଅଞ୍ଚଳକୁ ଆତଙ୍କବାଦମୁକ୍ତ କରିଥିଲା। ଓରାକଜାଇ ଆକ୍ରମଣ ଏବଂ କରାଚୀରେ ଚାଇନା ବାଣିଜ୍ୟିକ ଦୂତାବାସ ଆକ୍ରମଣ ପରେ ଖାଇବର ପଖତୁନଖ୍ୱା ପୋଲିସକୁ ସତର୍କ କରାଯାଇଛି।

### ଦିଲ୍ଲୀରେ ପିଲାଚୋରି ଗୁଜବ
# ୬ ଆଫ୍ରିକୀୟଙ୍କୁ ମାଡ଼

ନୂଆଦିଲ୍ଲୀ,୨୩।୧୧(ପି.ଟି.)

ପିଲାଚୋରି ଗୁଜବକୁ ନେଇ ଦିଲ୍ଲୀରେ ୪ ଜଣ ତାଞ୍ଜାନିଆ ଏବଂ ୨ ନାଇଜେରିଆ ନାଗରିକଙ୍କୁ ଆକ୍ରମଣ ହୋଇଛି। ପୋଲିସ ପହଞ୍ଚି ଉକ୍ତ ଆଫ୍ରିକୀୟ ମହିଳାମାନଙ୍କୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର କରିଥିଲା। ଏହି ମହିଳାମାନେ ପିଲା ଚୋରି କରିନେଉଥିବା ଦ୍ୱାରକା ଅଞ୍ଚଳରେ ଗୁଜବ ପ୍ରଚାର ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଯେଉଁ ପିଲା ଅପହୃତ ହୋଇଛି ବୋଲି କୁହାଯାଉଥିଲା ପ୍ରକୃତରେ ସେ ନିଖୋଜ ହୋଇ ନ ଥିବା ଜଣାପଡିଥିଲା। ପୋଲିସ ଦ୍ୱାରକାର କକରୋଲା ଅଞ୍ଚଳରେ ପହଞ୍ଚି ଆଫ୍ରିକୀୟମାନେ ରହୁଥିବା ଏକ ଘର ବାହାରେ ଲୋକେ ରୁଣ୍ଡ ହୋଇଥିବା ଦେଖିବାକୁ ପାଇଥିଲା। ଆଫ୍ରିକୀୟମାନେ ନରଭକ୍ଷକ ବୋଲି ଗୁଜବ ପ୍ରଚାର ହେବା ପରେ ଏଭଳି ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପରେ ଆଫ୍ରିକୀୟ ମହିଳାଙ୍କୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲା। ଏହାର କିଛି ସମୟ ପରେ ଆଉ ଏକ ପିଲାଚୋରି ଫୋନ କଲ୍ ଆସିଥିଲା। ପିଲାଚୋରି ଅଭିଯୋଗ ମିଛ ବୋଲି ଶେଷରେ ଜଣାପଡିଥିଲା।

### ଜାତିଆଣ ମନ୍ତବ୍ୟକୁ ନେଇ ବିବାଦ
# କ୍ଷମା ମାଗିଲେ ସି.ପି. ଜୋଷୀ

ନୂଆଦିଲ୍ଲୀ/ଜୟପୁର,୨୩।୧୧(ପି.ଟି.)

ବରିଷ୍ଠ କଂଗ୍ରେସ ନେତା ସି.ପି. ଜୋଷୀ ଜାତିଆଣ ମନ୍ତବ୍ୟକୁ ନେଇ ଶୁକ୍ରବାର କ୍ଷମା ମାଗିଛନ୍ତି। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଜୋଶୀଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିବା ସହ ଦୁଃଖ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତାଙ୍କର କ୍ଷମାକୁ ଭାଜପା ଅଗ୍ରାହ୍ୟ କରିଦେଇଛି। ଜୋଷୀଙ୍କ ମନ୍ତବ୍ୟ ଭାରତୀୟ ସଂସ୍କୃତି ଏବଂ ହିନ୍ଦୁଧର୍ମକୁ ଅପମାନିତ କରିଛି ବୋଲି ଭାଜପା କହିଛି।

ଗୁରୁବାର ରାଜସ୍ଥାନରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କଲାବେଳେ ଜୋଷୀ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



ଓ କେନ୍ଦ୍ରମନ୍ତ୍ରୀ ଉମା ଭାରତୀ ହିନ୍ଦୁତ୍ୱ ବିଷୟରେ କିଛି ଜାଣନ୍ତି ନାହିଁ। କେବଳ ବ୍ରାହ୍ମଣମାନେ ହିନ୍ଦୁଧର୍ମ ସମ୍ପର୍କରେ ଶିକ୍ଷା ଗ୍ରହଣ କରିଛନ୍ତି ଏବଂ ଜାଣିଛନ୍ତି। ତେଣୁ ହିନ୍ଦୁ ଧର୍ମ ସମ୍ପର୍କରେ କେବଳ ବ୍ରାହ୍ମଣ ମାନେ କହିପାରିବେ। ବିବାଦ ସୃଷ୍ଟି ହେବାପରେ ସେ ନିଜ ମନ୍ତବ୍ୟରୁ ଓହରି ଯାଇଛନ୍ତି।

# ଲସ୍କରକୁ ପ୍ରହାର

ଶ୍ରୀନଗର,୨୩।୧୧(ପି.ଟି.)

ଜମ୍ମୁ-କାଶ୍ମୀରର ଅନନ୍ତନାଗ ଜିଲାରେ ଶୁକ୍ରବାର ଭୋର ସମୟରେ ପୋଲିସ ଓ ଆତଙ୍କବାଦୀଙ୍କ ମଧ୍ୟରେ ଜୋରଦାର ଗୁଳିବିନିମୟ ହୋଇଛି। ଏହି ଏନକାଉଣ୍ଟରରେ ଲଶ୍କର-ଇ-ତୋଇବା(ଏଲଇଟି)ର ଜଣେ କମାଣ୍ଡରଙ୍କ ସମେତ ୬ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଅନନ୍ତନାଗର ବିଜବେହରା ଅନ୍ତର୍ଗତ ସେତକିପୋରା ଗ୍ରାମରେ ହୋଇଥିବା ଏନ୍‌କାଉଣ୍ଟର ସ୍ଥଳରୁ ୬ଟି ମାରଣାସ୍ତ୍ର ଜବତ ହୋଇଛି।

ଆତଙ୍କବାଦୀମାନେ ସେତକିପୋରାରେ ଲୁଚି ରହିଥିବା ଗୋଇନ୍ଦା ସୂଚନା ମିଳିଥିଲା। ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଚାଲିବା ପରେ ୬ ଆତଙ୍କବାଦୀ ଟଳିପଡିଥିଲେ। ସେମାନଙ୍କ



### ୬ ଆତଙ୍କବାଦୀ ନିପାତ
### ନିହତଙ୍କ ମଧ୍ୟରେ ଶୁଜାତଙ୍କ ହତ୍ୟାକାରୀ

ମଧ୍ୟରେ ଏଲଇଟିର ଶୀର୍ଷ କମାଣ୍ଡର ଆଜାଦ ମଲିକ ଏବଂ ତାଙ୍କର ସହଯୋଗୀ ବସିତ ମିର ରହିଛନ୍ତି। 'ରାଇଜିଂ କାଶ୍ମୀର' ଖବରକାଗଜର ସମ୍ପାଦକ ସୟଦ ଶୁଜାତ ବୁଖାରୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଆତଙ୍କବାଦୀଙ୍କ ମଧ୍ୟରେ ଆଜାଦ ମଲିକ ଅନ୍ୟତମ।

### ଇତିହାସର ଆଇନାରେ
### ନଭେମ୍ବର ୨୪ର ପ୍ରମୁଖ ଘଟଣା

୧୯୭୬ ନଭେମ୍ବର ୨୪ରେ ତୁର୍କୀର ଭ୍ୟାନ୍ ପ୍ରଦେଶ ଅନ୍ତର୍ଗତ କାଲ୍‌ଡିରାନ୍‌ଠାରେ ଭୟଙ୍କର ଭୂକମ୍ପ ସଂଘଟିତ ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୩ ରହିଥିଲା। ଏହାଯୋଗୁ ପାଖାପାଖି ୫୦୦୦ ଲୋକ ପ୍ରାଣ ହରାଇଥିଲେ।

୧୯୬୫ ନଭେମ୍ବର ୨୪ରେ ଯୋସେଫ୍ ଡିଜାୟାର୍ ମୋବୁଟୁ କଙ୍ଗୋରେ କ୍ଷମତା ଦଖଲ କରିବା ସହ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ହୋଇଥିଲେ। ୧୯୬୦ ଦଶକରେ ଦେଶରେ ଦେଖାଦେଇଥିବା ସଙ୍କଟ ସମୟରେ ଯୋସେଫ୍ ସେନାମୁଖ୍ୟ ହୋଇଥିଲେ। ପରେ ସେ ନ୍ୟାଶ୍‌ନାଲିଷ୍ଟ ସରକାରକୁ ଗାଦିଚ୍ୟୁତ ଲାଗି ଉଦ୍ୟମ କରିଥିଲେ।

# ୭୦ ସୈନ୍ୟ ନିହତ

ଲାଗୋସ୍,୨୩।୧୧(ପି.ଟି.)
ନାଇଜେରିଆର ଉତ୍ତର-ପୂର୍ବାଞ୍ଚଳରେ ଥିବା ବୋର୍ନୋରେ ଦୁର୍ଦ୍ଦାନ୍ତ ବୋକୋ ହାରାମ୍ ଆତଙ୍କବାଦୀମାନେ ଘଟାଇଛନ୍ତି ଆକ୍ରମଣ। ଏକ ସେନା ଶିବିର ଉପରେ ଗୁଳିମାଡ଼ କରିବା ସହ ୭୦ ସୈନ୍ୟଙ୍କୁ ସେମାନେ ହତ୍ୟା କରିଛନ୍ତି। ନିକଟରେ ଘଟିଥିବା ଏହି ଘଟଣା ସମ୍ପର୍କରେ ଶୁକ୍ରବାର ଜିନ୍‌ହୁଆ ନ୍ୟୁଜ୍ ଏଜେନ୍ସି ସୂତ୍ରରୁ ପ୍ରକାଶ। ଖବର ମୁତାବକ ବୋକୋ ହାରାମ୍ ଆତଙ୍କବାଦୀମାନେ ମିଲିତ୍ ଅଞ୍ଚଳରେ ଥିବା ୧୫୭ ଟାସ୍କଫୋର୍ସ ବାଟାଲିୟନ୍‌କୁ ଟାର୍ଗେଟ୍ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୪ ନଭେମ୍ବର, ୨୦୧୮

ଯେଉଁଠାରେ ଆତ୍ମବଡ଼ିମା ଶେଷ ହୋଇଯାଏ,
ସେହିଠାରୁ ମହତ୍ତ୍ୱ ଆରମ୍ଭ ହୁଏ।
- ସେକ୍ସପିୟର



## ସଂକ୍ଷେପରେ

### ପଲ୍ଲୀଶ୍ରୀମେଳାରେ ହକି ବିଶ୍ୱକପ୍‌ର ସିଧାପ୍ରସାରଣ ବ୍ୟବସ୍ଥା

ସମ୍ବଲପୁର, ୨୩।୧୧ (ବ୍ୟୁରୋ) ଅଇଁଠାପାଲି ପିଏଚଡି ପଡିଆରେ ଚାଲିଥିବା ପଲ୍ଲୀଶ୍ରୀ ମେଳା ଆସନ୍ତା ୨୮ ତାରିଖ ଉଦ୍‌ଯାପିତ ହେବ। ତେବେ ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବର ସିଧାପ୍ରସାରଣ ବ୍ୟବସ୍ଥା ପଲ୍ଲିଶ୍ରୀ ମେଳାରେ କରାଯାଇଛି । ଏଠାରେ ଲୋକେ ହକି ବିଶ୍ୱକପ୍ ଦେଖି ପାରିବେ । ଜିଲା ପ୍ରଶାସନ ପକ୍ଷରୁ ଏକ ବଡ ଏଲଇଡି ଟିଭିର ବ୍ୟବସ୍ଥା କରାଯାଇଛି । ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ କ୍ରୀଡା ପ୍ରେମୀ ଓ ଜନସାଧାରଣ ସିଧା ପ୍ରସାରଣ ଦେଖିପାରିବେ।

### ୧୫୦୦ ଟଙ୍କା ଭତ୍ତା ଦିଅ

ସମ୍ବଲପୁର,୨୩।୧୧(ବ୍ୟୁରୋ) ମାନେଶ୍ୱର ବ୍ଲକ୍ ଧମା ଠାରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା । ଧମାର ଲାଲମଣି ଲୁଗୁନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଆପ ନେତା ଆନନ୍ଦ ସାମଲ, ବୀରେନ୍ଦ୍ର ପାଣିଗ୍ରାହୀ, ଭୂପେନ ସାହୁ, ମେହଫୁଜ ଆଲାମ, ଆଲ୍ଲାଉଦ୍ଦିନ ସିଦ୍ଦିକୀ, ସଞ୍ଜୟ ବିଶ୍ୱାଳ ଯୋଗ ଦେଇ ଉପସ୍ଥିତ ଥିଲେ । ଦିଲ୍ଲୀ ଭଳି ଓଡ଼ିଶାରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ସାମାଜିକ ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ହେବା ଅବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଏହା ସହ ୩ ଶହ ଟଙ୍କା ଭତ୍ତା ପାଇ ବିଧବା, ଦିବ୍ୟାଙ୍ଗ ଏବଂ ଅସହାୟମାନେ ଚଳିବା ପାଇଁ କଷ୍ଟକର ହୋଇଛି । ତେଣୁ ଅତି କମ୍‌ରେ ୧୫୦୦ ଟଙ୍କା ଭତ୍ତା କରାଯିବାକୁ ଦାବି କରାଯାଇଛି।

### ରୋହିତ-ଆଶଫ ମୁହାଁମୁହିଁ

ସମ୍ବଲପୁର,୨୩।୧୧(ବ୍ୟୁରୋ) ଯୁଯୁମୁରା ଡଙ୍ଗାପାଲ ଗ୍ରାମରେ ନାବକେଳି ଉତ୍ସବରେ ଯୋଗଦେବାକୁ ଯାଇ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଓ କଂଗ୍ରେସ ନେତା ଆଶଫ ଅଲୀଖାନ ମୁହାଁମୁହିଁ ହୋଇଛନ୍ତି । ବିଧାୟକ ଫେରିବାବେଳେ ଆଶଫ ଡଙ୍ଗାପାଲ ଯାଉଥିଲେ। ଭିଡ ଭିତରେ ଉଭୟଙ୍କ ଗାଡି ରହିଥିଲା । ପ୍ରଥମେ ରୋହିତ ଗାଡିରୁ ଓହ୍ଲାଇ ଆଶଫଙ୍କ ସହ ହାତ ମିଳାଇବାକୁ ଚାହିଁଥିଲେ। ହେଲେ ଆଶଫ ମନା କରି ଦେଇଥିଲେ। ବିଧାୟକ କହିଛନ୍ତି ଯେ ବିଜେଡି କର୍ମୀଙ୍କୁ ଧମକ ଦିଆଯାଉଛି। ସେମାନଙ୍କୁ ଏଭଳି ଆଚରଣ କଲେ ସେ ପ୍ରତିବାଦ କରିବେ। ଧମକ ଚମକ ଦେଇ ଦଳରେ ସାମିଲ କଲେ କିଛି ଲାଭ ମିଳିବ ନାହିଁ । ଲୋକଙ୍କ କାମ କରିବା ପାଇଁ ନେତା ହେବା ଦରକାର ବୋଲି ସେ କହିଥିଲେ । ଆଶଫ କହିଛନ୍ତି ଯେ କୌଣସି କର୍ମୀଙ୍କୁ ଧମକ ଦିଆଯାଇ ନାହିଁ ।

# ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼

**କାର୍ତ୍ତିକ ପୂର୍ଣ୍ଣିମା**

ଦେବଗଡ଼, ୨୩।୧୧(ସ୍ୱ.ପ୍ର.)

ଦେବଗଡ ସହର ସମେତ ଜିଲାର ପୁରପଲ୍ଲୀର ବିଭିନ୍ନ ଶୈବପୀଠରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଶୁକ୍ରବାର ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ପୌରାଞ୍ଚଳସ୍ଥିତ ମୋହିନୀପୁର ଗ୍ରାମ ନିକଟସ୍ଥ ପ୍ରସିଦ୍ଧ ଝାଡେଶ୍ୱର ମନ୍ଦିର, ଗୋପାଳଜୀଉ ମନ୍ଦିର, ପ୍ରଧାନପାଟର ଚମ୍ପକେଶ୍ୱର ମନ୍ଦିର, ଶାସନସାହି ଗୋକର୍ଣ୍ଣେଶ୍ୱର ମନ୍ଦିରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ବିଶେଷକରି ପ୍ରସିଦ୍ଧ ଝାଡେଶ୍ୱର ମନ୍ଦିରରେ ଦର୍ଶନାର୍ଥୀଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଦେବଗଡ ଅନନ୍ୟ ପରମ୍ପରା ମୁତାବକ ସହର ସମେତ ଆଖପାଖ ଅଞ୍ଚଳର ସମସ୍ତ ପରିବାର ଲୋକ ଭୋଜି ପାଇଁ ପ୍ରସିଦ୍ଧ ଝାଡେଶ୍ୱର ମନ୍ଦିରରେ ପ୍ରବଳ ଭିଡ ଜମିଥିଲା। ଏଥିପାଇଁ ଆଖପାଖ ଅଞ୍ଚଳର ବ୍ୟବସାୟୀମାନେ ବିଭିନ୍ନ ପ୍ରକାରର ପୂଜା ସାମଗ୍ରୀ ଦୋକାନ, ଖେଳନା, ଜଳଖିଆ ଦୋକାନ, ବେଲୁନ, ପେଁକାଳୀ ଦୋକାନ, ଚାଟ୍, ଆଇସକ୍ରୀମ୍ ଆଦି ବିଭିନ୍ନ ଅସ୍ଥାୟୀ ଦୋକାନ ଖୋଲିଥିଲେ । ଏହି ପବିତ୍ର ପର୍ବ ଅବସରରେ ସକାଳୁ ଶତାଧିକ ପୁରୁଷ, ମହିଳା, ଶିଶୁ ସମସ୍ତେ ନିଜ ପରିବାର ସହିତ ସ୍ଥାନୀୟ ଗୋହିରୀବନ୍ଧ, ଶନିକଟା, କଚେରୀବନ୍ଧ, ବାଲିଆପିଟାନାଳ ଏହିପରି ବିଭିନ୍ନ ଜଳାଶୟରେ କଦଳୀ ଗଛର ପଟୁଆ ତଥା ବିଭିନ୍ନ କିସମରେ ନିର୍ମିତ ଡଙ୍ଗାକୁପାନ, ଗୁଆ, ଦୀପ, ଧୂପ, ଭୋଗ ତଥା ଦକ୍ଷିଣା ସହ ଡଙ୍ଗା ଭସାଇ, ମାସକ ଧରମ ମୋର ଗୀତ ଗାଇ ବୋଇତ ବନ୍ଦାଣ ଉତ୍ସବ ପାଳନ ସହ ଆନନ୍ଦ ସହକାରେ ଦେବଦର୍ଶନ କରିଥିଲେ । ଅନ୍ୟପକ୍ଷେ ଏହି ଉତ୍ସବ ପାଇଁ ଶୁକ୍ରବାର ଦେବଗଡ ସହର ଏକ ପ୍ରକାର ଶୂନଶାନ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ହବିଶ୍ୟାଳିମାନେ ଅଳଁନବମୀରୁ ପଞ୍ଚୁକ ବ୍ରତ ପାଳନ କରି ଶୁକ୍ରବାର ସକାଳୁ ବିଭିନ୍ନ ଦେବାଦେବୀଙ୍କ ଦର୍ଶନ କରି ବ୍ରତ ସମାପନ କରିଥିଲେ । ସେହିପରି ରାହାସ ପୂର୍ଣ୍ଣିମା ଉପଲକ୍ଷେ ଭିତିରିଆ ସାହି ର ଗୋପିକିଶୋର ଏସୋସିଏସନ ତରଫରୁ ଶୁକ୍ରବାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ରେକର୍ଡ ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭକ୍ତମାନେ ମନ୍ଦିରକୁ ଯାଉଛନ୍ତି।

## ଦେବଗଡକୁ ନିଶାମୁକ୍ତ ପାଇଁ ସଂକଳ୍ପ

ଦେବଗଡ,୨୩।୧୧(ସ୍ୱ.ପ୍ର.)

ଦେବଗଡ଼ ହେବ ନିଶାମୁକ୍ତ। ଏଥିପାଇଁ ମିଳିତ ଓଡିଶା ନିଶାନିବାରଣ ଅଭିଯାନ ସଂକଳ୍ପ ନେଇଛି। ଶୁକ୍ରବାର ବାରକୋଟ ବ୍ଲକ ଗୋଳାବନ୍ଧ ଗ୍ରାମରେ ମହିଳାମାନେ ଏକ ସଚେତନତା ଶୋଭାଯାତ୍ରା କରିବା ସହ ସଭା କରିଥିଲେ। ଅଭିଯାନର ଦେବଗଡ ଶାଖା ତରଫରୁ ନିଶା ବିରୋଧୀ ସଂଗ୍ରାମୀ ଡୋଳାକର ଭୋଇ, ଇଂ. ହିରାଧର ସାହୁ, ବିଶ୍ୱନାଥ ସ୍ୱାଇଁ, ସଞ୍ଜୟ ନାୟକ୍, ଦାସରଥି କିଶାନ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ଶ୍ରୀ ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳିତ

ଦେବଗଡ,୨୩।୧୧(ସ୍ୱ.ପ୍ର) ଦେବଗଡ ସତ୍ୟସାଇ ସେବା ସମିତି ତରଫରୁ ସ୍ଥାନୀୟ ମା କନକ ଦୁର୍ଗା ମନ୍ଦିର ସନ୍ନିକଟସ୍ଥ ସାଇ ମନ୍ଦିରରେ ଶ୍ରୀ ସତ୍ୟସାଇ ବାବାଙ୍କ ୯୩ତମ ଜନ୍ମଜୟନ୍ତୀ ମହାସମାରୋହରେ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ଓଁକାର ସୁପ୍ରଭାତମ୍ ସହ ଏକ ସୁସଜ୍ଜିତ ଘୋଡା ସବାରୀ ଗାଡିରେ ବାବାଙ୍କ ସଂକୀର୍ତ୍ତନ ସହ ନଗର ପରିକ୍ରମା ଓ ପରେପରେ ସାଇ ପତାକା ଉତ୍ତୋଳନ କରାଯାଇଥିଲା ।

## ଗୁରୁନାନକ ଜୟନ୍ତୀ ଶୋଭାଯାତ୍ରା

ସମ୍ବଲପୁର, ୨୩।୧୧ (ବ୍ୟୁରୋ)

ଶିଖ ସଂପ୍ରଦାୟ ପକ୍ଷରୁ ଗୁରୁନାନକ ଜୟନ୍ତୀ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭଜନ, କୀର୍ତ୍ତନରେ ମୁଦିପଡା ସମେତ ବିଭିନ୍ନ ଗୁରୁଦ୍ୱାରା ପରିସର ମୁଖରିତ ହୋଇଥିଲା । ଅପରାହ୍ନ ୪ଟାରେ ଭବ୍ୟ ଶୋଭାଯାତ୍ରା ବାହାରି ମୁଦିପଡା ଛକ, ହସ୍ପିଟାଲ ରୋଡ, ଚର୍ଚ୍ଚ ଛକ, ଫାଟକ, ବୁଢ଼ାରଜା ରୋଡ, ଅଇଁଠାପାଲି ପରିକ୍ରମା କରି ପାଞ୍ଚଗୁଛିଆ ଠାରେ ପହଞ୍ଚିଥିଲା। ଶିଖ ସଂପ୍ରଦାୟର ଶହସ୍ରାଧିକ ଭକ୍ତ, ଗୁରୁନାନକ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ସାମିଲ ଥିଲେ। ବିଭିନ୍ନ ଛକରେ ଭକ୍ତମାନେ ଗ୍ରନ୍ଥ ସାହେବକୁ ଭକ୍ତି ଅର୍ପଣ କରିଥିଲେ। ଏଥିସହ ପଞ୍ଚପ୍ୟାରାଙ୍କୁ ପୁଷ୍ପ ଅର୍ପଣ କରିଥିଲେ । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଭୀମଭୋଇ ନଗର ଛକଠାରେ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ । ଏଥିସହ ଗ୍ରନ୍ଥ ସାହେବରେ ପୁଷ୍ପ ଅର୍ପଣ କରିଥିଲେ। ଶୋଭାଯାତ୍ରା ଯାଉଥିବା ରାସ୍ତାରେ ମହିଳା ଓ ବାଳିକା ଭକ୍ତମାନେ ସଫେଇ କରିଥିଲେ। ସେହିପରି ଶିଖ ଯୁବତୀ, ଯୁବକମାନେ ଦୁଃଶାହସିକ କ୍ରୀଡା ପ୍ରଦର୍ଶନ କରିଥିଲେ ।

## ମହାନଦୀ ଘାଟରେ ଦୀପଦାନ

ସମ୍ବଲପୁର, ୨୩।୧୧(ବ୍ୟୁରୋ)- କାର୍ତ୍ତିକ ପୂର୍ଣ୍ଣିମାରେ ସମ୍ବଲପୁର ମହାନଦୀର ବିଭିନ୍ନ ଘାଟ ଓ ବନ୍ଧଗୁଡିକରେ ଭକ୍ତମାନେ ଦୀପ ଦାନ କରିଛନ୍ତି । ପ୍ରାତଃ ସାଢ଼େ ୪ଟାରୁ ମହାନଦୀ ଅଯୋଧ୍ୟା ସରୋବର, ନନ୍ଦପଡା, ଝାଡୁଆପଡା, ବାଲିବନ୍ଧ, ସଡକ ଘାଟରେ ଲୋକେ ବୁଡ ପକାଇ ମହାନଦୀରେ ଦୀପ ଦାନ କରିଥିଲେ। ମହାନଦୀ ରିଂ-ରୋଡ ବିଭିନ୍ନ ଘାଟ ସମ୍ମୁଖରେ ରଙ୍ଗିନ ଆଲୋକମାଳା ଓ ଆତସବାଜିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ସେହିପରି ଝାଡୁଆପଡା, ବୁଦ୍ଧହିଲ୍, ତଅଁଲାପଡା ସମେତ ବିଭିନ୍ନ ପଡା ଗୁଡିକରେ ନାମଯଜ୍ଞ ପୂର୍ଣ୍ଣାହୁତି ହୋଇଛି । ବାଲିବନ୍ଧା ସୋମନାଥ ବାବା, ବୁଢ଼ାରଜା ମହାଦେବ, ମୁଦିପଡା ଜାଗେଶ୍ୱର ବାବା, ଝାଡୁଆପଡା ଲୋକନାଥ ବାବା, ନନ୍ଦପଡା ବାଲୁଙ୍କେଶ୍ୱର ବାବା, ବଡବଜାର ଶୀତଳେଶ୍ୱର ବାବା, ଠାକୁରପଡା ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଗୁଡେଶ୍ୱର ବାବା, ସମଲେଶ୍ୱରୀ, ପାଟଣେଶ୍ୱରୀ ପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା । ଅପରପକ୍ଷେ ରୀତିନୀତି ଓ ପରମ୍ପରାରେ ଝାଡୁଆପଡା ବ୍ରହ୍ମପୁରା ମନ୍ଦିରରେ ଧ୍ୱଜାରୋହଣ କରାଯାଇଛି ।

# ନେକ୍ସା ଏରଟିଗାର ବଜାର ପ୍ରବେଶ

ସମ୍ବଲପୁର, ୨୩।୧୧ (ବ୍ୟୁରୋ)

ସୁଜୁକି କମ୍ପାନୀର ନୂତନ ଚାରି ଚକିଆ ଯାନ ନେକ୍ସା ଏରଟିଗା ଶୁକ୍ରବାର ସମ୍ବଲପୁରରେ ବଜାର ପ୍ରବେଶ କରିଛି । ରେମେଡ ନିକଟସ୍ଥ ନେକ୍ସା ଶୋରୁମ୍‌ଠାରେ ଅତିଥିମାନେ ଏରଟିଗା ଉନ୍ମୋଚନ କରିଥିଲେ। ଯୋଗେଶ ଜଲାନ୍, ନିର୍ଦ୍ଦେଶକ ରୁଚି ଜଲାନ୍, ଏସବିଆଇ ଏଜିଏମ୍ ଏସ. ଚନ୍ଦ୍ର ସାହୁ, ଉଦୟ ତିୱାରୀ, ସେଲ୍ସ ମ୍ୟାନେଜର ପ୍ରଦୀପ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଶୋରୁମ୍‌ରେ ରେଡ୍, ଗ୍ରେ, ବ୍ଲୁ, ହ୍ୱାଇଟ୍ ଓ ସିଲଭର୍ ରଙ୍ଗର ଗାଡି ଉପଲବ୍ଧ ରହିଛି । ପେଟ୍ରୋଲ ଭର୍ସନ ଗାଡିର ସର୍ବନିମ୍ନ ମୂଲ୍ୟ ୭ଲକ୍ଷ ୪୪ହଜାର ଟଙ୍କା ରହିଥିବା ବେଳେ ସର୍ବାଧିକ ୯ଲକ୍ଷ ୯୫ ହଜାର ରହିଛି । ସେହିପରି ଡିଜେଲ୍ ଭର୍ସନ ଏରଟିଗା କାରର୍ ମୂଲ୍ୟ ସର୍ବନିମ୍ନ ୮ ଲକ୍ଷ ୮୪ ହଜାର ଟଙ୍କା ରହିଥିବା ବେଳେ ସର୍ବାଧିକ ୧୦ ଲକ୍ଷ ୯୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି ।




ଶୁକ୍ରବାର ସମ୍ବଲପୁର ରେମେଡ ନିକଟସ୍ଥ ନେକ୍ସା ଶୋ ରୁମ୍‌ଠାରେ ଅତିଥିମାନେ ଏରଟିଗା କାରର ବଜାର ପ୍ରବେଶ କରାଉଛନ୍ତି ।

# ଜିଏମୟୁରେ ସଚେତନତା ଅଭିଯାନ

ସମ୍ବଲପୁର, ୨୩।୧୧ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ ଏନସିସି ପକ୍ଷରୁ ନିଶା ନିବାରଣ ସଚେତନତା ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏନସିସି ପଞ୍ଚମ ଓଡିଶା ବାଟାଲିୟନ ଲେଫ୍ଟନାଣ୍ଟ କଲୋନେଲ କେ.ଏସ. ବିଷ୍ଟ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଏମୟୁ ଏନସିସି ସିଟିଓ ଡ. ରାକେଶ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଚେତନତା ସଭା ପରେ ରୋଗ ଓ ମୃତ୍ୟୁର ଆକଳନ ଶୀର୍ଷକ କ୍ଷୁଦ୍ର ନାଟକ ପ୍ରଦର୍ଶିତ ହୋଇଥିଲା । ଏହି ନାଟକ ମାଧ୍ୟମରେ ଯୁବକମାନଙ୍କୁ ନିଶା ନିବାରଣ ବିଷୟରେ ସଚେତନ କରାଯାଇଛି ।

## କାର୍ଯ୍ୟରେ ଯୋଗଦେଲେ ଚତୁର୍ଥ ଶ୍ରେଣୀ କର୍ମଚାରୀ

ସମ୍ବଲପୁର,୨୩।୧୧(ବ୍ୟୁରୋ)

ବୁର୍ଲା ଭିମ୍‌ସାରରେ ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ସମାଧାନ ହୋଇ ପାରୁନାହିଁ । ଶୁକ୍ରବାର ବ୍ରହ୍ମପୁର ଓ କଟକ ମେଡିକାଲ ଜୁନିୟର ଡାକ୍ତର ସଂଘ କଲାବ୍ୟାଜ ପିନ୍ଧି ଭିମ୍‌ସାର ଜୁନିୟର ଡାକ୍ତରଙ୍କ ଆନ୍ଦୋଳନକୁ ସମର୍ଥନ କରିଛନ୍ତି । ତେବେ ଜୁନିୟର ଡାକ୍ତରଙ୍କ ଆନ୍ଦୋଳନକୁ ସମର୍ଥନ କରି କାର୍ଯ୍ୟବନ୍ଦ କରିଥିବା ଭିମ୍‌ସାରର ଚତୁର୍ଥ ଶ୍ରେଣୀ କର୍ମଚାରୀ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଗୁରୁବାର ସେମାନଙ୍କୁ କାର୍ଯ୍ୟରୁ ବହିଷ୍କାର କରି ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ପାଇଁ ସ୍ଥିର ହୋଇଥିଲା ।

## ଯୁଯୁମୁରାରେ ରାହାସ ଯାତ୍ରା

ସମ୍ବଲପୁର,୨୩।୧୧(ବ୍ୟୁରୋ)

ଯୁଯୁମରାରେ ଶୁକ୍ରବାର ରାହସ ଯାତ୍ରା ପାଳନ ହୋଇଛି। ସେହିଭଳି ନିକଟସ୍ଥ ଡଙ୍ଗାପାଳରେ ନାବକେଳି ଓ କଂସ ଦରବାର ମୁଖ୍ୟ ଆକର୍ଷଣ ରହିଥିଲା। ଚଳିତ ବର୍ଷ ଯୁଯୁମୁରା ରାହାସ ଯାତ୍ରା ୨୦୧ ବର୍ଷରେ ପଦାର୍ପଣ କରିଛି । ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମି ଉଠିଥିଲେ। ସମ୍ବଲପୁରର ହାସ୍ୟ କଳାକାର ଯୋଗେଶ ଯୋଯୋ ମୁଖ୍ୟ ଅକାର୍ଷଣ ଥିଲେ। ସେହିପରି ରୁକୁ ସୁନାଙ୍କ ଦଳର ସମ୍ବଲପୁରୀ ଗୀତ ଦର୍ଶକଙ୍କ ମନ ମୋହିଥିଲା। ଅପରାହ୍ନରୁ ରାତି ସାରା ବିଭିନ୍ନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଭବାନୀ ସିଂ, କିରଣ ପ୍ରଧାନ, ରମେଶ ବିଶ୍ୱାଳ, ମଣ୍ଟୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟ ପଟେ ନିକଟସ୍ଥ ଡଙ୍ଗାପାଳ ଗ୍ରାମରେ କଂସ ଦରବାର ଓ ଶୋଭାଯାତ୍ରା ସହ ନାବକେଳି ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୩ଟାରେ କଂସ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଘଣ୍ଟ, ଶଙ୍ଖ, ଦୁଲଦୁଲି, ଡିଜେ ସାଉଣ୍ଡ, କିନ୍ନର ନୃତ୍ୟ ସାମିଲ ହୋଇଥିଲା। ଶୋଭାଯାତ୍ରା ପରେ ଗାଁ କଟାରେ ନାବକେଳି ପରିବେଷଣ ହୋଇଥିଲା। ସୁଶୀଲ ବିଶ୍ୱାଳ, କିରଣ ପ୍ରଧାନ, ବିକାଶ ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

**ସୂର୍ଯ୍ୟମୁଖୀ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ**

ଚଳିତ ରବି ଋତୁରେ ବରଗଡ଼ ଜିଲ୍ଲାରେ ଧାନ ଚାଷ ବଦଳରେ ସୂର୍ଯ୍ୟମୁଖୀ ଚାଷ ବହୁଳ ଭାବରେ କରିବା ପାଇଁ କୃଷି ବିଭାଗ ତରଫରୁ ସ୍ଥିର କରାଯାଇଛି। ଏଥିପାଇଁ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ହାଇବ୍ରିଡ୍ ସୂର୍ଯ୍ୟମୁଖୀ ବିହନ, ଅଣୁସାର (ବୋରନ) ଓ ପୋକମରା ଔଷଧ ମାଗଣାରେ ଯୋଗାଇ ଦିଆଯିବ ଏବଂ ଅମଳ ପରେ ସୂର୍ଯ୍ୟମୁଖୀ ମଞ୍ଜିକୁ ସରକାରଙ୍କ ତରଫରୁ ମଣ୍ଡି ଖୋଲାଯାଇ କେ.ଜି. ପ୍ରତି ୫୪.୦୦ଟଙ୍କା ଦରରେ କ୍ରୟ କରାଯିବ। ଏଣୁ ଏହି ଚାଷ ବହୁଳ ଭାବେ କରିବା ପାଇଁ ବରଗଡ଼ ଜିଲ୍ଲାର ଚାଷୀ ଭାଇମାନଙ୍କୁ ଅନୁରୋଧ ।

ସ୍ୱା./- କୃଷି ଉପନିର୍ଦ୍ଦେଶକ, ବରଗଡ଼

**ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର - ସଂସ୍କରଣ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବରପାଲି**

ସମସ୍ତ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଅଛି।

- ପ୍ରତ୍ୟେକ ୱାର୍ଡ଼ର ପରିବେଶକୁ ସଫାସୁତୁରା ରଖିବା ସହିତ ଅଳିଆ ଆବର୍ଜନାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ।
- ରାସ୍ତାକଡ଼ ଓ ସର୍ବସାଧାରଣ ସ୍ଥାନରେ ଇଟା, ବାଲି, ପଥର ଓ ଗୋଡ଼ି ପ୍ରଭୃତି ଜମାକରି ସର୍ବସାଧାରଣଙ୍କ ଯାତାୟାତ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ନିର୍ଦ୍ଦିଷ୍ଟ ସମୟ କିମ୍ବା ପୂର୍ବରୁ ପରିଷଦର ସମସ୍ତ ବକେୟା ଟିକସ ପୈଠ କରନ୍ତୁ।
- ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ କରାନ୍ତୁ।
- ଏନ୍.ଏ.ସି. ଦ୍ୱାରା ସୁଲଭ ମୂଲ୍ୟରେ CESS POOL ମେଶିନ୍ ଓ ଟ୍ୟାଙ୍କର ଯୋଗେ ପାଣିର ସୁବିଧା ଯୋଗାଇ ଦିଆଯାଉଅଛି।
- ନିଜ ଗୃହର ନିର୍ମାଣ ପୂର୍ବରୁ ସମ୍ପୂର୍ଣ୍ଣ ଗୃହର ନକ୍ସା-ମଞ୍ଜୁରୀ (Approval) କରାଇ ନିଅନ୍ତୁ।
- ପଲିଥିନ ବ୍ୟବହାର ବନ୍ଦ କରନ୍ତୁ ଓ ପରିବେଶର ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରାନ୍ତୁ।
- ପରିଷଦ ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ।

ଶ୍ରୀ ଭାଗୀରଥୀ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ | ଶ୍ରୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଉପାଧ୍ୟକ୍ଷ | ଶ୍ରୀମତୀ ମୀନା ସେଠ୍, ଅଧ୍ୟକ୍ଷା
ଶ୍ରୀ ଅଚ୍ୟୁତାନନ୍ଦ ପଣ୍ଡା, କାଉନସିଲର, ୱାର୍ଡ଼ନଂ -୧ | ସୁଖି ବେହେରା, କାଉନସିଲର, ୱାର୍ଡ଼ ନଂ-୨ | ଶ୍ରୀ ଅଶ୍ୱିନୀ କୁମାର ପରିଡ଼ା, କାଉନସିଲର, ୱାର୍ଡ଼ ନଂ-୪
ଶ୍ରୀମତୀ ଗାୟତ୍ରୀ ରାଉତ, କାଉନସିଲର, ୱାର୍ଡ଼ ନଂ-୬ | ଶ୍ରୀ ଭୋଜରାଜ ବେହେରା, କାଉନସିଲର, ୱାର୍ଡ଼ ନଂ-୭ | ଶ୍ରୀ ଅନନ୍ତ ମେହେର, କାଉନସିଲର, ୱାର୍ଡ଼ ନଂ-୮
ଶ୍ରୀମତୀ ରେବତୀ ଭୁଏ, କାଉନସିଲର, ୱାର୍ଡ଼ ନଂ-୯ | କୁମାରୀ ବାସନ୍ତି ଭୋଇ, କାଉନସିଲର, ୱାର୍ଡ଼ ନଂ-୧୦ | ଶ୍ରୀମତୀ ବବିତା ରଣା, କାଉନସିଲର, ୱାର୍ଡ଼ ନଂ-୧୧

ଓ ପରିଷଦର କର୍ମଚାରୀ ବୃନ୍ଦ

## ଓଡ଼ିଶା ସରକାର
## ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No.- L.A.I.-19/2018-726 Dated: 8.11.18

No.: VII-31: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର - ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- କାଦୋଡିହି, ଥାନା- ବଣେଇ, ନଂ.-୨୦୭, ତହସିଲ- ଲହୁଣୀପଡ଼ା, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ - ୨୦୧୩ (RFCTLAR & R Act. 2013)ର ଧାରା୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ - ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ - ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 15536, Dt.30.04.2018 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ :

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
| ସୁନ୍ଦରଗଡ଼ | ଲହୁଣୀପଡ଼ା | କାଡ଼ୋଡିହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨୪.୫୩୦ | ଏ୭.୯୭୦ | ଏଥି ସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼

**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ଓସାରିଆ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁଥିବା ରୟତି ଜମିର ତଫସିଲ**

**ମୌଜା: କାଦୋଡିହି, ତହସିଲ: ଲହୁଣୀପଡ଼ା, ଥାନା: ବଣାଇ, ଥାନା ନଂ.- ୨୦୭, ଜିଲ୍ଲା: ସୁନ୍ଦରଗଡ଼**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂ-ଅର୍ଜନ ରକବା | ହଳ କିସମ | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୨ | ୧୪୦ (ସ୍ଥ) | ୦.୫୩୦ | ୦.୦୨୦ | ଗୋଡ଼ା ଦୁଇ | ଡିମୁ କିଶାନ, ପି.- ରବି କିଶାନ, ଭୁନ୍ଦୁ କିଶାନ, ପି.- ବାନେ କିଶାନ, ଜା: କିଶାନ, ବା: ନିଜଗାଁ। |
| ୨ | ୧୪ | ୩୩୨ (ସ୍ଥ) | ୦.୩୭୦ | ୦.୨୫୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.- ପଞ୍ଚୁ ମାହାନ୍ତ, ପାର୍ବତୀ ମାହାନ୍ତ, ସ୍ୱା. ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ମଧୁପୁର। |
| ୩ | ୧୫ | ୩୩୩ (ସ୍ଥ) | ୦.୧୩୦ | ୦.୦୮୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.- ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୪ | ୧୬ | ୧୩୬ (ସ୍ଥ) | ୦.୧୬୦ | ୦.୦୨୦ | ଘରବାରି | ଧନିଆଁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୭ (ସ୍ଥ) | ୦.୩୭୦ | ୦.୦୬୦ | ଘରବାରି | |
| | | ୩୬୯ (ସ୍ଥ) | ୦.୮୨୦ | ୦.୧୮୦ | ମାଳ ସାଧାରଣ | |
| ୫ | ୧୮ | ୩୬୫ (ସ୍ଥ) | ୦.୯୬୦ | ୦.୧୮୦ | ମାଳ ସାଧାରଣ | ଧରୁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୬ | ୧୯ | ୨୭୪ (ସ୍ଥ) | ୦.୫୮୦ | ୦.୧୮୦ | ମାଳ ସାଧାରଣ | ଧିରେଶେନ ପାତ୍ର, ପି.- ଠୁରୁ ପାତ୍ର, ଜା: ପାଣ, ବା: କୁର୍ଡ଼ା |
| ୭ | ୨୧ | ୩୬୪ (ସ୍ଥ) | ୦.୫୦୦ | ୦.୦୮୦ | ମାଳ ସାଧାରଣ | ନବୀନ କିସାନ, ପଞ୍ଚୁ ମାହାନ୍ତ, ପି.- ପଟୁଆ ମାହାନ୍ତ, ଜା: ମାହାନ୍ତ, ବା: ଶରଧାପୁର |
| | | ୩୭୧ (ସ୍ଥ) | ୦.୭୦୦ | ୦.୨୨୦ | ମାଳ ସାଧାରଣ | |
| | | ୩୭୪ (ସ୍ଥ) | ୩.୦୯୦ | ୦.୯୦୦ | ମାଳ ସାଧାରଣ | |
| ୮ | ୨୩ | ୧୩୨ | ୦.୪୭୦ | ୦.୪୭୦ | ବେର୍ଣ୍ଣା ସାଧାରଣ | ପଞ୍ଚୁ ମାହାନ୍ତ, ପି.- ମାଧ ମାହାନ୍ତ, ଜା: ମାହାନ୍ତ, ବା: ବଳ ଡିହି |
| | | ୧୪୮ (ସ୍ଥ) | ୧.୦୯୦ | ୦.୩୦୦ | ବେର୍ଣ୍ଣା ସାଧାରଣ | |
| ୯ | ୨୪ | ୩୬୩ (ସ୍ଥ) | ୧.୫୧୦ | ୦.୨୩୦ | ମାଳ ସାଧାରଣ | ପୂର୍ଣ୍ଣଚନ୍ଦ୍ର ମାହାନ୍ତ, ସୁରେନ୍ଦ୍ର ନାଥ ମାହାନ୍ତ, ପି.- ଗୋପୀନାଥ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୭୦ (ସ୍ଥ) | ୦.୭୨୦ | ୦.୧୪୦ | ମାଳ ସାଧାରଣ | |
| | | ୩୭୨ (ସ୍ଥ) | ୩.୩୭୦ | ୦.୯୧୦ | ମାଳ ସାଧାରଣ | |
| ୧୦ | ୩୨ | ୧୩୮ (ସ୍ଥ) | ୦.୨୧୦ | ୦.୧୦୦ | ଗୋଡ଼ା ଦୁଇ | ରଘୁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୬୬ (ସ୍ଥ) | ୦.୬୬୦ | ୦.୧୨୦ | ମାଳ ସାଧାରଣ | |
| ୧୧ | ୩୩ | ୨୮୮ | ୦.୫୫୦ | ୦.୫୫୦ | ମାଳ ସାଧାରଣ | ରାଧା ମାହାନ୍ତ, ପି.- ଦିର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୯୫ (ସ୍ଥ) | ୧.୪୯୦ | ୦.୩୫୦ | ମାଳ ସାଧାରଣ | |
| ୧୨ | ୩୮ | ୧୩୧ (ସ୍ଥ) | ୦.୭୪୦ | ୦.୬୦୦ | ବେର୍ଣ୍ଣା ସାଧାରଣ | ଶତୃଘ୍ନ ମାହାନ୍ତ, ଶଙ୍କର ମାହାନ୍ତ, ପି.- ବନୁ ମାହାନ୍ତ, ଶୈତ ମାହାନ୍ତ, ସ୍ୱା. ବନୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୩ (ସ୍ଥ) | ୦.୧୯୦ | ୦.୦୩୦ | ମାଳ ସାଧାରଣ | |
| | | ୧୪୧ | ୦.୩୫୦ | ୦.୩୫୦ | ମାଳ ସାଧାରଣ | |
| | | ୧୪୨ (ସ୍ଥ) | ୦.୨୬୦ | ୦.୧୨୦ | ଗୋଡ଼ା ଦୁଇ | |
| | | ୧୪୩ | ୦.୨୦୦ | ୦.୨୦୦ | ଗୋଡ଼ା ଦୁଇ | |
| ୧୩ | ୪୩ | ୧୪୪ (ସ୍ଥ) | ୦.୧୨୦ | ୦.୦୨୦ | ବେର୍ଣ୍ଣା ସାଧାରଣ | ଶ୍ୟାମ କିଶାନ, ପି.- ସନୁ କିଶାନ, ଜା: କିଶାନ, ବା: ନିଜଗାଁ |
| ୧୪ | ୪୪ | ୨୭୪/୪୨୭ | ୦.୨୦୦ | ୦.୨୦୦ | ମାଳ ସାଧାରଣ | ଶିବ ମାହାନ୍ତ, ପି.- ଦୁର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୮୭ (ସ୍ଥ) | ୦.୩୭୦ | ୦.୦୩୦ | ମାଳ ସାଧାରଣ | |
| | | ୨୮୯ (ସ୍ଥ) | ୧.୧୫୦ | ୦.୫୨୦ | ମାଳ ସାଧାରଣ | |
| | | ୨୯୬ (ସ୍ଥ) | ୦.୫୯୦ | ୦.୧୨୦ | ମାଳ ସାଧାରଣ | |
| ୧୫ | ୪୬/୩ | ୩୩୪ (ସ୍ଥ) | ୦.୩୪୦ | ୦.୨୬୦ | ମାଳ ସାଧାରଣ | ରମେଶ ଚନ୍ଦ୍ର ମାହାନ୍ତ, ପି.- ଭୀମ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୧୬ | ୪୬/୪ | ୧୨୨ (ସ୍ଥ) | ୦.୨୮୦ | ୦.୦୧୦ | ମାଳ ସାଧାରଣ | ମହି ମାହାନ୍ତ, ପି.- ଗୋରାଚାନନ୍ଦ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୪ (ସ୍ଥ) | ୦.୨୦୦ | ୦.୧୦୦ | ମାଳ ସାଧାରଣ | |
| ୧୭ | ୪୬/୧୪ | ୧୩୦ (ସ୍ଥ) | ୦.୩୧୦ | ୦.୦୫୦ | ମାଳ ସାଧାରଣ | କୃଷ୍ଣଚନ୍ଦ୍ର ମାହାନ୍ତ, ଭରତ ଚନ୍ଦ୍ର ମାହାନ୍ତ, ତ୍ରିଲୋଚନ ମାହାନ୍ତ, ଇନ୍ଦ୍ରମଣି ମାହାନ୍ତ, ପି.- ଜୁଗଲ କିଶୋର ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୭୩ (ସ୍ଥ) | ୦.୯୫୦ | ୦.୦୨୦ | ମାଳ ସାଧାରଣ | |
| ମୋଟ | ୧୭ | ୩୫ | ୨୪.୫୩୦ | ୭.୯୭୦ | | |

ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼

24160/14/0030/1819

# ଭାରତ ଆତ୍ମାର ବାଣୀମୂର୍ତ୍ତି

**ବିମଳ ପ୍ରସନ୍ନ ଦାସ**

## ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ଉପଲକ୍ଷେ



୧୯୨୬ ମସିହା ନଭେମ୍ବର ୨୪ ତାରିଖ। ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାମୟ ଜୀବନରେ ମହାସିଦ୍ଧିର ବିଜୟବାର୍ତ୍ତା ଉଦ୍‌ଘୋଷିତ ହେଲା– ''ଏଇ ଭାରତେର ମହାମାନବେର ସାଗରତୀରେ।'' ଏହାର ଅବ୍ୟବହିତ ପରେ ୧୯୨୮ମସିହାରେ ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କୁ ସାକ୍ଷାତ କରି ନିଜର ଅମରକୃତି 'ନମସ୍କାର' କବିତାରେ ନିଜର ଉପଲବ୍ଧି ଲିପିବଦ୍ଧ କରିଛନ୍ତି– ''ଅରବିନ୍ଦ ରବୀନ୍ଦ୍ରେର ଘେନ ନମସ୍କାର, ହେ ବନ୍ଧୁ, ହେ ଦେଶବନ୍ଧୁ, ସ୍ୱଦେଶ ଆତ୍ମାର ବାଣୀମୂର୍ତ୍ତି ତୁମେ।''

ପ୍ରଥମ ଦୃଷ୍ଟିରେ ବୁଝିପାରିଲି ସେ ଆତ୍ମାକୁ ସତ୍ୟ ରୂପେ ଚାହିଁଛନ୍ତି ଏବଂ ପାଇଛନ୍ତି। ଏହା ତାଙ୍କ ଦୀର୍ଘ ତପସ୍ୟାର ଫଳ। ମୋ ମନ କହିଲା ସେ ହିଁ ତାଙ୍କ ଅନ୍ତର ଆଲୋକ ଦେଇ ବାହାରେ ଆଲୋକ ଜଳାଇବେ। ସେଥିପାଇଁ ତାଙ୍କ ମୁଖଶ୍ରୀରେ ଏପରି ସୌନ୍ଦର୍ଯ୍ୟଦୀପ୍ତ ଶାନ୍ତିର ଉଜ୍ଜ୍ୱଳ ଆଭା । ମୁଁ ତାଙ୍କୁ କହି ଆସିଲି ଆତ୍ମାର ବାଣୀ ବହନ କରି ଆପଣ ଆମମାନଙ୍କ ମଧ୍ୟକୁ ଆସିବେ। ଏହି ପ୍ରତୀକ୍ଷାରେ ରହିଲୁ । ସେହି ବାଣୀରେ ଭାରତର ପାଞ୍ଚଜନ୍ୟ ନିନାଦିତ ହେବ–''ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ।'' ଯଥାର୍ଥରେ ସେ ଭାରତ ଆତ୍ମାର ବାଣୀମୂର୍ତ୍ତି।

ଋଷି ଶ୍ରୀଅରବିନ୍ଦଙ୍କ ଅନୁପମ ଭାଷାରେ, ଭାରତ ଧ୍ୱଂସ ହୋଇ ନ ପାରେ। କାରଣ ମାନବ ସମାଜର ବିଭିନ୍ନ ଗୋଷ୍ଠୀ ମଧ୍ୟରେ କେବଳ ଭାରତ ଉପରେ ନ୍ୟସ୍ତ ରହିଛି ସମଗ୍ର ମାନବଜାତିର ହିତାର୍ଥେ ଏକ ଅପରିହାର୍ଯ୍ୟ, ଉଜ୍ଜ୍ୱଳତମ ମହତ୍ତମ ସିଦ୍ଧି। ଏହା ହିଁ ସମଗ୍ର ଜଗତର ଭବିଷ୍ୟତ ଧର୍ମ, ଯାହା ସମସ୍ତ ଧର୍ମ, ବିଜ୍ଞାନ ଓ ଦର୍ଶନର ସମନ୍ୱୟ ସାଧନ କରେ। ସେହିପରି ନୈତିକ କ୍ଷେତ୍ରରେ ତା'ର ଲକ୍ଷ୍ୟ ହେଲା ମନୁଷ୍ୟ ମଧ୍ୟରୁ ତା'ର ବର୍ବରତା ଦୂର କରିବା ଏବଂ ବିଶ୍ୱକୁ ଆର୍ଯ୍ୟଧର୍ମରେ ଦୀକ୍ଷିତ କରିବା।

ଭାରତ ଅନ୍ୟ ଦେଶ ପରି ନିଜ ସକାଶେ ଜାଗ୍ରତ ହୋଇନାହିଁ। ଦୁର୍ବଳଙ୍କୁ ପାଦରେ ଦଳିଦେବାକୁ ଉଠି ନାହିଁ। ତା' ପାଖରେ ନ୍ୟସ୍ତ ଥିବା ଶାଶ୍ୱତ ଜ୍ୟୋତିକୁ ବିତରଣ କରିବ ବୋଲି ତା'ର ଉତ୍ଥାନ ହୋଇଛି। ଭାରତ ଚିରଞ୍ଜୀବୀ ବିଶ୍ୱ ତଥା ମାନବ ଜାତି ସକାଶେ, ନିଜ ପାଇଁ ନୁହଁ। ଆଜି ମଧ୍ୟ ତା'ର ସ୍ଥିତି ପଶ୍ଚାତ୍ୟରେ ସେହି ଯୁକ୍ତି ଓ ଯଥାର୍ଥତା।

ମାନବ ଜାତିମଧ୍ୟରେ ଏପରି ଗୋଷ୍ଠୀ ରହିଛି, ଯାହା ଯୁଗଯୁଗାନ୍ତରୁ ଏକ ବିଶାଳ, ମହାନ୍, ଦିବ୍ୟ ପରମ୍ପରାକୁ ଅବ୍ୟାହତ ଭାବେ ଧାରଣ କରିଛି ଏବଂ ସେଥିପାଇଁ ବଞ୍ଚି ରହିଛି। ପୃଥିବୀର ବିଭିନ୍ନ ମାନବଗୋଷ୍ଠୀ ମଧ୍ୟରେ, ବିଭିନ୍ନ ରାଷ୍ଟ୍ର ମଧ୍ୟରେ ଭାରତୀୟ ଜାତି ଏହିପରି ଗୋଷ୍ଠୀ, ଏହିପରି ଏକ ଉନ୍ନତ ମହାନ୍ ପରମ୍ପରାର ଅଧିକାରୀ ଏବଂ ଏକ ଦିବ୍ୟ ଭୂମିକାରେ ନିଜକୁ ଗଢିଥିବା ଦେଶ ଭାରତ ପୃଥିବୀର ଗୁରୁତୁଲ୍ୟ। ଏହାର ସ୍ୱଧର୍ମ ଆର୍ଯ୍ୟ, ସ୍ୱଭାବ ଶୁଦ୍ଧ, ଦୀପ୍ତ ଓ ଜ୍ୟୋତିର୍ମୟ । ଶ୍ରୀଅରବିନ୍ଦ ସ୍ପଷ୍ଟ କହିଛନ୍ତି, ବ୍ୟକ୍ତି ଯେପରି ଆତ୍ମବାନ୍ ସମଷ୍ଟି ବା ଗୋଷ୍ଠୀ ଠିକ୍ ସେପରି ଆତ୍ମବାନ୍। ବ୍ୟକ୍ତିର ଯେପରି ଏକ ଶୁଦ୍ଧ ଅନ୍ତଃପୁରୁଷ ରହିଛି, ସମଷ୍ଟିର ସେପରି ଏକ ଜୀବନ୍ତ ଜାତୀୟ ଆତ୍ମା (ନ୍ୟାଶ୍‌ନାଲ ସୋଲ୍) ଅଛି। ବ୍ୟକ୍ତିର ମୃତ୍ୟୁ ହେଲେ ତା'ର ଆତ୍ମା ଚୈତ୍ୟଭୂମିକୁ ଗଲାପରି ଜାତିର ମୃତ୍ୟୁ ପରେ ତା'ର ଆତ୍ମା ମଧ୍ୟ ଚୈତ୍ୟଭୂମିକୁ ଚାଲିଯାଏ । ଗ୍ରୀସ୍, ରୋମ, ବେବିଲୋନ, ଚାଇନା, ଜାପାନ, ଇଜିପ୍ଟ ପ୍ରଭୃତି ବହୁ ପ୍ରାଚୀନ ଦେଶର ଆତ୍ମା ଦିବ୍ୟଲୋକରୁ ଅନ୍ତର୍ହିତ ହୋଇଛି। ଅର୍ଥାତ୍ ସେ ପ୍ରାଚୀନ ଦେଶର ସଭ୍ୟତା ଓ ସଂସ୍କୃତି ବିଲୁପ୍ତ ହୋଇଛି।

କିନ୍ତୁ ଭାରତବର୍ଷ ଏଥିରେ ଏକ ବିରଳ ବ୍ୟତିକ୍ରମ। ବହୁ ବାଧାବିଘ୍ନ ଓ ଉତ୍ଥାନପତନ ମଧ୍ୟରେ ନିଜର ସଂସ୍କୃତି ଓ ସଭ୍ୟତାକୁ ସେ ବଞ୍ଚାଇ ରଖିପାରିଛି। ଯେଉଁ ଶକ୍ତି ଓ ପ୍ରତିଭା ଦ୍ୱାରା ଜାତି ଜୀବିତ ରହେ ଏବଂ ନିଜର ଜୀବନ ତଥା କର୍ମକୁ ନିୟନ୍ତ୍ରଣ କରେ, ସେହି ଜାତୀୟ ଶକ୍ତି ଭାରତର ଅକ୍ଷୁଣ୍ଣ ରହିଛି– ଯାହାର ରୂପାନ୍ତର ସ୍ୱୟଂ ଭାରତମାତା। ଏହା ସାକ୍ଷାତ୍ ଜୀବନ୍ତ ଓ ଦିବ୍ୟଶକ୍ତି, ଦୁର୍ଗା, ମା' ଭବାନୀ। ଦେଶର ସେହିମାନେ ହିଁ କଲ୍ୟାଣ ସାଧନ କରନ୍ତି, ଯେଉଁମାନେ ଏହି ଶକ୍ତିକୁ ନିଜ ଅନ୍ତରାତ୍ମାରେ ଉପଲବ୍ଧି କରିପାରନ୍ତି। ଏହା ହିଁ ଜାତିର ଅନ୍ତଃସ୍ଥଳ, ଶକ୍ତି, ସାମର୍ଥ୍ୟ, ତେଜ, ବୀର୍ଯ୍ୟ, ଶୌର୍ଯ୍ୟ ଓ ବୀରତ୍ୱର ଅନ୍ତୁଡିଶାଳ। ଏହା ମଧ୍ୟ ପ୍ରେମ, ପ୍ରଜ୍ଞା, ସୌନ୍ଦର୍ଯ୍ୟ, ସଂହତି, ତ୍ୟାଗ ଓ ତପସ୍ୟାର ଜନ୍ମବେଦି।

କିନ୍ତୁ ସମଗ୍ର ପୃଥିବୀରେ ମୁଖ୍ୟତଃ ଦୁଇଟି ବିଚାରଧାରା ମାନବସମାଜର ଚିନ୍ତା ଓ ଚେତନାକୁ ନିୟନ୍ତ୍ରିତ କରି ଗଭୀର ଦ୍ୱନ୍ଦ୍ୱ ଓ ସଂଘର୍ଷ ସୃଷ୍ଟି କରିଛି। ବିଜ୍ଞାନ, ଯୁକ୍ତି, ବିଚାର, କର୍ମ ଓ ଦକ୍ଷତା ବଳରେ ଜୀବନକୁ ଉପଭୋଗ କରିବା– ଏହା ହିଁ ମୂଳ କଥା । ଜୀବନରେ ଯେ କୌଣସି ଉପାୟରେ ଏହି ସଫଳତା ହାସଲ କରିବାକୁ ହେବ।

ମାତ୍ର ଏହି ବିଚାରଧାରା ବିରୋଧରେ ଭାରତର ଯୁକ୍ତି ହେଉଛି ଆଧାତ୍ମ ଶକ୍ତି ବଳରେ ବିଶ୍ୱର କଲ୍ୟାଣ। ସଂସାର ନୁହେଁ, ସଂସାରରୁ ମୁକ୍ତି ହିଁ ତା'ର ବାର୍ତ୍ତା। ଭୋଗ ପରିବର୍ତ୍ତେ ତ୍ୟାଗ ହିଁ ତା'ର ଆଦର୍ଶ। ଜୀବନର ଆପାତ ସଫଳତା ବଡ କଥା ନୁହେଁ। ବରଂ ଅନ୍ତର୍ଜୀବନର ବିକାଶ ହିଁ ସାଧନାର ଉତ୍ସ। ବିଭିନ୍ନ ସମୟରେ ବହୁ ସନ୍ଥ ସାଧକଙ୍କର ନିରବଚ୍ଛିନ୍ନ ସାଧନା ଏହି ମହାନ୍ ପରମ୍ପରାକୁ ଅନାହତ ରଖିପାରିଛି।

ମହାଯୋଗୀ ଶ୍ରୀଅରବିନ୍ଦ ଆଧାତ୍ମିକତା ଓ ବୈଜ୍ଞାନିକ ଜଡଚେତନା ମଧ୍ୟରେ ସୁନ୍ଦର ସମନ୍ୱୟ ରକ୍ଷା କରି ଭାରତୀୟ ଦର୍ଶନ ଓ ଆଦର୍ଶକୁ ମହିମାନ୍ୱିତ କରିଛନ୍ତି। ଏହି ଆଧାତ୍ମବାଦ ହେଲା ପୂର୍ଣ୍ଣାଙ୍ଗ ଧର୍ମୋତ୍ତର ଅତିମାନସ ତତ୍ତ୍ୱ। ପୂର୍ଣ୍ଣାଙ୍ଗ ଆଧାତ୍ମବାଦରେ ଜଡ ଓ ଚେତନା, ଭଗବାନ ଓ ଜଗତ, ଜୀବନ ଓ ଦିବ୍ୟତା ମଧ୍ୟରେ ସେ ସାମଞ୍ଜସ୍ୟ ସ୍ଥାପନ କରିଛନ୍ତି। ସୁତରାଂ ଶ୍ରୀଅରବିନ୍ଦ ଯେଉଁ ଭାରତ ଆତ୍ମାର ବାଣୀମୂର୍ତ୍ତି, ତାହା ସେହି ପୁରାତନ ଭାରତ କିମ୍ବା ଧର୍ମ ଓ ରହସ୍ୟବାଦରେ ପୂର୍ଣ୍ଣ ମଧ୍ୟଯୁଗୀୟ ଭାରତ ନୁହେଁ। ଏହା ତାଙ୍କ ସ୍ୱପ୍ନର ଭାରତ, ଯାହା ନିଜ ଆଧାତ୍ମିକ ଶକ୍ତି ଉପରେ ବିଜ୍ଞାନ ଓ ଶିଳ୍ପ ତନ୍ତ୍ରକୁ ଗ୍ରହଣ କରି ଜୀବନକୁ ପରିପୂର୍ଣ୍ଣତା ଦେଇପାରିବ।

ଆଜିର ପୁଣ୍ୟ ତିଥିରେ 'ଧରିତ୍ରୀ'ର ପବିତ୍ର ଜୟନ୍ତୀ ତାଙ୍କର ବାଣୀ ବହନ କରି ଏ ରାଜ୍ୟର ଚେତନାକୁ ସମୃଦ୍ଧ କରୁ– ଏହା ହିଁ ପ୍ରାର୍ଥନା।

– ମୋ:୯୪୩୮୧୮୬୨୨୬



# ପରିଚୟ ଖୋଜୁଛି 'ଉଡ଼ାବାଲି' ଦ୍ୱୀପ

ଭଦ୍ରକ ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳ ଚାନ୍ଦବାଲି। ଧାମରାରେ ବନ୍ଦର ଓ ଏପିଜେ ଅବଦୁଲ କଲାମ ଦ୍ୱୀପକୁ କ୍ଷେପଣାସ୍ତ୍ର ଘାଟି ଭାବେ ବିକଶିତ କରାଯିବା ପରେ ଉଭୟ ସାମରିକ ଓ ବାଣିଜ୍ୟ କ୍ଷେତ୍ରରେ ଏହାର ଗୁରୁତ୍ୱ ବଢିଛି। ଏହି ଉପକୂଳରେ ଅବଦୁଲ କଲାମ ଦ୍ୱୀପ ଭଳି ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବାଲିଦ୍ୱୀପ ରହିଛି। ୧୯୩୧ ମସିହାରେ ଧାମରା ବନ୍ଦର ସୀମା ନିର୍ଦ୍ଧାରଣ ବେଳେ ଏହାର ଅନତି ଦୂରରେ ୮ ବାଲିଦ୍ୱୀପ ରହିଥିବା ସର୍ଭେରୁ ଜଣାପଡିଥିଲା। ପରେ ଏସବୁ ମାନଚିତ୍ରରେ ସ୍ଥାନ ପାଇଛି। କିନ୍ତୁ ଧାମରାଠାରୁ ୪ କି.ମି. ଦୂର କନିକା ରାଜ ପରିବାରର ସ୍ମୃତି ବହନ କରୁଥିବା ୫ ଶହ ହେକ୍ଟର କ୍ଷେତ୍ରଫଳ ବିଶିଷ୍ଟ ଅନ୍ୟ ଏକ ବାଲିଦ୍ୱୀପ ଆଜି ତା'ର ପରିଚୟ ଖୋଜୁଛି। ବିସ୍ତୀର୍ଣ୍ଣ ବେଳାଭୂମି ସଂଲଗ୍ନ ନୀଳ ଜଳରାଶି ଓ ଦ୍ୱୀପର ପ୍ରାକୃତିକ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆନମନା କରିଥାଏ। ରାଜସ୍ୱ ବିଭାଗ ଖାତା ଖତିୟାନରେ ଏହାର ନାଁ ନାହିଁ କି ଭୂଗୋଳ ପୋଥିରେ ସ୍ଥାନ ପାଇନାହିଁ। ଏହି ଦ୍ୱୀପକୁ କିଏ, କେବେ ଆବିଷ୍କାର କଲେ କିଛି ସୂଚନା ମିଳେନାହିଁ । ଉପକୂଳବାସୀ ଏବଂ ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ମତ୍ସ୍ୟଜୀବୀ ଏହାକୁ 'ଉଡ଼ାବାଲି' ଦ୍ୱୀପ ବୋଲି କହନ୍ତି। ସମ୍ଭବତଃ ସମୁଦ୍ର ମଧ୍ୟରେ ବାଲି ଚଢା ସୃଷ୍ଟି ହୋଇ ଏହା ଏଭଳି ଦ୍ୱୀପର ରୂପ ଧାରଣ କରିଛି। ଧାମରା ବନ୍ଦର କମ୍ପାନୀ ଏହାର ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରେ 'ଉଡ଼ାବାଲି' ଦ୍ୱୀପର ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରସ୍ତାବ ଦେଇଛି।

ଚାନ୍ଦବାଲି ଉପକୂଳରେ ଥିବା ବିଭିନ୍ନ କ୍ଷୁଦ୍ର ଦ୍ୱୀପପୁଞ୍ଜ ବ୍ରିଟିଶ ଅମଳର ସ୍ମୃତି ସହ ଜଡିତ। ଧାମରା ମୁହାଣ ଅନତି ଦୂରରେ ଥିବା ତେନ୍ତୁଳିଚଢା ଦ୍ୱୀପକୁ ବ୍ରିଟିଶ ସମୟରେ ହ୍ୱିଲର୍ ଦ୍ୱୀପ ନାମିତ କରାଯାଇଥିଲା। ଏହାର ଗୋଟିଏ ଅଂଶ (ଆଉଟର୍ ହ୍ୱିଲର୍ ଆଇଲାଣ୍ଡ)କୁ ୨୦୧୬ ରେ ଅବଦୁଲ କଲାମ ଦ୍ୱୀପ ଭାବେ ନାମକରଣ କରାଯାଇଛି। ଡିଆରଡିଓର ପୂର୍ବତନ ନିର୍ଦ୍ଦେଶକ ତଥା ମିଶାଇଲ୍‌ମ୍ୟାନ ଭାବେ ପରିଚିତ ଡ. ଏପିଜେ ଅବଦୁଲ କଲାମଙ୍କ ଉଦ୍ୟମରେ ୧୯୯୪ରେ ଉକ୍ତ ଦ୍ୱୀପ ଏକ କ୍ଷେପଣାସ୍ତ୍ର ଘାଟି ଭାବେ ବିକଶିତ ହୋଇଛି, ଯାହାକି ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଅବଦୁଲ କଲାମ ଦ୍ୱୀପ ସଂଲଗ୍ନ ନଡିଆ ବାଲି ଚଢା(କକୁଆନଟ୍ ଆଇଲାଣ୍ଡ), ସାନବାଲି ଚଢା (ସ୍ମଲ୍ ହ୍ୱିଲର୍ ଆଇଲାଣ୍ଡ), ବାବୁବାଲି ଚଢା (ଲଙ୍ଗ ହ୍ୱିଲର୍ ଆଇଲାଣ୍ଡ), ବଡିଘର ବାଲି (ସର୍ଟସ୍ ଆଇଲାଣ୍ଡ) ସହିତ କନିକାବାଲି, ବୁଢିଆଚରା ଓ ନୟାଟାପୁ ଭଳି ଦ୍ୱୀପପୁଞ୍ଜମାନ ରହିଛି। ଭୂଲେଖ ପୋର୍ଟାଲରେ ଆଉଟର୍ ହ୍ୱିଲର୍ ଦ୍ୱୀପର ନାମ ବଦଳି ଏପିଜେ ଅବଦୁଲ କଲାମ ଦ୍ୱୀପ ହୋଇଥିବା ବେଳେ ଏହା ସଂଲଗ୍ନ ଅନ୍ୟ ୪ ଦ୍ୱୀପର ପୁରୁଣା ନାମ ଅପରିବର୍ତ୍ତିତ ରହିଛି। କଥିତ ଅଛି ଯେ, ବ୍ରିଟିଶ ଶାସନ ସମୟରେ ସାର୍ ହେନେରି ହ୍ୱିଲର ୧୯୨୨ରୁ ୧୯୨୭ ମସିହା ପର୍ଯ୍ୟନ୍ତ ବିହାର ଓଡ଼ିଶାର ଲାଟ୍ ସାହେବ(ଗଭର୍ନର) ଥିଲେ। ସେ ସମୟରେ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ବିହାର ଓଡ଼ିଶା ସରକାରର ଜଣେ ଏକ୍‌ଜିକ୍ୟୁଟିଭ କାଉନସିଲର ବା ମିନିଷ୍ଟର ରହିଥିଲେ। ଥରେ କନିକା ରାଜାଙ୍କ ନିମନ୍ତ୍ରଣକ୍ରମେ ସାର୍ ହେନେରି ଧାମରା ମୁହାଣ ଦେଇ ସମୁଦ୍ରରେ ଜଳଯାତ୍ରା କରିବା ସମୟରେ ଏହି ଦ୍ୱୀପକୁ ଯାଇଥିଲେ। ସେଠାରେ କନିକା ରାଜାଙ୍କ ସହିତ ସେ ବଣଭୋଜି କରିଥିଲେ। ଏହି ସ୍ମୃତିରକ୍ଷା ଲାଗି ଦ୍ୱୀପାଞ୍ଚଳର ନାମ 'ହ୍ୱିଲର ଆଇଲାଣ୍ଡ' ହୋଇଥିଲା। ସେହିପରି ସର୍ଟସ ଆଇଲାଣ୍ଡର ନାମକରଣ ଏକ ଜାହାଜର କ୍ୟାପଟେନଙ୍କ ନାମ ଅନୁସାରେ ହୋଇଥିବା କୁହାଯାଏ। କିନ୍ତୁ ଅଧିକ ମନୋରମ ଓ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ 'ଉଡ଼ାବାଲି' ଦ୍ୱୀପ ଏଠି ଏଯାଏ ଅଲୋଡ଼ା ହୋଇ ରହିଛି। ସମୁଦ୍ରରେ ଜୁଆର ଉଠିଲେ ଏହାର ଅନେକ ଅଂଶ ପାଣିରେ ବୁଡ଼ିଯାଇଥାଏ। ଜୁଆର କମିଗଲେ ପୁଣି ପୂର୍ବ ସ୍ଥିତି ଫେରିଆସେ। ଏହାକୁ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରାଗଲେ ଏହା ପର୍ଯ୍ୟଟନ ମାନଚିତ୍ରରେ ଏକ ଆକର୍ଷଣୀୟ ସ୍ଥାନ ହାସଲ କରିପାରନ୍ତା।

– ଅଶୋକ କୁମାର ପଣ୍ଡା, ଚାନ୍ଦବାଲି

## ସୁବର୍ଣ୍ଣପୁର ସହରର ଏକ ବିସ୍ମୟ

# ମୁହଁ ନ ଥିବା ମନ୍ଦିର 'ନିମୁହଁ'

ମହାନଦୀ ଓ ତେଲନଦୀର ମିଳନସ୍ଥଳରେ ଅବସ୍ଥିତ ମନ୍ଦିରମାଳିନୀ ସହର ସୋନପୁର। ଏଠାରେ ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ, ଅଷ୍ଟବିଷ୍ଣୁ ଓ ଅଷ୍ଟ ହନୁମାନଙ୍କ ସମେତ ୧୦୮ଟି ଛୋଟବଡ ମନ୍ଦିର ଥିଲା। ଏଥିରୁ ଏବେ ଅନେକ ଭାଙ୍ଗିରୁଜି ଗଲାଣି। ହେଲେ ସହରର କଚେରି ବଜାର ନିକଟରେ ଥିବା ବିରଳ ନିମୁହଁ ମନ୍ଦିର ଏକ ବିସ୍ମୟ। ଏହାକୁ ଶଶିସେଣା ପୀଠ ମଧ୍ୟ କୁହାଯାଏ। ମନ୍ଦିରର ଦ୍ୱାର ନାହିଁ କି ଠାକୁର ନାହାନ୍ତି। ପୂଜା ଉପାସନା ନିଷିଦ୍ଧ। ମନ୍ଦିରର ଉଚ୍ଚତା ପ୍ରାୟ ୨୫ ଫୁଟ୍ ହେବ। ଲମ୍ବ ଓ ପ୍ରସ୍ଥ ପ୍ରାୟ ୧୦ଫୁଟ୍ ଲେଖାଏଁ। ସୂକ୍ଷ୍ମ କାରୁକାର୍ଯ୍ୟର ନମୁନା ସ୍ୱରୂପ ମନ୍ଦିର ଗାତ୍ରରେ ରହିଛି ନର୍ତ୍ତକୀ, ମେଣ୍ଢା ଓ ସାପ ମୂର୍ତ୍ତି। ଏହି ମନ୍ଦିର ମଧ୍ୟଯୁଗୀୟ ତନ୍ତ୍ରପୂଜାର ସଙ୍କେତ ବହନ କରେ ବୋଲି ଅନେକ ମତ ଦିଅନ୍ତି। ଏହାର ନିର୍ମାଣ ସମୟ ନିରୂପଣ ନେଇ ଭିନ୍ନ ମତ ପ୍ରକାଶ ପାଉଛି। ଭିନ୍ନ ଭିନ୍ନ ଜନଶ୍ରୁତି ଏହାକୁ ଅଧିକ ରହସ୍ୟମୟ କରିଛି। ପୂର୍ବରୁ ଏହି ମନ୍ଦିର ଜରାଜୀର୍ଣ୍ଣ ହୋଇପଡିଥିଲା । ୧୯୨୧ ମସିହାରେ ସ୍ଥାନୀୟ ରାଜାଙ୍କ ଦ୍ୱାରା ପୁନରୁଦ୍ଧାର କରା ଯାଇଥିଲା। ମଧ୍ୟଯୁଗୀୟ କବି ପ୍ରତାପ ରାୟ ତାଙ୍କ ଶଶିସେଣା କାବ୍ୟରେ ମନ୍ଦିର ସମ୍ପର୍କରେ ଏକ ପ୍ରେମକାହାଣୀକୁ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି। ତେବେ ପ୍ରେମର ପ୍ରତୀକ ଏହି ଶଶିସେଣା ପୀଠ ଅବହେଳିତ ହୋଇରହିଛି। ତନ୍ତ୍ର ସାଧନାର ସ୍ୱର୍ଣ୍ଣିମ ଅଧ୍ୟାୟ ବହନ କରୁଥିବା ଏହି ପୀଠର ବିକାଶ ପ୍ରତି କାହାର ନଜର ନାହିଁ। ଏକଦା ସେଠାରେ ତନ୍ତ୍ରପୂଜାର ପ୍ରାଧାନ୍ୟ ରହିଥିଲା ବୋଲି ଐତିହାସିକ ଓ ଗବେଷକମାନେ ମତ ଦିଅନ୍ତି।

– ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ



ନିମୁହଁ ମନ୍ଦିର

adventz

Individually, we nurtured crops.
Together, we'll transform
the future of Indian agriculture.



Zuari Agro Chemicals, Paradeep Phosphates
and Mangalore Chemicals & Fertilizers
come together to usher in prosperity for Indian farmers.

When three amongst the biggest names in the Indian agricultural sector come together, it ushers in an exciting phase for the Indian agricultural economy. The complimentary strength of their three brands – Jai Kisaan, Navratna and Mangala will assure an enriched product offering with an enhanced range of nitrogenous and phosphatic fertilisers, speciality plant nutrients, micro-nutrients, soil conditioners, crop care products and seeds. Plus, our innovative initiatives and agri services will create a whole new relationship with the Indian farmers.

ZUARI AGRO CHEMICALS LTD. | PARADEEP PHOSPHATES LIMITED | MCF MANGALORE CHEMICALS & FERTILIZERS LIMITED

Corporate Office: Tower A, 5th Floor, Global Business Park, M. G. Road, Sector 26, Gurgaon-122002. | www.adventz.com

## ବୀର ସୁରେନ୍ଦ୍ର ସାଏଙ୍କ ଗୁପ୍ତ ମନ୍ତ୍ରଣା ସ୍ଥଳ

# ଐତିହାସିକ ବାରବଖରା



ବରଗଡ଼ ଜିଲା ଭଟଲି ନିକଟସ୍ଥ ବାରପାହାଡ଼ ଜଙ୍ଗଲ। ସେହି ଜଙ୍ଗଲର ସବୁଜ ବନାନୀ ଭିତରେ ରହିଛି ଐତିହାସିକ ବାରବଖରା କୀର୍ତ୍ତିରାଜି। ଜଙ୍ଗଲ ଭିତରେ ଥିବା ୧୨ଟି ଗୁମ୍ଫା ହିଁ 'ବାରବଖରା' ନାମରେ ପରିଚିତ ଥିଲା। ଏବେ ସେହି ଗୁମ୍ଫା ମଧ୍ୟରୁ ଅଧିକାଂଶ କାଳସ୍ରୋତରେ ଭାଙ୍ଗିରୁଜି ଗଲାଣି। ଯେଉଁ କେତେକ ଗୁମ୍ଫା ରହିଛି ସେଥିରେ କେତେଜଣ ନାଗା ସନ୍ୟାସୀ ରହି ପୂଜାପାଠ କରୁଛନ୍ତି ।

ବ୍ରିଟିଶ ଶାସନ ସମୟରେ ସମ୍ବଲପୁର ଅଞ୍ଚଳବାସୀ ଗୋରା ସାହେବଙ୍କ ଶାସନରେ ଅତିଷ୍ଠ ହୋଇ ପଡ଼ିଥିଲେ। ଅତ୍ୟାଚାରୀ ଶାସନ ବ୍ୟବସ୍ଥାରୁ ମୁକ୍ତି ପାଇବା ପାଇଁ ଚାରିଆଡ଼େ ଚାଲିଥିଲା ଗୁପ୍ତ ଆଲୋଚନା । ଲୋକଙ୍କ ମଧ୍ୟରେ ଅସନ୍ତୋଷ ଚରମସୀମାରେ ପହଞ୍ଚି ଥିଲେ ମଧ୍ୟ କେହି ପାଟି ଖୋଲି ପାରୁ ନ ଥିଲେ । ଏହି ସମୟରେ ଇଂରେଜମାନଙ୍କ ଅତ୍ୟାଚାରରୁ ପ୍ରଜାମାନଙ୍କୁ ମୁକ୍ତ କରିବା ପାଇଁ ବୀର ସୁରେନ୍ଦ୍ର ସାଏ ସମସ୍ତ ରାଜା ଓ ଜମିଦାରମାନଙ୍କୁ ଏକତ୍ରିତ କରିବାକୁ ଚିନ୍ତା କଲେ । ତାଙ୍କର ବିଶ୍ୱାସ ଥିଲା ରାଜା ଓ ଜମିଦାରମାନଙ୍କୁ ଯଦି ଏକତ୍ରିତ କରାଯାଏ ତେବେ ମୁକ୍ତି ସଂଗ୍ରାମ ଜୋରଦାର ହୋଇପାରିବ । ହେଲେ ସବୁ ସ୍ଥାନରେ ଥିଲା ଇଂରେଜ ପୋଲିସଙ୍କ ପହରା । ଯଦି କୌଣସି ସ୍ଥାନରେ ପ୍ରଜାମେଳି ହେଉଥିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲା । ଏପରି ପରିସ୍ଥିତିରେ ସୁରେନ୍ଦ୍ର ସାଏ ସବୁ ରାଜା ଓ ଜମିଦାରମାନଙ୍କୁ ଏକ ନିରାପଦ ଓ ଗୁପ୍ତ ସ୍ଥାନରେ ଏକତ୍ରିତ କରିବାକୁ ଚାହୁଁଥିଲେ। ଶେଷରେ ସେ ବାରପାହାଡ଼ ଜଙ୍ଗଲକୁ ନିରାପଦ ସ୍ଥାନ ଭାବେ ଗ୍ରହଣ କଲେ । ସେଠାରେ ଥିବା ବାରବଖରାରେ ହିଁ ରାଜା ଓ ଜମିଦାରମାନଙ୍କୁ ଖୁବ୍ ଗୁପ୍ତ ଭାବେ ଏକତ୍ରିତ କରି ଚକ୍ରବ୍ୟୂହ ରଚନା କରିଥିଲେ ସୁରେନ୍ଦ୍ର ସାଏ।

ଜନଶ୍ରୁତି କହେ ସମ୍ବଲପୁର ଜିଲା ଖିଣ୍ଡା ଗ୍ରାମରୁ ବୀର ସୁରେନ୍ଦ୍ର ସାଏ ସିଧାସଳଖ ଘୋଡ଼ାରେ ସୁଡ଼ଙ୍ଗ ଦେଇ ବାରପାହାଡ଼ ଜଙ୍ଗଲର ଡେବ୍ରିଗଡ଼କୁ ଆସୁଥିଲେ। ସେଠାରୁ ଘଞ୍ଚ ଅରଣ୍ୟ ମଧ୍ୟରେ ବାରବଖରାକୁ ଆସି ରାଜା ଓ ଜମିଦାରମାନଙ୍କ ସହ ବୈଠକ କରୁଥିଲେ। ସେଠାରେ ହିଁ ଇଂରେଜମାନଙ୍କୁ ଆକ୍ରମଣ କରିବା ଓ ହତ୍ୟା କରିବାର ଯୋଜନା ପ୍ରସ୍ତୁତ କରାଯାଉଥିଲା। ରାଜାଙ୍କ ସୈନ୍ୟମାନଙ୍କ ଦ୍ୱାରା ଧରାପଡୁଥିବା ଇଂରେଜମାନଙ୍କୁ ଡେବ୍ରିଗଡ଼ରେ ହିଁ ହତ୍ୟା କରାଯାଉଥିଲା। ବରଗଡ଼ ମୁଖ୍ୟାଳୟରୁ ପ୍ରାୟ ୬୦ କିମି ଦୂରରେ ଥିବା ବାରବଖରାକୁ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇନାହାନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ସ୍ଥଳୀରେ ରହିଛି ଝରଣା, ବିସ୍ତୀର୍ଣ୍ଣ ସବୁଜିମା। ପର୍ଯ୍ୟଟନ ବିଭାଗର ଉଦାସୀନତା ଯୋଗୁ ଆଜି ପର୍ଯ୍ୟନ୍ତ ଏହି ପୀଠର ବିକାଶ ହୋଇ ପାରିନାହିଁ।

– ରିପୋର୍ଟ: ସଞ୍ଜୀବ ଷଡ଼ଙ୍ଗୀ, ଭଟଲି



The Aditya Birla Group: Enriching Lives, Enabling Growth

A US$ 43 billion MNC, the Aditya Birla Group is in the League of Fortune 500. It is anchored by an extraordinary force of 120,000 employees, belonging to 42 nationalities, operating in 35 countries. Nearly 50 per cent of its revenues flow from its overseas operations. The Group has topped the Nielsen's Corporate Image Monitor and emerged as the Number 1 corporate, the 'Best in Class', for three consecutive years.

Hindalco, UltraTech Cement, Grasim Industries, Essel Mining and Industries, Idea Cellular, Aditya Birla Fashion and Retail and Aditya Birla Financial Services, operate in Odisha, anchored by a 12,000 strong work force. Its investment exceeds ₹. 30,000 crores.

Highlights of our companies engaged with communities in Odhisha (2016-17)
- We reach out to five lakh people annually in five districts of Odisha.
- Touch 2,07,369 lives across 126 villages.

Education
- To foster education have provided 100 teachers to 85 primary schools, as well as study material to 3120 students.
- Organise computer literacy programmes every six months to help the rural youth enhance their skills.
- Set up a centralised midday meal kitchen in Keonjhar district in partnership with the Odisha government. Midday meals provided to 78,000 children every day.
- Over 1 lakh school children in remote blocks of Odisha have been provided with solar lamps.
- We support the differently abled, through the NGO Swabhiman.

Healthcare:
- Over 81 medical camps organised and more than 62,325 villagers have had access to basic healthcare through these camps.
- Helped immunise 34,000 children against polio.
- Constructed 456 blocks of community toilets.
- Over 1,51,796 patients received medical care through our hospitals and dispensaries.
- More than 125 persons underwent cataract surgery.

Sustainable livelihood
- Working on triple layer vegetable and tuber crop cultivation through the 'machan' system on a commercial scale to benefit 200 farmers, and a commercial vegetable cultivation project at a household level to empower 500 families. These measures help increase agricultural productivity in a sustainable way.
- More than 146 self-help groups formed have led to empowerment of women.

Infrastructure
- Developed infrastructure by building and maintaining approach roads and internal concrete roads, drains, check dams, borewells, water harvesting structures and river steps.
- Maintain bathing ghats, culverts, playgrounds, health centres and community halls.
- Village infrastructure development has benefitted 1,62,915 people.
- Invested ₹ 25 crores towards our CSR engagement in Odisha.

Transcending the conventional barriers of business because we believe it is our duty and we care.

ADITYA BIRLA GROUP
Making A Difference
www.adityabirla.com



# ମା' ଲୋଭୀଙ୍କ ଯାତ୍ରା ଆରମ୍ଭ



**ପ୍ରଥମ ଦିନରେ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ**

**ବଅଁରପାଳ:** ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅନ୍ତର୍ଗତ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀଙ୍କ ବାର୍ଷିକ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୪ ଦିନ ଧରି ଚାଲିବ। ଏଥିପାଇଁ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଯାତ୍ରାରେ ୫ଶହରୁ ଉର୍ଦ୍ଧ୍ୱ ଦୋକାନ ବଜାର ପଡ଼ିଛି। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଥମ ଦିନରେ ୨୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ପ୍ରଥମେ ତୁଳସୀପାଳରେ ଥିବା ଦିଅଁ ଘରେ ପୂଜାର୍ଚ୍ଚନା କରାଯିବା ପରେ ମା'ଙ୍କ ଆଲମକୁ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଯାତ୍ରାପୀଠକୁ ଅଣାଯାଇଥିଲା। ଶୋଭାଯାତ୍ରାରେ ପାଇକମାନେ ଲଉଡି ଖେଳ, ଘଣ୍ଟ ବାଦ୍ୟ ସହ ବିଭିନ୍ନ ନୃତ୍ୟ, ବାଦ୍ୟ ପରିବେଷଣ କରିଥିଲେ। ମାନସିକ ପୂରଣ ନିମନ୍ତେ ହଜାର ହଜାର ସଂଖ୍ୟାରେ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ରାତିରେ ବଡ଼ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ତୁଳସୀପାଳରୁ ଗଡ଼ସନ୍ତ୍ରୀ ପୀଠକୁ ମା'ଙ୍କ ମହାଦେଶ ଆସିବ ବୋଲି ଜଣାପଡ଼ିଛି। ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମବାସୀ ଯାତ୍ରା ପରିଚାଳନା କରୁଛନ୍ତି।

# ହଜାର ବର୍ଷର ତନ୍ତ୍ରପୀଠ

## ରହୁଥିଲେ ୩୦୦ କୋଣାର୍କ ଶିଳ୍ପୀ





**ପୁରୀ ଅଫିସ:** ପ୍ରାଚୀ ଉପତ୍ୟକା ତନ୍ତ୍ରପୂଜାର ଏକ ପ୍ରମୁଖ ଅଞ୍ଚଳ ରହିଥିଲା। କାଳକ୍ରମେ ଏହି ପରିଚୟ ହଜି ହଜିଯାଉଥିଲେ ମଧ୍ୟ ଚଉରାଶି ଗ୍ରାମର ବରାହୀ ମନ୍ଦିର ଏକ ପ୍ରମୁଖ ତନ୍ତ୍ରପୀଠ ଭାବେ ପ୍ରସିଦ୍ଧି ଲାଭ କରିଛି। ଏହି ମନ୍ଦିର ଏବଂ ମୂର୍ତ୍ତି ସ୍ଥାପତ୍ୟ ଦୃଷ୍ଟିକୋଣରୁ ଐତିହାସିକ, ଗବେଷକ ଓ ପର୍ଯ୍ୟଟକ ସମସ୍ତଙ୍କୁ ଆଚମ୍ବିତ କରେ। ଶାସ୍ତ୍ରୀୟ ମତାନୁଯାୟୀ, ଦେବଦେବୀଙ୍କୁ ଉପାସନା କରିବା ପାଇଁ ହିନ୍ଦୁମାନଙ୍କର ଦୁଇଟି (ବୈଦିକ ଓ ତାନ୍ତ୍ରିକ) ଧାରା ରହିଛି। ମୂର୍ତ୍ତି ଉପାସନା ତନ୍ତ୍ର ପର୍ଯ୍ୟାୟ ଏବଂ ତନ୍ତ୍ର ଦର୍ଶନକୁ ନେଇ ଶାକ୍ତ ଉପାସନା ଓ ପରମ୍ପରା ବିକାଶ ଲାଭ କରିଛି। ଶାକ୍ତମାନେ ଶକ୍ତିର ଉପାସନା କରିଥାନ୍ତି। ଚେଦି ବଂଶର ରାଜାମାନେ ରାଜୁତି କରିବା ସମୟରେ ଓଡ଼ିଶା (ତତ୍କାଳୀନ କଳିଙ୍ଗ)ରେ ଶାକ୍ତ ପରମ୍ପରା ଅର୍ଥାତ୍ ଶକ୍ତି ପୂଜାର ବହୁଳ ପ୍ରସାର ହୋଇଥିଲା। ଏହି ବଂଶର ଶମ୍ଭୁଯଶ ନାମକ ଜଣେ ରାଜାଙ୍କର ଏକ ତାମ୍ରଫଳକ ପ୍ରାଚୀ ଉପତ୍ୟକାର କାକଟପୁରଠାରୁ ଆବିଷ୍କୃତ ହୋଇଥିଲା। ସେଥିରୁ ଜଣାଯାଏ ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀ ପୂର୍ବରୁ ପ୍ରାଚୀ ଉପତ୍ୟକାରେ ତନ୍ତ୍ର ପୂଜାର ବହୁଳ ଭାବେ ପ୍ରଚଳନ ଥିଲା। ପ୍ରାଚୀ ଗବେଷକ ସ୍ୱର୍ଗତ ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ଐତିହାସିକ ଗ୍ରନ୍ଥ ବୁଦ୍ଧିଜିମ୍ ଆଣ୍ଡ ଅଦର ରିଲିଜିୟସ କଲ୍‌ଟ ଅଫ୍ ସାଉଥ୍ ଇଷ୍ଟଇଣ୍ଡିଆ ପୁସ୍ତକରୁ ଜଣାଯାଏ, ପ୍ରାଚୀ ଉପତ୍ୟକା ଏକଦା ବୌଦ୍ଧଧର୍ମର ପ୍ଲାବନରେ ପ୍ଲାବିତ ହୋଇଥିଲା। ବୌଦ୍ଧ ଧର୍ମାବଲମ୍ବୀମାନେ ପଞ୍ଚମକାର ପୂଜା ପଦ୍ଧତିରେ ପୂଜା କରୁଥିଲେ, ଯାହା ତନ୍ତ୍ର ଶାସ୍ତ୍ରାନୁସାରେ ଅନୁମୋଦିତ ହୋଇଥିଲା। ଏମାନଙ୍କ ପାଇଁ ଦୀର୍ଘବର୍ଷ ଧରି ପ୍ରାଚୀ ଉପତ୍ୟକାରେ ତନ୍ତ୍ର ପୂଜା ପ୍ରଚଳିତ ହୋଇପାରିଥିଲା। ଚଉରାଶିର ବରାହୀ ମନ୍ଦିର ପ୍ରମୁଖ ତନ୍ତ୍ରପୀଠ ପାଲଟିଥିବା ବେଳେ ଏଠାରେ ବାମାଚାରୀ ତାନ୍ତ୍ରିକମାନଙ୍କ ଦ୍ୱାରା ତନ୍ତ୍ର ଶିକ୍ଷା ପ୍ରଦାନ କରାଯାଉଥିଲା।

### ପୀଠର ଅବସ୍ଥିତି

ଭୁବନେଶ୍ୱର-କାକଟପୁର ମୁଖ୍ୟ ରାସ୍ତାରେ ପଡ଼େ ଅମରେଶ୍ୱର ବଜାର। ସେଠାରୁ ଉତ୍ତର ଦିଗକୁ ମାତ୍ର ୨ କି.ମି. ଗଲେ ପଡ଼େ ଚଉରାଶି ଗ୍ରାମ। ଗାଁ ଶେଷରେ ରହିଛି ପ୍ରସିଦ୍ଧ ବରାହୀ ମନ୍ଦିର। ଏଠାରେ ଦେବୀ ବରାହୀ ପୂଜା ପାଉଛନ୍ତି। ଗାଁର ନାମକୁ ନେଇ ଭିନ୍ନ ମତ ଶୁଣିବାକୁ ମିଳେ। ବୌଦ୍ଧମାନଙ୍କ ମତରେ ଚଉଦଭୁବନ ଏବଂ ଏହାର ଛଅଗୁଣ ସ୍ୱର୍ଗ, ଅର୍ଥାତ୍ ଚଉରାଶି ଗ୍ରାମ ସ୍ୱର୍ଗତୁଲ୍ୟ। ତନ୍ତ୍ର ଶାସ୍ତ୍ରରେ ଚଉରାଶି ସଂଖ୍ୟାର ପ୍ରାଧାନ୍ୟ ରହିଛି। ତନ୍ତ୍ର ପୂଜାରେ (୮୪) ଅଞ୍ଜନର ବ୍ୟବହାର ହୁଏ। ବରାହୀ ମନ୍ଦିର ଯେହେତୁ ଏକ ପ୍ରମୁଖ ତନ୍ତ୍ରପୀଠ ଭାବେ ପ୍ରସିଦ୍ଧି ଲାଭ କରିଥିଲା, ସେଥିପାଇଁ ଗ୍ରାମର ନାମ ଚଉରାଶି ରଖାଯାଇଥିବା ମଧ୍ୟ କୁହାଯାଏ।

### ବରାହୀ ମନ୍ଦିର

ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପୂର୍ବତନ ଅଧୀକ୍ଷକ ବିଜୟ କୁମାର ରଥ କୁହନ୍ତି, ଓଡ଼ିଶାରେ ତିନୋଟି (ରେଖା, ପିଢ଼ା ଓ ଖାକରା) ଶୈଳୀର ମନ୍ଦିର ଦେଖିବାକୁ ମିଳେ। ଖାକରା ଶୈଳୀର ମନ୍ଦିର କେବଳ ଦେବୀମାନଙ୍କ ଲାଗି ତିଆରି କରାଯାଉଥିଲା। ଓଡ଼ିଶାରେ ଏହି ଶୈଳୀର ମନ୍ଦିର ଖୁବ୍ କମ୍ ସଂଖ୍ୟାରେ ରହିଥିବା ବେଳେ ସେଥିମଧ୍ୟରୁ ଚଉରାଶି ଗ୍ରାମର ବରାହୀ ମନ୍ଦିର ଅନ୍ୟତମ। ଏହା ନବମ-ଦଶମ ଶତାବ୍ଦୀ ମଧ୍ୟରେ ସୋମବଂଶ ବା କେଶରୀ ବଂଶ ରାଜତ୍ୱ ଆରମ୍ଭ ସମୟରେ ନିର୍ମାଣ ହୋଇଥିବା ଅନୁମାନ କରାଯାଏ। କେନ୍ଦ୍ର ସରକାରଙ୍କ ସଂରକ୍ଷିତ କୀର୍ତ୍ତିରାଜି ତାଲିକାରେ ରହିଥିବା ଏହି ମନ୍ଦିରର ରକ୍ଷଣାବେକ୍ଷଣ ଏଏସ୍ଆଇ ହାତରେ ନ୍ୟସ୍ତ ରହିଛି। କ୍ଲୋରାଇଟି ପଥରରେ ମନ୍ଦିର ନିର୍ମାଣ ହୋଇଥିବା ବେଳେ ମୁଖ୍ୟ ମନ୍ଦିରର ଉଚ୍ଚତା ପ୍ରାୟ ୨୫ରୁ ୨୭ ଫୁଟ୍ ହେବ। ମୁଖ୍ୟ ମନ୍ଦିରଟି ଡମ୍ବରୁ ଆକୃତିର ହୋଇଥିବା ବେଳେ ସମୂହ ପୀଠଟି ଦେଶୀୟ ଡଙ୍ଗା ଭଳି ଦୃଶ୍ୟମାନ ହୁଏ। ମନ୍ଦିରର ନିମ୍ନାଂଶ ଭୁବନେଶ୍ୱରର ବୈତାଳ ମନ୍ଦିର ସହ ତୁଳନୀୟ। ଇଷ୍ଟଦେବୀ ବରାହୀଙ୍କ ସମେତ ଝରକା ଦୁଇବନ୍ଧରେ ଦୁଇଟି ନାଗ କନ୍ୟା ଶୋଭା ପାଉଛନ୍ତି। ମନ୍ଦିରର ବିମାନଟି ପଞ୍ଚରଥ ଶୈଳୀର। ମନ୍ଦିର ଗାତ୍ରରେ ଫୁଟିଉଠିଛି ୮୪ କାମକଳାର ଚିତ୍ର।

### ବରାହୀଙ୍କ ମୂର୍ତ୍ତି

କଳା ମୁଗୁନି ପଥରରେ ନିର୍ମିତ ମା' ବରାହୀଙ୍କ ମୂର୍ତ୍ତିର ଉଚ୍ଚତା ପ୍ରାୟ ୪ ଫୁଟ୍ ହେବ। କାରୁକାର୍ଯ୍ୟପୂର୍ଣ୍ଣ ଏହି ମୂର୍ତ୍ତି ଜୀବନ୍ତ ଓ ଭୟଙ୍କର ଲାଗେ। ମୂର୍ତ୍ତି ନାଭିଦେଶରେ ଏକ ଗର୍ତ୍ତ ଦେଖିବାକୁ ମିଳେ। ପର୍ତ୍ତୁଗୀଜ ଦସ୍ୟୁମାନେ ମା'ଙ୍କ ନାଭିଦେଶରେ ଥିବା ମୂଲ୍ୟବାନ ହୀରା ଲୁଟି ନେଇଥିବାରୁ ଏହି ଗର୍ତ୍ତ ହୋଇଥିବା କୁହାଯାଉଛି।

### ଐତିହ୍ୟର ଗୌରବମୟ ସ୍ମାରକୀ

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ପ୍ରାଚୀନ କାଳରେ କୋଣାର୍କ ଅଞ୍ଚଳ ମୈତ୍ରେୟ ବନ ଭାବରେ ପରିଚିତ ଥିଲା। ମୈତ୍ରେୟ ବନରେ ପ୍ରଥମରୁ ସୂର୍ଯ୍ୟ ଉପାସନା ପ୍ରଚଳିତ ଥିଲା। ଶାସ୍ତ୍ର ମତକୁ ଦୃଷ୍ଟିଦେଲେ ଗଜପତି ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିବା ଶ୍ରୀପଦ୍ମକେଶରୀ ମନ୍ଦିର ସୂର୍ଯ୍ୟ ଦେବତାଙ୍କର ତୃତୀୟ ମନ୍ଦିର ଭାବେ ପ୍ରତିଭାତ ହୁଏ। ଏହି ମନ୍ଦିର ନିର୍ମାଣ କାଳରେ ୧୨୦୦ ମହାରଣା (ଶିଳ୍ପୀ)କୋଣାର୍କ ଆଖପାଖ ଗଡ଼ରେ ଚାରୋଟି ଶିବିର କରି ରହୁଥିଲେ। ମହାରଣାମାନେ ପ୍ରତ୍ୟହ ଦେବୀଙ୍କ ଉପାସନା କରି ମନ୍ଦିର ନିର୍ମାଣ କରିବାକୁ ବାହାରି ଯାଉଥିଲେ। ୩ଟି ସ୍ଥାନରେ ସେମାନେ କୋଣାର୍କ ପ୍ରତିକୃତିର ୩ଟି ମନ୍ଦିର ନିର୍ମାଣ କରି ସେଠାରେ ଦେବୀଙ୍କ ଉପାସନା କରୁଥିଲେ। କିନ୍ତୁ ଚଉରାଶି ଶିବିରରେ ୩୦୦ ମହାରଣା ରହୁଥିଲେ ମଧ୍ୟ ସେଠାରେ ସେମାନଙ୍କୁ ମନ୍ଦିର ନିର୍ମାଣ କରିବାକୁ ପଡି ନ ଥିଲା। କାରଣ ପ୍ରାୟ ଦେଢ଼ଶହ ବର୍ଷ ପୂର୍ବରୁ ବରାହୀ ଦେବୀଙ୍କ ମନ୍ଦିର ନିର୍ମାଣ ହୋଇସାରିଥିଲା। ସେଠାରେ ମହାରଣା (ବଢ଼େଇ) ଅବସ୍ଥାନ କରୁଥିବାରୁ ଏହାକୁ ବଢ଼େଇ ମନ୍ଦିର ମଧ୍ୟ କୁହାଯାଇଆସୁଛି। ସ୍ମରଣଯୋଗ୍ୟ ଯେ, ଓଡ଼ିଶାରେ ବରାହୀ ଉପାସନା ୬୨୦ ମସିହା ପୂର୍ବରୁ ହୋଇସାରିଥିଲା। ଶୈଳୋଦ୍ଭବ ରାଜାମାନେ ବାଣପୁର ନିକଟ ବଙ୍କାଳ ଗଡ଼ରେ ରାଜଧାନୀ କରି ଶାସନ କରୁଥିବା ବେଳେ ବରାହୀଙ୍କ ଉପାସକ ଥିଲେ। ପରବର୍ତ୍ତୀ କାଳରେ କେଶରୀ ବଂଶ ଯାଜପୁରରେ ରାଜଧାନୀ କରି ଶାସନ କଲାବେଳେ ବରାହକ୍ଷେତ୍ର ଯାଜପୁରରେ ବରାହୀଙ୍କ ଉପାସନା ବିକାଶ କରାଇଥିଲେ। ସେହି ଧାରା ପୁରୀରେ ମଧ୍ୟ ଅବ୍ୟାହତ ରହିଥିଲା। ସୂର୍ଯ୍ୟବଂଶୀ ଗଜପତିମାନେ ପୁରୀର ବାଲି ନଅରର ଉତ୍ତର ଦ୍ୱାରରେ ବରାହୀଙ୍କୁ ସ୍ଥାପନ କରି ଉପାସନା ପ୍ରଚଳନ କରିଥିଲେ। କାଳକ୍ରମେ ବାଲିନଅର ଧ୍ୱଂସ ପାଇଥିଲେ ମଧ୍ୟ ଏବେ ମା' ବରାହୀ ଉପାସନା ଜାରି ରହିଛି।

**-ରିପୋର୍ଟ: ହେମନ୍ତ କୁମାର ନାୟକ, ସନ୍ତୋଷ କୁମାର ଦାଶ**















## ସଂକ୍ଷେପରେ

### ନଦୀରେ ଭାସି ୨ ନାବାଳକ ନିଖୋଜ

**ଜଳେଶ୍ୱର, ୨୩।୧୧(ଡି.ଏନ.ଏ.):** ଶୁକ୍ରବାର ପୂର୍ବାହ୍ନରେ ଜଳେଶ୍ୱର ବ୍ଲକ ଗୋବର୍ଦ୍ଧନପୁର ଗ୍ରାମ ଅଧୀନ ସୁବର୍ଣ୍ଣରେଖା ନଦୀର ଦାରୁବୁଡ଼ୀ ଘାଟଠାରେ ଭସାଯାଇଥିବା ବୋଇତରୁ ଖୁଚୁରା ପଇସା ସଂଗ୍ରହ କରିବାକୁ ଯାଇଥିବା ୨ଜଣ ନାବାଳକ ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ ଶ୍ରୀପତି ନାଥଙ୍କ ୧୨ବର୍ଷର ପୁଅ ପଙ୍କଜ ନାଥ ଓ ଚିତ୍ରା ସିଂଙ୍କ ୧୧ବର୍ଷର ପୁଅ ସୁମନ। ଗ୍ରାମବାସୀ ଓ ଅଗ୍ନିଶମ କର୍ମଚାରୀ ସନ୍ଧ୍ୟା ପର୍ଯ୍ୟନ୍ତ ନଦୀରେ ବୁଡି ଖୋଜାଖୋଜି କରିଥିଲେ ମଧ କାହାରି ପତ୍ତା ପାଇ ନ ଥିଲେ। ଶନିବାର ଏନ୍‌ଡିଆର୍‌ଏଫ୍‌ର ଏକ ଟିମ୍ ଖୋଜାଖୋଜି କରିବେ ବୋଲି ତହସିଲଦାର ଅଭିମନ୍ୟୁ ପଣ୍ଡା ସୂଚନା ଦେଇଛନ୍ତି।

# ମା'ବାପ୍ ସଂଗେ ଦାଦନ୍ ଯିବାର କାଲ୍ ହେଲା

**ଭୁଲ୍ ଇଞ୍ଜେକ୍ସନ ଦିବ୍ୟାଙ୍ଗ କରିଦେଲା**
- ଚିକିତ୍ସା ଲାଗି ଟଁକା ବାଧକ
- ୩ ବଛର ହେଲା ଖଟେ ପଡ଼ିଛନ୍ ସୁରେନ୍ଦ୍ର
- ଭୁଖେ ଉପାସେ ପଲିଥିନ୍ ତଲେ ବିତୁଛେ ଜୀବନ୍



**ଅତାବିରା, ୨୩।୧୧ (ଡି.ଏନ.ଏ)**

କେନ୍ଦ୍ର ଆର୍ ରାଏଜ୍ ସରକାର ଗରିବ୍ ଦୁଖିକର ଲାଗି ଭିନେ ଭିନେ ଯୋଜ୍‌ନାରେ କୋଟି କୋଟି ଟଁକା ସାରୁଥିଲା ବେଲେ ଏଭେ ମାହାଲିଆ ଚିକିତ୍ସା ସୁବିଧା ସଂଗେ ଉଷୋକସା ବି ଯୁଗେଇ ଦେବାର ବେବସ୍ତା କରିଛନ୍। ହେଲେ ଇ ସବୁ ଜନହିତ୍‌କର ଯୋଜ୍‌ନାରୁ ବଁଚିତ୍ ହେଇ ବହୁତ୍‌ଟେ ଗରିବ୍‌ଦୁଖି ଖଟେ ପଡ଼ି ଜୀବନ୍ ସଂଗେ ଯୁଝୁଛନ୍। ସେନ୍‌ତା ଗରିବୀ ସଂଗେ ସରକାରୀ ସାହାଯ୍‌ର ଅଭାବ୍ ଲାଗି ବହୁତ୍‌ଟେ ଲୋକ୍ ଅସାହା ଜୀବନ୍ ବିତଉଛନ୍। ଏନ୍‌ତା ଗୁଟେ ଘଟ୍‌ନା ଦେଖିବାକେ ମିଲିଛେ ବରଗଡ ଜିଲା ଭେଡ଼େନ ବ୍ଲକ୍ ମାନପୁର ପଁଚେତ ଗଲିମା ଗାଁରେ। ଇ ଗାଁର ବାସିନ୍ଦା ହେଉଛନ୍ ବୁରୁଧ୍ ଦିବ୍ୟାଙ୍ଗ ସୁରେନ୍ଦ୍ର ହିଆଲ(୭୧)। ଛୁଆବେଲେ ମା'ବାପ୍ ଦାଦନ ଶ୍ରମିକ୍ ହିସାବେ ଦିଲ୍ଲୀ ବଗାନକେ ଇଟା ଗଢ଼ି ଯାଇଥିଲା ବେଲେ ସୁରେନ୍ଦ୍ର ତାକର ସଂଗେ ଯାଇଥିଲେ। ସେଠାନେ ତାକର ଦିହିପା ବିଗିଡ୍‌ଲାରୁ ଡାକ୍‌ତରଖାନାରେ ଦେଖାଲେ, ହେଲେ ଡାକ୍‌ତରକଁର ଭୁଲ୍ ଇଞ୍ଜେକ୍ସନ ଲାଗି ତାକର ଗୁଟେ ଗୋଡ୍ ଅଚଲ ହେଇଗଲା। ସେ ଦିନ୍‌ଠାନୁ ସେ ଭିନ୍ନକ୍ଷମ ପାଲଟିଗଲେ, ଆଶା ବାଡ଼ି ଧରି ଚାଲବୁଲ କଲେ ବଲି ନିଜେ ସୁରେନ୍ଦ୍ର କହିଛନ୍। ମା'ବାପ୍ ଥିବାର ତକ୍ ତାକର ସବୁ ଠିକ୍ ଚାଲିଥିଲା। ହେଲେ ସେମାନେ ଚାଲିଗଲା ଉତାରୁ ସୁରେନ୍ଦ୍ର ନିଜର ପେଟ୍‌ପାଟନାର ଲାଗି ସମାଜରେ ଲୁକ୍‌କର ବାଲ୍‌ଦାଢ଼ି କାଟୁଥିଲେ, ତାର ବାହାରେ ମଗାଯଚା କରି ପେଟ୍ ପାଲୁଥିଲେ। ଏହେଦେ ସୁରେନ୍ଦ୍ର ବୁଢ଼ା ହେଲାରୁ ଦୁରବଲ ହେବାର ସଂଗେ ଚାଲବୁଲ କରି ନାଇଁପାରବାର, ଯେନ୍ ଗୋଡ୍‌ଟା ଚଲୁଥିଲା ସେଟା ବି ଅଚଲ ହେବାକେ ବସ୍‌ଲାନ। ଏନ୍‌ତାଥି ତାକର ଗୁଲ୍‌ଗୁଲା ଦେଖି ଭନ୍‌ଜା ସୁରେନ୍ଦ୍ର ଚାନ୍ଦ ମାମୁକେ ଗଲିମା ଗାଁରୁ ଭେଡ଼େନ ବ୍ଲକ୍ ଦେଶଭଟିଲି ପଁଚେତ୍ ଉଦେପୁର ନିଜର ଘରକେ ଆନି ସେବାଯତନ୍ କରୁଛନ୍। ହେଲେ ଭନ୍‌ଜା ସୁରେନ୍ଦ୍ର ଚାନ୍ଦକଁର ବି ୫ଝି, ମାଏକିନା ଥିଲାବେଲେ ଦିବ୍ୟାଙ୍ଗ ମାମୁ ତାକର ଲାଗି ବୋଝ୍ ପାଲଟିଯାଉଛନ୍। ସୁରେନ୍ଦ୍ରକଁର ନିଜର ଘରଦୁଆର ନାଇଁଥିବାର ଲାଗି ଭନ୍‌ଜା ଘରେ ଗୁଟେ ପଲିଥିନ୍ ଢ଼ପା କୁରିଆରେ ଗଲା ୩ ବଛର ହେଲା ପଡ଼ିରହିଛନ୍। କୁରିଆରେ ଗୁଟେ ଖଟେ ପଡ଼ିରହିଥିଲା ବେଲେ ସେଠାନେ ଝାଡ଼ାପରିସ୍ରା କରୁଛନ୍, ଯାହା ମିଲ୍‌ଲା ଖାଉଛନ୍ ନେହେଲେ ଭୁଖେ ଉପାସେ ବି ତାକର ଦିନ୍ ବିତୁଛେ। ତାହାକୁ ମାନପୁର ପଁଚେତ୍‌ରୁ ୧ ଟଁକିଆ ଚାଉଲ ଆର୍ ମାସିକ୍ ୩ଶହ ଟଁକା ଭତା ବାବ୍‌ଦେ ମିଲୁଥିଲେ ବି ଆଏଜ୍‌ତକ୍ ଆବାସ୍ ଯୋଜ୍‌ନା କି ବିଜୁ ପକ୍କାଘର ଯୋଜ୍‌ନାରେ ଘରଖଁଡ଼େ ନାଇଁ ମିଲିପାରି। ଇ ଅସାହା, ନିଆଁସି ଦିବ୍ୟାଙ୍ଗ ବୁରୁଧ୍ ସୁରେନ୍ଦ୍ରକୁଁ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାର ସଂଗେ ତାକର ଚିକିତ୍ସା ଲାଗି ଜିଲା ପର୍‌ଶାସନ ଦୁରୁଷ୍‌ଟି ଦେବାକେ ସଚେତନ ମହଲରେ ଦାବି ହେଉଛେ।

- ଦ୍ୱିତୀୟ ପର୍ଯ୍ୟାୟରେ 'ଅପରେଶନ ଗଜେନ୍ଦ୍ର'

### ନୀଳଗିରି ଛାଡ଼ିଲେ ଝାଡ଼ଖଣ୍ଡ ହାତୀ



**ସଜନାଗଡ଼, ୨୩।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ହାତୀ ଉପଦ୍ରବ ଚଳାଇବାର ୧୦ଦିନ ବିତିଗଲାଣି। ତିନିକୋଶିଆ ଏବଂ ଗୋପାଳପୁର ସଂରକ୍ଷିତ ଜଙ୍ଗଲ ହାତୀଙ୍କର ବାସସ୍ଥଳୀ ପାଲଟିଯାଇଛି। ଅଘୋଷିତ ବିଦ୍ୟୁତ୍‌କାଟ ଯୋଗୁ ବନାଞ୍ଚଳବାସୀ ଅନ୍ଧାରରେ ରାତି ବିତାଉଛନ୍ତି। ଏହି ସମୟରେ କିରୋସିନ ଅଭାବ ପରିସ୍ଥିତିକୁ ଦ୍ୱିଗୁଣିତ କରିଛି। ଏହାକୁ ନଜରରେ ରଖି ବନବିଭାଗ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଦ୍ୱିତୀୟଥର ପାଇଁ ପୁଣି ଅପରେଶନ ଗଜେନ୍ଦ୍ର ଆରମ୍ଭ ହୋଇଛି। ନୀଳଗିରି ରେଞ୍ଜର ସୁକୁମାର ଦାସ, କୁଲଡ଼ିହା ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନ, ଔପଦା ରେଞ୍ଜର ପ୍ରଦୀପ ଜେନାଙ୍କ ସମେତ ଫରେଷ୍ଟର, ଫରେଷ୍ଟଗାର୍ଡ଼, ସବୁଜବାହିନୀ ଓ ବହୁ ବନବିଭାଗ କର୍ମଚାରୀ ଏବଂ ୨ ପ୍ଲାଟୁନ ପୋଲିସ ଫୋର୍ସ, ସହକାରୀ ଜିଲାପାଳ ରାକେଶ ପଣ୍ଡା, ଆଇଆଇସି ନଳିତା ମୋଦି ଅପରାହ୍ନ ୩ଟାରୁ ବୁଧୁସାହି ଅଞ୍ଚଳରୁ ବନବିଭାଗ କର୍ମଚାରୀ ବାଣ, ବାଜା, ରୋଶଣି ମାଧ୍ୟମରେ ହାତୀ ଘଉଡ଼ାଇବାକୁ ପ୍ରୟାସ କରିଥିଲେ। ଏହାପରେ ହାତୀପଲ ବାହୁଡ଼ି ଯାଉଥିବା ଦେଖିବାକୁ ମିଳିଛି। ଗୋପାଳପୁର ଜଙ୍ଗଲରୁ ସନ୍ଧ୍ୟା ୬ଟା ସମୟରେ ଜଙ୍ଗଲରୁ ବାହାରି ଅଯୋଧ୍ୟା ପାଟଣା ରାସ୍ତାରେ ଯାଇ ସନ୍ଧ୍ୟା ୭ଟାରେ କାଠପାଳ ପାର୍ ହେଉଥିବାର ସୂଚନା ମିଳିଛି। ଉକ୍ତ ହାତୀପଲ ଏବେ ମୟୂରଭଞ୍ଜ ମୁହାଁ ହେଉଥିବାରୁ ବନାଞ୍ଚଳବାସୀ ଏବଂ ବନବିଭାଗକୁ ଆଶ୍ୱସ୍ତ ହୋଇଛନ୍ତି।

## ଡକାୟତି ଘଟଣାର ପର୍ଦ୍ଦାଫାଶ, ୪ ଗିରଫ

**ବରଗଡ଼ ଅଫିସ,୨୩।୧୧**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର-ପଦ୍ମପୁର ରାସ୍ତାରେ ହୋଇଥିବା ଡକାୟତି ଘଟଣାର ପର୍ଦ୍ଦାଫାଶ ହୋଇଛି । ପୋଲିସ ଏଥିରେ ସମ୍ପୃକ୍ତ ୪ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଜଗଦଲପୁର ଥାନା ଅନ୍ତର୍ଗତ ବଡ଼କୁଞ୍ଜାରୀ ଗ୍ରାମର ଗଜପତି ଖର୍ସେଲ(୩୧), ଡୁଙ୍ଗୁରୀପାଲି ଗ୍ରାମର ଯୁଧିଷ୍ଠିର ପଟେଲ(୩୨), ପବନ ଭୋଇ(୩୭) ଏବଂ ଜଟେଶିରା ଗ୍ରାମର ଝସକେତନ ସାହୁ(୩୭) । ଗିରଫ ଅଭିଯୁକ୍ତମାନଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି । ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି । ଏ ନେଇ ଜଗଦଲପୁର ଥାନାରେ ଏକ ମାମଲା(ନଂ.୧୩୬/୨୦୧୮) ରୁଜୁ ହୋଇଛି । ଗତ ୧୯ତାରିଖରେ ବଲାଙ୍ଗୀର ଜିଲା ବଡ଼ଉଡ଼େନ ଗ୍ରାମର ଦେବାନନ୍ଦ ମହାନନ୍ଦ, ଦେବାନନ୍ଦ ମହାକୁଡ଼ ଏବଂ ଉଗ୍ରେ ତାଣ୍ଡି ଜଗଦଲପୁର ନିକଟ ପୁଟୁକା ଗୋରୁ ବଜାରରୁ ୨୦ଟି ମଇଁଷି କିଣି ଘରକୁ ଫେରୁଥିଲେ । ଫେରିବା ବାଟରେ ଶୁକ୍ଲିପାହାଡ଼ ଗ୍ରାମରୁ ମାତ୍ର ୩କି.ମି ଦୂରରେ ଏକ ନମ୍ବର ବିହୀନ ବୋଲେରୋରେ ଅଭିଯୁକ୍ତମାନେ ସେମାନଙ୍କ ପାଖରୁ ଏକ ବାଇକ(ନଂ.ଓଆର୦୩ଜି ୪୮୮୬), ମୋବାଇଲ ଫୋନ ଏବଂ ୬ଟି ମଇଁଷି ଛଡ଼ାଇ ନେଇ ଫେରାର ହୋଇ ଯାଇଥିଲେ । ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ପାଖରୁ ଲୁଟ୍ ବାଇକ୍, ୬ ମଇଁଷି ଏବଂ ମୋବାଇଲ ଉଦ୍ଧାର କରିଛି । ଫେରାର ଅଭିଯୁକ୍ତଙ୍କୁ ଅତିଶୀଘ୍ର ଧରାଯିବ ବୋଲି ଜଗଦଲପୁର ଥାନା ଆଇଆଇସି ଲଳିତା ଲାକ୍ରା କହିଛନ୍ତି ।

## ନବକୃଷ୍ଣ ଚୌଧୁରୀ ସମାଜବାଦୀ ଚିନ୍ତା, ଚେତନାର ବ୍ୟକ୍ତିତ୍ୱ ଥିଲେ

**ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)**

ଉଭୟ ବ୍ୟକ୍ତିଗତ ଓ ସାମାଜିକ କ୍ଷେତ୍ରରେ ସାଧୁତା, ସ୍ୱଚ୍ଛତା, ସରଳତା ଓ ପରୋପକାର ଯୋଗୁ ନବକୃଷ୍ଣ ଚୌଧୁରୀ ସାରା ଦେଶରେ ଜଣେ ବିରଳ ରାଜନେତା ଥିଲେ। ସେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିବାବେଳେ ଗରିବ ଓ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷିତ କରିବା ପାଇଁ ଚେଷ୍ଟା କରୁଥିଲେ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି। ବରଗଡ଼ରୁ ପ୍ରକାଶିତ ପାକ୍ଷିକ ପତ୍ରିକା 'କୋଶଲ ଟାଇମ୍' ପକ୍ଷରୁ ଶୁକ୍ରବାର ଇଡ୍‌କଲ୍ ଅଡିଟୋରିୟମଠାରେ ଅନୁଷ୍ଠିତ ୧୧୭ତମ ନବକୃଷ୍ଣ ଚୌଧୁରୀ ଜୟନ୍ତୀ ଓ ସମ୍ବର୍ଦ୍ଧନା ସମାରୋହ-୨୦୧୮ରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଥିଲେ। ନବକୃଷ୍ଣ ଚୌଧୁରୀ ଜଣେ ସମାଜବାଦୀ ଚିନ୍ତା ଓ ଚେତନାର ବ୍ୟକ୍ତିତ୍ୱ ଥିଲେ ବୋଲି ମନ୍ତ୍ରୀ ସାମଲ କହିଥିଲେ।

ପତ୍ରିକାର ସମ୍ପାଦକ ସଞ୍ଜୀବ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ରାଜ୍ୟ ସଭା ସଦସ୍ୟ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ପ୍ରମେୟ ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର, ସମାଜର ପ୍ରକାଶକ ନିରଞ୍ଜନ ରଥ, ଆଇନଜୀବୀ ନିପନ୍ ଦାଶ ଓ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ୬ ସାହିତ୍ୟ ମହାରଥୀ ଡ. ଉମେଶ ପତ୍ରୀ, ସ୍ୱର୍ଗତ ଡ. ଶରତ ପୂଜାରୀ, ସଦାନନ୍ଦ ଅଗ୍ରୱାଲ, ଡ. ଗୋପାଳକୃଷ୍ଣ ରଥ ଓ ପ୍ରଫେସର ନାରାୟଣ ପୃଷେଠଙ୍କୁ 'କୋଶଲ ଟାଇମ୍ ମରଣୋତ୍ତର ପ୍ରଶଂସା ଓ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଗୋପାଳକୃଷ୍ଣ ମହାପାତ୍ର, ଆନ୍ତର୍ଜାତିକ ସ୍ତରର ଦିବ୍ୟାଙ୍ଗ ଚେସ୍ ଖେଳାଳି ସୌନ୍ଦର୍ଯ୍ୟ ଓ ପ୍ରାଚୁର୍ଯ୍ୟ ପ୍ରଧାନ, ଦିବ୍ୟାଙ୍ଗ ଅଭିନେତା ଜିତେନ୍ଦ୍ର ବିଶ୍ୱାଳଙ୍କ ସମେତ ୧୦ ଦିବ୍ୟାଙ୍ଗ ପ୍ରତିଭାଙ୍କୁ 'ପ୍ରତିଭା ପୂଜା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ୩ଜଣଙ୍କୁ ଅନ୍ୟମାନଙ୍କ ଜୀବନରକ୍ଷା ପାଇଁ 'ଗୁଣନିଧି ସ୍ମୃତି ସମ୍ମାନ' ଏବଂ ପଶ୍ଚିମ ଓଡ଼ିଶାର ୧୨ ସଙ୍ଗୀତ ପ୍ରତିଭା ଓ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୩୦ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। 'କୋଶଲ ଟାଇମ୍' ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ୧୨ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଭାସିନୀ ହୋତା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ରାଜେନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କଳାହାଣ୍ଡିର ମୃଣ୍ମୟୀ କଳା ପରିଷଦ ପକ୍ଷରୁ ଘୁମୁରା ନାଚ, ଯାଆଁଳାର ଅମ୍ରିତା ବିଦ୍ୟାଳୟମ୍‌ର ଛାତ୍ରୀମାନେ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ।



ଡ. ଉମେଶ ପତ୍ରୀଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଉଛି ।






# ଉଦ୍‌ଘାଟନୀ ଉତ୍ସବରେ ମିଳିବ ଓଡ଼ିଶାର ପରିଚୟ

ଭୁବନେଶ୍ୱର, ୨୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ହକି ବିଶ୍ୱକପ୍‌ର ଚତୁର୍ଦ୍ଦଶ ସଂସ୍କରଣ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ସପ୍ତାହରୁ ଆରମ୍ଭ ହେବ। ହକିର ଏହି ମହାକୁମ୍ଭରେ ବିଶ୍ୱର ୧୬ଟି ଦେଶର ଦଳ ଅଂଶଗ୍ରହଣ କରୁଥିବାବେଳେ ଏହାର ରଙ୍ଗାରଙ୍ଗ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଦର୍ଶକମାନେ ନଭେମ୍ବର ୨୭ ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମର ଆଥ୍‌ଲେଟିକ ଗ୍ରାଉଣ୍ଡରେ ଦେଖିବାକୁ ପାଇବେ। ଏଥିଲାଗି ଆଥ୍‌ଲେଟିକ ଗ୍ରାଉଣ୍ଡର ସାଜସଜ୍ଜା କାମ ଜୋର୍‌ସୋରରେ ଚାଲିଛି। ଉଦ୍‌ଘାଟନୀ ଉତ୍ସବରେ ହେବାକୁ ଥିବା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଲାଗି ପ୍ରତିଦିନ ରିହର୍ସାଲ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ଦିବସରେ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାଁ, ଅଭିନେତ୍ରୀ ମାଧୁରୀ ଦୀକ୍ଷିତ, ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହମନଙ୍କ ସମେତ ଓଡ଼ିଆ ଫିଲ୍ମଷ୍ଟାର ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ସାହୁ ସମାରୋହର ମୁଖ୍ୟ ବାର୍ତ୍ତା 'ଏକତା ଓ ସମଗ୍ର ବିଶ୍ୱ ଏକ' ଉପରେ ଅଭିନୟ କରିବେ।

ଏହାର ପୂର୍ବପ୍ରସ୍ତୁତି ଲାଗି ଉଦ୍‌ଘାଟନୀ ସମାରୋହର କ୍ରିଏଟିଭ ଡାଇରେକ୍ଟର ନୂପୁର ମହାଜନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବ୍ୟସାଚୀ, ଅର୍ଚ୍ଚିତାଙ୍କ ସମେତ ଓଡ଼ିଶାର ସ୍କୁଲ ଓ କଲେଜର ୮୦୦ ଛାତ୍ରୀଛାତ୍ର କଳିଙ୍ଗ ଷ୍ଟାଡିୟମରେ ଜୋରଦାର ଅଭ୍ୟାସ ଚଳାଇଛନ୍ତି। 'ଗତ ୧୦/୧୫ ଦିନ ହେବ ଏଥିଲାଗି ରିହର୍ସାଲ ଆରମ୍ଭ ହୋଇଯାଇଛି। ସାଧାରଣତଃ ଗୀତ ଓ ନାଚ ଅପେକ୍ଷା ଏଥିରେ ଦର୍ଶକଙ୍କ ସହିତ ସିଧାସଳଖ କିଭଳି ବାର୍ତ୍ତା ବିନିମୟ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ସେହିଭଳି ଯେଉଁ ୧୬ଟି ଦେଶ ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଛନ୍ତି, ସେମାନଙ୍କ ଭିନ୍ନ ଭିନ୍ନ ସଂସ୍କୃତିକୁ ଦର୍ଶକଙ୍କ ସାମ୍ନାରେ ପ୍ରଦର୍ଶିତ କରାଯିବ। ଏହାସହ କେତେବଡ଼ କାର୍ଯ୍ୟକ୍ରମ ଓଡ଼ିଶାରେ ଆୟୋଜିତ ହେଉଛି ସେହି ବାର୍ତ୍ତା ମଧ୍ୟ ଏହି ପ୍ରଦର୍ଶନ ମାଧ୍ୟମରେ ଦର୍ଶକଙ୍କୁ ସୂଚାଇ ଦିଆଯିବ ବୋଲି ଅଭିନେତା ସବ୍ୟସାଚୀ କହିଛନ୍ତି। ସବ୍ୟସାଚୀ ଓ ଅର୍ଚ୍ଚିତା ଅଭିନୟ କରିବାକୁ ଥିବା ବିଷୟବସ୍ତୁର ଅବଧି ୪୦ ମିନିଟ୍ ବିଶିଷ୍ଟ ରହିଛି। ଏଥିରେ ସେମାନେ ଦର୍ଶକଙ୍କ ସହିତ ଭାବ ବିନିମୟ କରିବା ସହ ନୃତ୍ୟ ପରିବେଷଣ, ବିଭିନ୍ନ ଦେଶ ସମ୍ବନ୍ଧିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିବେ। ସେହିଭଳି ହକି ବିଶ୍ୱକପ୍ ଭଳି ଏକ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ କରିବା ଓଡ଼ିଶା ପାଇଁ ସୌଭାଗ୍ୟର ବିଷୟ। ଏଥିଲାଗି ଓଡ଼ିଶା କିଭଳି ନିଜକୁ ପ୍ରସ୍ତୁତ କରିଛି। ଅଂଶଗ୍ରହଣ କରୁଥିବା ୧୬ଟି ଦେଶ ସାମ୍ନାରେ ଓଡ଼ିଶାକୁ ମଧ୍ୟ ପରିଚିତ କରାଇବା ଆମର ଏହି କାର୍ଯ୍ୟକ୍ରମର ଏକ ଅଂଶ ରହିବ ବୋଲି ସବ୍ୟସାଚୀ କହିଛନ୍ତି। ଶାହରୁଖ ଖାନ୍, ମାଧୁରୀ ଦୀକ୍ଷିତଙ୍କ ସମେତ ଅର୍ଚ୍ଚିତା ଓ ମୁଁ ହ୍ୱାଇଟ୍ ଓ ବ୍ଲାକ କମ୍ବିନେଶନରେ ପ୍ରସ୍ତୁତ କଷ୍ଟ୍ୟୁମ ପରିଧାନ କରିବୁ। ପୂର୍ବରୁ ଓଡ଼ିଶାରେ କ୍ରୀଡ଼ା ସମ୍ବନ୍ଧୀୟ ଯେତେବି କାର୍ଯ୍ୟକ୍ରମ ହୋଇଛି ସବୁଥିରେ ଅଂଶଗ୍ରହଣ କରିବା ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟଶାଳୀ ମନେ କରୁଛି ବୋଲି ସବ୍ୟସାଚୀ କହିଛନ୍ତି।


ଉଦ୍‌ଘାଟନୀ ଉତ୍ସବରେ 'ଦ ଆର୍ଥ ସଙ୍ଗ୍'ର କୋରିଓଗ୍ରାଫର ଶିଆମକ ଡାଭର, ଲେଖିକା ନିର୍ଦ୍ଦେଶିକା ନୂପୁର ମହାଜନ ଓ ଅଭିନେତା ସବ୍ୟସାଚୀ ମିଶ୍ର।

## ରାଜଧାନୀ କାନ୍ଥରେ ଚିତ୍ର










## ଇଂଲଣ୍ଡ ଖେଳାଳି ଖାଇବେନି ମସଲା ଖାଦ୍ୟ

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

ମସଲାଯୁକ୍ତ ଖାଦ୍ୟ ଖାଇବେନି ଇଂଲଣ୍ଡ ହକି ଟିମ୍‌ର ଖେଳାଳିମାନେ। ବର୍ଷକ ତଳେ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ହକି ୱାର୍ଲ୍ଡ ଲିଗ୍ ଫାଇନାଲବେଳେ ଇଂଲଣ୍ଡ ଟିମ୍‌ର ଖେଳାଳିମାନେ ଏଭଳି ଖାଦ୍ୟ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ଏଥିପାଇଁ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତେଣୁ ଚଳିତଥର ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଫିଟ୍ ରହିବା ସହ ଉତ୍ତମ ପ୍ରଦର୍ଶନ କରିବା ଲକ୍ଷ୍ୟରେ ଏହି ଟିମ୍ ମସଲାଯୁକ୍ତ ଖାଦ୍ୟଠାରୁ ଦୂରେଇ ରହିବ। ଇଂଲଣ୍ଡ ଖେଳାଳିମାନେ ହୋଟେଲ ମେ'ଫେୟାରରେ ରହିବାକୁ ବ୍ୟବସ୍ଥା ହୋଇଥିବାବେଳେ ଅନ୍ୟତ୍ର ଏକ ରେଷ୍ଟୁରାଣ୍ଟରେ ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯିବ। ଏଥିଲାଗି ଇଂଲଣ୍ଡରୁ ସେମାନଙ୍କ ସହ ଆସିଛନ୍ତି ସ୍ୱତନ୍ତ୍ର ସେଫ୍(ରୋଷେୟା)। ସୈନିକ ସ୍କୁଲ ନିକଟରେ ଥିବା ଏକ ରେଷ୍ଟୁରାଣ୍ଟରେ ଖେଳାଳିମାନଙ୍କ ଲାଗି ସେମାନଙ୍କ ଡାଏଟ୍ ଚାର୍ଟ ଅନୁସାରେ ଖାଦ୍ୟ ପ୍ରସ୍ତୁତ କରାଯିବ। ପ୍ରତିଦିନ ଖେଳାଳି ଏବଂ ସେମାନଙ୍କ ମ୍ୟାନେଜମେଣ୍ଟ ଟିମ୍ ହୋଟେଲରୁ ସେଠାକୁ ଖାଇବାକୁ ଯିବେ।

## ପ୍ରଦର୍ଶନୀ ପଡ଼ିଆରେ ନାଇଟ୍ ମାର୍କେଟ

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ): ହକି ବିଶ୍ୱକପ୍ ଲାଗି ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆରେ ନିର୍ମାଣ ହେଉଛି ସ୍ୱତନ୍ତ୍ର ନାଇଟ୍ ମାର୍କେଟ୍। ବାହାରୁ ଆସୁଥିବା କ୍ରୀଡ଼ାବିତ୍, ବିଭିନ୍ନ ଟିମ୍‌ର ଅଧିକାରୀ, ଦେଶ ଓ ଦେଶ ବାହାରୁ ଆସିବାକୁ ଥିବା ଦର୍ଶକ ଏବଂ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବିଏମ୍‌ସି ପକ୍ଷରୁ ଏହି ନାଇଟ୍ ମାର୍କେଟର ନିର୍ମାଣ କରାଯାଉଛି। ୟୁନିଟ୍-୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା ଏହି ମାର୍କେଟରେ ବଜାରରେ ଯାହା ରହିବା କଥା ସେସବୁ ଉପଲବ୍ଧ ହେବ। ଏହା ପରିସରରେ ହେବାକୁ ଥିବା ଇଣ୍ଟରନ୍ୟାଶନାଲ ଫୁଡ୍ ଫେଷ୍ଟିଭାଲରେ ବିଭିନ୍ନ ପ୍ରକାରର ଫୁଡ୍‌ଷ୍ଟଲ୍ ରହିବ। ଯେଉଁଥିରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସହ ବିଭିନ୍ନ ପ୍ରକାର ଦେଶୀ ଓ ବିଦେଶୀ ଖାଦ୍ୟ ମିଳିବ। ଏହାସହ ଓଡ଼ିଶାର ପାରମ୍ପରିକ ସାମଗ୍ରୀକୁ ନେଇ ବିଭିନ୍ନ ଷ୍ଟଲ୍ ରହିବ। ବିଶେଷକରି ହ୍ୟାଣ୍ଡଲୁମ୍ ଓ ହ୍ୟାଣ୍ଡିକ୍ରାଫ୍ଟକୁ ଅଧିକ ଗୁରୁତ୍ୱ ଦିଆଯିବ। ହକି ବିଶ୍ୱକପ୍ ଚାଲିବା ପର୍ଯ୍ୟନ୍ତ ଏହି ନାଇଟ୍ ମାର୍କେଟ ଚାଲିବ ବୋଲି ମେୟର ଅନନ୍ତ ନାରାୟଣ ଜେନା କହିଛନ୍ତି।

## ଆଳୁପୋଡ଼ା, ରସଗୋଲାର ମଜାନେବେ ବିଦେଶୀ କ୍ରୀଡ଼ାବିତ୍

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ)

ହକି ବିଶ୍ୱକପରେ ଯୋଗ ଦେବାକୁ ୧୬ଟି ରାଷ୍ଟ୍ରରୁ ଆସୁଥିବା ଖେଳାଳିମାନେ ଯେପରି ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନେଇପାରିବେ ସେଥିପାଇଁ ହୋଟେଲ କର୍ତ୍ତୃପକ୍ଷଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସେମାନଙ୍କ ରହଣି ଏବଂ ସ୍ୱାଗତକୁ ମଧ୍ୟ ଖାଣ୍ଟି ଓଡ଼ିଆ ଶୈଳୀରେ କରିବାକୁ ସ୍ଥିର ହୋଇଛି। ଯେଉଁଥିରେ କଣ୍ଟିନେଣ୍ଟାଲ ଫୁଡ୍ ସହ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ପ୍ରତ୍ୟେକ ହୋଟେଲର ମୁଖ୍ୟ ସେଫ୍‌ଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍‌ମାନ ଗଠନ ହୋଇଛି।

ହୋଟେଲ ମେ'ଫେୟାରରେ ୫ଟି ଟିମ୍ ଆର୍ଜେଣ୍ଟିନା, ଇଂଲଣ୍ଡ, ନେଦରଲାଣ୍ଡ, ଆୟରଲାଣ୍ଡ ଓ ସ୍ପେନ୍ ଖେଳାଳିଙ୍କ ପାଇଁ ହୋଟେଲ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସମ୍ପୂର୍ଣ୍ଣ ହୋଟେଲକୁ ହକି ଥିମ୍‌ରେ ସଜାଯାଇଥିବା ବେଳେ ଲାଇଟିଂ ଓ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଇଛି। ହୋଟେଲ ସ୍ୟାଣ୍ଡିସ୍ ଟାୱରରେ ବେଲଜିୟମ୍, ଅଷ୍ଟ୍ରେଲିଆ ଓ ଚାଇନା ଟିମ୍‌ର କ୍ରୀଡାବିତ୍ ଓ ଅଫିସିଆଲଙ୍କ ପାଇଁ ୫୦ଟି ରୁମ୍ ବୁକ୍ ହୋଇଥିବା ବେଳେ ପ୍ରତ୍ୟେକ ରୁମ୍‌ରେ ଓଡ଼ିଆ କଳା, ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି। କ୍ରୀଡ଼ାବିତ୍‌ମାନଙ୍କୁ ସ୍ୱାଗତ କରିବାକୁ ସ୍ୱତନ୍ତ୍ର ତିଳକ ଉତ୍ସବର ଆୟୋଜନ କରାଯିବା ସହ ଖାଦ୍ୟରେ ଆଳୁପୋଡା, ମଟନ, ଆଳୁକୋବି, ଟମାଟୋ ସେକା, ଡାଲ୍‌ମା, ଖେଚୁଡ଼ି ଓ ରସଗୋଲା ପରଷିବାର ବ୍ୟବସ୍ଥା ହୋଇଛି। ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ରେ ମାଲେସିଆ, ଫ୍ରାନ୍ସ, ପାକିସ୍ତାନ ଓ କାନାଡା ଟିମ୍ ଓ ଟ୍ରାଇଡେଣ୍ଟରେ ଜର୍ମାନ୍, ଭାରତ ଖେଳାଳିଙ୍କ ପାଇଁ ବ୍ୟବସ୍ଥା ହୋଇଛି। ସେହିଭଳି ଏଚ୍‌ଏଚ୍‌ଆଇରେ ଦକ୍ଷିଣ ଆଫ୍ରିକା ଏବଂ ଫର୍ଚ୍ଚୁନ୍ ସିସ୍‌ମୋରେ ନ୍ୟୁଜିଲାଣ୍ଡ ଟିମ୍ ରହିବ।

# ହକି ପାଇଁ ସଜେଇ ହୋଇଛି ଭୁବନେଶ୍ୱର

ବିଶ୍ୱକପ୍ ହକି ପାଇଁ ରାଜଧାନୀ ଭୁବନେଶ୍ୱରର ରାସ୍ତାକଡ଼ କାନ୍ଥ ଗୁଡ଼ିକରେ ବିଭିନ୍ନ ବିଷୟକୁ ନେଇ ଅଙ୍କାଯାଇଛି ଚିତ୍ର।












ପେନସିଲରେ ବିଶ୍ୱକପ୍‌ର କାରୁକାର୍ଯ୍ୟ




ରାଜଧାନୀ ରାସ୍ତାକଡ଼ରେ ସାଜସଜ୍ଜା


ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ହକି ବିଶ୍ୱକପର ପ୍ରଚାର



“ ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ
ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବିଜାଗଡରେ ଅଷ୍ଟପ୍ରହର ନାମଯଜ୍ଞ

ନାକଟିଦେଉଳ, ୨୩।୧୧ (ଡି.ଏନ.ଏ.) ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ପଞ୍ଚାୟତ ବିଜାଗଡ ଗ୍ରାମରେ ୩ ଦିନ ଧରି ଆୟୋଜିତ ବିଶ୍ୱଶାନ୍ତି ଅଷ୍ଟପ୍ରହର ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଗତ ୨୧ ତାରିଖ ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ଟିଁକିରା ନଦୀରୁ ଏକ କଳସ ଶୋଭଯାତ୍ରାରେ ଯଜ୍ଞ ମଣ୍ଡପକୁ ଆସିଥିଲେ। ୨୨ ତାରିଖରେ ସଂପୂର୍ଣ୍ଣ ବୈଦିକ ରୀତିରେ ନାମଯଜ୍ଞ ସହ ହୋମକାର୍ଯ୍ୟ ଆରମ୍ଭ ହୋଇଥିଲା । ଯଜ୍ଞରେ ଗ୍ରାମର ଦୀନବନ୍ଧୁ ଅଗ୍ରୱାଲ ସପତ୍ନୀକ କର୍ତ୍ତା ଦାୟିତ୍ୱ ସଂପନ୍ନ କରିଥିଲେ । ଏହି ଅବସରରେ ପ୍ରତ୍ୟହ ନାମ ସଂକୀର୍ତ୍ତନ୍ୟ ସହ ସନ୍ଧ୍ୟାରେ ସଂକୀର୍ତ୍ତନ୍ୟ ବୈଠକ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଜାଗଡସ୍ଥିତ ରାଧାକୃଷ୍ଣ ଓ ମନ୍ଦିର ପରିସରରେ ସ୍ୱାମୀ ଅଭୟ ଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ବିଶ୍ୱଶାନ୍ତି ନାମଯଜ୍ଞ ଆୟୋଜିତ ହୋଇଥିବା ବେଳେ ଶୁକ୍ରବାର ସକାଳୁ ପୂର୍ଣ୍ଣାହୁତି ପଡିଥିଲା।

### କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ

କୁଚିଣ୍ଡା,୨୩।୧୧(ଡି.ଏନ.ଏ.)- କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ ବକ୍ସମା ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ଶିକ୍ଷକ ବାସୁଦେବ ତାଣ୍ଡିଆ ଏବଂ ବିଦ୍ୟାଧର ସାହ ନେତୃତ୍ୱ ନେଇଥିଲେ। ପ୍ରାରମ୍ଭରେ ବକ୍ସମା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ ପୁରୋହିତ ଏବଂ ଗାଁର ମୁଖ୍ୟ ବିଜୟ ପୃଷେଠ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଛାତ୍ରୀଛାତ୍ର ଗଣେଶ ବନ୍ଦନା ଏବଂ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ ବିଭୁପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ବିଦ୍ୟାର୍ଥୀର ଗୁଣାତ୍ମକ ବିକାଶକୁ ଗାଁ ପରିବେଶରେ ପ୍ରୟୋଗ ବାବଦରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ଶହେ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସେମାନେ ଗାଁର ପୋଖରୀ, ମନ୍ଦିର, ବ୍ୟାଙ୍କ, ଓମ୍‌ଫେଡ କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ଆଦି ସ୍ଥାନ ବୁଲି ଦେଖିଥିଲେ। ପରେ ଗାଁ ଦାଣ୍ଡ ସଫେଇ କରିବା ସହ ଘର ଘର ବୁଲି ଭାରତୀୟ ସଂସ୍କୃତିର ପ୍ରଚାର କରିଥିଲେ । ଶେଷରେ ଗାଁର ସୁଧୀର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ହୀରାକୁଦରେ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଉତ୍ସବ

ହୀରାକୁଦ, ୨୩।୧୧ (ଡି.ଏନ.ଏ)- ହୀରାକୁଦ ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସତ୍ୟସାଇ ବାବାଙ୍କ ୯୩ତମ ଜନ୍ମ ବାର୍ଷିକୀ ଉତ୍ସବ ମହାସମାରୋହରେ ନିଜସ୍ୱ ମନ୍ଦିର ପରିସରରେ ପାଳିତ ହୋଇଯାଇଛି । ଭୋର ୫ଟାରେ ନଗର କୀର୍ତ୍ତନ, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ ପରେ ୧୦ଟାରେ ସାଇପ୍ରେମୀମାନଙ୍କ ନଗର ପରିକ୍ରମା ହୋଇଥିଲା। ଷୋଡଶ ଉପଚାର ପୂଜା, ନାରାୟଣ ସେବା ସହ ହୋମ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଏହାପରେ ସନ୍ଧ୍ୟାରେ ବେଦ ପାଠ, ଭଜନ କାର୍ଯ୍ୟକ୍ରମ, ଦୀପଦାନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସାଇପ୍ରେମୀମାନେ ଯୋଗ ଦେଇଥିଲେ । ସାଇ ପ୍ରେମୀ ସୁନୀଲ କୁମାର ପଣ୍ଡା, ପ୍ରତିଭା ମିଶ୍ର, ଦୁର୍ଗାମାଧବ ମିଶ୍ର, ବୈଶାଳୀ ଶତପଥୀ, ଏସ.ଭି. ରାଓ, ଦୀପ୍ତିରଞ୍ଜନ ବାରିକ, ବିଜୟ ମହାପାତ୍ର, ପ୍ରଶାନ୍ତ ରାଜ, ରଞ୍ଜିତା ପଣ୍ଡା, ପ୍ରମୋଦ ଘଡାଇ, ତପସ୍ୱିନୀ ଘଡାଇ, ଅଶୋକ ଘଡାଇ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । ପ୍ରଦୀପ ଦାଶ ପୂଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଅସହାୟଙ୍କୁ କମ୍ବଳ ବଣ୍ଟନ

ନାକଟିଦେଉଳ,୨୩।୧୧(ଡି.ଏନ.ଏ)- ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅଞ୍ଚଳର ଅସହାୟ ବୃଦ୍ଧ, ବୃଦ୍ଧାଙ୍କୁ ମାଗଣା କମ୍ବଳ ବଣ୍ଟନ କରାଯାଇଛି । ଦେବଗଡ ଜିଲା ସେଣ୍ଟୋସ୍ଥିତ ମାନବ ସେବା ହିଁ ମାଧବ ସେବା ଅନୁଷ୍ଠାନ ପକ୍ଷରୁ ଏହି କମ୍ବଳ ବଣ୍ଟନ କରାଯାଇଛି । ବାଟଗାଁ କଲେଜର ଅଧ୍ୟକ୍ଷ ରମେଶଚନ୍ଦ୍ର ଅଗ୍ରୱାଲ ମୁଖ୍ୟଅତିଥି, ନେହେରୁ ଯୁବ କେନ୍ଦ୍ର ଦେବଗଡର ସଂଯୋଜକ ପ୍ରଦୀପ ବିଶ୍ୱାଳ, ଈଶ୍ୱରଚନ୍ଦ୍ର ଶତପଥୀ, ସୁନୀଲ ଶତପଥୀ, ଭବରଞ୍ଜନ ଧଳ, ସନାତନ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅଞ୍ଚଳର ୮୦ଜଣ ବୃଦ୍ଧାବୃଦ୍ଧଙ୍କୁ ମାଗଣାରେ କମ୍ବଳ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଧରଣୀଧର ନାଏକ, ଭୀମସେନ ଶତପଥୀ, ପ୍ରଦୀପ ଭୁତିଆ, ବିଜୟ ସାହୁ, ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଭୟ ନାହିଁ, ୩ ଦିନ ହେଲା ଧରାପଡୁଛି

■ପିଆଶାଳ କାଠଗଣ୍ଡି ବୋଝେଇ ଟାଟା ଏସିଇ ଜବତ
■ଚୋରାଚାଲାଣକାରୀ ଫେରାର

ରେଢ଼ାଖୋଲ,୨୩।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ଅଞ୍ଚଳର ଜଙ୍ଗଲ ଦିନକୁ ଦିନ ସଫା ହେଉଛି। କାଠ ମାଫିଆ ନିର୍ଭୟରେ ଜଙ୍ଗଲରୁ କାଠ କାଟି ବିକ୍ରି କରି ଦେଉଛନ୍ତି। ଏଥିରେ ଅବଶ୍ୟ କିଛି ଅସାଧୁ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ବନ ବିଭାଗର ତନଖି ଫାଟକ ଗୁଡିକୁ ରାଜ୍ୟ ସରକାର ଉଠାଇ ଦେବା ଦ୍ୱାରା କାଠ ଚୋରା ଚାଲାଣ ପାଇଁ ବାଟ ଆହୁରି ସୁଗମ ହୋଇଛି। ଗତ ୩ ଦିନ ହେଲା ରେଢାଖୋଲରେ ଗୋଟିଏ ପରେ ଗୋଟିଏ ଚୋରା କାଠ ବୋଝେଇ ଗାଡି ଧରା ପଡୁଛି। ସବୁଠୁ ବଡ ପ୍ରଶ୍ନ ଯେ, ଗୋଟିଏ ଗାଡି ଧରା ପଡିଗଲା ପରେ ଚୋରା କାଠ ବେପାରି ସତର୍କ ହୋଇଯିବା କଥା । ହେଲେ କାଠ ଚୋରା ଚାଲାଣ ବଢିବା ବନବିଭାଗକୁ ମାଫିଆଙ୍କ ତିଳେ ବି ଭୟ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ବନ ବିଭାଗର ବିନା ସହଯୋଗରେ ଯେ ରୀତିମତ୍ ୩ ଦିନ ହେଲା ଜଙ୍ଗଲରୁ କାଠ ଚାଲାଣ ହେବ ତାହା ବି ଲୋକେ ଗ୍ରହଣ କରିବାକୁ ନାରାଜ। ଏଣୁ ଏହା ସ୍ପଷ୍ଟ ଯେ, କାଠ ମାଫିଆଙ୍କ ସହ ବନ ବିଭାଗର ତଳଠୁ ଉପର ପର୍ଯ୍ୟନ୍ତ କେତେକ ଅସାଧୁ କର୍ମଚାରୀ ଆଉ ଅଧିକାରୀ ଜଙ୍ଗଲକୁ କାଟି ସଫା କରିଦେବାରେ ହାତ ମିଳାଇଛନ୍ତି। ଏଣୁ ଦିନ ଆସିବ ରେଢାଖୋଲ ଦିନେ ଯେ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା ତାହା କେବଳ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳିବ ବା ସ୍ଥାନୀୟ ବହିପତ୍ରରେ ପଢିବାକୁ ମିଳିବ। ରେଢ଼ାଖୋଲ ବନଖଣ୍ଡର ଚାରମାଳ ରେଞ୍ଜର ବନ କର୍ମଚାରୀ ଗୁରୁବାର ରାତି ୨ଟା ବେଳେ ଚଢାଉ କରି ପିଆଶାଳ କାଠଗଣ୍ଡି ବୋଝେଇ ଏକ ଟାଟା ଏସିଇ ଗାଡିକୁ ଜବତ କରିଛନ୍ତି। ହେଲେ ଚୋରାଚାଲାଣକାରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତ। ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ରାତି ପ୍ରାୟ ୨ଟା ବେଳେ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଓଡି ୧୫ ଜେ ୪୧୨୭ ନଂ ବିଶିଷ୍ଟ ଏକ ଟାଟା ଏସିଇ ଗାଡିରେ ୧୧ଖଣ୍ଡ ପିଆଶାଳ କାଠ ଗଣ୍ଡି ବୋଝେଇ ହୋଇ ଚୋରାରେ ଚାଲାଣ ହେଉଥିଲା, ଯାହାକୁ ଚାରମାଳ ଗାଁ ମୁଣ୍ଡରୁ ଜବତ କରାଯାଇଛି। ଉକ୍ତ ପିଆଶାଳ କାଠ ଗଣ୍ଡି ଗୁଡିକ ସୋନପୁର ଅଞ୍ଚଳକୁ ଚାଲାଣ ହେଉଥିଲା। ଜବତ ପରେ ଗାଡିକୁ ରେଞ୍ଜ ଅଫିସକୁ ଅଣାଯାଇଥିଲା। କେତେକ ଯୁବକ କିନ୍ତୁ ରେଞ୍ଜ ଅଫିସକୁ ଆସି ରେଞ୍ଜ ଅଧିକାରୀ ହରେଶ କିଷାନଙ୍କୁ ଜବତ ଗାଡିକୁ ଛାଡିଦେବାକୁ କହିବା ସହିତ ଧମକ ଚମକ ଦେଇଥଲେ। ଏ ନେଇ ରାତିରେ ଚାରମାଳ ପୋଲିସକୁ ସୂଚନା ଦେବା ପରେ ଯୁବକମାନେ ଚାଲି ଯାଇଥିଲେ। ତେବେ ଏହି ଚଢାଉରେ ଫରେଷ୍ଟର ପ୍ରବୀଣ କୁମାର ସାହୁ, ପ୍ରିୟଦର୍ଶୀ ପ୍ରଧାନ ଓ ବନ କର୍ମଚାରୀମାନେ ସାମିଲ ଥିଲେ। ସୂଚନାଯୋଗ୍ୟ, ଗତ ୩ ଦିନ ଧରି ରେଢ଼ାଖୋଲ ରେଞ୍ଜରେ ୨ଟି ଗାଡି ଜବତ କରାଯାଇଛି। ୨ଜଣଙ୍କୁ ଗିରଫ କରାଯାଇଛି।



ଗୁରୁବାର ରାତିରେ ଜବତ ହୋଇଥିବା ପିଆଶାଳ ଗଣ୍ଡି ବୋଝେଇ ଗାଡି।

### ଗଞ୍ଜୁଡିହିଠାରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ

ବାମରା, ୨୩।୧୧ (ସ୍ୱ.ପ୍ର.) ବାମରା ସୀମାବର୍ତ୍ତି ଲଇକେରା ବ୍ଲକ ଜାମପାଲି ପଞ୍ଚାୟତ ଗଞ୍ଜୁଡିହିଠାରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ତ୍ରିନାଥ ଗୋଏଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ରାଜ୍ୟ ଛାତ୍ର ବିଜେଡି ଉପସଭାପତି ଅଭିନାଶ ପଟେଲ, ଜାମମାଲ ସରପଞ୍ଚ ଦୁର୍ଯ୍ୟୋଧନ ହଂଶ, ସଞ୍ଜିତ ନାଏକ, ରୂପେଶ ଅଗ୍ରୱାଲ, ମାଧବ ସିଂ ନାଏକ ଯୋଗ ଦେଇଥିଲେ । ଯାତ୍ରା କମିଟି ମେମ୍ବର ଓ ବିଜୁ ଯୁବ ବାହିନୀ ସଦସ୍ୟ ଉପସ୍ଥିତ ରହି ନୃତ୍ୟ, ଗୀତ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କର୍ମକର୍ତ୍ତା ଓ ଗ୍ରାମବାସୀ ଯୋଗ ଦେଇଥିଲେ ।

## ଶ୍ରୀ ରାଧାକୃଷ୍ଣ ଜୀଉଙ୍କ ଶରତ ଉତ୍ସବ ଉଦ୍‌ଯାପିତ

ରେଢ଼ାଖୋଲ, ୨୩।୧୧ (ଡି.ଏନ.ଏ.) ସ୍ଥାନୀୟ ରାଧାକୃଷ୍ଣ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ କଳିନ୍ଦରସ୍ଥିତ ରାଧାକୃଷ୍ଣ ଜୀଉଙ୍କ ଶରତ ଉତ୍ସବ ଆୟୋଜିତ ହୋଇଛି। ଗତ ୧୮ ତାରିଖରେ କଳସ ବରଣ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ସନ୍ଧ୍ୟା ଓ ସକାଳେ ଭକ୍ତଙ୍କ ସମାଗମ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୀର ପ୍ରବଚକ ରାମଚନ୍ଦ୍ର ମିଶ୍ର ରାଧାକୃଷ୍ଣଙ୍କ ମିଳନ ଉପରେ ପ୍ରବଚନ ଦେଇଥିଲେ। ୨ ଦିନ ଧରି ନୂଆପଡା ଖଡିଆଳର ପାଲା ଗାୟକ ପଶ୍ଚିମ କେଶରୀ ଅର୍ଜୁନ ଛତ୍ରିଆ ଓ ସାଥୀଙ୍କ ଦ୍ୱାରା ମହିଳା ପାଲା ପରିବେଷିତ ହୋଇଥିଲା। ପ୍ରବଚନ ଓ ମହିଳା ପାଲା ଯୋଗୁ ପ୍ରତିଦିନ ସହର ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାବେଶ ହୋଇଥିଲା। ସେହିପରି ୨୦ ଓ ୨୧ ତାରିଖରେ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ରେଢ଼ାଖୋଲ ଉପଖଣ୍ଡ ସମେତ ବୌଦ୍ଧ, ଦେବଗଡ ଅଞ୍ଚଳର ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରି ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ଦିବସରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ଜିଲା ସଭାପତି ଡ. ପ୍ରମୋଦ ରଥ, ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ବ୍ଲକ ଅଧକ୍ଷା କବିତା ପ୍ରଧାନ,ଏନଏସି ଉପାଧକ୍ଷ ସୁନିଲ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ପ୍ରମୋଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନୃତ୍ୟଗୀତ ପ୍ରତିଯୋଗିତା ଜୟନ୍ତ ମାହାର ଓ ସୁଶାନ୍ତ ନାଗ ପରିଚାଳନା କରିଥିଲେ। କୃତୀ ନୃତ୍ୟଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ରାଧାକୃଷ୍ଣ ଜୀଉଙ୍କ ଶରତ ଉତ୍ସବ ଉଦ୍‌ଯାପିତ ହୋଇଛି। ମନ୍ଦିରର ପୂଜକ ଜୟକୃଷ୍ଣ ଶାସନୀ ଓ ରୁଦ୍ରପ୍ରସାଦ ନନ୍ଦ ପୂଜାର୍ଚ୍ଚନା କରିଥିଲେ। ତରୁଣ କୁମାର ମହାନ୍ତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ପ୍ରଧାନ, ଉପ-ସଭାପତି ବେଣୁଧର ବିଶ୍ୱାଳ, ସଂପାଦକ ବଶିଷ୍ଠ ମହାନ୍ତି, ସହ ସଂପାଦକ ନାରାୟଣ ପ୍ରସାଦ ମହାରଣା, ଯୁଧିଷ୍ଠିର ଧଳ, ଲକ୍ଷ୍ମଣ ପ୍ରଧାନ, ପଞ୍ଚାନନ ପ୍ରଧାନ, ଗୁଣନିଧି ଦୀପ ଙ୍କ ସମେତ ସଂସଦର କର୍ମକର୍ତ୍ତାଙ୍କ ସହଯୋଗରେ ଶରତ ଉତ୍ସବ ପାଳିତ ହୋଇଥିଲା।



ରେଢାଖୋଲ କଳିନ୍ଦରସ୍ଥିତ ରାଧାକୃଷ୍ଣ ଜୀଉଙ୍କ ଶରତ ଉତ୍ସବରେ ଉପସ୍ଥିତ ଅତିଥି ଓ ଆୟୋଜକ ।

ଖବରକାଗଜରୁ ବିଜ୍ଞାପନ ଦେଖିଥିଲେ, ଏବେ ଠକେଇର ଶିକାର

## ଲୋନ୍ ଆଶାରେ ଟଙ୍କା ଦେଇ ଫସିଗଲେ ମହିଳା

ରେଢ଼ାଖୋଲ,୨୩।୧୧(ଡି.ଏନ.ଏ.) ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ହେଉଥିଲେ ହେଁ ଜନସାଧାରଣ ସଚେତନ ହେଉନାହାନ୍ତି। ଅନେକ ସମୟରେ ନିଜର ବ୍ୟାଙ୍କ ଆକାଉଣ୍ଟ ନଂ, ଏଟିଏମ ନଂ. ଦେଇ ଠକେଇର ଶିକାର ହେଉଛନ୍ତି। ଏବେ ଖବରକାଗଜରୁ ବିଜ୍ଞାପନ ଦେଖି ଋଣ ପାଇବାକୁ ଏକ ଆକାଉଣ୍ଟରେ ଏହି ଅଞ୍ଚଳର କେତେକ ମହିଳା ଟଙ୍କା ଜମା କରିଥିଲେ। ହେଲେ ଖବରକାଗଜରେ ଦିଆଯାଇଥିବା ମୋବାଇଲ ନମ୍ବରକୁ ଏବେ ଆଉ କଲ୍ ଯାଉନି। ଠକେଇର ଶିକାର ହୋଇଛନ୍ତି ବୋଲି ଜାଣି ଏହି ମହିଳାମାନେ ଏବେ ପୋଲିସର ଦ୍ୱାରସ୍ଥ ହେବା ସହ ପ୍ରମାଦ ଗଣୁଛନ୍ତି। ରେଢ଼ାଖୋଲରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ୩ଜଣ ମହିଳା ଚାରମାଳ ଥାନାରେ ଠକେଇରେ ପଡିଥିବା ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଗତ ୭ ତାରିଖରେ ଏକ ଓଡିଆ ଦୈନିକ ଖବର କାଗଜର କ୍ଲାସିଫାଏଡ ପୃଷ୍ଠାରେ ମୁଦ୍ରା ଫାଇନାନ୍ସ ନାମକ ଏକ ସଂସ୍ଥା ୨୪ ଘଣ୍ଟାରେ ଋଣ ମଞ୍ଜୁର କରାଯିବ ବୋଲି ଏକ ବିଜ୍ଞାପନ ଦେଇଥିଲା। ଏହାକୁ ଦେଖି ଚାରମାଳ ଥାନା ବାରବାଙ୍କ ଗ୍ରାମର ୭ଜଣ ମହିଳା ବିଜ୍ଞାପନରେ ଦିଆଯାଇଥିବା ଫୋନ୍ ନମ୍ବରକୁ କଲ୍ କରିଥିଲେ। ଫୋନ୍ ଉଠାଇଥିବା ବ୍ୟକ୍ତି ଜଣକ କିଛି ଟଙ୍କା ଜମା କରିବାକୁ ଏକ ଆକାଉଣ୍ଟ ନଂ. ଦେଇଥିଲେ। ଏହି ଅଂଶଧନ ଜମା କରିବା ପରେ ଋଣ ମଞ୍ଜୁର କରାଯିବ ବୋଲି କହିଥିଲେ। ଏଣୁ ଏହି ମହିଳାମାନେ ସେହି ଆକାଉଣ୍ଟରେ ୫ରୁ ୧୦ ହଜାର ଟଙ୍କା ଯାଏ ଜମା କରିଥିଲେ। ପରେ ସେହି ଫୋନ ନଂ.କୁ ଯୋଗାଯୋଗ କରିବାରେ ସୁଇଚ୍ ଅଫ ଥିଲା। ବାରମ୍ବାର ଫୋନ୍ କରିବା ପରେ ଯୋଗାଯୋଗ ସମ୍ଭବ ନ ହେବାରୁ ମହିଳାମାନେ ଠକେଇର ଶିକାର ହୋଇଥିବା ଜାଣି ପାରିଥିଲେ। ବାରବାଙ୍କ ଗ୍ରାମର ପ୍ରମିଳା ଦେହୁରୀ, ସନ୍ତୋଷିନୀ ପ୍ରଧାନ ଓ ଲିପି ଶବର ଏବେ ପୋଲିସର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି।

ତୁରିପଡା ପଞ୍ଚଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଦଳକିବାହାଲକୁ ହରାଇ କହପାଣି ବିଜୟୀ

ବାମରା,୨୩।୧୧ (ସ୍ୱ.ପ୍ର.)

ବାମରା ବ୍ଲକ ରଙ୍ଗିଆଟିକ୍ରା ପଞ୍ଚାୟତ ତୁରିପଡାଠାରେ ଚାଲିଥିବା ପଞ୍ଚ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪୮ଟି ଦଳ ଯୋଗ ଦେଇଥିଲେ । ସ୍ଥାନୀୟ ରଙ୍ଗିଆଟିକ୍ରାର ଟଙ୍କଧର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ପ୍ରଥମ ସେମିଫାଇନାଲରେ କୁଟରାଡେଗା ଦଳକୁ ଗୋଟିଏ ମାତ୍ର ଗୋଲରେ ହରାଇ କହପାଣି ଫାଇନାଲରେ ସ୍ଥାନ ପାଇଥିଲା। ଦ୍ୱିତୀୟ ସେମିଫାଇନାଲରେ ତିଲେଇମାଲ ଦଳକୁ ଏକମାତ୍ର ଗୋଲରେ ହରାଇ ଦଳକିବାହାଲ ଦଳ ଫାଇନାଲ ପାଇଁ ଚୟନ ହୋଇଥିଲେ । ଫାଇନାଲ ମ୍ୟାଚରେ ଦଳକିବାହାଲ ଓ କହପାଣି ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା । ଏଥିରେ ଦଳକିବାହାଲ ଦଳକୁ ୧ଗୋଲରେ ହରାଇ କହପାଣି ବିଜେତା ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ଯୋଗ ଦେଇ ଥିଲେ। ସମ୍ମାନୀୟ ଅତିଥି ଭାବେ ରଙ୍ଗିଆଟିକ୍ରା ସମିତି ସଭ୍ୟ ସଦାନନ୍ଦ ପଟେଲ ଓ ରବୀନ୍ଦ୍ର କୁମାର ନାଏକ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ସମ୍ମାନୀତ କରିଥିଲେ। ରେଫରି ଭାବେ କୃଷ୍ଣଚନ୍ଦ୍ର ଟପ୍ପୋ ଯୋଗ ଦେଇଥିଲେ। ଷ୍ଟାର ଫଟବଲ କ୍ଲବ ସଭାପତି ଗୁଲବଦନ ଲୁହା, ସମ୍ପାଦକ ସରୋଜ ଲୁହା, ସୁରୁ ଲୁହା, ବ୍ରହ୍ମା ଲୁହା, ଚୈତନ୍ୟ ଲୁହା ଓ ଦାଶରଥି ଲୁହା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

## ନୂଆଗାଁରେ ବାଲିଯାତ୍ରା

ଧମା, ୨୩।୧୧ (ଡି.ଏନ.ଏ.) ମାନେଶ୍ୱର ବ୍ଲକ ଧମା ପଞ୍ଚାୟତର ନୂଆଗାଁଠାରେ ଚାଲିଥିବା ବାଲିଯାତ୍ରା ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜାକଜମକ୍‌ରେ ପାଳିତ ହୋଇଛି। ଜଗଦୀଶ ଦାସ ପୌରୋହିତ୍ୟ କରିଥିବା ବେଳେ ସୁବାସଚନ୍ଦ୍ର ହୋତା ଓ ମୀନାକ୍ଷୀ କର୍ତ୍ତା ଭାବେ ଯୋଗ ଦେଇ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଶୁକ୍ରବାର ଅପରାହ୍ନରେ ଗ୍ରାମ ନିକଟସ୍ଥ ଧୂଳିଯୋର ପଠାରେ ସମସ୍ତ ଗ୍ରାମବାସୀ ପହଞ୍ଚି ଥିଲେ। ସେଠାରେ ରାଧାକୃଷ୍ଣ ବିଗ୍ରହ ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବିଗ୍ରହଙ୍କୁ ଗାଁକୁ ଆଣି ଗ୍ରାମ ପରିକ୍ରମା ପରେ ପୁଣି ମନ୍ଦିରରେ ସ୍ଥାପନ କରାଯାଇଥିଲା ଲୋକନାଥ ମିଶ୍ର, ନିଳାମ୍ବର ମାଝି, ଭଗବାନ ପୁରୋହିତ, ସୀତାରାମ ମିଶ୍ର, ବଳରାମ ବେହେରା, ରିଙ୍କୁ ପାଢ଼ୀ, ଚିତ୍ତରଞ୍ଜନ ବେହେରା, ଜ୍ୟୋତିରଞ୍ଜନ ଭୋଇ, ଟୁକୁ ନାଗ ପ୍ରମୁଖ ସହଯୋଗ କରିଥିଲେ ।

# କାର୍ତ୍ତିକ ପୂର୍ଣ୍ଣମୀ ସମାରୋହ

ଚିପିଲିମା, ୨୩।୧୧ (ଡି.ଏନ.ଏ) ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଚିପିଲିମା ଦୁର୍ଗାମଣ୍ଡପ କଲୋନୀରେ କାର୍ତ୍ତିକ ପୂଜା ସମାରୋହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୁସଜ୍ଜିତ ମଣ୍ଡପରେ କାର୍ତ୍ତିକେୟଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରି ବିଧିମୁତାବକ ପୂଜାର୍ଚ୍ଚନା ହୋଇଥିଲା । ସମଗ୍ର ପୂଜା କାର୍ଯ୍ୟକୁ ପଣ୍ଡିତ ବୈରାଗୀ ଚରଣ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଓଏଚପିସି ଏମ୍‌ଇ ସ୍କୁଲ ପ୍ରଧାନଶିକ୍ଷକ ସୁଦର୍ଶନ ତ୍ରିପାଠୀ ସପତ୍ନୀକ କର୍ତ୍ତା ଦାୟିତ୍ୱ ତଳାଇଥିଲେ । ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ।

ସେହିଭଳି ପବିତ୍ର କାର୍ତ୍ତିକ ପଞ୍ଚକ ଅବସରରେ ବୁର୍ଲା ଥାନା କର୍ଡୋଲା ଗ୍ରାମ ୫ଦିନ ଧରି ଚଳଚଞ୍ଚଳ ହୋଇଥିଲା । ଏହି ଅବସରରେ ଗ୍ରାମର ଦଧିବାମନ ମନ୍ଦିରରେ ପ୍ରତ୍ୟହ ରାତି ୩ଟାରୁ ଠାକୁରଙ୍କ ନୀତି ତଥା ପୂଜା ହୋଇଥିଲା। ପ୍ରତ୍ୟହ ନଗର ସଂକୀର୍ତ୍ତନ୍ୟ ଅନୁଷ୍ଠିତ ହେବା ପରେ ମନ୍ଦିରରେ ଶହେ ଆଳତି ହୋଇଥିଲା । ଠାକୁରଙ୍କ ପୂଜାକାର୍ଯ୍ୟକୁ ପୂଜକ ସନ୍ତୋଷ କୁମାର ବିଶି, ସୁଧାଂଶୁ ପାଣିଗ୍ରାହୀ, କିଶୋର ପୁରୋହିତ ପରିଚାଳନା କରିଥିଲେ । କାର୍ତ୍ତିକ ବ୍ରତ ପାଳନ କରୁଥିବା ଶତାଧିକ ମହିଳା, ପୁରୁଷ ଯୋଗଦେଇ ଠାକୁରଙ୍କ ଦର୍ଶନ କରିଥିଲେ । ପଞ୍ଚକ ଅବସରରେ ଗ୍ରାମରେ ପ୍ରବଚନର ମଧ୍ୟ ଆୟୋଜନ ହୋଇଥିଲା।

ପବିତ୍ର କାର୍ତ୍ତିକ ପୂର୍ଣ୍ଣମା ଅବସରରେ ସମ୍ବଲପୁର ଜିଲା ଧନକଉଡା ବ୍ଲକ କଳାମାଟି ପଞ୍ଚାୟତ ସାନଟିକ୍ରାରେ ଗୁରୁବାର ସନ୍ଧ୍ୟାରେ ମାଁ ଚଣ୍ଡି କ୍ଲବ ପକ୍ଷରୁ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଚକୁଳି ଫାର୍ମର ଜେଡିଏ ଦଳ ଗ୍ରୁପ ଡ୍ୟାନ୍ସରେ ପ୍ରଥମ ହୋଇଥିବା ବେଳେ ସିନିୟରରେ ସ୍ନେହଶିବାନୀ ଜେନା, ଜୁନିୟରରେ ଦୀପ୍ତିମୟୀ ବାଗ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ବରିଷ୍ଠ ଭାଜପା ନେତା ନାଉରୀ ନାୟକ, ଜିଲା ପରିଷଦ ସଂଯୁକ୍ତା ପ୍ରଧାନ, ବ୍ଲକ ଉପାଧକ୍ଷା ସୁଷମା ସାହୁ, ସରପଞ୍ଚ ଶ୍ରୀହରି ନାଗ, ରେଙ୍ଗାଲି ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲ, ବରିଷ୍ଠ ବିଶିକେଶନ ପଣ୍ଡା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ସମଗ୍ର କାର୍ଯ୍ୟକ୍ରମ ସଭାପତି ବାଳକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କ୍ଷୀରୋଦ ବାଗ, ଦିଲୀପ ପ୍ରଧାନ ବିଚାରକ ଭାବରେ ଯୋଗ ଦେଇଥିଲେ। ନିରଞ୍ଜନ ମାଝି, ଧୀରେନ୍ଦ୍ର ନାଗ, ମନୋହର, କିଶୋର, ଘନ, ଗୌରବ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ଯୁଗିପାଲି କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ

ରେଙ୍ଗାଲି, ୨୩।୧୧ (ଡି.ଏନ.ଏ) ରେଙ୍ଗାଲି ବ୍ଲକ ସାଲଡ ପଞ୍ଚାୟତ ଯୁଗିପାଲି କମ୍ୟୁନିଟି ସେଣ୍ଟର ଶୁକ୍ରବାର ରେଙ୍ଗାଲି ବ୍ଲକ କଂଗ୍ରେସ ସଭାପତି ସୁବାସ ବିଶ୍ୱାଳ ଉଦ୍‌ଘାଟନ କରିଛନ୍ତି। ଗ୍ରାମବାସୀଙ୍କ ନିଜସ୍ୱ ପାଣ୍ଠି ଏବଂ ପ୍ରଚେଷ୍ଟାରେ କମ୍ୟୁନିଟି କେନ୍ଦ୍ର ନିର୍ମାଣ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଦାସ, ଡିସିସିର କୋଷାଧକ୍ଷ ଆଦିତ୍ୟ ନାଥ, ପୂର୍ବତନ ରେଙ୍ଗାଲି ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ସମିତି ସଭ୍ୟ ସାଗର ଭୋଇ, ଜୟନାରାୟଣ ନାଏକ, ଗଣେଶ ସୋହେଲା, ସୁନୀଲ ପଧାନ, ଅଲେଖ ଭୋଇଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ହୁମା ମଚ୍ଛିନ୍ଦ୍ର ଘାଟରେ ପୂଜା, କୁଡୋମାଛ ଆବାହନ

ଧମା, ୨୩।୧୧ (ଡି.ଏନ.ଏ) କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପ୍ରସିଦ୍ଧ ଶୈବପୀଠ ହୁମା ବିମଳେଶ୍ୱର ବାବା ମନ୍ଦିର ପ୍ରାଙ୍ଗଣରେ ଘାଟପୂଜା, ଧ୍ୱଜାରୋହଣ, କୁଡୋମାଛ ଆବହନ କରା ଯାଇଛି । ଏହା ସଙ୍ଗେ ବୋଇତ ବନ୍ଦାଣ ପାଇଁ ଗୁରୁବାର ଭୋରରେ ଆଖପାଖ ଗ୍ରାମର ଅନେକ ଶ୍ରଦ୍ଧାଳୁ ଆସି ମହାନଦୀରେ ବୋଇତ ଭସାଇଛନ୍ତି। ଏହି ଅବସରରେ ଭୋର ୪ଟାରେ ପୂଜକ ଗଜିନ୍ଦ୍ର ପୂଜାରୀ, ଦିଲୀପ ପୂଜାରୀ ପ୍ରମୁଖ ଗଣେଶ, ଚନ୍ଦ୍ରଶେଖର, ଓ ଭୁବନେଶ୍ୱରୀ ଙ୍କୁ ସୁସଜ୍ଜିତ ରଥରେ ସଜାଇ କାନ୍ଧରେ ବୋହି ମଚ୍ଛିନ୍ଦ୍ର ଘାଟକୁ ଆଣିଥିଲେ । ସେଠାରେ ପୋଡପିଠା, ଲିଆ, ଖେଚୁଡି, କାକରା ଇତ୍ୟାଦି ଅର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା । ପରେ କୁଡୋ ମାଛମାନଙ୍କୁ ବିଭିନ୍ନ ପ୍ରକାର ନାମରେ ଆବାହନ କରିବା ସହ ଲଡୁ ଅର୍ପଣ କରାଯାଇଥିଲା। ସେବାୟତ ଶିବାନାଥ ପୂଜାରୀ, ଅଶୋକ ପୂଜାରୀ, ଦୋଳଗୋବିନ୍ଦ ପୂଜାରୀ, ଦେବାନନ୍ଦ ପୂଜାରୀ, ଭବାନୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରବାଦ ଅଛି ଯେ, ବର୍ଷା ଋତୁରେ ମହାନଦୀରେ ଗୋଳିଆ ପାଣି ପ୍ରବାହିତ ହେବା ବେଳେ ମତ୍ସ୍ୟଦେବତାଙ୍କ ସ୍ୱରୂପ ଏହି କୁଡୋମାଛ ମନ୍ଦିର ପାହାଚ ତଳେ ଥିବା ଗୁଡ଼ଙ୍ଗକୁ ଚାଲି ଯାଇଥାନ୍ତି । କାର୍ତ୍ତିକ ପୂର୍ଣ୍ଣମୀରେ ଆବାହନ ପରେ ପୁଣି ମହାନଦୀରେ ଆସି ଦର୍ଶକ ଓ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି ।

ରାଜ୍ୟସ୍ତରୀୟ ଆନ୍ତଃ ଜିଲା ଫୁଟବଲ

# ସେମିରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ


ହୀରାକୁଦ ସୁବାସ ମଇଦାନଠାରେ ରାଜ୍ୟସ୍ତରୀୟ ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳି ଅତିଥିଙ୍କ ଗହଣରେ ।

ହୀରାକୁଦ,୨୩।୧୧(ଡି.ଏନ.ଏ.) ସ୍ଥାନୀୟ ହୀରାକୁଦ ସୁବାସ ମଇଦାନଠାରେ ରାଜ୍ୟସ୍ତରୀୟ ଆନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଗତ ୧୮ ତାରିଖଠାରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୨୭ରେ ସରିବ। ଏଥିରେ ରାଜ୍ୟର ୨୪ଟି ବିଭିନ୍ନ ଜିଲାର ଫୁଟବଲ ଟିମ୍ ଭାଗ ନେଇଛନ୍ତି । ତେବେ ଗୁରୁବାର ମ୍ୟାଚରେ ରାଉରକେଲା ଷ୍ଟିଲପ୍ଲାଣ୍ଟ ବନାମ ବଲାଙ୍ଗୀର ଜିଲା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଷ୍ଟିଲପ୍ଲାଣ୍ଟ ୨-୦ ଗୋଲରେ ବଲାଙ୍ଗୀରକୁ ହରାଇ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ରାଉରକେଲା ଷ୍ଟିଲପ୍ଲାଣ୍ଟର ଏସ.କେ.ଏସ. ଆଲାମ୍ ୮୦ ମିନିଟରେ ଗୋଟିଏ ସୁନ୍ଦର ଫିଲଡ୍ ଗୋଲ ସ୍କୋର କରିଥିଲେ। ୮୪ ମିନିଟରେ ଅଜୟ ତିର୍କୀ ରାଉରକେଲା ତରଫରୁ ଆଉ ଗୋଟିଏ ଗୋଲ ଦେଇଥିଲେ । ଶ୍ରେଷ୍ଠ ଖେଳାଳି ଭାବେ ପ୍ରୟାସ ପଣ୍ଡା ପୁରସ୍କୃତ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ଡ. ସୁମିତ୍ରା ଅଗ୍ରୱାଲ ଓ ଅନ୍ୟତମ ଅତିଥି ଭାବେ ହୀରାକୁଦ ଆଇଆଇସି ତୋଫାନ ବାଗ ମ୍ୟାଚରେ ଉପସ୍ଥିତ ଥିଲେ । ମ୍ୟାଚକୁ କାର୍ତ୍ତିକେଶ୍ୱର ଦାସ, ଅରୁଣ ନାୟକ ପଡିଆରେ ଏବଂ ଲାଇନରେ ଦିଲୀପ ରାଉତ ଏବଂ ଏସ. ଖାନ୍ ପରିଚାଳନା କରିଥିଲେ । ଦୁର୍ଗା ମାଧବ ମିଶ୍ର ମ୍ୟାଚ କମିଶନସର ଭାବେ କାର୍ଯ୍ୟ ତୁଲାଇଥିଲେ । ଓଡିଶା ଫୁଟବଲ ଏକାଡେମୀ ତରଫରୁ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ପାଇଁ ସିଲେକ୍ଟର୍ ଭାବେ ନରେନ୍ଦ୍ର ସାହୁ ମ୍ୟାଚରେ ଉପସ୍ଥିତ ରହିଥିଲେ । ହୀରାକୁଦ ଆଥଲେଟିକ୍ ଆସୋସିଏସନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ପି.ଆର. ଶ୍ରୀଜେସ



ବୟସ:୩୦
ପୋଜିଶନ: ଗୋଲ କିପର
ମ୍ୟାଚ୍ : ୨୦୪

କେରଳରେ ଜନ୍ମିତ ଶ୍ରୀଜେସ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗୋଲକିପର। ୨୦୦୬ ସାଉଥ୍ ଏସିଆନ ଗେମ୍ସରେ ସେ ପଦାର୍ପଣ କରିଥିଲେ। ୨୦୦୮ ଜୁନିୟର ଏସିଆ କପ୍‌ରେ ସେ ଶ୍ରେଷ୍ଠ ଗୋଲ କିପର ବିବେଚିତ ହୋଇଥିଲେ ଓ ଭାରତ ଏଥିରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ୨୦୧୧ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ସେ ଭାରତକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୨୦୧୩ ଏସିଆ କପ୍‌ରେ ସେ ଗୋଲ କିପର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ।

## କ୍ରିଷ୍ଣନ ବାହାଦୁର ପାଠକ

ଏହି ଯୁବ ଗୋଲକିପର ଜଣଙ୍କୁ ନିଜ ଦଳୀୟ ସାଥୀ ନେପାଳି ବୋଲି ସମ୍ବୋଧନ କରିଥାନ୍ତି। ପଞ୍ଜାବରେ ଜନ୍ମିତ ଏହି କ୍ରିଷ୍ଣନ୍ ଚଳିତବର୍ଷ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଚତୁଃ ରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟ ଖେଳି ସିନିୟର ହକିରେ ପଦାର୍ପଣ କରିଥିଲେ। ପଞ୍ଜାବର ସୁର୍ଜିତ ସିଂ ହକି ଏକାଡେମୀରୁ ସେ ପ୍ରଶିକ୍ଷଣ ନେଇ ସଫଳତାର ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିଥିଲେ। ୨୦୧୬ ଜୁନିୟର ବିଶ୍ୱକପ୍‌ରେ ଭାରତକୁ ଚାମ୍ପିୟନ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା।



କ୍ରିଷ୍ଣନ ବାହାଦୁର ପାଠକ
ବୟସ: ୨୧
ପୋଜିଶନ: ଗୋଲକିପର
ମ୍ୟାଚ:୨୧

## ହରମନପ୍ରୀତ୍ ସିଂ



ବୟସ: ୨୨
ପୋଜିଶନ: ଡିଫେଣ୍ଡର
ମ୍ୟାଚ୍: ୯୦

ପଞ୍ଜାବର ଅମ୍ରିତସରରେ ଜନ୍ମିତ ଏହି ଯୁବ ଡିଫେଣ୍ଡର ୨୦୧୫ରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାପାନ ବିପକ୍ଷ ସିରିଜରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଏହା ପରେ ୨୦୧୬ ଆଜଲାନଶାହା କପ୍‌ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ଏହାପରେ ସେ ୨୦୧୬ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ଖେଳି ଆଉଏକ ରୌପ୍ୟ ପଦକ ହାସଲ କରିଥିଲେ। ମାତ୍ର ୨୦ ବର୍ଷ ବୟସରେ ସେ ଏହି ବର୍ଷ ରିଓ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।

## ବୀରେନ୍ଦ୍ର ଲାକ୍ରା

ଓଡ଼ିଶାର ସୁନ୍ଦରଗଡ଼ରେ ଜନ୍ମିତ ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ୨୦୧୦ ସାଉଥ୍ ଏସିଆନ୍ ଗେମ୍ସରେ ଭାରତ ପାଇଁ ପଦାର୍ପଣ କରିଥିଲେ। ମାତ୍ର ୧୪ ବର୍ଷରୁ ସେ ୨୦୦୪ରେ ସେଲ ହକି ଏକାଡେମୀ ତରଫରୁ ହକି ଖେଳିବା ଆରମ୍ଭ କରିଥିଲେ। ସେ ଭାରତ ପାଇଁ ୨୦୧୧ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟ୍ରଫି, ୨୦୧୦ ଢାକା ସାଉଥ୍ ଏସିଆନ୍ ଗେମ୍ସ, ୨୦୦୯ ସିଡ୍‌ନୀ ଯୁବ ଅଲିମ୍ପିକ୍ସ, ୨୦୦୯ ସିଙ୍ଗାପୁର ଜୁନିୟର ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରିଥିଲେ।



ବୀରେନ୍ଦ୍ର ଲାକ୍ରା
ବୟସ: ୨୮
ପୋଜିଶନ: ଡିଫେଣ୍ଡର
ମ୍ୟାଚ: ୧୬୮

## ବରୁଣ କୁମାର



ବୟସ: ୨୩
ପୋଜିଶନ: ଡିଫେଣ୍ଡର
ମ୍ୟାଚ୍: ୫୯

ପଞ୍ଜାବଜନ୍ମିତ ପ୍ରତିଭାସମ୍ପନ୍ନ ଡିଫେଣ୍ଡର ବରୁଣ ୨୦୧୭ର ଭାରତର ୟୁରୋପ ଗସ୍ତରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ତେବେ ୨୦୧୨ ଜୁନିୟର ଜାତୀୟ ଚାମ୍ପିୟନ୍‌ଶିପ୍‌ରେ ସେ କ୍ୟାରିୟର ଆରମ୍ଭ କରିଥିଲେ। ସେ ୨୦୧୩ରେ ଭାରତ ପାଇଁ ଜୁନିୟର ବିଶ୍ୱକପ୍ ଖେଳିଥିଲେ। ଜୁନିୟରସ୍ତରରେ ଦମ୍‌ଦାର ପ୍ରଦର୍ଶନ କରି ସେ ୨୦୧୬ରେ ସ୍ପେନ୍‌ରେ ଖେଳାଯାଇଥିବା ଚତୁଃରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ।

## କୋଥାଜିତ୍ ସିଂ ଖାଡଙ୍ଗବାମ୍

ମଣିପୁର ଜନ୍ମିତ କୋଥାଜିତ୍ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ସେବେଠାରୁ ଭାରତୀୟ ଦଳର ନିୟମିତ ସଦସ୍ୟ ରହିଆସିଥିବା କୋଥାଜିତ୍ ଭାରତୀୟ ଦଳର ସଦସ୍ୟ ଭାବେ ୨୦୧୪ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ,୨୦୧୪ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ସେ ମଧ୍ୟ ଗତ ଏସିଆନ ଗେମ୍ସ ଓ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।



କୋଥାଜିତ୍ ସିଂ ଖାଡଙ୍ଗବାମ୍
ବୟସ: ୨୬
ପୋଜିଶନ: ଡିଫେଣ୍ଡର
ମ୍ୟାଚ୍: ୧୮୬

## ସୁରେନ୍ଦ୍ର କୁମାର



ବୟସ: ୨୪
ପୋଜିଶନ: ଡିଫେଣ୍ଡର
ମ୍ୟାଚ୍: ୧୦୩

ହରିୟାଣାରୁ ଆସିଥିବା ସୁରେନ୍ଦ୍ର କୁମାର ୨୦୧୩ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଭାରତୀୟ ଜୁନିୟର ଦଳର ସଦସ୍ୟ ହିସାବରେ ସେ ୨୦୧୩ ବିଶ୍ୱକପ୍ ଖେଳିଥିଲେ। ସେ ରିଓ ଅଲିମ୍ପିକ୍ସ, ୨୦୧୭ ଏସିଆ କପ୍, ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ଭାରତପାଇଁପ୍ରତିନିଧିତ୍ୱକରିଥିଲେ।ତାଙ୍କରଡିଫେନ୍ସିଭସ୍କିଲଅସାଧାରଣ।



## ମନପ୍ରୀତ୍ ସିଂ

(ଅଧିନାୟକ)
ବୟସ: ୨୬
ପୋଜିଶନ: ମିଡ୍‌ଫିଲ୍ଡର
ମ୍ୟାଚ୍: ୨୩୮

ପଞ୍ଜାବ ଜନ୍ମିତ ମନପ୍ରୀତ୍ ମାତ୍ର ୧୯ ବର୍ଷ ବୟସରେ ଅର୍ଥାତ ୨୦୧୧ରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ସେବେଠାରୁ ସେ ଭାରତ ପାଇଁ ସବୁ ମେଜର ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଆସୁଛନ୍ତି। ତାଙ୍କର ଅସାଧାରଣ ପ୍ରତିଭା ଓ ଦକ୍ଷତା ପାଇଁ ଆଗାମୀ ବିଶ୍ୱକପ୍‌ରେ ତାଙ୍କୁ ଭାରତର ନେତୃତ୍ୱ ପ୍ରଦାନ କରାଯାଇଛି। ୨୦୧୪ ଏସିଆନ୍ ଗେମ୍ସ ଓ ୨୦୧୬ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତର ଚମତ୍କାର ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଜୁନିୟର ଦଳର ଅଧିନାୟକ ହିସାବରେ ମଧ୍ୟ ବେଶ୍ ସଫଳ ରହିଆସିଛନ୍ତି। ଏହି ବର୍ଷ ସୁଲତାନ ଜୋହର କପ୍ ହକିରେ ସେ ପ୍ରଥମଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ।

କଳିଙ୍ଗ ଷ୍ଟାଡିୟମ ଇତିହାସରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ନୂଆ ଫର୍ଦ୍ଦ। ଏଠାରେ ନଭେମ୍ବର ୨୮ରୁ ଆରମ୍ଭ ହେବ ହକି ବିଶ୍ୱକପର ୧୪ତମ ସଂସ୍କରଣ। ଏଥିପାଇଁ ବିଦେଶୀ ଦଳ ଗୁଡ଼ିକ ପର୍ଯ୍ୟାୟକ୍ରମେ ପହଞ୍ଚିବା ଆରମ୍ଭ କରିଥିବାବେଳେ ସେମାନଙ୍କୁ ଟକ୍କର ଦେବାକୁ ପ୍ରସ୍ତୁତ ମନପ୍ରୀତ ବାହିନୀ। ଘରୋଇ ପରିବେଶରେ ଏଥର ଲଢ଼ିବ ଭାରତ। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ସନ୍ତୁଳିତ ଥିବାବେଳେ ଉନ୍ନତ ପ୍ରଦର୍ଶନ ଆଶାରେ ରହିଛନ୍ତି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ।

# ମନପ୍ରୀତ ବାହିନୀ

## ନୀଳକାନ୍ତ ଶର୍ମା



ବୟସ: ୨୩
ପୋଜିଶନ: ମିଡ୍‌ଫିଲ୍ଡର
ମ୍ୟାଚ୍: ୨୫

ମଣିପୁରରୁ ଆସିଥିବା ନୀଳକାନ୍ତ ଶର୍ମା ୨୦୧୬ ଜୁନିୟର ଭାରତୀୟ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଥିଲେ। ୨୦୧୭ରେ ଭାରତର ୟୁରୋପ ଗସ୍ତରେ ସେ ବେଲ୍‌ଜିୟମ ବିପକ୍ଷରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ବିଭିନ୍ନ ବୟସ ବର୍ଗରେ ସେ ଦମ୍‌ଦାର ପ୍ରଦର୍ଶନ କରି ସିନିୟର ଦଳରେ ସ୍ଥାନ ହାସଲ କରିଥିଲେ। ଗତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରି ପାକିସ୍ତାନ ସମେତ ଯୁଗ୍ମ ଚାମ୍ପିୟନ ବିବେଚିତ ହୋଇଥିଲେ।

## ହାର୍ଦ୍ଦିକ ସିଂ

ଯୁବ ଡିଫେଣ୍ଡର ହାର୍ଦ୍ଦିକ ସିଂ ଗତବର୍ଷ ଖେଳାଯାଇଥିବା ସୁଲତାନ ଜୋହର କପ୍‌ରେ ଜୁନିୟର ଭାରତୀୟ ଦଳର ସଦସ୍ୟ ହିସାବରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେ ୨୦୧୮ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକିରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ ଓ ଏଥିରେ ଦମ୍‌ଦାର ପ୍ରଦର୍ଶନ କରି ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି।



ହାର୍ଦ୍ଦିକ ସିଂ
ବୟସ: ୨୦
ପୋଜିଶନ: ମିଡ୍‌ଫିଲ୍ଡର
ମ୍ୟାଚ୍: ୬



ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ

## ସୁମିତ୍



ବୟସ: ୨୧
ପୋଜିଶନ: ମିଡ୍‌ଫିଲ୍ଡର
ମ୍ୟାଚ୍: ୪୯

ଭାରତୀୟ ଦଳର ସବୁଠାରୁ ଫିଟ୍ ଖେଳାଳି ଭାବେ ସୁମିତ୍ ବିବେଚିତ ହୁଅନ୍ତି। ୟୋ-ୟୋ ଟେଷ୍ଟରେ ସେ ସମସ୍ତଙ୍କୁ ଅତି ସହଜରେ ପଛରେ ପକାଇବାରେ ସଫଳ ହୋଇଛନ୍ତି। ୨୦୧୭ରେ ସେ ଭାରତୀୟ ସିନିୟର ଦଳ ପାଇଁ ଡେବ୍ୟୁ କରିଥିଲେ। ଚଳିତ ବର୍ଷ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରି ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ମଧ୍ୟ ଗତ ଏସିଆନ୍ ଚାମ୍ପିୟନ ଟ୍ରଫିରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।

## ମନଦୀପ୍ ସିଂ

୨୦୧୩ ହକି ୱାର୍ଲ୍ଡ ଲିଗ୍ ରାଉଣ୍ଡ ୨ରେ ସେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ୨୦୧୬ ଜୁନିୟର ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଏହି ବର୍ଷ ଅନୁଷ୍ଠିତ ୩୬ତମ ଏଫ୍ଆଇଏଚ୍ ଚାମ୍ପିୟନ୍ସ ଟ୍ରଫିରେ ସେ ଭାରତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ଜିତିଥିଲେ। ଏହାପରେ ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ୨୦୧୭ ଏସିଆ କପ୍‌ରେ ଚାମ୍ପିୟନ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ୨୦୧୭ ହକି ୱାର୍ଲ୍ଡଲିଗ୍‌ରେ ଭାରତର ବ୍ରୋଞ୍ଜ୍ ପଦକ ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ମନଦୀପ୍ ସିଂ
ବୟସ: ୨୩
ପୋଜିଶନ: ଫରୱାର୍ଡ
ମ୍ୟାଚ୍: ୧୨୫

## ଅମିତ୍ ରୋହିଦାସ



ବୟସ: ୨୫
ପୋଜିଶନ: ଡିଫେଣ୍ଡର
ମ୍ୟାଚ୍: ୬୯

ଓଡ଼ିଶାର ଅମିତ୍ ରୋହିଦାସ ୨୦୧୩ ସୁଲତାନ ଆଜଲାନ ଶାହ କପ୍‌ରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଭାରତ ପାଇଁ ଖେଳି ସେ ୨୦୧୩ ଏସିଆ କପ୍‌ରେ ରୌପ୍ୟ ପଦକ ଜିତିଥିଲେ। ୨୦୦୯ରୁ ୨୦୧୩ ଜୁନିୟର ବିଶ୍ୱକପ୍ ପର୍ଯ୍ୟନ୍ତ ସେ ଭାରତୀୟ ଜୁନିୟର ଦଳର ନିୟମିତ ସଦସ୍ୟ ରହିଆସିଛନ୍ତି। ସେ ମଧ୍ୟ ୨୦୧୪ ହକି ପୁରୁଷ ୱାର୍ଲ୍ଡ ଲିଗ୍ ଫାଇନାଲ ଖେଳିଥିଲେ। ଦୁଇ ବର୍ଷ ସିନିୟର ଦଳରେ ସ୍ଥାନ ନ ପାଇବା ପରେ ସେ ୨୦୧୭ରେ ପ୍ରତ୍ୟାବର୍ତ୍ତନ କରିଥିଲେ।

## ଚିଙ୍ଗଲେନ୍‌ସାନା ସିଙ୍ଗ୍ କାଙ୍ଗୁଜାମ୍

ମଣିପୁର ଜନ୍ମିତ ଚିଙ୍ଗଲେନ୍‌ସାନା ୨୦୧୧ ଚାମ୍ପିୟନ୍ସ ଚ୍ୟାଲେଞ୍ଜ୍ ଟ୍ରଫିରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ୨୦୧୩ ଏସିଆ କପ୍‌ରେ ରୌପ୍ୟ ଜିତି ସେ କ୍ୟାରିୟରର ପ୍ରଥମ ପଦକ ହାସଲ କରିଥିଲେ। ସେ ମଧ୍ୟ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ୨୦୧୭ ଏସିଆ କପ୍‌ରେ ଚାମ୍ପିୟନ ଓ ୨୦୧୭ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ଭାରତକୁ ବ୍ରୋଞ୍ଜ୍ ପଦକ ହାସଲ କରାଇବାରେ ମଧ୍ୟ ତାଙ୍କର ମୁଖ୍ୟ ଭୂମିକା ଥିଲା



ଚିଙ୍ଗ୍‌ଲେନ୍‌ସାନା ସିଙ୍ଗ୍ କାଙ୍ଗୁଜାମ୍
(ଉପ ଅଧିନାୟକ)
ବୟସ:୨୬
ପୋଜିଶନ: ମିଡ୍‌ଫିଲ୍ଡର
ମ୍ୟାଚ୍: ୧୯୯

## ଆକାଶଦୀପ ସିଂ



ବୟସ: ୨୩
ପୋଜିଶନ: ଫରୱାର୍ଡ
ମ୍ୟାଚ୍: ୧୭୪

୨୦୧୨ ଚାମ୍ପିୟନ୍ସ ଟ୍ରଫିରେ ଆକାଶଦୀପ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ୨୦୧୪ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ୍ୟ ସେ ଦେଶ ପାଇଁ ରୌପ୍ୟ ଜିତିଥିଲେ। ସେହିପରି ୨୦୧୫ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ମଧ୍ୟ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେ ମଧ୍ୟ ୨୦୧୭ରେ ଭାରତର ଏସିଆ କପ୍ ବିଜୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ।

## ଦିଲ୍‌ପ୍ରୀତ୍ ସିଂ

ପଞ୍ଜାବରୁ ଆସିଥିବା ଦିଲ୍‌ପ୍ରୀତ୍ ଚଳିତ ବର୍ଷ ପ୍ରାରମ୍ଭରେ ନ୍ୟୁଜିଲାଣ୍ଡରେ ଖେଳାଯାଇଥିବା ଚତୁଃ ରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟରେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ଜୁନିୟର ସ୍ତରରେ ଦମ୍‌ଦାର ପ୍ରଦର୍ଶନ କରି ସେ ସିନିୟର ଦଳରେ ସ୍ଥାନ ପକ୍କା କରିଥିଲେ। ସେ ମଧ୍ୟ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ସେ ରୌପ୍ୟ ପଦକ ଜିତିଥିଲେ। ଗତ ଏସିଆନ୍ ଗେମ୍ସ ଓ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।



ଦିଲ୍‌ପ୍ରୀତ୍ ସିଂ
ବୟସ: ୧୯
ପୋଜିଶନ: ଫରୱାର୍ଡ
ମ୍ୟାଚ୍: ୩୬

## ଲଳିତ୍ କୁମାର ଉପାଧ୍ୟାୟ



ବୟସ: ୨୪
ପୋଜିଶନ: ଫରୱାର୍ଡ
ମ୍ୟାଚ୍: ୮୯

ବାରାଣସୀରୁ ଆସିଥିବା ଲଳିତ ୨୦୧୪ରୁ ଭାରତୀୟ ସିନିୟର କୋର ଗ୍ରୁପ୍‌ର ସଦସ୍ୟ ରହିଆସିଛନ୍ତି। ହକି ଇଣ୍ଡିଆ ଲିଗ୍‌ରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ୨୦୧୭ ଏସିଆ କପ୍‌ରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ୨୦୧୭ ହକି ୱାର୍ଲ୍ଡ ଲିଗ୍ ଫାଇନାଲ, ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ଭାରତର ମିଶ୍ରିତ ସଫଳତାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ସିମରନଜିତ୍ ସିଂ

ପଞ୍ଜାବରେ ଜନ୍ମିତ ସିମରନଜିତ୍ ୨୦୧୬ ଜୁନିୟର ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ଜୁନିୟର ସ୍ତରରେ ଦମ୍‌ଦାର ପ୍ରଦର୍ଶନ କରି ସେ ୨୦୧୮ରେ ସିନିୟର ଦଳ ପାଇଁ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ସେ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ହାସଲ କରିଥିଲେ।



ସିମରନଜିତ୍ ସିଂ
ବୟସ: ୨୧
ପୋଜିଶନ: ଫରୱାର୍ଡ
ମ୍ୟାଚ୍: ୨୪



> ଅନଲାଇନରେ ସୁନା ଏବଂ ସୁନା ସାମଗ୍ରୀ ଯୋଗାଣ ପାଇଁ ପେଟିଏମ୍ ସହ ଚୁକ୍ତିରେ ସାମିଲ ହୋଇଛୁ ।
> – ସଚିନ୍ କୋଠାରୀ, ନିର୍ଦ୍ଦେଶକ, ଅଗମଣ୍ଟ ଗୋଲ୍ଡ



> କେଟିଏମ୍ ୨୦୦ ଡ୍ୟୁକ୍‌ର ଏବିଏସ୍ ମଡେଲକୁ ବଜାର ପ୍ରବେଶ କରାଇଛୁ । ଗ୍ରାହକ ଏହି ବର୍ଗରେ ଏବିଏସ୍ ଓ ଅଣ ଏବିଏସ୍ ବିକଳ୍ପ ପାଇପାରିବେ ।
> – ଅମିତ ନନ୍ଦୀ, ସଭାପତି, ବଜାଜ ଅଟୋ ପ୍ରୋବାଇକିଂ



**ସଂକ୍ଷେପରେ**

## ଜାରି ରହିବ ରାଷ୍ଟ୍ରାୟତ୍ତ ବ୍ୟାଙ୍କଙ୍କୁ ପୁଞ୍ଜିଯୋଗାଣ

**ନୂଆଦିଲ୍ଲୀ,୨୩-୧୧:** କେନ୍ଦ୍ର ସରକାର ନିଜର ପ୍ରତିଶ୍ରୁତି ମୁତାବକ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁଞ୍ଜିଯୋଗାଣ ଜାରି ରଖିବେ ଏବଂ ୫୪ ହଜାର କୋଟି ଟଙ୍କା ଦେବେ ବୋଲି ଜଣାପଡ଼ିଛି। ରିଜର୍ଭ ବ୍ୟାଙ୍କ ବାସେଲ-୩ ନିୟମକୁ ଲାଗୁ କରିବା ଲାଗି ସମୟସୀମା ବଢ଼ାଇବାକୁ ରାଜି ହୋଇଛି। ଏହି କାରଣରୁ ବ୍ୟାଙ୍କଗୁଡ଼ିକୁ ଅଧିକ ପୁଞ୍ଜିର ଆବଶ୍ୟକତା ପଡ଼ିବ ନାହିଁ ଏହାସତ୍ତ୍ୱେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ଦିଆଯିବାକୁ ଥିବା ପୁଞ୍ଜି ହ୍ରାସ କରିବେ ନାହିଁ ବୋଲି ଜଣାପଡ଼ିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ନୂଆ ବ୍ୟବସ୍ଥା ଅନ୍ତର୍ଗତରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁଞ୍ଜି ମାନଦଣ୍ଡ ପୂରଣ କରିବା ଲାଗି ଏବେ କମ୍ ପୁଞ୍ଜିର ଆବଶ୍ୟକତା ରହିବ। ସରକାରଙ୍କ ପକ୍ଷରୁ ପୁଞ୍ଜି ଆବଶ୍ୟକତା ହ୍ରାସ ପାଇ ୧୫ ହଜାରରୁ ୨୦ ହଜାର କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଫଳରେ ବ୍ୟାଙ୍କଗୁଡ଼ିକୁ ନିୟମ ପାଳନ କରିବା ଲାଗି ୨୦୨୦ ମାର୍ଚ୍ଚ ସୁଦ୍ଧା ସମୟ ମିଳିଯିବ।

## ପୂର୍ଣ୍ଣାଙ୍ଗ ବଦଳରେ ଅନ୍ତରୀଣ ବଜେଟ ଉପସ୍ଥାପନ ହେବ

**ନୂଆଦିଲ୍ଲୀ,୨୩-୧୧:** କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ୨୦୧୯ ଫେବୃୟାରୀ ପହିଲାରେ ପୂର୍ଣ୍ଣାଙ୍ଗ ବଦଳରେ ଅନ୍ତରୀଣ ବଜେଟ୍ ଉପସ୍ଥାପନ କରିବେ ବୋଲି ଜଣେ ସରକାରୀ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଆସନ୍ତା ବର୍ଷ ଲୋକ ସଭା ନିର୍ବାଚନ ପୂର୍ବରୁ ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ ବୋଲି ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ଖଣ୍ଡନ କରି ଉକ୍ତ ଅଧିକାରୀ ଉପରୋକ୍ତ ସୂଚନା ଦେଇଛନ୍ତି। ତେବେ ଟିକସ କ୍ଷେତ୍ରରେ କିଛି ଘୋଷଣା ହୋଇପାରେ ବୋଲି ସେ ସଙ୍କେତ ଦେଇଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅନ୍ତରୀଣ ବଜେଟ୍‌ରେ ଟିକସ କ୍ଷେତ୍ରରେ କିଛି ଘୋଷଣା କଲେ ଅସୁବିଧା ନାହିଁ ବୋଲି ସେ କହିଛନ୍ତି। କାରଣ ପୂର୍ବରୁ ମଧ ଏକାଧିକଥର ଏଭଳି ଦେଖିବାକୁ ମିଳିଛି। ସେ କହିଛନ୍ତି ଯେ,ଅନ୍ତରୀଣ ବଜେଟ୍ ନେଇ ଆଲୋଚନା ଆରମ୍ଭ ହୋଇନି।

## ନିସାନର ପୂର୍ବତନ ଅଧ୍ୟକ୍ଷଙ୍କ ଅଘୋଷିତ ଆୟ ୭.୧ କୋଟି ଡଲାର

**ଟୋକିଓ,୨୩-୧୧:** ନିସାନ ମୋଟର କମ୍ପାନୀର ଅଧ୍ୟକ୍ଷ ପଦରୁ ହଟାଯାଇଥିବା କାର୍ଲୋସ ଘୋସନଙ୍କ ମୋଟ୍ ଅଘୋଷିତ ଆୟ ୭.୧ କୋଟି ଡଲାର ବୋଲି ଆକଳନ କରାଯାଇଛି। ପୂର୍ବର ଆକଳନଠାରୁ ଏହା ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ଜାପାନୀ ମିଡିଆରେ ରିପୋର୍ଟ ପ୍ରକାଶ କରାଯାଇଛି। ତାଙ୍କୁ ପୂର୍ବରୁ ଗିରଫ କରାଯାଇସାରିଛି। ସେ ୨୦୧୧ ଜୁନରୁ ୨୦୧୫ ଜୁନ ସୁଦ୍ଧା ୫ ବିଲିୟନ ୟେନ୍ (୪୪ ମିଲିୟନ ଡଲାର) କମ୍ ଆୟ ଦର୍ଶାଇଥିଲେ ବୋଲି ଅଭିଯୋଗ ହୋଇଥିଲା।

# ଡଲାର କିଣିବାରେ ବ୍ୟସ୍ତ ଆର୍‌ବିଆଇ




- ୧୧ ମାସ ଧରି ବିକ୍ରି ଚାଲିଥିଲା
- ନଭେମ୍ବର ପ୍ରଥମ ସପ୍ତାହରେ ୫୦ କୋଟି ଡଲାର କିଣାସରିଛି
- ଟଙ୍କା ମୂଲ୍ୟ ବୃଦ୍ଧିର ଫାଇଦା ମିଳୁଛି

**ନୂଆଦିଲ୍ଲୀ,୨୩-୧୧**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପୁନର୍ବାର ଡଲାର ଭଣ୍ଡାର ବଢ଼ାଇବାରେ ଲାଗିପଡ଼ିଛି। ଗତ ୧୧ ମାସ ଧରି ଆର୍‌ବିଆଇ ଭଣ୍ଡାରରୁ ଡଲାର ହ୍ରାସ ପାଇବା ପରେ ଚଳିତ ମାସର ପ୍ରଥମ ଦୁଇ ସପ୍ତାହରେ କେନ୍ଦ୍ରୀୟ ବ୍ୟାଙ୍କ ଏହା କିଣିବା ଆରମ୍ଭ କରିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ଏବଂ ଟଙ୍କାର ମୂଲ୍ୟ ବଢ଼ିବା କାରଣରୁ ଏହାକୁ କମ୍ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ଏହାଛଡ଼ା ବିଦେଶୀ ପୁଞ୍ଜି ନିବେଶ ପୁଣି ଥରେ ବଢ଼ିବାରେ ଲାଗିଛି। ଏଥିଯୋଗୁ ଭଣ୍ଡାରରେ ଡଲାର ପରିମାଣ ବଢ଼ୁଛି। ନଭେମ୍ବର ପ୍ରଥମ ସପ୍ତାହରେ ଆର୍‌ବିଆଇ ୫୦ କୋଟି ଡଲାର କିଣିଛି। ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ଆଶାକରାଯାଉଛି। ଗତ ୧୧ ମାସ ଭିତରେ ଉଭୟ ସ୍ପଟ୍ ଏବଂ ଫ୍ୟୁଚର୍ସ ମାର୍କେଟରେ କେନ୍ଦ୍ରୀୟ ବ୍ୟାଙ୍କ ଡଲାର ବିକ୍ରି କରି ଟଙ୍କାକୁ ସହାୟତା ଦେଉଥିଲା। କାରଣ ଡଲାର ବିନିମୟରେ ଟଙ୍କାର ମୂଲ୍ୟ ୭୪.୪୮ର ରେକର୍ଡ ସର୍ବନିମ୍ନ ସ୍ତରକୁ ଚାଲିଯାଇଥିଲା। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ସିନିୟର ଇକୋନୋମିଷ୍ଟ ଅନୁଭୂତି ସହାୟ ଏ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି ଯେ, ଅଶୋଧିତ ତେଲ ଦର ହ୍ରାସ ପାଇବା, ବିଦେଶୀ ନିବେଶ ଫେରିବା ଏବଂ ଟଙ୍କା ସବଳ ହେବା ଯୋଗୁ ଆର୍‌ବିଆଇ ପୁଣି ଥରେ ଡଲାର କିଣିବାକୁ ବିଚାର କରିଛି। ସୂଚନାଥାଉ କି, ନଭେମ୍ବର ପ୍ରଥମ ସପ୍ତାହରେ ଟଙ୍କାର ମୂଲ୍ୟ ବଢ଼ିବା ଆରମ୍ଭ କରିଥିଲା ଏବଂ ଏହା ବିକାଶଶୀଳ ମାର୍କେଟରେ ଭଲ ପ୍ରଦର୍ଶନ କରିଥିବା ଟପ୍ ୩ ଦେଶ ମଧ୍ୟରେ ରହିଛି। ଗୁରୁବାର ଟଙ୍କା ୧% ଶକ୍ତିଶାଳୀ ହୋଇଛି। ଭାରତ ଦ୍ୱିତୀୟ ଦେଶ ଭାବେ ସର୍ବାଧିକ ଅଶୋଧିତ ତେଲ ଆମଦାନୀ କରୁଛି। ଏହି କାରଣରୁ ଏହାକୁ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ଗୁରୁବାର ଟଙ୍କାର ମୂଲ୍ୟ ୭୦.୭୦ ଥିଲା। ଏ ସମ୍ପର୍କରେ କୋଟାକ ସିକ୍ୟୁରିଟିଜର କରେନ୍ସି ଆନାଲିଷ୍ଟ ଅନିନ୍ଦ୍ୟ ବାନାର୍ଜୀ କହିଛନ୍ତି ଯେ, ଟଙ୍କା ସମ୍ଭାଳିବାକୁ ପୂର୍ବେ ଆର୍‌ବିଆଇ ଡଲାର ବିକୁଥିଲା। ଏବେ ଅଶୋଧିତ ତେଲ ଦର ଗୁରୁବାର ୬୨.୬୨ ଡଲାର ପ୍ରତି ବ୍ୟାରେଲ ପହଞ୍ଚିଗଲାଣି, ଯାହା କି ଫେବୃୟାରୀ ୧୩ ପରେ ସର୍ବନିମ୍ନ ସ୍ତର ରହିଛି। ସେହିପରି ଆଇସିଆଇସିଆଇ ବ୍ୟାଙ୍କର ମାର୍କେଟ ମୁଖ୍ୟ ତଥା ଗ୍ରୁପ୍ ଏକ୍ସିକ୍ୟୁଟିଭ ବି. ପ୍ରସନ୍ନା କହିଛନ୍ତି ଯେ, ଟଙ୍କାର ମୂଲ୍ୟ ବୃଦ୍ଧିର ଫାଇଦା ଉଠାଇ ଆର୍‌ବିଆଇ ଏବେ ଡଲାର କିଣିବା ଲାଗି ବାଟ ଫିଟାଇ ଦେଇଛି।

### ବୈଦେଶିକ ମୁଦ୍ରା ଜମା ବଢୁଛି

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଶୁକ୍ରବାର ଶେଷ ହେଉଥିବା ସପ୍ତାହ ସୁଦ୍ଧା ୫୬.୮୯ କୋଟି ଡଲାର ବଢ଼ି ୩୯୩.୫୮ ବିଲିୟନ ଡଲାର ବା ୨୮,୩୦୨.୩୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ କୁହାଯାଇଛି। ବିଦେଶୀ ମୁଦ୍ରା ଭଣ୍ଡାରକୁ ଡଲାର ଭାବେ ପରିଗଣିତ କରାଯାଏ। ଏଥିରେ ଗଚ୍ଛିତ ଥିବା ପାଉଣ୍ଡ, ଷ୍ଟର୍ଲିଂ,ୟେନ ଭଳି ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ରହିଛି, ଯାହାର ମୂଲ୍ୟ ଦୈନିକ ପରିବର୍ତ୍ତନ ହୋଇଥାଏ। ଆଲୋଚ୍ୟ ଅବଧିରେ ଦେଶର ସ୍ୱର୍ଣ୍ଣ ଭଣ୍ଡାର ୨୦.୯୬ ବିଲିୟନ ଡଲାର ରହିଛି, ଯାହା କି ପ୍ରାୟ ୧,୫୫୦.୯୦ ଲକ୍ଷ କୋଟି ଟଙ୍କା ବୋଲି ଆକଳନ କରାଯାଇଛି।

# ସେଣ୍ଟ୍ରାଲରେ ବିଟ୍ୱିନ୍ ସିଜନ ସେଲ୍




**ଭୁବନେଶ୍ୱର,୨୩-୧୧**

ପ୍ରମୁଖ ଫ୍ୟାଶନ ଡେଷ୍ଟିନେଶନ ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ବିଟ୍ୱିନ ସିଜନ ସେଲ୍ ଅଫର ଆରମ୍ଭ ହୋଇଛି। ଚଳିତ ମାସ ୨୧ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଅଫରର ଲାଭ ଗ୍ରାହକମାନେ ୨୫ ତାରିଖ ଯାଏ ଉଠାଇ ପାରିବେ। ୨୦୦ ପ୍ରିମିୟମ ବ୍ରାଣ୍ଡ ଏବଂ ୫୦୦୦ ଷ୍ଟାଇଲର ସାମଗ୍ରୀ ଉପରେ ଗ୍ରାହକଙ୍କୁ ଏହି ଅଫର ସୁବିଧା ପ୍ରଦାନ କରାଯାଉଛି। ଏହି ସମୟରେ ଷ୍ଟୋରରୁ କିଣାକିଣି ଉପରେ ଗ୍ରାହକ ଅନ୍ୟୂନ ୩୦% ଅଫ୍ ସୁବିଧା ପାଇପାରିବେ। ସେହିଭଳି ୩୦% କ୍ୟାଶବ୍ୟାକ ଷ୍ଟୋର ପକ୍ଷରୁ ପ୍ରଦାନ କରାଯାଉଛି। ୩,୯୯୯ ଟଙ୍କାର କ୍ରୟ ଉପରେ କ୍ୟାଶବ୍ୟାକ୍ ସୁବିଧା ମିଳିବ ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି। ମୋବାଇଲ ନମ୍ବର ପିଛା ସର୍ବାଧିକ ୧୨୦୦ ଟଙ୍କାର କ୍ୟାଶବ୍ୟାକ ଉପଲବ୍ଧ ହେଉଛି। ସେହିଭଳି ବିବାହ ସିଜନକୁ ଧ୍ୟାନରେ ରଖି ଷ୍ଟୋର ପକ୍ଷରୁ ବିଭିନ୍ନ କଲେକ୍ସନ ଉପଲବ୍ଧ କରାଯାଇଛି। ସୁଟ୍, ବ୍ଲେଜର, ଫୁଟୱେର, ଆସେସୋରିଜ, ଲଗେଜ୍ ସହ ଅନ୍ୟାନ୍ୟ ବର୍ଗରେ ଏଠାରେ ସାମଗ୍ରୀ ମିଳୁଛି। ଏହା ବାଦ୍ ଆରୋ, ଲୁଇ ଫିଲିପ୍, ବ୍ଲାକବେରୀ, ଜିଓଭନି ଭଳି ବ୍ରାଣ୍ଡରେ ସୁଟ୍ ଏବଂ ବ୍ଲେଜର ଲାଗି ବିଭିନ୍ନ ବିକଳ୍ପ ସୁବିଧା ରହିଛି। ସବୁ ଷ୍ଟାଇଲର ୱିଣ୍ଟରୱେର ରହିଛି। ଲେଡିଜଙ୍କ ପାଇଁ ୱେଷ୍ଟର୍ନ, ଏଥିନିକ ପ୍ୟାଟର୍ନରେ ଏହା ମିଳୁଛି। ପୁରୁଷଙ୍କ ପାଇଁ କାଜୁଆଲ, ଫର୍ମାଲ ସହ ଯୁବବର୍ଗଙ୍କୁ ଧ୍ୟାନରେ ରଖି ବିଭିନ୍ନ କଲେକ୍ସନ ରହିଛି। ସ୍ପୋର୍ଟସୱେର ବର୍ଗରେ ବିସ୍ତୃତ ବିକଳ୍ପ ରହିଥିବା ସେଣ୍ଟ୍ରାଲ ପକ୍ଷରୁ ପ୍ରକାଶ।




## ଏଟିଏମ୍ ସଂଖ୍ୟା କମାଯିବ ନାହିଁ: ପିଏନ୍‌ବି

**ନୂଆଦିଲ୍ଲୀ,୨୩-୧୧:** ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଏଟିଏମ୍ ସଂଖ୍ୟା କମାଇବା ଲାଗି କୌଣସି ଯୋଜନା ହୋଇ ନାହିଁ ବୋଲି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ପକ୍ଷରୁ କୁହାଯାଇଛି। ୨୦୧୯ ମାର୍ଚ୍ଚ ସୁଦ୍ଧା ଦେଶର ୫୦% ଏଟିଏମ୍ ବନ୍ଦ ହୋଇଯିବ ବୋଲି ଏଟିଏମ୍ ଉଦ୍ୟୋଗକୁ ପ୍ରତିନିଧିତ୍ୱ କରୁଥିବା କନଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି ପକ୍ଷରୁ କୁହାଯିବା ପରେ ପିଏନ୍‌ବି ପକ୍ଷରୁ ଉକ୍ତ ସୂଚନା ଦିଆଯାଇଛି। ଉଲ୍ଲେଖଥାଉ କି, ପିଏନ୍‌ବିର ସାରା ଦେଶରେ ୯୪୨୮ ଏଟିଏମ୍ କାର୍ଯ୍ୟକରୁଛି। ଏହା ଦେଶର ବଡ଼ ଏଟିଏମ୍ ସେବାଯୋଗାଣକାରୀଙ୍କ ମଧ୍ୟରେ ଅନ୍ୟତମ।


**ODISHA STATE ROAD TRANSPORT CORPORATION, BHUBANESWAR**
**No. 16408/OSRTC/Bhubaneswar Dated. 22.11.18**
**Corrigendum**
**GPS based Vehicle Tracking System (VTS) in OSRTC buses**

**No.CAD-1056:-** In continuation to the Tender No. 15893 dated.13.11.2018 published in the newspapers and OSRTC website: www.osrtc.in on 14.11.2018, the last date of submission of Tender is hereby extended from 30.11.2018 to 07.12.2018 upto 3.00 PM. Other details may be accessed from the website.

Sd./-
(R.P. Sahu)
General Manager (Admn.)
38002/11/0005/1819



DSPL - 255

**ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏପି" ସିରିଜ୍ ("AP" Series)**
**ବିଶେଷ ସୂଚନା**

ପ୍ରତ୍ୟେକ ବର୍ଷ ଭଳି, ଚଳିତ ବର୍ଷ ମଧ ଓଡିଶା ସରକାରଙ୍କ ଅର୍ଥ ବିଭାଗ ଆନୁକୁଲ୍ୟରେ **ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏପି"(AP) ସିରିଜ୍** ର ପ୍ରଚଳନ କରାଯାଇଅଛି ଏବଂ କୁପନ ବିତରଣ ପ୍ରକ୍ରିୟା ବଳବତ୍ତର ଅଛି । ତା ୨୮.୦୨.୨୦୧୯ ରିଖ,ଏହି ବିତରଣ ପକ୍ରିୟାର ଅନ୍ତିମ ଦିବସ ।

ଏହି ଯୋଜନାନୁଯାୟୀ ଯେଉଁ ବ୍ୟକ୍ତି ଓଡିଶାରେ ଅବସ୍ଥିତ ଯେକୌଣସି ଡାକଘର / ଅଧିକୃତ ବ୍ୟାଙ୍କ୍ ଜରିଆରେ ନିମ୍ନ ବର୍ଣ୍ଣିତ ସ୍ୱଳ୍ପ ସଞ୍ଚୟ ଜମା ଯୋଜନା ଗୁଡିକରେ ତା **୦୧.୦୧.୨୦୧୮** ରିଖ ଠାରୁ ତା **୩୧.୧୨.୨୦୧୮** ରିଖ ମଧ୍ୟରେ, ଅନ୍ୟୂନ ୨୦୦୦ ଟଙ୍କା ବା ତଦୁର୍ଦ୍ଧ୍ୱ ଅର୍ଥ ନିବେଶ କରିଥିବେ, ସେମାନେ ପ୍ରତ୍ୟେକ ୨୦୦୦ ଟଙ୍କା ଜମା ପିଛା ଗୋଟିଏ ମାଗଣା କୁପନ ସଂଗ୍ରହ କରିପାରିବେ । ୱେବ୍ ସଞ୍ଚାଳିତ ପଦ୍ଧତି ଦ୍ୱାରା ଉତ୍ପନ୍ନ କୁପନ୍ ନମ୍ବର ଜମାକାରୀ ମାନଙ୍କୁ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଅଛି । ଏହି ଯୋଜନାରେ ଅଂଶ ଗ୍ରହଣ କରିବା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ । ଆସନ୍ତା ତା **୨୮.୦୪.୨୦୧୯** ରିଖରେ ଆୟୋଜିତ ହେବାକୁ ଥିବା ଏହି ଯୋଜନାର ଉଠାଣରେ କୁପନ ସଂଗ୍ରହ କରିଥିବା କୁପନଧାରୀ ମାନଙ୍କ ମଧ୍ୟରୁ ୨୪୨୮ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ୭ ଟି ବର୍ଗରେ, ସର୍ବୋଚ୍ଚ ୫ ଲକ୍ଷ ଟଙ୍କା ଏବଂ ସର୍ବନିମ୍ନ ୨୦୦୦ ଟଙ୍କା ବିଶିଷ୍ଟ ସମୁଦାୟ ୭୪ ଲକ୍ଷ ଟଙ୍କା ମୂଲ୍ୟର ପ୍ରୋତ୍ସାହନ ରାଶି, ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ ।

**୧) କିଷାନ ବିକାଶ ପତ୍ର (KVP)**
**୨) ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ (ଅଷ୍ଟମ ଇସ୍ୟୁ) (NSC 8th issue)**
**୩) ପବ୍ଲିକ୍ ପ୍ରୋଭିଡେଣ୍ଟ୍ ଫଣ୍ଡ୍ (PPF)**
**୪) ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (SCSS) (କେବଳ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ)**
**୫) ସୁକନ୍ୟା ସମୃଦ୍ଧି ଜମା (SSA)**
**୬) ଡାକଘର ୫ ବର୍ଷିଆ ଅବଧି ଜମା (5Yr POTD)/ ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା (5Yr NSTDA)**
**୭) ଡାକଘର ପୌନଃପୁନିକ ଜମା (PORD)/ ଜାତୀୟ ସଞ୍ଚୟ ପୌନଃପୁନିକ ଜମା ଖାତା (NSRDA)**
**୮) ଡାକଘର ମାସିକ ଆୟ ଯୋଜନା (POMIS)/ ଜାତୀୟ ସଞ୍ଚୟ ମାସିକ ଆୟ ଜମା (NSMIA)**

ଏଣୁ ଉପରୋକ୍ତ ଯୋଜନା ଗୁଡିକ ମଧ୍ୟରୁ ନିଜର ପସନ୍ଦ ମୁତାବକ ଜମା ଯୋଜନାରେ ସଞ୍ଚୟ କରି ନିକଟସ୍ଥ ଜିଲ୍ଲାପାଳ/ ଉପଜିଲ୍ଲାପାଳ/ ପଞ୍ଚାୟତ ସମିତି (ବ୍ଲକ୍) କାର୍ଯ୍ୟାଳୟରୁ କୁପନ ସଂଗ୍ରହ କରି ଭାଗ୍ୟଶାଳୀ ବିଜେତା ହେବାର ସୁଯୋଗ ନିଅନ୍ତୁ ।

ସବିଶେଷ ବିବରଣୀ ତଥା କୁପନ ସଂଗ୍ରହ ପାଇଁ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ / ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ / ବ୍ଲକ୍ କାର୍ଯ୍ୟାଳୟରେ ଅବସ୍ଥାପିତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

ବର୍ଷର ଶେଷ ଭାଗରେ ପ୍ରବଳ ଭିଡରୁ ରକ୍ଷା ପାଇବା ପାଇଁ, ବର୍ତ୍ତମାନ ସୁଦ୍ଧା ଜମା କରିସାରିଥିବା ଜମାକାରୀମାନେ ସେମାନଙ୍କର କୁପନ ଆଜିଠାରୁ ହିଁ ସଂଗ୍ରହ କରିନିଅନ୍ତୁ ।

ପୁରସ୍କାର ବିତରଣ ପ୍ରକ୍ରିୟାକୁ ସହଜ କରିବା ନିମନ୍ତେ କୁପନ୍ ଗ୍ରହଣ ସମୟରେ ଆପଣଙ୍କର ମୋବାଇଲ୍ ଫୋନ୍ ନମ୍ବର ଏବଂ ସଠିକ୍ **IFS Code** ସହିତ ବ୍ୟାଙ୍କ୍ ସେଭିଙ୍ଗ୍‌ସ ଏକାଉଣ୍ଟ୍ ନମ୍ବର ପ୍ରଦାନ କରିବା ପାଇଁ ଅନୁରୋଧ ।

ବି:ଦ୍ର: କୁପନ ସଂଗ୍ରହ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଉଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚ କରି କୁପନ ସଂଗ୍ରହ କରନ୍ତୁ । କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ଗ୍ରହଣ କରିବା ଆବଶ୍ୟକ ଅଟେ ।

**ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ**
**ଅର୍ଥ ବିଭାଗ, ଓଡିଶା ସରକାର**
05001/13/0027/1819



**କୃଷି ବୈଷୟିକ ପରିଚାଳନା ସଂସ୍ଥା, ଆତ୍ମା: ଖୋର୍ଦ୍ଧା**

DSPL-257

**କୃଷକ ରୋଗପୋକ ସହାୟତା ସେବା**
ଫୋନ୍ କରନ୍ତୁ
୦୬୭୪ ୬୬୦ ୦୫୫୫
କୃଷି ବିଶେଷଜ୍ଞମାନଙ୍କ ଦ୍ୱାରା ରୋଗପୋକ ସମସ୍ୟାର ସମାଧାନ
ଫସଲ ସୁରକ୍ଷା



**ହେଲ୍ପଲାଇନ କେମିତି ପ୍ରୟୋଗ କରିବେ?**

1. 0674 660 0555 ନମ୍ବରରେ ମିସ କଲ୍ ଦିଅନ୍ତୁ।
2. ଏହି କଲ୍ ଦୁଇଟି ରିଙ୍ଗ ହେବା ପରେ ଆପେ ଆପେ କଟିଯିବ।
3. ଏକରୁ ଦୁଇ ମିନିଟ ଭିତରେ ଆପଣଙ୍କୁ କଲ୍ ଆସିବ।
4. ପ୍ରଶ୍ନ ପଚାରିବା ପାଇଁ ୧–ଟିପନ୍ତୁ।
5. ବିପ ଶବ୍ଦ ପରେ ଆପଣଙ୍କ ପ୍ରଶ୍ନ ରେକର୍ଡ କରନ୍ତୁ।
6. ରେକର୍ଡ୍ କରିଥିବା ପ୍ରଶ୍ନ ଶୁଣିବା ପାଇଁ ୧–ଟିପନ୍ତୁ।
7. ଆପଣ ରେକର୍ଡ୍ କରିଥିବା ପ୍ରଶ୍ନ ପଠାଇବା ପାଇଁ ୧–ଟିପନ୍ତୁ।
8. ଆପଣ ପଚାରିଥିବା ପ୍ରଶ୍ନର ଉତ୍ତର, ୪୮ଘଣ୍ଟା ଭିତରେ ବିଶେଷଜ୍ଞଙ୍କ ଠାରୁ ପାଇବେ।

01149/13/0014/1819

**କୃଷକ ରୋଗପୋକ ସହାୟତା ସେବା**
ଫୋନ୍ କରନ୍ତୁ
**0674 660 0555**
କୃଷି ବିଶେଷଜ୍ଞମାନଙ୍କ ଦ୍ୱାରା ରୋଗପୋକ ସମସ୍ୟାର ସମାଧାନ
ଫସଲ ସୁରକ୍ଷା



ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ଖୋର୍ଦ୍ଧା | ଜିଲ୍ଲାପାଳ ତଥା ଅଧକ୍ଷ, ଆତ୍ମା, ଖୋର୍ଦ୍ଧା



**idco ODISHA NEW OPPORTUNITIES**
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/ E-3549/2015-2016/5130 Dtd. 19.11.2018

**TENDER CALL NOTICE**

| | | |
|---|---|---|
| Name of the Work | : | Construction of 63KVA, 11/0.4KV Pole Mounted Substation with linking 1 Span 11KV line for Power supply to State Haj House Pokhariput, Bhubaneswar. |
| Estimated Cost of the Work | : | Rs. 4,48,870.00 |
| Period of Completion | : | 15 Days |
| EMD Amount | : | Rs. 4,500.00 |
| Cost of Bid Document | : | Rs. 2000.00 + 360.00 (GST @ 18%) |
| Date of Availability of Tender | : | 26.11.2018 to 28.11.2018 up to11.00 hrs to 16.00 hrs. |
| Last Date of Submission of Tender | : | Up to 15.00 Hrs. of 03.12.2018 |
| Date of Opening of Tender | : | At 16.00 Hrs. on 03.12.2018 |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or contact Er. S.K. Dash, Manager (Electrical) at Tel. No. 0674-2541766 during office hours.

Sd/-
D.H. (Electrical), IDCO, Bhubaneswar



**QUOTATION CALL FOR HIRING OF VEHICLE**

Notice No. 1712 Dt.22.11.2018

Sealed quotations are invited in the prescribed format from interested local registered travel agency / tour operator / private individual of Sonepur for providing one nos. of Diesel driven vehicle (preferably **Indigo ecs**) for office use in the office of the District Labour Officer, Subarnapur on monthly rent basis. The details of the terms and conditions can be downlaoded from district website i.e. **www.subarnapur.nic.in** or can take directly from District Labour Office, Subarnapur. Interested bidders may submit their sealed quotation in the prescribed format superscribing **"Applications for hiring of Vehicle on monthly rent basis for District Labour Office"** on the cover of the envelope to the office of the District Labour Officer, Subarnapur, At/Po- Sonepur, PIN- 767017 latest by **07.12.2018** upto **02.00 PM**. The bids will be opened on the same day at **03.00 PM**. The authority reserves all rights to cancel the tender without assigning any reason thereof.

Yours faithfully
**Sd./- District Labour Officer, Subarnapur**



**GOVERNMENT OF ODISHA** No.1057-O
**OFFICE OF THE SUPERINTENDING ENGINEER, SOUTHERN CIRCLE, RURAL WORKS, SUNABEDA**
**e-mail: serwsbd2003@yahoo.com**
NATIONAL COMPETITIVE BIDDING THROUGH e-Procurement

No. 4038 Date: 17.11.2018

1. Name of the work : Construction / upgradation of raods under PMGSY & their maintenance for 5 years udner PMGSY.
2. Total No. of packages : 141 Nos. (Percentage rate tender)
3. Estimated cost : Various from Rs.33.90 lakhs to Rs.2861.73 lakhs
4. Class of contractor : "C" Class, "B" Class, "A" Class, Special Class and Super Class (as per annexure)
5. Period of completion : Three to Six Calendar Months
6. Cost of tender paper : Rs.10,000.00 per set (Non refundable) only in shape of DD in favour of OSRRA payable at Bhubaneswar
7. EMD required : 2% of estimated cost of the package duly pledged in favour of Executive Engineer of the concerned Rural Works Division
8. Original bid cost, EMD, Affidavit regarding correctness of documents, along with other relevant documents submission on or before 19.12.2018 upto 5.00 PM
9. Period of availability of tenders on-line / date & time of bidding on-line / last date of seeking clarification / date of opening of tender papers : The details are as follows

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD - Online - 15/2018-19 | 26.11.2018 at 11.00 AM | 17.12.2018 upto 5.00PM | 15.12.2018 upto 2.00PM | 18.12.2018 at 11.00 AM | Will be intimated to qualified bidder |

1. Further details can be seen from the e-procurement portal **http://pmgsytenders.gov.in**.
2. Any Corrigendum / Addendum will be displayed in the above e-tender website.

25045/11/0019/1819 **Sd./- Superintending Enginer, Southern Circle, RW, Sundabeda**



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BOLANGIR**
**No.1050-O:-**
**e Procurement Notice**
**IFB IDENTIFICATION No. BLGR/Online-12/2018-19**

| | | | |
|---|---|---|---|
| 1. | Name of work | : | Construction of bridge over Khagasa nallah on Khagasa to Salepada road in the district of Bolangir under Biju Setu Yojana for the year 2018-19. |
| 2. | Total No. of work | : | 1(One) No. of work |
| 3. | Approximate Estimated Cost | : | Rs. 265.13 lakhs |
| 4. | Time for completion | : | 18 (eighteen) months |
| 5. | Mode of Submission of tender | : | Tender should be submitted online in www.tendersorissa.gov.in. |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer | BLGR/ Online- 12/2018-19 | 26.11.2018 at 11.00 AM | 11.12.2018 upto 5.00 PM | 10.12.2018 upto 1.00 PM | 12.12.2018 at 11.00 AM | The date will be intimated to the technically qualified bidders later on |

- Further details can be seen from the website www.tenders.ori.nic.in.
- Any Corrigendum/ Addendum will be displayed in the above website only.
- The authority reserves the right to reject any or all the tenders received without assigning any reasons thereof what so ever.

25111/11/0020/1819 **Sd./- Superintending Engineer, R.W. Circle, Bolangir**



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ



# ବାଲିଯାତ୍ରା ଉଦ୍‌ଘାଟିତ: ବାଲି-କଳିଙ୍ଗ ସମ୍ପର୍କ ସର୍ବଦା ସୁଦୃଢ

**କଟକ ଅଫିସ, ୨୩।୧୧**

ବାଲି-କଳିଙ୍ଗର ସମ୍ପର୍କ ବହୁ ପୁରାତନ। ଏହି ସମ୍ପର୍କ ସଦାସର୍ବଦା ଉଜ୍ଜୀବିତ ହୋଇ ରହିବ ଓ ଏହାକୁ ଅଧିକ ସୁଦୃଢ କରାଯିବ। ବାଲିଯାତ୍ରା ଜରିଆରେ ସମୃଦ୍ଧ ଓଡ଼ିଶାର ସଂକଳ୍ପ ନିଆଯିବ। ପ୍ରତିବର୍ଷ ବାଲିଯାତ୍ରାକୁ ୭ ଦିନ ପରିବର୍ତ୍ତେ ୧୦ ଦିନ କରିବା ପାଇଁ ବ୍ୟବସ୍ଥା କରାଯିବ। ଶୁକ୍ରବାର ସନ୍ଧ୍ୟାରେ କଟକର ଐତିହାସିକ ବାଲିଯାତ୍ରାକୁ ଉଦ୍‌ଘାଟନ କରି ଏହି କଥା କହିଛନ୍ତି ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା। ଓଡ଼ିଶାର ବିଭବ, ଗୌରବ ଓ ପରମ୍ପରାକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରାଯାଉଛି। ସେ ଭାଷଣ ପ୍ରସଙ୍ଗରେ ମେକ୍ ଇନ୍ ଓଡ଼ିଶା ସହିତ ବାଲିଯାତ୍ରାକୁ ଯୋଡ଼ିଥିଲେ। ମେକ୍ ଇନ୍ ଓଡ଼ିଶା ମାଧ୍ୟମରେ ଦେଶ ବିଦେଶର ବଡ଼ ବଡ଼ କମ୍ପାନୀ ଓଡ଼ିଶାମୁହାଁ ହେଉଛନ୍ତି। ଓଡ଼ିଶା ବ୍ୟବସାୟ, ବାଣିଜ୍ୟ ମାଧ୍ୟମରେ ନିଜ ଗୋଡ଼ରେ ଛିଡ଼ା ହେବ। ଏହା ହିଁ ଓଡ଼ିଶାର ବାଣିଜ୍ୟିକ ପରମ୍ପରାର ଶ୍ରେଷ୍ଠ ନିଦର୍ଶନ ବୋଲି ମନ୍ତ୍ରୀ ବେହେରା କହିଥିଲେ। ତେବେ ବାଲିଯାତ୍ରା ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ବାଲିଦ୍ୱୀପରୁ ଆସିଥିବା ଆଶ୍ରମ ଗାନ୍ଧୀପୁରୀର ମୁଖ୍ୟ ଅଘୁସ ଇନ୍ଦ୍ର ଉଦୟନ୍। ତାଙ୍କ ନେତୃତ୍ୱରେ ଇଣ୍ଡୋନେସିଆର କଳିଙ୍ଗ-ବାଲି ସଙ୍ଗମ୍ ଡ୍ୟାନ୍ସ ଗ୍ରୁପ ବାଲିଯାତ୍ରାକୁ ଆସିଛି। ଉଦୟନ୍ ନିଜ



ବାଲିଯାତ୍ରାର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଭାଷଣରେ ବାଲିଦ୍ୱୀପ ସହିତ ଓଡ଼ିଶା ଓ ବିଜୁ ପଟ୍ଟନାୟକଙ୍କ ସମ୍ପର୍କକୁ ମନେ ପକାଇଥିଲେ। ଉଦୟନ୍ ହେଉଛନ୍ତି ବାଲିଦ୍ୱୀପର ପ୍ରଥମ ଗଭର୍ନରଙ୍କ ନାତି। ଜେଜେବାପାଙ୍କଠାରୁ ସେ ବିଜୁ ପଟ୍ଟନାୟକଙ୍କର କାହାଣୀ ଶୁଣିଥିବା କହିବା ସହିତ ଇଣ୍ଡୋନେସିଆର ପ୍ରଥମ ରାଷ୍ଟ୍ରପତି ସୁକର୍ଣ୍ଣୋଙ୍କୁ ବିଜୁ ପଟ୍ଟନାୟକ କିଭଳି ରକ୍ଷା କରିଥିଲେ ସେ କଥା ମଧ୍ୟ କହିଥିଲେ। ବାଲିଦ୍ୱୀପରେ କାର୍ତ୍ତିକ ପୂର୍ଣ୍ଣମୀ ପାଳିତ ହୋଇଥାଏ। ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣମୀରେ ଯେଉଁଭଳି ଡଙ୍ଗାଭସା ପରମ୍ପରା ରହିଛି ବାଲିଦ୍ୱୀପରେ ମଧ୍ୟ ସମାନ ଢଙ୍ଗରେ ଏହି ପରମ୍ପରାକୁ ପାଳନ କରାଯାଉଥିବା ଉଦୟନ୍ କହିଥିଲେ। ଏହି ଉତ୍ସବରେ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଏମ୍‌ପି ଭର୍ତ୍ତୃହରି ମହତାବ, କୁଳମଣି ସାମଲ, ରାଜ୍ୟ ସଭା ସଦସ୍ୟ ନରେନ୍ଦ୍ର ସ୍ୱାଇଁ, ବିଧାୟକ ପ୍ରଭାତ ତ୍ରିପାଠୀ, ଦେବାଶିଷ ସାମନ୍ତରାୟ, ପ୍ରଭାତ ବିଶ୍ୱାଳ, ପ୍ରମୋଦ ମଲ୍ଲିକ, ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ ପ୍ରମୁଖ ଯୋଗଦେଇ ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ କହିଥିଲେ। ଚଳିତବର୍ଷ ବାଲିଯାତ୍ରାରେ ମୋଟ୍ ୧୦୩୯ଟି ଷ୍ଟଲ ଖୋଲାଯାଇଛି। ପଡ଼ିଆରେ ୪୩ଟି ଦୋଳି ପଡ଼ିଛି।

**ଫୁଲତୋଡ଼ାରେ ପ୍ଲାଷ୍ଟିକ ଗୁଡ଼ାଯାଇଥିଲା**

ପ୍ଲାଷ୍ଟିକ୍‌ମୁକ୍ତ ବାଲିଯାତ୍ରା ଉପରେ ପ୍ରଶାସନ ବାଲିଯାତ୍ରା ପ୍ରସ୍ତୁତି ବୈଠକରୁ ଗୁରୁତ୍ୱ ଦେଇଆସିଛି। କିନ୍ତୁ ଅତିଥିମାନଙ୍କୁ ସ୍ୱାଗତ କରିବାକୁ ଆସିଥିବା ଫୁଲତୋଡ଼ାରେ ପ୍ଲାଷ୍ଟିକ୍ ଗୁଡ଼ାଯାଇଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ଅତିଥିମାନେ ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ। ଏହା ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ଭାଷଣରେ ଆୟୋଜକଙ୍କୁ ପରାମର୍ଶ ଦେଇଥିଲେ।

ଚିକିତ୍ସା ଲାଗି ଟଁକା ବାଧକ୍

## କ୍ୟାନସର ସଂଗେ ଯୁଝୁଛନ୍ ୨ ବଛରର କ୍ରିଷ୍ଣା



ଡାକ୍ତରଖାନାରେ ଜୀବନ୍ ସଂଗେ ଯୁଝୁଛନ୍ କ୍ରିଷ୍ଣା।

**ଲାଞ୍ଜିଗଡ଼, ୨୩।୧୧ (ଡି.ଏନ.ଏ.):**

ଯେନ୍ ବଏସେ ବୁଟ୍‌ବୁଟ୍ ଚାଲ୍‌ବାର କଥା, ମା'ବାପା ବଲି ଡାକି ଶିଖ୍‌ବାର କଥା, ଛୁଆର ଧାରେ ମୁଲ୍‌କି ହଁସାଥି ମା'ବାପ୍‌ର ପେଟ୍ ପୂରିଯିବାର କଥା, ସେ ବଏସେ ହେଇଛେ ଛୁଆକେ ଅମାନ୍ତିଆ ରୋଗ୍ କ୍ୟାନସର। ଛୁଆର କଅଁଲି କଥା, ମୁଲ୍‌କି ହଁସା ତେନ୍‌କେ ଥାଉ, କଥାଟା ଯାନ୍‌ଲା ଦିନୁ ଛୁଆର ଦୁଖ୍ ଦେଖି ଏହେଦେ ମା'ବାପ୍‌ର ଆଏଁଖିଥୁ ଲହ ନାଇଁ ଶୁଖ୍‌ବାର। ପହେଲା ପହେଲା ସାଧାରନ୍ ରୋଗ୍ ଭାବି ମା'ବାପ୍ ଚିକିତ୍ସା କରି ଖର୍‌ଚାଁତ୍ ହେଲେ, ଶେଷେ ଜନାପଡ଼ଲା ପୁଓକେ କ୍ୟାନସର ହେଇଛେ। ସେ ଦିନ୍‌ଠାନୁ ମା'ବାପ୍ ଭୁଖ୍‌ଶୁଷ୍, ନିଦ୍ ପାସ୍‌ରି ଛୁଆର ଚିକିତ୍ସାରେ ଲାଗିଛନ୍। ଡାକ୍ତରକଁର ପରାମଶ୍‌ରେ ଛୁଆକେ ଚିକିତ୍ସା ଲାଗି ଭେଲୋରର ଖ୍ରୀଷ୍ଟିୟାନ ହାସ୍‌ପାତାଲ୍‌ରେ ଭର୍‌ତି କରାଯାଇଛେ। ଚିକିତ୍ସା ଲାଗି ଦରକାର ହେଉଛେ ୫ରୁ ୭ ଲାଖ୍ ଟଁକା। ଧାର ଉଧାର, ଲାଗ୍‌ବରମସ୍, ଜମିବାଡ଼ି ବିକି ବି ପୁଓର ଚିକିତ୍ସା ଲାଗି ଟଁକା ଯୁଗାଡ଼ ହେଇ ନାଇଁପାରୁଛେ। ଇଆଡ଼େ ଦିନ୍‌କେ ଦିନ୍ ପୁଓର ଅବସ୍ତା ବିଗିଡ଼୍‌ବାର ସଂଗେ ମା'ବାପ୍, ପରିବାର ଲୁକ୍‌କର ଭିତ୍‌ରେ ଗୁଟେ ଅଜନା ଭଏ ଆର୍ ଆଶଁକା ବସାବାଁଧୁଛେ। କଅଁଲିଆ ଛୁଆର ଜୀବନ୍ ବଁଚାବାକେ ମା'ବାପ୍ ସମ୍‌କୁ ଗୁଲ୍‌ଗୁଲା ହେଇ ଗୁହାରପାତ୍ କରୁଛନ୍, ହେଲେ ଆଏଜ୍‌ତକ୍ କେହେନ୍‌ସି ଠାନୁ ସାହାଯ୍ ନୁହେମିଲେ। ଦୁଖ୍ ଆର୍ ଆଶଁକା ଭିତ୍‌ରେ ଦିନ୍ ବିତଉଥିବାର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ଗୋପାଳପୁର ଗାଁର ବିଶ୍ୱରଞ୍ଜନ ପାଢ଼ୀ ଆର୍ ରଶ୍ମିତା ପାଢ଼ୀକଁର ପୁଓ କ୍ରିଷ୍ଣା(୨)ର ଚିକିତ୍ସା ଲାଗି ଟଁକା ପଏସାର ନିହାତି ଦରକାର ଥିବାର ଜନାପଡ଼ିଛେ। ଏନ୍‌ତାଥି କ୍ରିଷ୍ଣାର ଚିକିତ୍ସା ଲାଗି ସରକାର, ପର୍‌ଶାସନ୍, ସ୍ୱେଚ୍ଛାସେବୀ ଅନୁଷ୍‌ଠାନ୍ କି କେହେନ୍‌ସି ସହୃଦୁଦ୍ ଲୋକ୍ ସାହାଯ୍‌ର ହାତ୍‌ବଢ଼ାବାକେ ପରିବାର ଲୋକ୍ ଆକୁଳ ନିବେଦନ କରିଛନ୍।

## ଫୁଟବଲ ଟୁର୍ନାମେଣ୍ଟ: ବାରବେଶାଲ ଚାମ୍ପିୟନ



ମୁଖ୍ୟଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

**ଜୁନାଗଡ, ୨୩।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୌଡସର୍ଗିଗୁଡାଠାରେ ଗତ ୧୮ତାରିଖଠୁ ଚାଲିଥିବା ଷଷ୍ଠ ଦିବସୀୟ ନକଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବାରବେଶାଲ ଓ ଡହଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ । ପେନାଲ୍ଟିରେ ବାରବେଶାଲ ଦଳ ୩-୨ ଗୋଲରେ ଡହଗାଁକୁ ହରାଇ କରି ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ରେଫରି ଭାବେ ବୁଲୁ ବେହେରୁକ, ମୁରଲୀ ଭାଟି ଓ ପିଣ୍ଟୁ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ଗୌଡସର୍ଗିଗୁଡା ରାଧାକୃଷ୍ଣ କଳା ପରିଷଦ କ୍ଳବ ପକ୍ଷରୁ ଅନୁଷ୍ଠିତ ଟୁର୍ନାମେଣ୍ଟ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସମ୍ମାନିତ ଅତିଥି ଆଶୁକବି ତଥା ସ୍ଥାନୀୟ କ୍ଳବ ସମ୍ପାଦକ ସତ୍ୟ ନାରାୟଣ ନାଏକ, ପୂର୍ବତନ ସମିତିସଭ୍ୟ ଅରୁଣ ମାଝି, ସ୍ଥାନୀୟ କ୍ଳବ ସଭାପତି ମନରଞ୍ଜନ ନାଏକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଚିନ୍ତାମଣି ନାଏକ, ଦେବରାଜ ବେମାଲ ଓ ବିକ୍ରମ ଚଳାନ ପରିଚାଳନା କରିଥିଲେ। ସେହିପରି ଟୁର୍ନାମେଣ୍ଟରେ ସ୍ଥାନୀୟ କ୍ଳବ ସଦସ୍ୟ ବିଭାୟକ ନାଏକ, ପ୍ରଭୁଦତ୍ତ ନାଏକ, ଶମ୍ଭୁଦତ୍ତ ନାଏକ, ସରୋଜ ନାଏକ, ଦିବ୍ୟ ରଞ୍ଜନ ଚଣ୍ଡୀ, ନିରଞ୍ଜନ ନାଏକ, ଗରୁଡ ନାଏକ, କୋଦଣ୍ଡ ନାଏକ, ବିଭୂତି ବେମାଲ, ମହେନ୍ଦ୍ର ବାଗ ପ୍ରମୁଖ ସହଯୋଗ କରିଥିଲେ। ୬ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ୩୨ଟି ଦଳ ଭାଗନେଇଥିଲେ।



ହକି ବିଶ୍ୱକପ: ଚାଇନା, ସ୍ପେନ ପହଞ୍ଚିଲା

# ଭାରତ ଅନ୍ୟତମ ଫେଭରାଇଟ: ଫ୍ରେଡରିକ୍

**ଭୁବନେଶ୍ୱର, ୨୩।୧୧**
**(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ ଖେଳିବା ପାଇଁ ଗୁରୁବାର ରାତିରେ ଚାଇନା ଏବଂ ଶୁକ୍ରବାର ସକାଳେ ସ୍ପେନ ଦଳ ଭୁବନେଶ୍ୱରରେ ପହଞ୍ଚିଛି। ''ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଉଥିଲେ ହେଁ ଟାଇଟଲ ପାଇଁ ମୁଖ୍ୟତଃ ୭ରୁ ଊର୍ଦ୍ଧ୍ୱ ଦଳ ମଧ୍ୟରେ କଡ଼ା ଟକ୍କର ହେବ। ସେମାନଙ୍କ ମଧ୍ୟରେ ଆୟୋଜକ ଭାରତ ଅନ୍ୟତମ ଟାଇଟଲ ଫେଭରାଇଟ''' ବୋଲି କହିଛନ୍ତି ସ୍ପେନ କୋଚ୍ ଫ୍ରେଡରିକ୍ ସୋୟେଜ।

ବିଶ୍ୱ ର୍ୟାଙ୍କିଙ୍ଗରେ ସ୍ପେନ ୮ ଓ ଚାଇନା ୧୧ତମ ସ୍ଥାନରେ ରହିଛନ୍ତି। ଟୁର୍ନାମେଣ୍ଟ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହେବ ବୋଲି ଅନୁଭବ କରୁଛନ୍ତି ସୋୟେଜ। ସେମାନଙ୍କ ମଧ୍ୟରୁ ଜର୍ମାନୀ, ନେଦରଲାଣ୍ଡ୍ସ, ବେଲଜିୟମ, ଅଷ୍ଟ୍ରେଲିଆ ଓ ଭାରତ ଚାମ୍ପିୟନସିପ୍ ଟାଇଟଲ ପାଇଁ ହଟ୍ ଫେଭରାଇଟ ବୋଲି ସେ କହିଛନ୍ତି। ସ୍ପେନ ପୁଲ୍ 'ଏ'ରେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଫ୍ରାନ୍ସ ସହିତ ସ୍ଥାନ ପାଇଛି। ନଭେମ୍ବର ୨୯ରେ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚରୁ ସ୍ପେନ ଏହାର ଅଭିଯାନ ଆରମ୍ଭ କରିବ। ''ଟୁର୍ନାମେଣ୍ଟ ପାଇଁ ଆମେ ଭଲ ପ୍ରସ୍ତୁତି କରିଛୁ। ଆର୍ଜେଣ୍ଟିନା ବିପକ୍ଷ ପ୍ରଥମ ଗେମ୍ ଉପରେ ଆମର ଫୋକସ ରହିଛି। ଗ୍ରୁପ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଗତ ବର୍ଷ କଳିଙ୍ଗ ଷ୍ଟାଡିୟମରେ ଖେଳିଛୁ। ଏଠାକାର ପରିବେଶ ଅତ୍ୟନ୍ତ ଭଲ'' ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଚାଇନା ଏଥର ପ୍ରଥମଥରପାଇଁ ବିଶ୍ୱକପରେ ପଦାର୍ପଣ କରିବ। ଟୁର୍ନାମେଣ୍ଟରେ ଏହା ଏକମାତ୍ର ନୂଆ ଦଳ।

ଚାଇନା ପୁଲ୍ 'ବି'ରେ ଚାମ୍ପିୟନ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଆୟର୍ଲାଣ୍ଡ ସହିତ ସ୍ଥାନ ପାଇଛି। ୩୦ ତାରିଖରେ ଇଂଲଣ୍ଡ ବିପକ୍ଷ ମ୍ୟାଚରୁ ଏହି ଏସୀୟ ଦଳ ବିଶ୍ୱକପ ଅଭିଯାନ ଆରମ୍ଭ କରିବ। ଡିସେମ୍ବର ୪ରେ ଆୟର୍ଲାଣ୍ଡ ଓ ୭ରେ ଏହି ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଗ୍ରୁପ ପର୍ଯ୍ୟାୟ ଶେଷ କରିବ। ହକି ବିଶ୍ୱକପ ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ରେ ଶେଷ ହେବ। ୨୭ ଓ ୨୮ରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ।

# ଆଜି ପହଞ୍ଚିବ ଅଷ୍ଟ୍ରେଲିଆ, ନେଦରଲାଣ୍ଡ୍ସ, ବେଲଜିୟମ, କାନାଡ଼ା

**ଭୁବନେଶ୍ୱର, ୨୩।୧୧**
**(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପରେ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଶନିବାର ଭୁବନେଶ୍ୱରରେ ପହଞ୍ଚିବ ଗତଥରର ଚାମ୍ପିୟନ ତଥା ବିଶ୍ୱର ନମ୍ବରୱାନ ଦଳ ଅଷ୍ଟ୍ରେଲିଆ। ଅପରାହ୍ନ ୧ଟା ୧୦ରେ ଏହି ଦଳ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ୬ଟା ୧୦ରେ ନେଦରଲାଣ୍ଡ୍ସ, ରାତି ୭ଟା ୫ରେ ବେଲଜିୟମ ଏବଂ ରାତି ୧ଟାରେ କାନାଡ଼ା ପହଞ୍ଚିବାନେଇ ହକି ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି।

# ଜିମ୍ନାଷ୍ଟିକ ବିଶ୍ୱକପ୍: ଭଲ୍ଟ ଫାଇନାଲରେ ଦୀପା

**ନୂଆଦିଲ୍ଲୀ, ୨୩।୧୧**

ଭାରତୀୟ ଜିମ୍ନାଷ୍ଟ ଦୀପା କର୍ମାକାର ଜର୍ମାନୀର କୋଟବସଠାରେ ଚାଲିଥିବା ଜିମ୍ନାଷ୍ଟିକ୍ସ ବିଶ୍ୱକପ୍‌ର ଭଲ୍ଟ ଇଭେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ଆହତ ସମସ୍ୟା ଯୋଗୁ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିପାରି ନ ଥିବା ଦୀପା ଯୋଗ୍ୟତା ପର୍ଯ୍ୟାୟରେ ୧୪,୧୦୦ ସ୍କୋର କରିଛନ୍ତି। ଫାଇଲାନକୁ ଯୋଗ୍ୟତା ଅର୍ଜନ କରିଥିବା ଆଥ୍‌ଲେଟଙ୍କ ମଧ୍ୟରେ ସେ ୬ଷ୍ଠ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ବି. ଅରୁଣା ରେଡ୍ଡୀଙ୍କ ଆଣ୍ଠୁରେ ଆଘାତ ଲାଗିଛି। ମେଲବୋର୍ନଠାରେ ଆୟୋଜିତ ବିଶ୍ୱକପ୍‌ର ଭଲ୍ଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିବା ଅରୁଣା ପ୍ରଥମ ଉଦ୍ୟମରେ ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଏଣୁ ସେ ଦ୍ୱିତୀୟ ଭଲ୍ଟରେ ଭାଗ ନେଇପାରି ନ ଥିଲେ। ତାଙ୍କ ସମସ୍ୟାର ଏମ୍‌ଆରଆଇ ସ୍କାନ କରାଯାଇଥିବା ଭାରତୀୟ ଜିମ୍ନାଷ୍ଟିକ ଫେଡେରେଶନ (ଜିଏଫ୍‌ଆଇ) ଉପସଭାପତି ରିୟାଜ ଅହମ୍ମଦ ଭଟି କହିଛନ୍ତି। ଉଲ୍ଲେଖଥାଉ କି, ଏହା ହେଉଛି ଅନ୍ୟତମ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ।




## ନ୍ୟୁଜିଲାଣ୍ଡ 'ଏ' ୨୨୧/୫

ହାମିଲଟନ, ୨୩।୧୧(ପି.ଟି.): ୱିଲ୍ ୟଙ୍ଗଙ୍କ ଅପରାଜିତ ୧୧୭ ରନ ସହାୟତାରେ ନ୍ୟୁଜିଲାଣ୍ଡ 'ଏ' ଏଠାରେ ଆରମ୍ଭ ହୋଇଥିବା ଭାରତ 'ଏ' ବିପକ୍ଷ ଅନଅଫିସିଆଲ ଟେଷ୍ଟର ପ୍ରଥମ ଦିବସରେ ୫ ଉଇକେଟ ହରାଇ ୨୨୧ ରନ ସଂଗ୍ରହ କରିଛି।






ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ନଭେମ୍ବର ୨୪/୨୦୧୮ Sambalpur, Saturday, November 24/ 2018

# ବର୍ଷା ଯୋଗୁ ଦ୍ୱିତୀୟ ଟି୨୦ ଅଧାରୁ ବାତିଲ

**ମେଲବୋର୍ନ, ୨୩ା୧୧ (ପି.ଟି.)**

ବାରମ୍ବାର ବର୍ଷାଯୋଗୁ ଶୁକ୍ରବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚକୁ ଅଧାରୁ ବାତିଲ କରିବାକୁ ହୋଇଛି। ଏହି ମ୍ୟାଚରେ ବିଜୟ ହାସଲ କରି ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ସ୍ତରକୁ ଆଣିବାଲାଗି ଭାରତ ପାଇଁ ଏକ ସୁଯୋଗ ଥିଲା। ବର୍ଷା ଯୋଗୁ ଭାରତ ସମ୍ମୁଖରେ ୩ଥର ସଂଶୋଧିତ ଟାର୍ଗେଟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ବିଜୟ ଲକ୍ଷ୍ୟ ପିଛା କରିବାରେ ବର୍ଷା ବାଧକ ସାଜିଥିଲା। ଏହା ଭାରତୀୟ ଟିମ୍‌କୁ ନୈରାଶ୍ୟ କରିଥିଲା। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଆୟୋଜିତ ଏହି ମ୍ୟାଚ ବେଳେ ପ୍ରଥମ ଥର ବର୍ଷା ଆସିବା ବେଳେ ଅଷ୍ଟ୍ରେଲିଆ ୧୯ଓଭରରେ ୭ ଉଇକେଟ ବିନିମୟରେ ୧୩୨ରନ କରିଥିଲା। ଭାରତ ପାଇଁ ପ୍ରଥମେ ୧୯ ଓଭରରେ ୧୩୭ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପରେ ପୁଣି ବର୍ଷା ପାଇଁ ୧୧ଓଭରରେ ୯୦ ରନ ଏବଂ ୫ ଓଭରରେ ୪୬ ରନ ଟାର୍ଗେଟ ସ୍ଥିର କରାଯାଇଥିଲା ଅସ୍ଥିର ପାଗ ଯୋଗୁ ପ୍ରାୟ ୯୦ ମିନିଟ ଖେଳ ନଷ୍ଟ ହୋଇଯାଇଥିଲା। ଶେଷରେ ସ୍ଥାନୀୟ ସମୟ ରାତି ୧୦ଟା ୨ରେ ଖେଳକୁ ବାତିଲ କରିବାକୁ ପଡ଼ିଥିଲା। ଆଇକନିକ୍ ଭେନ୍ୟୁରେ ବର୍ଷାର ଲୁଚକାଳି ଖେଳ କେବଳ ଖେଳାଳିମାନଙ୍କୁ ନୁହେଁ ୬୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକଙ୍କୁ ହତାଶ କରିଥିଲା। ମ୍ୟାଚ ବିନା ଫଳାଫଳରେ ଶେଷ ହୋଇଥିବାରୁ ସିରିଜକୁ ବରାବର କରିବାକୁ ହେଲେ ସିଡ୍‌ନୀଠାରେ ରବିବାର ଖେଳାଯିବାକୁଥିବା ଅନ୍ତିମ ଟି୨୦ରେ ଭାରତକୁ ବିଜୟ ଲାଭ କରିବାକୁ ପଡ଼ିବ। ୩ମ୍ୟାଚ ବିଶିଷ୍ଟ ଏହି ସିରିଜ ଶେଷ ହେବା ପରେ ଭାରତ ୪ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ଇନିଂସ:** ୧୯ ଓଭରରେ ୧୩୨/୭ (ବେନ୍ ମ୍ୟାକ୍‌ଡରମଟ-୩୨*, ଗ୍ଲେନ ମାକ୍ସୱେଲ-୧୯, ନାଥାନ କୋଲଟର ନାଇଲ-୧୮; ଭୁବନେଶ୍ୱର କୁମାର-୨/୨୦, ଖଲିଲ ଅହମ୍ମଦ-୨/୩୯, ଯଶପ୍ରୀତ ବୁମ୍‌ରା-୧/୨୦)।

## ବିଶ୍ୱ ମହିଳା ବକ୍ସିଂ: ସୋନିଆ ଫାଇନାଲରେ

**ନୂଆଦିଲ୍ଲୀ, ୨୩ା୧୧ (ପି.ଟି.)**

ସୋନିଆ ଚହଲ ଏଠାରେ ଚାଲିଥିବା ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଥିବାବେଳେ ସିମରନଜିତ୍ କୌରଙ୍କୁ ଏକ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ୨୧ ବର୍ଷୀୟା ସୋନିଆ ୨୦୧୬ରୁ ସିନିୟରସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଆସୁଛନ୍ତି। ୫୭ କେଜି ଶ୍ରେଣୀ ସେମିଫାଇନାଲରେ ସେ ଉତ୍ତର କୋରିଆର ଜୋ ସନ୍ ହ୍ୱାଙ୍କୁ ୫-୦ରେ ହରାଇ ଦେଇଛନ୍ତି। ହ୍ୱା' ହେଉଛନ୍ତି ଜାକର୍ତ୍ତା ଏସିଆନ ଗେମ୍ସର ଜଣେ ରୌପ୍ୟ ପଦକ ବିଜୟିନୀ। ବିଶ୍ୱଚାମ୍ପିୟନଶିପ୍ ପଦାର୍ପଣରେ ସେ ଫାଇନାଲରେ ପ୍ରବେଶ କରିପାରିଛନ୍ତି। ପୂର୍ବରୁ ଭାରତର ଏମ୍‌ସି ମେରି କମ୍ ଫାଇନାଲରେ ପ୍ରବେଶ କରିସାରିଛନ୍ତି। ଫାଇନାଲ ଶନିବାର ଅନୁଷ୍ଠିତ ହେବ। ସୋନିଆ ବର୍ତ୍ତମାନ ଜର୍ମାନୀର ଓ୍ୱାହନର ଓର୍ନେଲା ଗାବ୍ରିଲେଙ୍କୁ ଭେଟିବେ। ଗାବ୍ରିଲେ ଜଣେ ଜଣାଶୁଣା ବକ୍ସର ହୋଇ ନ ଥିବାରୁ ଫାଇନାଲରେ ତାଙ୍କର ଜିତିବା ସମ୍ଭାବନା ରହିଛି। ଐତିହାସିକ ୬ଷ୍ଠ ସ୍ୱର୍ଣ୍ଣ ପଦକ ହାସଲ ଲକ୍ଷ୍ୟରେ ରହିଥିବା ମେରି କମ୍ ଫାଇନାଲରେ ୟୁକ୍ରେନ୍‌ର ହାନ୍ନା ଓଖୋଟାଙ୍କୁ ଭେଟିବେ। ଅନ୍ୟପକ୍ଷରେ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମଥର ଅଂଶଗ୍ରହଣ କରିଥିବା ୨୩ ବର୍ଷୀୟା ସିମରନଜିତ୍ ୬୪କେଜି ସେମିଫାଇନାଲରେ ଚାଇନାର ଡାନ୍ ଡୋଉଙ୍କ ନିକଟରୁ ୧-୪ରେ ହାରିଯାଇଥିଲେ। ସୂଚନାଯୋଗ୍ୟ, ୬୯କେଜିରେ ଏକ ବ୍ରୋଞ୍ଜ ଜିତିଥିବା ଆସାମ ବକ୍ସର ଲଭଲିନା ବର୍ଗୋହେନ ଗୁରୁବାର ତାଙ୍କ ସେମିଫାଇନାଲ ବାଉଟ ହାରିବା ପରେ ଏକ ବ୍ରୋଞ୍ଜ ପଦକ ଜିତିସାରିଛନ୍ତି।






### ବାରବାଟୀରେ ରହମନ ଶୋ'

## ଟୁଇନ୍ ସିଟିରେ ୪ କାଉଣ୍ଟର

**କଟକ ଅଫିସ, ୨୩ା୧୧**

**ଆଜିଠାରୁ ମିଳିବ ଟିକେଟ୍‌ର ହାର୍ଡକପି**

ହକି ବିଶ୍ୱକପ୍ ନିମନ୍ତେ ଆସନ୍ତା ୨୮ରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଟିକେଟ ବିକ୍ରି ଜାରି ରହିଛି। ଅନଲାଇନ୍‌ରେ ଅଧାରୁ ଅଧିକ ଟିକେଟ ବିକ୍ରି ଶେଷ ହୋଇଥିବା ବେଳେ କେତେକ ଗ୍ୟାଲେରି ଟିକେଟ ଏବେ ବି ଉପଲବ୍ଧ ରହିଛି । ଅନ୍‌ଲାଇନରେ ଟିକେଟ ବୁକ୍ କରିଥିବା ଦର୍ଶକମାନେ ଶନିବାରଠାରୁ ଏହାର ହାର୍ଡକପି ପାଇପାରିବେ। ଟୁଇନ୍ ସିଟିର ୪ଟି ସ୍ଥାନରେ ହାର୍ଡକପି ପ୍ରଦାନ କରାଯିବ। ଏହି ସ୍ଥାନଗୁଡ଼ିକ ହେଲା, ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ବକ୍ସ ଅଫିସ ଗେଟ୍ ନଂ-୪, କଟକର ମିଶନରୋଡସ୍ଥିତ ୟୁନାଇଟେଡ୍ ଥିଓଲୋଜିକାଲ ସ୍କୁଲ, ବୋଷ୍ ଇଞ୍ଜିନିୟରିଂ ସ୍କୁଲ ଓ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନ। ଅନ୍‌ଲାଇନରେ ହାସଲ କରିଥିବା ନିର୍ଦ୍ଦିଷ୍ଟ ତଥ୍ୟ ଦେଖାଇ ଅରିଜିନାଲ ଟିକେଟ ସଂଗ୍ରହ କରିପାରିବେ। ସକାଳ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଟିକେଟ ପ୍ରଦାନ କାଉଣ୍ଟରଗୁଡ଼ିକ ଖୋଲା ରହିବ । ସୂଚନାଥାଉ କି, ବାରବାଟୀରେ ହେବାକୁ ଥିବା ରହମନ ଶୋ' ପାଇଁ ଗ୍ୟାଲେରି ନଂ-୧, ୨, ୫, ୬, ୭, ସ୍ପେଶାଲ ଏନ୍‌କ୍ଲୋଜର-ଏ, ସ୍ପେଶାଲ ଏନ୍‌କ୍ଲୋଜର-ବି, କ୍ଲବ ହାଉସ ଗ୍ରାଉଣ୍ଡଫ୍ଲୋର ଓ ଗ୍ରାଉଣ୍ଡରେ ଟିକେଟ ବିକ୍ରି ବ୍ୟବସ୍ଥା ହୋଇଥିଲା। କର୍ପୋରେଟ୍ ବକ୍ସ ସମ୍ମୁଖକୁ ରହମନ ଶୋ'ର ମଞ୍ଚ ହେଉଥିବା ହେତୁ ଅନ୍ୟ କିଛି ଗ୍ୟାଲେରି ବାଦ୍ ପଡ଼ିଥିଲା। ୨୦ ତାରିଖରୁ ଟିକେଟ ବିକ୍ରି ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ଗ୍ରାଉଣ୍ଡ ଟିକେଟ ତଥା ଯାହାର ମୂଲ୍ୟ ୫୦୦ ଟଙ୍କା ରହିଛି, ତାହା ଶେଷ ହୋଇଯାଇଥିଲା। ପରେ କ୍ଲବ ହାଉସ ଗ୍ରାଉଣ୍ଡଫ୍ଲୋର ଓ ଦୁଇଟି ଯାକ ସ୍ପେଶାଲ ଏନ୍‌କ୍ଲୋଜର ଟିକେଟ ସହ ଗ୍ୟାଲେରି ନଂ-୧ର ଟିକେଟ ମଧ୍ୟ ବିକ୍ରି ହୋଇଯାଇଛି । ଅବଶିଷ୍ଟ ଗ୍ୟାଲେରି ନଂ- ୨, ୫, ୬, ୭ର କିଛି ଟିକେଟ ଉପଲବ୍ଧ ଅଛି। ଏହି ଗ୍ୟାଲେରିଗୁଡ଼ିକର ଟିକେଟ ମୂଲ୍ୟ ୧୦୦ ଟଙ୍କା ରହିଛି।






## ସେମିଫାଇନାଲରେ ହାରିଲା ଭାରତ

**ଆଣ୍ଟିଗୁଆ, ୨୩ା୧୧**

**ମହିଳା ଟି୨୦ ବିଶ୍ୱକପ୍**

ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳର ଅଭିଯାନ ସେମିଫାଇନାଲରେ ଅଟକି ଯାଇଛି। ଟୁର୍ନାମେଣ୍ଟରେ ସମସ୍ତ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଜିତିଥିବା ଭାରତକୁ ୮ ଉଇକେଟରେ ହରାଇ ଇଂଲଣ୍ଡ ଦଳ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୧୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଜବାବରେ ଇଂଲଣ୍ଡ ଦଳ ଦୁଇ ଉଇକେଟ ହରାଇ ୧୭.୧ ଓଭରରେ ମ୍ୟାଚ୍ ଜିତି ନେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭେଟେରାନ ଓପନର ମିଥାଲି ରାଜଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳି ନ ଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୧୯.୩ ଓଭରରେ ମାତ୍ର ୧୧୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଓପନର ସ୍ମ୍ରିତି ମନ୍ଧାନା ୩୩, ଜେମିମା ରୋଡ୍ରିଗୁଏଜ ୨୬ ଓ ଅଧିନାୟିକା ହରମନପ୍ରୀତ କୌର ୧୬ ରନ୍ କରିଥିଲେ। ଏମାନଙ୍କ ବ୍ୟତୀତ ଅନ୍ୟ କୌଣସି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିଲେ। ଏପରି କି ୬ ଜଣ ଖେଳାଳି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଇଂଲଣ୍ଡ ଦଳ ପକ୍ଷରୁ ହିଥର ନାଇଟ ୩ ଉଇକେଟ ନେଇଥିବାବେଳେ ସୋଫି ଇକଲେଷ୍ଟୋନ ଓ କ୍ରିଷ୍ଟି ଗୋର୍ଡନ ୨ ଲେଖାଏ ସଫଳତା ପାଇଥିଲେ। ଜବାବରେ ଇଂଲଣ୍ଡ ଦଳ ୨୪ ରନ୍‌ରେ ଦୁଇ ଓପନରଙ୍କୁ ହରାଇଥିଲା। ମାତ୍ର ଆମି ଇଲେନ ଜୋନ୍ସ (୪୭ ବଲରୁ ୫୩) ଓ ନାଟେଲା ସ୍କିଭର (୩୮ ବଲରୁ ୫୨)ଙ୍କ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ବଳରେ ଇଂଲଣ୍ଡ ଦଳ ସହଜରେ ମ୍ୟାଚ ଜିତି ନେଇଥିଲା। ଇଂଲଣ୍ଡ ଦଳ ଟାଇଟଲ ମୁକାବିଲାରେ ଅଷ୍ଟ୍ରେଲିଆକୁ ଭେଟିବ। ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆ ଟିମ୍ ୭୧ ରନ୍ ବ୍ୟବଧାନରେ ଡିଫେଣ୍ଡିଂ ଚାମ୍ପିୟନ ୱେଷ୍ଟଇଣ୍ଡିଜ୍‌କୁ ହରାଇଦେଇଛି।






## ଉତ୍ତରାଖଣ୍ଡର ଇନିଂସ ବିଜୟ

**ଭୁବନେଶ୍ୱର, ୨୩ା୧୧(କ୍ରୀଡ଼ା ପ୍ରତିନିଧି)**

କିଟ୍ କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଶେଷ ହୋଇଛି ସିକ୍କିମ-ଉତ୍ତରାଖଣ୍ଡ ରଣଜୀ ଟ୍ରଫି ପ୍ଲେଟ ଗ୍ରୁପ ମ୍ୟାଚ। ଏଥିରେ ସିକ୍କିମକୁ ଏକ ଇନିଂସ ୧୭୮ ରନରେ ହରାଇ ଉତ୍ତରାଖଣ୍ଡ ପୂରା ୭ ପଏଣ୍ଟ ହାସଲ କରିଛି। ଏଥିସହ ଉତ୍ତରାଖଣ୍ଡ ପ୍ଲେଟ୍ ଗ୍ରୁପ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ୩ ମ୍ୟାଚରୁ ଦଳର ପଏଣ୍ଟ ସଂଖ୍ୟା ୨୦ରେ ପହଞ୍ଚିଛି। ସୌରଭ ରାଓ୍ୱତଙ୍କ ଦ୍ୱିଶତକ ଏବଂ ରଜତ ଭାଟିଆ ଓ ବୈଭବ ଭଟ୍ଟଙ୍କ ଶତକ ସହାୟତାରେ ଉତ୍ତରାଖଣ୍ଡ ଏହାର ପ୍ରଥମ ଇନିଂସକୁ ୫୮୨/୯ରେ ଘୋଷଣା କରିଥିବାବେଳେ ସିକ୍କିମ ପ୍ରଥମ ଇନିଂସରେ ୨୬୪ ଓ ଫଲୋଅନ ହୋଇ ଦ୍ୱିତୀୟ ଇନିଂସରେ ୧୪୦ ରନ କରିବାକୁ ସକ୍ଷମ ହୋଇଥିଲା।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୪ ନଭେମ୍ବର, ୨୦୧୮



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା, ଜଣେ ମୃତ

**ଉଲୁଣ୍ଡା ୨୩।୧୧(ଡି.ଏନ.ଏ):** ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତାର ଉଲୁଣ୍ଡା କଲେଜ ଛକ ନିକଟରେ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମାଟିଖାଇ ଗ୍ରାମର କୃଷ୍ଣଚନ୍ଦ୍ର ବାଘ(୨୭)। ସୂଚନାମତେ ଅପରାହ୍ଣରେ କୃଷ୍ଣଚନ୍ଦ୍ର ନିଜ ଗ୍ରାମରୁ ବାଇକ ଯୋଗେ ଉଲୁଣ୍ଡା ଆସୁଥିବା ବେଳେ ବିପରୀତ ଦିଗରୁ ସାଇକେଲରେ ଆସୁଥିବା କୁତାମୁଣ୍ଡା ଗ୍ରାମର ରବି ମହାନନ୍ଦଙ୍କ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରାଯାଇ ବୁର୍ଲା ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ହୋଇଯାଇଛି। ବୁର୍ଲା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ଶିବତୁଲାରେ ଧାନ ମଣ୍ଡି ଖୋଲିଲା

**ତରଭା, ୨୩।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଶିବତୁଲା ପ୍ୟାକ୍ସରେ ଶୁକ୍ରବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପ୍ୟାକ୍ସ ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୋନପୁର ଏସଏଆର. ଗିରୀଷ ଚନ୍ଦ୍ର ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ୟାକ୍ସରେ ସରକାରଙ୍କ ନିର୍ଦ୍ଧାରିତ ରେଟ ୧୭୫୦ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣାଯିବ। ପ୍ରଥମ ଦିନ ୧୦ ଜଣରୁ ଉର୍ଦ୍ଧ୍ୱ ଚାଷୀଙ୍କଠାରୁ ୫୦୦କୁଇଣ୍ଟାଲ ଧାନ ମଣ୍ଡିକୁ ଆସିଥିବା ସମ୍ପାଦକ କୁନା ନାଏକଙ୍କଠାରୁ ପ୍ରକାଶ। ଏଥିରେ ବ୍ୟାଙ୍କ ନିର୍ଦ୍ଦେଶକ ପବିତ୍ର ମୋହନ ଦାସ, ତପନ ଅଗ୍ରୱାଲ, ମହାବୀର ସୁନା, ଧର୍ମ ନାଏକ, ଗୋକୁଳ କର୍ଣ୍ଣ, ଗୋବର୍ଦ୍ଧନ ମିଶ୍ର, ଗୋବିନ୍ଦ ସା, ଉମେଶ ନାଏକ, ଭଗବାନ ମିଶ୍ର ଓ ସୁବାଷ କର୍ଣ୍ଣ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

### ଶିବପୁରାଣ ପାରାୟଣ, ପ୍ରବଚନ

**ବୀରମହାରାଜପୁର, ୨୩।୧୧ (ଡି.ଏନ.ଏ.)** ପଞ୍ଚୁକ ଉପଲକ୍ଷେ ଉଲୁଣ୍ଡା ବ୍ଲକ କଲାପଥର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି, ଭାଲିଆପଦରଠାରେ ଆୟୋଜିତ ସପ୍ତାହବ୍ୟାପୀ ପୁରାଣପାଠ ଓ ପାରାୟଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏହି ଆଧାତ୍ମିକ ସମାରୋହ ଅବସରରେ ଶିବ ପୁରାଣ ଓ କାର୍ତ୍ତିକ ମାହାତ୍ମ୍ୟ ପଠନ କରାଯାଇଥିଲା। ବ୍ୟାସ ଭାବେ ପ୍ରସନ୍ନ ଓତା, ଦୁଃଖିଶ୍ୟାମ ଓତା ଓ ଅଦ୍ୱୈତ ପଣ୍ଡା ପୁରାଣ ପାଠ କରିଥିବା ବେଳେ ପ୍ରବଚନ ଦେଇଥିଲେ ଅଇଁଠୁ ସାହୁ। କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ ପାଣ୍ଡବ ପଧାନ। ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ଧାର୍ମିକ ସମାରୋହରେ ପ୍ରତ୍ୟହ ବହୁ ଶ୍ରଦ୍ଧାଳୁ ଏବଂ ଭକ୍ତିଶ୍ୟାଳୀ ସାମିଲ ହୋଇଥିଲେ। ଧ୍ରୁବଚରଣ ପଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ତ୍ରିବେଣୀ ସଙ୍ଗମରେ ଆରତୀ ସମାରୋହ

# ସ୍ୱଚ୍ଛ ମହାନଦୀ, ସ୍ୱଚ୍ଛ ପରିବେଶ ବାର୍ତ୍ତା

**ସୋନପୁର,୨୩।୧୧(ନି.ପ୍ର.)**

ଓଡିଶାର ଜୀବନରେଖା କୁହା ଯାଉଥିବା ମହାନଦୀର ଜଳରାଶିକୁ ପ୍ରଦୂଷଣ ମୁକ୍ତ କରିବା ସକାଶେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ସନ୍ଧ୍ୟାରେ ପଞ୍ଚମ ବାର୍ଷିକ ତ୍ରିବେଣୀ ସଙ୍ଗମ ମହାଆରତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାନଦୀ ଓ ତେଲନଦୀର ସଙ୍ଗମ ସୋନପୁରର ରାମେଶ୍ୱରଠାରେ ଶୁକ୍ରବାର ସନ୍ଧ୍ୟାରେ ମା' ଚିତ୍ରୋତ୍ପଳାଗଙ୍ଗାଙ୍କ ପୂଜାର୍ଚ୍ଚନା ହୋଇଥିଲା। ପରେ ଦେବମନ୍ତ୍ର, ଶଙ୍ଖଘଣ୍ଟାର ଧ୍ୱନି ସହ ବର୍ଣ୍ଣାଢ୍ୟ ଅଳତୀ ମଞ୍ଚରେ ତ୍ରୀବେଣୀ ସଙ୍ଗମ ଆରତୀ ଅର୍ପଣ କରାଯାଇଥିଲା। ଦ୍ୱିତୀୟ ବାରଣାସୀଭାବେ ସୁବିଦିତ ରାମେଶ୍ୱରର ସଙ୍ଗମସ୍ଥଳରେ ଶତାଧିକ ସଚେତନ ମହିଳା ଓ ପୁରୁଷ ଏକତ୍ରିତ ହୋଇ ସ୍ୱଚ୍ଛ ମହାନଦୀ-ସ୍ୱଚ୍ଛ ପରିବେଶର ବାର୍ତ୍ତା ଦେଇଥିଲେ। ସଚେତନ ପାଇଁ ସାମୂହିକ ଦୀପ ଜଳାଯାଇଥିଲା। ପଣ୍ଡିତ ମେଘନାଦ ପାଣିଗ୍ରାହୀଙ୍କ ନେତୃତ୍ୱରେ ବ୍ରାହ୍ମଣ ରାମାନୁଜ ପୂଜାରୀ ଓ ଶିବ ନାରାୟଣ ପୁରୋହିତ ଶଙ୍ଖଧ୍ୱନୀ, ସଂକୀର୍ତ୍ତନ ମଧ୍ୟରେ ମନ୍ତ୍ରପାଠ କରି ଆଳତୀ ଲାଗି କରିଥିଲେ। ରାଧେଶ୍ୟାମ ପୁରୋହିତ ଓ ସଚ୍ଚିଦାନନ୍ଦ ମିଶ୍ର ସହଯୋଗ କରିଥିଲେ। ଦିଲ୍ଲିପ ପଣ୍ଡା ଓ ତାଙ୍କ ସହଧର୍ମିଣୀ ଅନିତା ହୋତା କର୍ତ୍ତା ହୋଇଥିଲେ। ପ୍ରକାଶ ଯେ, ମହାନଦୀର ଜଳ ଦିନକୁ ଦିନ ଅଧିକ ପ୍ରଦୂଷିତ ହେବାରେ ଲାଗିଛି। ସହରର ବର୍ଜ୍ୟବସ୍ତୁ ପରିଚାଳନା ନ ହୋଇ ନଦୀଗର୍ଭକୁ ଛଡାଯାଉଛି। ଏହି ଡ୍ରେନ୍ ପାଣି ଘୋଡାଘାଟ ପଡାରୁ ରାମେଶ୍ୱର ସଙ୍ଗମ ମଧ୍ୟରେ ଜଳରାଶିରେ ଜମି ରହୁଛି। ଏଭଳି ସ୍ଥିତିରେ ନଦୀକୁ ସ୍ୱଚ୍ଛ ରଖିବା ପାଇଁ ଆଳତୀ ସମାରୋହ ଆୟୋଜନ ହୋଇଥିଲା। ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ନଦୀ ଜଳକୁ ପ୍ରଦୂଷଣ ମୁକ୍ତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥିଭାବେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର ଓ ସମ୍ବଲପୁରର ଭକ୍ତପ୍ରସାଦ ନନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ଗବେଷକ ଦେବେନ୍ଦ୍ର କୁମାର ଦାଶ, ସମ୍ବଲପୁରର ସଂସ୍କୃତି ଗବେଷକ ସପନ ମିଶ୍ର, ଭଦ୍ରକର ଲେଖକ ପଣ୍ଡିତ ବୈରାଗୀ ମହାପାତ୍ର ଓ କବି ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ବୈରାଗୀ ମହାପାତ୍ରଙ୍କ ଦ୍ୱାରା ରଚିତ ୨ଟି ପୁସ୍ତକକୁ ମୁଖ୍ୟ ଅତିଥି ଦାଶ ଉନ୍ମୋଚନ କରିଥିଲେ। ସଙ୍ଗୀତଜ୍ଞ ପୁଷ୍ପକ କୁମାର ରାଏ ଓ ସାଥୀ ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଆଇନଜୀବୀ ଶ୍ୟାମା ଓଁ ପ୍ରସାଦ ମିଶ୍ର ସଭାରେ ଅଧକ୍ଷତା କରିଥିଲେ। ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ବେଣୁଧର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ନାଟ୍ୟଶ୍ରୀ ଗଦାଧର ବାରିକ୍। ମହାନଦୀ ସେବା ସଂଗଠନ ଟ୍ରଷ୍ଟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ରାମେଶ୍ୱର ସଙ୍ଗମଠାରେ ଆଳତୀ କରାଯାଉଛି।

ଗୋପବନ୍ଧୁ ପାଣ୍ଡେ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଭୁବନେଶ୍ୱର, ପଦ୍ମପୁର ଫାଇନାଲରେ

**ତରଭା, ୨୩।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ହାଇସ୍କୁଲ ଖେଳ ପଡିଆଠାରେ ତୃତୀୟ ରାଜ୍ୟସ୍ତରୀୟ ଗୋପବନ୍ଧୁ ପାଣ୍ଡେ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଭୁବନେଶ୍ୱର ଓ ପଦ୍ମପୁର ଦଳ ମଧ୍ୟରେ ଅନୁଷ୍ଠିତ ହେବ। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ତରଭା ଓ ଭୁବନେଶ୍ୱର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ଦଳ ୨-୦ଗୋଲରେ ତରଭାକୁ ୨-ପରାଜିତ କରି ଫାଇନାଲକୁ ଉନ୍ନିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପଦ୍ମପୁର ଦଳ ଓ ଅନୁଗୋଳ (ନାଲକୋ ଜୁନିୟର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମପୁର ଦଳ ୩-୧ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ସଞ୍ଜୀବ ସାହୁ, ଅରୁଣ ବେହେରା, ସଲିମ ବେହେରା ଖେଳ ପରିଚାଳନା କରିଥିଲେ। ସୁରଜ ସେଠୀ, ହିରଣ୍ମୟ ପଟ୍ଟନାୟକ, ସୁଧିର ପଣ୍ଡା ଓ ସତ୍ୟବ୍ରତ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳ ଅବସରରେ ଆୟୋଜକ କମିଟି ସଭାପତି ଜନାର୍ଦ୍ଦନ ଥନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବାଲାଙ୍ଗୀର ଏମପି କଳିକେଶ ନାରାୟଣ ସିଂଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରଷଦ ସଭ୍ୟ ସରୋଜ କମ୍ପ, ସରପଞ୍ଚ ସଂଘ ସଭାପତି ଦଶରଥ ସାହୁ, ଗଗନ ଅଗ୍ରୱାଲ, ଆକାଶ ସାହୁ, ରଘୁନାଥ ସାରାଫ, ସମ୍ପାଦକ ସଂସିଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିପୂର୍ବରୁ ଅତିଥିମାନେ ପଡିଆରେ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରିଥିଲେ।



ସେମିଫାଇନାଲ ମ୍ୟାଚରେ ଖେଳାଳିମାନଙ୍କ ସହ ବାଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ।

ଜ୍ୟୋତି ଜବାହର ୟୁଥ କ୍ଲବର ବାର୍ଷିକ ଉତ୍ସବ ସମାରୋହ

# ବିମୋହିତ କଲା ନାଟକ ମିଛୁଆ ରାଧୁଆ ଗପ ସରିଲା



ମଞ୍ଚସ୍ଥ ନାଟକ ମିଛୁଆ ରାଧୁଆ ଗପ ସରିଲାର ଏକ ଦୃଶ୍ୟ।

**ବୀରମହାରାଜପୁର, ୨୩।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜ୍ୟୋତି ଜବାହର ୟୁଥ କ୍ଲବର ବାର୍ଷିକ ଉତ୍ସବ ପୂର୍ବ ବର୍ଷମାନଙ୍କ ଭଳି ଗୁରୁବାର ଚତୁର୍ଦ୍ଦଶୀ ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସାଂସ୍କୃତିକ ସଭାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ନାଟ୍ୟକାର ଓ ନିର୍ଦ୍ଦେଶକ ନାରାୟଣ ଦେହୁରୀ, ସମ୍ମାନୀତ ଅତିଥି ଭାବେ ଜାତକ ପଧାନ ମଞ୍ଚାସୀନ ଥିଲେ। ବ୍ଲକ ସଭାପତି ବ୍ୟାସଦେବ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସମାରୋହରେ ଅଞ୍ଚଳର ବର୍ଷିୟାନ କଳାକାର ନବୀନ ଦାସଙ୍କୁ ଜୀବନବ୍ୟାପୀ ସଂଗୀତ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦବୋଧନ ପ୍ରସଙ୍ଗରେ ଅତିଥିମାନେ ଯୁବକମାନଙ୍କୁ କଳାକୁ ବଞ୍ଚାଇ ରଖିବା ପାଇଁ ଅନୁରୋଧ ଜଣାଇଥିଲେ। ସଭା ପରେ ଅନୁଷ୍ଠାନର ସୌଖୀନ କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ସାମାଜିକ ନାଟକ ମିଛୁଆ ରାଧୁଆ ଗପ ସରିଲା। ନିଶା ନିବାରଣ, ବ୍ୟକ୍ତିଗତ ଓ ସାମାଜିକ ସ୍ୱଚ୍ଛତା ଏବଂ ଦିବ୍ୟାଙ୍ଗ ଥଇଥାନା କଥାବସ୍ତୁ ଉପରେ ପର୍ଯ୍ୟବେକ୍ଷିତ ଅରୁଣ ମହାନ୍ତିଙ୍କ ରଚିତ ଉକ୍ତ ନାଟକ ଭିତରେ ଉଜାଗର ରହି ଚତୁର୍ଦ୍ଦଶୀ ରାତି ବିତାଇଥିଲେ ଅଗଣିତ ଦର୍ଶକ। କଳାକାରମାନଙ୍କ ନିଖୁଣ ଅଭିନୟ ସାଙ୍ଗକୁ ନୃତ୍ୟଗୀତ ରାତି ପାହିବା ଯାଏ ଲୋକଙ୍କୁ ବାନ୍ଧି ରଖିଥିଲା। ରମେଶ ଦେହୁରୀଙ୍କ ନିର୍ଦ୍ଦେଶନାରେ ବିଭିନ୍ନ ଚରିତ୍ରକୁ ରୂପ ଦେଇଥିଲେ ମଧୁସୂଦନ କ୍ଷେତି, ବ୍ୟାସଦେବ ରଥ, ଚନ୍ଦ୍ରକାନ୍ତ ଦେହୁରୀ, ସୂର୍ଯ୍ୟକାନ୍ତ ଦେହୁରୀ, ଶ୍ରବଣ ପ୍ରଧାନ, ଶ୍ରୀକାନ୍ତ ଦେହୁରୀ, ସୁଶାନ୍ତ ମେଣ୍ଡିଲି, ଗଗନ ପାତ୍ର, ରାକେଶ ବାରିକ, ଚିତ୍ରସେନ ପଧାନଙ୍କ ସହ ଅଭିନେତ୍ରୀ ରୀମା, ସୀମା, ବବି, ଅନିତା, ସୁଇଟି ଏବଂ ଭବିନା।

# ରାମପୁର ଆଞ୍ଚଳିକ ଧନୁଯାତ୍ରା କଂସ ବରଣ



ରାମପୁର ଆଞ୍ଚଳିକ ଧନୁଯାତ୍ରା ପାଇଁ କଂସ କଳାକାର ବରଣ କରାଯାଉଛି।

**ଡୁଙ୍ଗୁରିପାଲି, ୨୩।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଆଞ୍ଚଳିକ ଧନୁଯାତ୍ରା ପାଇଁ କଂସ କଳାକାର ବରଣ ହୋଇଛି। ଗୋପାଳ ପଣ୍ଡା ଚଳିତ ବର୍ଷ କଂସ ଭୂମିକାରେ ଅଭିନୟ କରିବେ। ଏଥିପାଇଁ ରାମପୁରରୁ ପଣ୍ଡାଙ୍କ ଅତର୍ଡା ଗ୍ରାମକୁ ଏକ ବାଇକ ଶୋଭାଯାତ୍ରାରେ ଧନୁଯାତ୍ରା କମିଟି କର୍ମକର୍ତ୍ତା ଯାଇଥିଲେ। ପୁଷ୍ପମାଲ୍ୟ, ନାରିକେଳ, ଉପାୟନ ଦେଇ ତାଙ୍କୁ କଂସ ଭୂମିକା ପାଇଁ ବରଣ କରିଥିଲେ। କମିଟି ସଭାପତି ରମେଶ ପୂଜାରୀ, ଉପସଭାପତି ମନୋଜ ପୁରୋହିତ, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ରାମପୁର ସରପଞ୍ଚ ସରୋଜ ମେହେର, ଗଜବନ୍ଧ ସରପଞ୍ଚ ବଲ୍ଲଭ କ୍ଷେତି, ଅନ୍ଧାରିବାଞ୍ଜି ସରପଞ୍ଚ ବନମାଳି ସା, ବାଙ୍କିପାଲି ସରପଞ୍ଚ ପ୍ରକାଶ ସାହୁ, ଉମେଶ ପୂଜାରୀ, ଗୁରୁଚରଣ ବେହେରା, ସୂର୍ଯ୍ୟ ପଟ୍ଟନାୟକ, ସତ୍ୟନାରାୟଣ ପାଢୀ, ନାରାୟଣ ସରାଫ, ଉଦୟନାଥ ପଡପଣ୍ଡା, ନାଗାର୍ଜୁନ ମେହେର, ବନମାଳୀ ବେହେରା, ତ୍ରିଲୋଚନ ସାହୁ ପ୍ରମୁଖ କଳାକାର ବରଣ ବେଳେ ଉପସ୍ଥିତ ଥିଲେ। ଡିସେମ୍ବର ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ଅନୁଷ୍ଠିତ ହେବା ସ୍ଥିରୀକୃତ ହୋଇଛି।

**ସୂର୍ଯ୍ୟମୁଖୀ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ**

ଚଳିତ ରବି ଋତୁରେ ବରଗଡ଼ ଜିଲ୍ଲାରେ ଧାନ ଚାଷ ବଦଳରେ ସୂର୍ଯ୍ୟମୁଖୀ ଚାଷ ବହୁଳ ଭାବରେ କରିବା ପାଇଁ କୃଷି ବିଭାଗ ତରଫରୁ ସ୍ଥିର କରାଯାଇଛି। ଏଥିପାଇଁ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ହାଇବ୍ରିଡ୍ ସୂର୍ଯ୍ୟମୁଖୀ ବିହନ, ଅଣୁସାର (ବୋରନ) ଓ ପୋକମରା ଔଷଧ ମାଗଣାରେ ଯୋଗାଇ ଦିଆଯିବ ଏବଂ ଅମଳ ପରେ ସୂର୍ଯ୍ୟମୁଖୀ ମଞ୍ଜିକୁ ସରକାରଙ୍କ ତରଫରୁ ମଣ୍ଡି ଖୋଲାଯାଇ କେ.ଜି. ପ୍ରତି ୫୪.୦୦ଟଙ୍କା ଦରରେ କ୍ରୟ କରାଯିବ। ଏଣୁ ଏହି ଚାଷ ବହୁଳ ଭାବେ କରିବା ପାଇଁ ବରଗଡ଼ ଜିଲ୍ଲାର ଚାଷୀ ଭାଇମାନଙ୍କୁ ଅନୁରୋଧ।

ସ୍ୱା./- କୃଷି ଉପନିର୍ଦ୍ଦେଶକ, ବରଗଡ଼

**ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର - ସଂସ୍କରଣ**
**ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବରପାଲି**
**ସମସ୍ତ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଅଛି।**

- ପ୍ରତ୍ୟେକ ୱାର୍ଡ଼ର ପରିବେଶକୁ ସଫାସୁତୁରା ରଖିବା ସହିତ ଅଳିଆ ଆବର୍ଜନାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ।
- ରାସ୍ତାକଡ଼ ଓ ସର୍ବସାଧାରଣ ସ୍ଥାନରେ ଇଟା, ବାଲି, ପଥର ଓ ଗୋଡ଼ି ପ୍ରଭୃତି ଜମାକରି ସର୍ବସାଧାରଣଙ୍କ ଯାତାୟାତ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ନିର୍ଦ୍ଦିଷ୍ଟ ସମୟ କିମ୍ବା ପୂର୍ବରୁ ପରିଷଦର ସମସ୍ତ ବକେୟା ଟିକସ ପୈଠ କରନ୍ତୁ।
- ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ କରାନ୍ତୁ।
- ଏନ୍.ଏ.ସି. ଦ୍ୱାରା ସୁଲଭ ମୂଲ୍ୟରେ CESS POOL ମେଶିନ୍ ଓ ଟ୍ୟାଙ୍କର ଯୋଗେ ପାଣିର ସୁବିଧା ଯୋଗାଇ ଦିଆଯାଉଅଛି।
- ନିଜ ଗୃହର ନିର୍ମାଣ ପୂର୍ବରୁ ସମ୍ପୂର୍ଣ୍ଣ ଗୃହର ନକ୍ସା-ମଞ୍ଜୁରୀ (Approval) କରାଇ ନିଅନ୍ତୁ।
- ପଲିଥିନ ବ୍ୟବହାର ବନ୍ଦ କରନ୍ତୁ ଓ ପରିବେଶର ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରାନ୍ତୁ।
- ପରିଷଦ ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ।

ଶ୍ରୀ ଭାଗୀରଥୀ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ | ଶ୍ରୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଉପାଧକ୍ଷ | ଶ୍ରୀମତୀ ମୀନା ସେଠ୍, ଅଧକ୍ଷା
ଶ୍ରୀ ଅଚ୍ୟୁତାନନ୍ଦ ପଣ୍ଡା, କାଉନସିଲର, ୱାର୍ଡ଼ନଂ -୧ | ସୁଖି ବେହେରା, କାଉନସିଲର, ୱାର୍ଡ଼ ନଂ-୨ | ଶ୍ରୀ ଅଶ୍ୱିନୀ କୁମାର ପରିଡ଼ା, କାଉନସିଲର, ୱାର୍ଡ଼ ନଂ-୪
ଶ୍ରୀମତୀ ଗାୟତ୍ରୀ ରାଉତ, କାଉନସିଲର, ୱାର୍ଡ଼ ନଂ-୬ | ଶ୍ରୀ ଭୋଜରାଜ ବେହେରା, କାଉନସିଲର, ୱାର୍ଡ଼ ନଂ-୭ | ଶ୍ରୀ ଅନନ୍ତ ମେହେର, କାଉନସିଲର, ୱାର୍ଡ଼ ନଂ-୮
ଶ୍ରୀମତୀ ରେବତୀ ଭୁଏ, କାଉନସିଲର, ୱାର୍ଡ଼ ନଂ-୯ | କୁମାରୀ ବାସନ୍ତି ଭୋଇ, କାଉନସିଲର, ୱାର୍ଡ଼ ନଂ-୧୦ | ଶ୍ରୀମତୀ ବବିତା ରଣା, କାଉନସିଲର, ୱାର୍ଡ଼ ନଂ-୧୧

ଓ ପରିଷଦର କର୍ମଚାରୀ ବୃନ୍ଦ

## ଓଡ଼ିଶା ସରକାର
## ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No.- L.A.I.-19/2018-726 Dated: 8.11.18

No.: VII-31: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର - ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- କାଦୋଡିହି, ଥାନା- ବଣେଇ, ନଂ.-୨୦୭, ତହସିଲ- ଲହୁଣୀପଡ଼ା, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ - ୨୦୧୩ (RFCTLAR & R Act. 2013)ର ଧାରା୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ - ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ - ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 15536, Dt.30.04.2018 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ :

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
| ସୁନ୍ଦରଗଡ଼ | ଲହୁଣୀପଡ଼ା | କାଡ଼ୋଡିହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨୪.୫୩୦ | ଏ୭.୯୭୦ | ଏଥି ସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼**

**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ଓସାରିଆ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁଥିବା ରୟତି ଜମିର ତଫସିଲ**
**ମୌଜା: କାଦୋଡିହି, ତହସିଲ: ଲହୁଣୀପଡ଼ା, ଥାନା: ବଣାଇ, ଥାନା ନଂ.- ୨୦୭, ଜିଲ୍ଲା: ସୁନ୍ଦରଗଡ଼**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂ-ଅର୍ଜନ ରକବା | ହଳ କିସମ | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୨ | ୧୪୦ (ସ୍ଥ) | ୦.୫୩୦ | ୦.୦୨୦ | ଗୋଡ଼ା ଦୁଇ | ଡିମ୍ବୁ କିଶାନ, ପି.- ରବି କିଶାନ, ଭୁନ୍ଦୁ କିଶାନ, ପି.- ବାନେ କିଶାନ, ଜା: କିଶାନ, ବା: ନିଜଗାଁ। |
| ୨ | ୧୪ | ୩୩୨ (ସ୍ଥ) | ୦.୩୭୦ | ୦.୨୫୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.- ପଞ୍ଚୁ ମାହାନ୍ତ, ପାର୍ବତୀ ମାହାନ୍ତ, ସ୍ୱା. ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ମଧୁପୁର। |
| ୩ | ୧୫ | ୩୩୩ (ସ୍ଥ) | ୦.୧୩୦ | ୦.୦୮୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.- ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୪ | ୧୬ | ୧୩୬ (ସ୍ଥ) | ୦.୧୬୦ | ୦.୦୨୦ | ଘରବାରି | ଧନିଆଁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୭ (ସ୍ଥ) | ୦.୩୭୦ | ୦.୦୬୦ | ଘରବାରି | |
| | | ୩୬୯ (ସ୍ଥ) | ୦.୮୨୦ | ୦.୧୮୦ | ମାଳ ସାଧାରଣ | |
| ୫ | ୧୮ | ୩୬୫ (ସ୍ଥ) | ୦.୯୬୦ | ୦.୧୮୦ | ମାଳ ସାଧାରଣ | ଧରୁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୬ | ୧୯ | ୨୭୪ (ସ୍ଥ) | ୦.୫୮୦ | ୦.୧୮୦ | ମାଳ ସାଧାରଣ | ଧିରେଶେନ ପାତ୍ର, ପି.- ଠୁରୁ ପାତ୍ର, ଜା: ପାଣ, ବା: କୁର୍ଡ଼ା |
| ୭ | ୨୧ | ୩୬୪ (ସ୍ଥ) | ୦.୫୦୦ | ୦.୦୮୦ | ମାଳ ସାଧାରଣ | ନବୀନ କିସାନ, ପଞ୍ଚୁ ମାହାନ୍ତ, ପି.- ପଟୁଆ ମାହାନ୍ତ, ଜା: ମାହାନ୍ତ, ବା: ଶରଧାପୁର |
| | | ୩୭୧ (ସ୍ଥ) | ୦.୭୦୦ | ୦.୨୨୦ | ମାଳ ସାଧାରଣ | |
| | | ୩୭୪ (ସ୍ଥ) | ୩.୦୯୦ | ୦.୯୦୦ | ମାଳ ସାଧାରଣ | |
| ୮ | ୨୩ | ୧୩୨ | ୦.୪୭୦ | ୦.୪୭୦ | ବେର୍ଣ୍ଣା ସାଧାରଣ | ପଞ୍ଚୁ ମାହାନ୍ତ, ପି.- ମାଧ ମାହାନ୍ତ, ଜା: ମାହାନ୍ତ, ବା: ବଳ ଡିହି |
| | | ୧୪୮ (ସ୍ଥ) | ୧.୦୯୦ | ୦.୩୦୦ | ବେର୍ଣ୍ଣା ସାଧାରଣ | |
| ୯ | ୨୪ | ୩୬୩ (ସ୍ଥ) | ୧.୫୧୦ | ୦.୨୩୦ | ମାଳ ସାଧାରଣ | ପୂର୍ଣ୍ଣଚନ୍ଦ୍ର ମାହାନ୍ତ, ସୁରେନ୍ଦ୍ର ନାଥ ମାହାନ୍ତ, ପି.- ଗୋପୀନାଥ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୭୦ (ସ୍ଥ) | ୦.୭୨୦ | ୦.୧୪୦ | ମାଳ ସାଧାରଣ | |
| | | ୩୭୨ (ସ୍ଥ) | ୩.୩୭୦ | ୦.୯୧୦ | ମାଳ ସାଧାରଣ | |
| ୧୦ | ୩୨ | ୧୩୮ (ସ୍ଥ) | ୦.୨୧୦ | ୦.୧୦୦ | ଗୋଡ଼ା ଦୁଇ | ରଘୁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୬୬ (ସ୍ଥ) | ୦.୬୬୦ | ୦.୧୨୦ | ମାଳ ସାଧାରଣ | |
| ୧୧ | ୩୩ | ୨୮୮ | ୦.୫୫୦ | ୦.୫୫୦ | ମାଳ ସାଧାରଣ | ରାଧା ମାହାନ୍ତ, ପି.- ଦିର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୯୫ (ସ୍ଥ) | ୧.୪୯୦ | ୦.୩୫୦ | ମାଳ ସାଧାରଣ | |
| ୧୨ | ୩୮ | ୧୩୧ (ସ୍ଥ) | ୦.୭୪୦ | ୦.୬୦୦ | ବେର୍ଣ୍ଣା ସାଧାରଣ | ଶତୃଘ୍ନ ମାହାନ୍ତ, ଶଙ୍କର ମାହାନ୍ତ, ପି.- ବନୁ ମାହାନ୍ତ, ଶୈତ ମାହାନ୍ତ, ସ୍ୱା. ବନୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୩ (ସ୍ଥ) | ୦.୧୯୦ | ୦.୦୩୦ | ମାଳ ସାଧାରଣ | |
| | | ୧୪୧ | ୦.୩୫୦ | ୦.୩୫୦ | ମାଳ ସାଧାରଣ | |
| | | ୧୪୨ (ସ୍ଥ) | ୦.୨୬୦ | ୦.୧୨୦ | ଗୋଡ଼ା ଦୁଇ | |
| | | ୧୪୩ | ୦.୨୦୦ | ୦.୨୦୦ | ଗୋଡ଼ା ଦୁଇ | |
| ୧୩ | ୪୩ | ୧୪୪ (ସ୍ଥ) | ୦.୧୨୦ | ୦.୦୨୦ | ବେର୍ଣ୍ଣା ସାଧାରଣ | ଶ୍ୟାମ କିଶାନ, ପି.- ସନୁ କିଶାନ, ଜା: କିଶାନ, ବା: ନିଜଗାଁ |
| ୧୪ | ୪୪ | ୨୭୪/୪୨୭ | ୦.୨୦୦ | ୦.୨୦୦ | ମାଳ ସାଧାରଣ | ଶିବ ମାହାନ୍ତ, ପି.- ଦୁର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୮୭ (ସ୍ଥ) | ୦.୩୭୦ | ୦.୦୩୦ | ମାଳ ସାଧାରଣ | |
| | | ୨୮୯ (ସ୍ଥ) | ୧.୧୫୦ | ୦.୫୨୦ | ମାଳ ସାଧାରଣ | |
| | | ୨୯୬ (ସ୍ଥ) | ୦.୫୯୦ | ୦.୧୨୦ | ମାଳ ସାଧାରଣ | |
| ୧୫ | ୪୬/୩ | ୩୩୪ (ସ୍ଥ) | ୦.୩୪୦ | ୦.୨୬୦ | ମାଳ ସାଧାରଣ | ରମେଶ ଚନ୍ଦ୍ର ମାହାନ୍ତ, ପି.- ଭୀମ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୧୬ | ୪୬/୪ | ୧୨୨ (ସ୍ଥ) | ୦.୨୮୦ | ୦.୦୧୦ | ମାଳ ସାଧାରଣ | ମହି ମାହାନ୍ତ, ପି.- ଗୋରାଚାନନ୍ଦ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୪ (ସ୍ଥ) | ୦.୨୦୦ | ୦.୧୦୦ | ମାଳ ସାଧାରଣ | |
| ୧୭ | ୪୬/୧୪ | ୧୩୦ (ସ୍ଥ) | ୦.୩୧୦ | ୦.୦୫୦ | ମାଳ ସାଧାରଣ | କୃଷ୍ଣଚନ୍ଦ୍ର ମାହାନ୍ତ, ଭରତ ଚନ୍ଦ୍ର ମାହାନ୍ତ, ତ୍ରିଲୋଚନ ମାହାନ୍ତ, ଇନ୍ଦ୍ରମଣି ମାହାନ୍ତ, ପି.- ଜୁଗଲ କିଶୋର ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୭୩ (ସ୍ଥ) | ୦.୯୫୦ | ୦.୦୨୦ | ମାଳ ସାଧାରଣ | |
| ମୋଟ | ୧୭ | ୩୫ | ୨୪.୫୩୦ | ୭.୯୭୦ | | |

**ଭୂ-ଅର୍ଜନ ଜୋନ ଅଧିକାରୀ**
24160/14/0030/1819 **ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼**

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୪ ନଭେମ୍ବର, ୨୦୧୮



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### କାର୍ତ୍ତିକ ପୂର୍ଣ୍ଣିମାରେ ଭକ୍ତଙ୍କ ସମାଗମ

**ପାଇକମାଳ, ୨୩।୧୧ (ଡି.ଏନ.ଏ):** ଗନ୍ଧମାର୍ଦ୍ଦନ ପର୍ବତର ପାଦ ଦେଶରେ ଥିବା ନୃସିଂହନାଥରେ ଶୁକ୍ରବାର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା । ଭକ୍ତମାନେ ନୃସିଂହନାଥ ଝରଣାରେ କାର୍ତ୍ତିକ ବୁଡ ପକାଇ ଭଗବାନ ନୃସିଂହନାଥଙ୍କୁ ଦର୍ଶନ କରିଥିଲେ। ଭୋରରୁ ନୃସିଂହ ଠାକୁରଙ୍କୁ ପୂଜକମାନେ ସ୍ନାନ କରାଇ ରୀତିନିତି ଅନୁସାରେ ନୂତନ ବସ୍ତ୍ର ପରିଧାନ କରି ପୂଜା ପାଠ କରିଥିଲେ। ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡାହୋଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ପାଇକମାଳ ପୋଲିସ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା ।

### ଅଷ୍ଟପ୍ରହର ନାମଯଜ୍ଞ

**ସରଣ୍ଡା,୨୩।୧୧(ଡି.ଏନ୍.ଏ):** ଅତାବିରା ବୀର ସୁରେନ୍ଦ୍ର ସାଏ ନଗରରେ ଅଷ୍ଟପ୍ରହର ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ପଡ଼ାର ମହିଳାମାନେ ପୂର୍ଣ୍ଣ କଳସ ନେଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଅତାବିରାର ଉଭୟ ମହିଳା ଓ ପୁରୁଷ ନଗର ପରିକ୍ରମା କରିଥିଲେ। ଦିନ ୧୨ଟାରେ ଦହି ହାଣ୍ଡି ଭଙ୍ଗାଯାଇଥିଲା । ପଣ୍ଡିତ ବଂଶୀଧର ମିଶ୍ର ପୌରୋହିତ୍ୟ ଏବଂ ଶିଶୁ କୁମାର ଦେବତା ଓ ତାଙ୍କ ସ୍ତ୍ରୀ ମୀନା କୁମାରୀ ଦେବତା କର୍ତ୍ତା ଦାୟିତ୍ୱ ବହନ କରିଥିଲେ ।

### ଓଇଏସ ସଂଘର ଦାବିପତ୍ର ପ୍ରଦାନ

**ବୌଦ୍ଧ,୨୩।୧୧(ସ୍ୱ.ପ୍ର):** ବୌଦ୍ଧ ଜିଲା ଶିକ୍ଷା ସେବା (ଓଇଏସ) ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ଶିକ୍ଷା ସେବା ସଂଘ ସଭାପତି ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଁଙ୍କ ନେତୃତ୍ୱରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଗାଆଣ, ଯୋଗୀନ୍ଦ୍ର ଦେବ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଘୁଟା ଓ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଧ୍ରୁବ ଚରଣ ଘିବେଲା ପ୍ରମୁଖ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ ।

### ପ୍ରାପ୍ୟ ଦାବିରେ ଫେରାଦ

**ବୌଦ୍ଧ,୨୩।୧୧(ସ୍ୱ.ପ୍ର):** ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତି ଅଧୀନରେ କାର୍ଯ୍ୟରତ ଦୈନିକ କର୍ମଚାରୀମାନେ ପ୍ରାପ୍ୟ ଦାବିରେ ମୁଖ୍ୟ ଚିକିତ୍ସାଅଧିକାରୀଙ୍କ ପାଖରେ ଫେରାଦ ହୋଇଥିବା ଜଣାପଡିଛି । ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତି ଅଧୀନରେ ଦୈନିକ ମଜୁରୀରେ କାର୍ଯ୍ୟରତ କର୍ମଚାରୀମାନେ ଗତ ୨୦୦୪ରୁ କାର୍ଯ୍ୟକରିଆସୁଛନ୍ତି । ଗତ ଅଗଷ୍ଟ ମାସଠାରୁ ସେମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯାଉନଥିବା ଯୋଗୁଁ କର୍ମଚାରୀମାନେ ବହୁ ଅସୁବିଧାରେ ପରିବାର ପୋଷଣ କରୁଥିବା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ତୁରନ୍ତ ବକେୟା ଦରମା ସହ ଚାକିରି ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

### ଭାଜପା ପଦଯାତ୍ରା

**ମନମୁଣ୍ଡା, ୨୩।୧୧ (ଡି.ଏନ.ଏ):** ମନମୁଣ୍ଡା ଭାଜପା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣଙ୍କ ତତ୍ତ୍ୱାବଧାନ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗଙ୍କ ନେତୃତ୍ୱରେ ମନମୁଣ୍ଡା ପଞ୍ଚାୟତ ଭୁର୍କିପଡାରୁ ଶୁକ୍ରବାର ପଦଯାତ୍ରା ଆରମ୍ଭ ହୋଇଥିଲା । ଏହି ପଦଯାତ୍ରା ବିଭିନ୍ନ ସ୍ଥାନରେ ପହଞ୍ଚିବା ପରେ ସେଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ପଦଯାତ୍ରାରେ ଓବିସି ମୋର୍ଚ୍ଚା ସଭାପତି ସରୋଜ ମେହେର, କନ୍ଧମାଳ ମଣ୍ଡଳ ସଭାପତି ଅନୀଲ ପ୍ରଧାନ, ଯୁବନେତା ରାକେଶ ତ୍ରିପାଠୀ, ବାଉଁଶୁଣୀ ମଣ୍ଡଳ ସଭାପତି ପଞ୍ଚମନ ଜଗଦଲା, ସୁଧାଂଶୁ ଡାଙ୍ଗ, ସ୍ଥାନୀୟ ନେତା ପ୍ରେମଦାଶ ଶାହା, ଗୁଗୁନ ଗାଇଗରିଆ, ଅଲେଖ ଭୋଇ, ପଲସ୍ତି ପ୍ରଧାନ, ରାକେଶ ମଲିକ ପ୍ରମୁଖ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ ।

# ଛତିଶଗଡ ଯାଉଛି ଓଡିଶା ଧାନ

**ପଦ୍ମପୁର, ୨୩।୧୧ (ଡି.ଏନ.ଏ)**

**ପଦ୍ମପୁର ଉପଖଣ୍ଡ**



ମାଣ୍ଡୋସିଲ ମାର୍କେଟ ୟାର୍ଡରେ ଖୋଲା ଆକାଶ ତଳେ ଧାନ ପଡି ରହିଛି ।

- ଉପଖଣ୍ଡ ଅଧୀନ ୪୫ ମଣ୍ଡିକୁ ଯାଇ ନାହାନ୍ତି ମିଲର୍ସ
- ମଣ୍ଡିରେ ପଡିଛି ୧ଲକ୍ଷ ୨୧ ବସ୍ତା ଧାନ
- ମିଲର୍ସ ମର୍ଜି ଆଗରେ ଅସହାୟ ପ୍ରଶାସନ
- ଝାରବନ୍ଧ ଓ ବିଜେପୁର ବ୍ଲକର ସବୁ ମଣ୍ଡି ଖାଁ ଖାଁ
- ୨ରୁ ୩ ଦିନ ଭିତରେ ସବୁ ମଣ୍ଡି ସ୍ୱାଭାବିକ ହେବ

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଧାନ ସଂଗ୍ରହ ତାରିଖ ଘୋଷଣାକୁ ଇତି ମଧ୍ୟରେ ୧୮ ଦିନ ବିତିଯାଇଥିଲେ ମଧ୍ୟ ଧାନ କିଣାବିକାରେ ଅନିଶ୍ଚିତତା ଲାଗି ରହିଛି । ସବୁବେଳେ ମରୁଡିର ସାମ୍ନା କରୁଥିବା ଅଣଜଳସେଚିତ ପଦ୍ମପୁର ଉପଖଣ୍ଡର ଚାଷୀ ଧାନ ବିକ୍ରିରେ ଶୋଷଣର ଶିକାର ହେଉଛି। ଧାନ ବିକ୍ରିରେ ବିଳମ୍ବ ଯୋଗୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ମଣ୍ଡି ଖୋଲି ନ ଥିବାରୁ ଛତିଶଗଡ ସୀମାକୁ ଲାଗିଥିବା ଝାରବନ୍ଧ, ପାଇକମାଳ ଅଞ୍ଚଳର ଚାଷୀ ଅଣ୍ଡରରେଟ୍‌ରେ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି। ଏହି ଧାନ ଦଲାଲଙ୍କ ମାଧ୍ୟମରେ ଛତିଶଗଡକୁ ଚାଲାଣ ହେଉଥିବା ଜଣାପଡିଛି । ସରକାରଙ୍କ ଟୋଲଗେଟ ଏବଂ ଆରଏମସି ଗେଟ୍ ଉଠିଯିବା ପରେ ଅନାୟାସରେ ଡଭା, ଲଖମରା, ଜଗଦଲପୁର ରାସ୍ତା ଦେଇ ଛତିଶଗଡର ବସନା, ସରାଇପାଲି ଅଞ୍ଚଳକୁ ଓଡିଶା ଧାନ ଚାଲାଣ ହେଉଛି । ଗତ ୫ ତାରିଖରୁ ପଦ୍ମପୁର ଉପଖଣ୍ଡର ୬ଟି ବ୍ଲକର ୨୯ ପ୍ୟାକ୍ସ, ୧୧ ସ୍ଥାୟୀ ବଜାର ପ୍ରାଙ୍ଗଣ ଓ ୨୦ ଅସ୍ଥାୟୀ ବଜାର ପ୍ରାଙ୍ଗଣରେ ଧାନ କିଣାବିକା ଆରମ୍ଭ ହୋଇଥିବା ସରକାରୀ ଭାବେ ଘୋଷଣା ହୋଇଛି । ଯୋଗାଣ ବିଭାଗର ତଥ୍ୟ ଅନୁସାରେ ଶୁକ୍ରବାର ସୁଦ୍ଧା ପଦ୍ମପୁର ବ୍ଲକର ମୋଟ ୧୩ଟି କ୍ରୟକେନ୍ଦ୍ରରୁ ଉପାନ୍ତ ଅଞ୍ଚଳ ବୁଢେନ, ଦହିତା, ଦହିଗାଁ, ବୁଡାମାଲ, କନସିଂହାରେ ଦୀର୍ଘ ଦିନ ହେବ ହଜାର ହଜାର ବସ୍ତା ଧାନ ପଡି ରହିଥିବା ବେଳେ ମିଲର୍ସ କିମ୍ବା ପ୍ରଶାସନିକ ଅଧିକାରୀଙ୍କ ପାଦ ପଡିନି। ସେହିପରି ଝାରବନ୍ଧ ବ୍ଲକର ୭ ଏବଂ ବିଜେପୁର ବ୍ଲକର ସମସ୍ତ ୧୧ଟି କେନ୍ଦ୍ର ସମ୍ପୂର୍ଣ୍ଣ ଅଚଳ ହୋଇ ପଡିଛି । ଏହି ଦୁଇ ବ୍ଲକର ମଣ୍ଡିରେ ଚାଷୀଙ୍କ ଧାନ କିମ୍ବା ମିଲର୍ସଙ୍କ ପାଦ ପଡିନାହିଁ । ପାଇକମାଳ ବ୍ଲକର ୧୩ଟି କ୍ରୟ କେନ୍ଦ୍ରରୁ ପଲସଦା, ଝିଟିକି, ଲଖମରା, ବୁକ୍ରାମୁଣ୍ଡା, ବାଦିକଟାଁ, ଜାମସେଠ ଓ ବରତୁଣ୍ଡାକୁ ମିଲର୍ସ ଯାଇ ନାହାନ୍ତି । ଗାଇସିଲେଟ ବ୍ଲକର କୁଣ୍ଡାଖାଇ କେନ୍ଦ୍ରକୁ ଛାଡି ଦେଲେ ସମସ୍ତ ୯ଟି ଯାକ ବିକ୍ରି କେନ୍ଦ୍ରକୁ ଚାଷୀର ଧାନ କିମ୍ବା ମିଲର୍ସ ଯାଇ ନାହାନ୍ତି । ସୋହେଲା ବ୍ଲକର ୮ଟି ବିକ୍ରି କେନ୍ଦ୍ରରୁ ଘେଁସ ଓ ଗର୍ଭଣା ୟାର୍ଡରୁ ଗୋଟିଏ ବସ୍ତା ବି ଧାନ ଉଠି ପାରିନାହିଁ। ଧାନ ମଣ୍ଡିକୁ ମିଲର୍ସ ନ ଆସିବା ଏବଂ ଧାନ ଉଠାଣରେ ଅନିଶ୍ଚିତତା ଲାଗି ରହୁଥିବାରୁ ଚାଷୀମାନେ ବାଧ୍ୟ ହୋଇ କମ୍ ଦରରେ ବ୍ୟବସାୟୀଙ୍କଠାରେ ବିକ୍ରି କରୁଛନ୍ତି। ଜିଲା ପ୍ରଶାସନର ଦାୟିତ୍ୱହୀନତା ଏବଂ ମିଲର୍ସଙ୍କ ମର୍ଜିରେ ଚାଷୀ ଉପାୟ ଶୂନ୍ୟ ହୋଇ ପଡିଛି। ତୁରନ୍ତ ମଣ୍ଡିର ସୁପରିଚାଳନା ନ ହେଲେ ଆଗକୁ ଏକ ବଡ ଚାଷୀ ଆନ୍ଦୋଳନକୁ ଏଡାଇ ଦେଇହେବ ନାହିଁ । ଏ ସମ୍ପର୍କରେ ପଦ୍ମପୁର ସହକାରୀ ଯୋଗାଣ ଅଧିକାରୀ ଶମ୍ଭୁପ୍ରସାଦ ହରିପାଲ କୁହନ୍ତି, ଚଳିତ ମାସ ୫ ତାରିଖରୁ ମଣ୍ଡି ଖୋଲିଥିଲେ ମଧ୍ୟ ସବୁଠାରେ ଧାନ କିଣାବିକା ଆରମ୍ଭ ହୋଇନାହିଁ । ୨ରୁ ୩ ଦିନ ଭିତରେ ସବୁ ମଣ୍ଡି ସ୍ୱାଭାବିକ ହେବ ଏବଂ ଚାଷୀଙ୍କ ଧାନ କିଣାଯିବ । ସେହିପରି ଅଭାବୀ ବିକ୍ରିକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଯଦି ଚାଷୀ ସର୍ବନିମ୍ନ ମୂଲ୍ୟରୁ ବଞ୍ଚିତ ହୁଏ ତେବେ ରାଜବୋଡାସମ୍ବର କୃଷକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି କୃଷକ ସଙ୍ଗଠନ ସଂଯୋଜକ ରୋହିତ ପ୍ରଧାନ କହିଛନ୍ତି ।



ମହାନଦୀର ମର୍ଯ୍ୟାକୁଦଠାରେ ସେତୁ ପାଇଁ ମୃତ୍ତିକା ପରୀକ୍ଷା କରାଯାଉଛି ।

## ମର୍ଯ୍ୟାକୁଦ ସେତୁ ପାଇଁ ମୃତ୍ତିକା ପରୀକ୍ଷା ଆରମ୍ଭ

**ବୌଦ୍ଧ,୨୩।୧୧(ସ୍ୱ.ପ୍ର)**

ମନମୁଣ୍ଡା ମର୍ଯ୍ୟାକୁଦ ଠାରେ ମହାନଦୀରେ ସେତୁନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସେତୁ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ୪୫ କୋଟି ଟଙ୍କା ବ୍ୟୟରେ ଏହା ନିର୍ମାଣ ହେବାକୁ ଯାଉଛି । ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ବୌଦ୍ଧ ଗସ୍ତ କରି ଏହି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିବା କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପାଦଚଲା ରାସ୍ତା ସହିତ ୭.୫ ମିଟର ଚଉଡା ଏହି ସେତୁ ପାଇଁ ୩୬ ଗୋଟି ପିଲର ନିର୍ମାଣ କରାଯିବ । ବୌଦ୍ଧ ମାଷ୍ଟର ଲାଇନ ନିକଟରେ କୂଳ ସହିତ ସଂଯୁକ୍ତ ହେଉଥିବା ଏହି ସେତୁ କଲେଜ ସମ୍ମୁଖରେ ମୁଖ୍ୟ ସଡକ ସହିତ ସଂଯୁକ୍ତ ହେବ । ତେବେ ସେତୁର ଆପ୍ରୋଚ ରୋଡ ନିର୍ମାଣ ପାଇଁ ମାଷ୍ଟରଲାଇନ ପଛପଟେ ମଧ୍ୟ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସେତୁ ନିର୍ମାଣ ହେଲେ ମହାନଦୀ ଗର୍ଭରେ ମର୍ଜାକୁଦ ଟାପୁରେ ରହୁଥିବା ବୌଦ୍ଧ ଏନଏସିର ୧୩ ଓ ୧୪ ନମ୍ବର ୱାର୍ଡର ୩୦୦୦ ଲୋକଙ୍କ ପାଇଁ ସବୁଦିନ ନଦୀପାର ହେବା ସମସ୍ୟାର ସମାଧାନ ହେବ । ଏହାସହିତ ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସେବା ମଧ୍ୟ ପାଇପାରିବେ ।

## ନାରୀ ଭିତରେ ଶାଳୀନତା ଜରୁରୀ

**ବରଗଡ଼ ଅଫିସ,୨୩।୧୧**




ପୁସ୍ତକମେଳା ଆଲୋଚନାଚକ୍ରରେ ଜଣେ ବକ୍ତା ମତ ରଖୁଛନ୍ତି ।

ସମାଜକୁ ଗଢ଼ିବା ଦିଗରେ ନାରୀ ଓ ପୁରୁଷର ଭିନ୍ନ ଭୂମିକା ରହିଛି । କେବଳ ନାରୀ ସ୍ୱାଧୀନତା ନାଁରେ ଆମେ ଉଚ୍ଛୃଙ୍ଖଳ ହୋଇ ସମାଜରେ ଚଳିବା ଠିକ୍ ନୁହେଁ। ନାରୀ ଭିତରେ ଶାଳୀନତା ରହିବା ନିତାନ୍ତ ଦରକାର । ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଚାଲିଥିବା ପୁସ୍ତକମେଳାର ଶୁକ୍ରବାର ଅନୁଷ୍ଠିତ ଆଲୋଚନାଚକ୍ର ଶୀର୍ଷକ ଶବରୀମାଳା ହେଉ ବା ତିନ୍ ତଲାକ୍, କେବଳ ନାରୀ କାହିଁକି ଶୀର୍ଷକରେ ବକ୍ତାମାନେ ଏହା ମତବ୍ୟକ୍ତ କରିଛନ୍ତି । ଗାନ୍ଧୀ ସ୍ମୃତି ପାଠାଗାରର ସଦସ୍ୟା ଅଧ୍ୟାପିକା ଜୟଶ୍ରୀ ସାହୁଙ୍କ ସଭାପତିତ୍ୱ ଏବଂ ଅଧ୍ୟାପିକା ସଂଘମିତ୍ରା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ କବୟିତ୍ରୀ ସୁଚେତା ମିଶ୍ର, ଶ୍ରୀମୟୀ ଶ୍ୱେତସ୍ନିଗ୍ଧା ମିଶ୍ର, କବୟିତ୍ରୀ ଶର୍ମିଷ୍ଠା ସାହୁ ପ୍ରମୁଖ ଯୋଗଦେଇ ଶୀର୍ଷକ ଉପରେ ନିଜ ମତ ଉପ୍ଥାପନ କରିଥିଲେ । ଆଲୋଚନାଚକ୍ର ପୂର୍ବରୁ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଅତିଥି ବକ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜିଲାପାଳ ଏବଂ ଅତିଥିମାନେ ସ୍ଥାନୀୟ ପଞ୍ଚାୟତ କଲେଜ ଯୁକ୍ତତିନି ଦ୍ୱିତୀୟ ବର୍ଷ ଛାତ୍ର ବିବେକାନନ୍ଦ ପଟେଲଙ୍କ କବିତା ସଂକଳନ ସ୍ୱପ୍ନ ପ୍ରଜାପତିକୁ ଉନ୍ମୋଚନ କରିଥିଲେ। ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଅଧ୍ୟକ୍ଷ କରଣ ସାହୁ ପ୍ରଦୀପ ପ୍ରଜ୍ୱଳନ କରିଥିବାବେଳେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଅତାବିରାର ବିଭିନ୍ନ ସ୍ଥାନରେ ବାଲିଯାତ୍ରା ସମ୍ପନ୍ନ

**ସରଣ୍ଡା,୨୩।୧୧(ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ ଭୋଇପାଲି, ଖଇରପାଲି ଏବଂ କୁକେତିରା ଗ୍ରାମର ଝାଉଁଯୋର ନଦୀ କୂଳରେ ବାଲିଯାତ୍ରା ଶୁକ୍ରବାର ସମ୍ପନ୍ନ ହୋଇଛି । ଗୁରୁବାର ଭୋଇପାଲି ଓ ଖଇରପାଲି ଗ୍ରାମରେ ଅନୁଷ୍ଠିତ ଯାତ୍ରାରେ ସରଣ୍ଡାର ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ବାବାଙ୍କ ଶୈବ ପୀଠରୁ ମଧ୍ୟାହ୍ନରେ ବାବା ଚନ୍ଦ୍ରଶେଖର ଏବଂ ନାଗ ମୂର୍ତ୍ତିକୁ ଏକ ଶୋଭାଯାତ୍ରାରେ ପୂଜାସ୍ଥଳକୁ ନିଆଯାଇ ସେଠାରେ ସ୍ଥାପନ କରାଯାଇଥିଲା। ଜଟାଧାରୀ ଭୋଇ କର୍ତ୍ତା ଏବଂ ପଣ୍ଡିତ ଜୟମଙ୍ଗଳ ପତି ପୌରହିତ୍ୟ ଦାୟିତ୍ୱ ତୁଲାଇଥିଲେ । ଖଇରପାଲି ଗ୍ରାମରେ ରାଜେଶ ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ଗୁଣମଣୀ କର୍ମି କର୍ତ୍ତା ଥିଲେ । ଶୁକ୍ରବାର କୁକେତିରା ସମେତ ଗୌରପଡ଼ା ଏବଂ ଗୁଡିପାଲି ଗ୍ରାମବାସୀଙ୍କ ଉଦ୍ୟମରେ କୁକେତିରା ବାଲିଯାତ୍ରା ଅନୁଷ୍ଠିତ ହୋଇଛି । ଶୁକ୍ରବାର ରାତିରେ ଛତରଗୌରଙ୍କ ପ୍ରତିମା ଗ୍ରାମ ପରିକ୍ରମା କରି ପୂର୍ଣ୍ଣମୀ ଭୋର୍‌ରୁ ପୂଜାର୍ଚ୍ଚନା ସହ ନାମ କୀର୍ତ୍ତନ କରାଯାଇଥିଲା।

## ଗୁଣାତ୍ମକ ଶିକ୍ଷା ପାଇଁ ଆଲୋଚନା ଚକ୍ର

**ଜହ୍ନାପଙ୍କ, ୨୩।୧୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ସ୍ଥିତ ଆର୍ଯ୍ୟନ ଏକାଡେମୀ ଆବାସିକ ବିଦ୍ୟାଳୟରେ ଭୁବନେଶ୍ୱର ସ୍ଥିତ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ପର୍ଯ୍ୟବେକ୍ଷକ ସୁରେନ୍ଦ୍ର ମୋହନ ପଟ୍ଟନାୟକ ଏହି ସଂସ୍ଥାନ ସହ ସହବନ୍ଧିତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ପୂର୍ଣ୍ଣାଙ୍ଗ ଓ ଗୁଣାତ୍ମକ ଶିକ୍ଷାଦାନ ସମ୍ପର୍କରେ ଏକ ମାର୍ଗଦର୍ଶନ କରିଥିଲେ । ପଟ୍ଟନାୟକ ଉତ୍ତମ ଚରିତ୍ର ଗଠନ, ମାନସିକ ଓ ଶାରୀରିକ ଶିକ୍ଷାଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ସୁଜିତ ପ୍ରଧାନ ଶିକ୍ଷାଦାନ କରିଥିବା ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ । ଶିକ୍ଷକ ଉମାକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାମଲୀଳା ମହୋତ୍ସବ ଉଦ୍‌ଯାପିତ



ରେଶମ ରାମଲୀଳା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ ।

**ଭେଡ଼େନ, ୨୩।୧୧ (ଡି.ଏନ.ଏ)**

ଭେଡ଼େନ ବ୍ଲକ ରେଶମ ଗ୍ରାମରେ ରାସପୂର୍ଣ୍ଣିମା ଅବସରରେ ଦୁଇଦିନ ଧରି ଚାଲିଥିବା ରାମଲୀଳା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ରେଶମ ସରପଞ୍ଚ ସଂଖ୍ୟାକାରୀ ଖମାରୀଙ୍କ ସଭାପତିତ୍ୱରେ ହୋଇଥିବା ଉଦଘାଟନୀ ଉତ୍ସବରେ ବିକାଶ ସ୍କୁଲ ଅଧ୍ୟକ୍ଷ ଡ଼ି. ମୁରଲିକ୍ରୀଷ୍ଣା ମୁଖ୍ୟଅତିଥି, ଭାଜପା ଜିଲା ଉପସଭାପତି ଉର୍କୁଲୁ ତାଣ୍ଡି, ପୂର୍ବତନ ବିଧାୟକ କୁମର ବେହେରା, ସରୋଜ ମାଝୀ, ବିକ୍ରମ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାବଣ ଭୂମିକାରେ ବିଜୁ ପ୍ରଧାନ, ରାମ ସୁନୀଲ ରଣା, ଲକ୍ଷ୍ମଣ ଅନୀଲ ସାହୁ, ସୀତା ଭୂମିକାରେ ବର୍ଷା ପଣ୍ଡା ଅଭିନୟ କରିଥିଲେ। ନରେନ୍ଦ୍ର ଭୋଇ, କିର୍ତ୍ତି ବଗର୍ତ୍ତି, ଗଜିନ୍ଦ୍ର ବିଶି, ଅନନ୍ତ ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ ରାବଣ ବଧ ସହ ରାମଲୀଳା ଉଦ୍‌ଯାପିତ ହୋଇଛି ।

## ହନୁମାନ ମନ୍ଦିର ବାର୍ଷିକୋତ୍ସବ

**ବିଜେପୁର, ୨୩।୧୧ (ଡି.ଏନ.ଏ)**

ବିଜେପୁର ଏନଏସି ସଦର ମହକୁମାର ହଟୁଆପଡା ହନୁମାନ ମନ୍ଦିର ପ୍ରତିଷ୍ଠାର ଷଷ୍ଠ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ମନ୍ଦିରର ପହଡ ଫିଟାଯାଇ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ପରେ ପୂଜାର୍ଚ୍ଚନା ସହ ହୋମ, ଆଳତୀ କରାଯାଇଥିଲା । ସାମୂହିକ ଭାବେ ହନୁମାନ ଚାଳିଶା ପଠନ ହୋଇଥିଲା। ଗୁଣନିଧି ବାଗ କର୍ତ୍ତା ଏବଂ ଚନ୍ଦନ ଶର୍ମା ପୁରୋହିତ କର୍ମ ସମ୍ପାଦନ କରିଥିଲେ । ସନ୍ଧ୍ୟାରେ ବୈଷ୍ଣବ ପାତ୍ର ଓ ସାଥି ସଂକୀର୍ତ୍ତନ ପରିବେଷଣ କରିଥିଲେ। ମୋହନ ରାଓ ମୋରେ, ଭାଲୁ ସେଠ, ଜଗନ୍ନାଥ ବେହେରା, ଭୁବନେଶ୍ୱର ବେହେରା, ଅଶୋକ ସାହୁ, ସୁଶାନ୍ତ ସିଂ, ଶଙ୍କର ଷାଣ୍ଡ, ଶଙ୍କର ବେହେରା, ପ୍ରମୋଦ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଲେବିଡି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ସୋହେଲା,୨୩।୧୧(ଡି.ଏନ.ଏ)**

ରାଜ୍ୟ ସ୍ତରୀୟ କବ୍ ବୁଲ୍‌ବୁଲ୍ ଉତ୍ସବ ଗତ ୧୮ରୁ ୨୨ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋହେଲା ବ୍ଲକ ଲେବିଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର କବ୍ ଦଳ ପାରମ୍ପରିକ ନୃତ୍ୟ ଓ ମଡେଲ ମେକିଂ ପ୍ରତିଯୋଗିତାରେ ପ୍ରଥମ ଓ ଫିଜିକାଲ ଡିସ୍‌ପ୍ଲେ ଓ ଆର୍ଟ ଏଣ୍ଡ କ୍ରାଫ୍ଟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟ ଖେଳ ଶିକ୍ଷକ ଗିରିଧାରି ଡନସନାଙ୍କ ତତ୍ତ୍ୱାବଧାନରେ ଲଳିତ ମହାନନ୍ଦ, ନୀତିଶ ନାୟକ, କ୍ରୀଷ୍ଣା ପାଇକ, ମଣ୍ଟୁ ଦୀପ, ଅକ୍ଷୟ ମହାନନ୍ଦ ଓ ଜିତେନ୍ଦ୍ର ସିଂ ଉତ୍ସବରେ ଅଂଶଗ୍ରହଣ କରିଥିଲେ । ଛାତ୍ରୀଛାତ୍ରଙ୍କ ଏହି କୃତିତ୍ୱ ପାଇଁ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଯୋଶୀ, ବ୍ଲକ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାୟକ, ପ୍ରଶାନ୍ତ ଭୋଇ, ଡିଏସଏସ ମନୋଜ କୁମାର ସାହୁ, ଲେବିଡି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟଙ୍କଧର ପଧାନଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଅଭିନନ୍ଦନ ଜଣାଇଛନ୍ତି ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

**ପାଇକମାଳ, ୨୩।୧୧ (ଡି.ଏନ.ଏ)**

ପାଇକମାଳରୁ ପଦ୍ମପୁର ରାସ୍ତା ଗୌଡଝୁରି ଛକ ନିକଟରେ ଏକ ବାଇକ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଛନ୍ତି । ମୃତକ ହେଲେ ଖଇରା ଗ୍ରାମର ଅଭିମନ୍ୟୁ ନେଗୀ (୧୮) । ଏହି ଦୁର୍ଘଟଣାରେ ଅଭିମନ୍ୟୁ ମରେଇ (୧୮) ଗୁରୁତର ହୋଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପଠାଯାଇଛି । ଏମାନେ ରାତି ୯ଟାରେ ପଦ୍ମପୁରରୁ ପାଇକମାଳ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

## ପ୍ରତିଭା-୨୦୧୮ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବରଗଡ଼ ଅଫିସ୍,୨୩।୧୧**

ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ଗୁରୁବାର ସ୍ଥାନୀୟ ଓଡ଼ିଶା ଜନତା ସଂଘର୍ଷ ସମିତିର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସମ୍ମାନ ସମାରୋହରେ ଜିଲା ଶିଶୁ ଶ୍ରମିକ ପ୍ରକଳ୍ପ ନିର୍ଦ୍ଦେଶକ ଡମ୍ବରୁଧର ନାଏକ ମୁଖ୍ୟଅତିଥି ଏବଂ ଡଃ ଜୟଦେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚିତ୍ରିଣ୍ଡାର ଚିତ୍ତରଞ୍ଜନ ମେହେରଙ୍କୁ ମଧ୍ୟ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଂଘ ଉପସଭାପତି ମେଘନାଦ ସାହୁ, ସମ୍ପାଦକ ଅଭୟ ପ୍ରଧାନ, ସହସମ୍ପାଦକ ନେପାଳ ଦୁଆନ ମଧ୍ୟ ମଞ୍ଚାସୀନ ଥିଲେ। ସାମାଜିକ କର୍ମୀ ଜଳନ୍ଧର ପଟେଲ, ପ୍ରୀତମ ସିଂ, ପ୍ରେମାନନ୍ଦ ପଟେଲ, ରବି ନାରାୟଣ ସାହୁ, ସନ୍ତୋଷ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।



ପ୍ରତିଭା-୨୦୧୮ କାର୍ଯ୍ୟକ୍ରମରେ ଜଣେ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ତୁଟୁନି ନୂତନ ବସଷ୍ଟାଣ୍ଡ ବିବାଦ

**ବରଗଡ଼ ଅଫିସ,୨୩।୧୧**



ଖବରଦାତା ସମ୍ମିଳନୀରେ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାବୃନ୍ଦ ।

ବରଗଡ଼ରେ ନୂତନ ଘରୋଇ ବସଷ୍ଟାଣ୍ଡକୁ ନେଇ ଉପୁଜିଥିବା ବିବାଦ ତୁଟିବା ନାଁ ନେଉନାହିଁ। ଏହାକୁ ନେଇ ବରଗଡ଼ ଘରୋଇ ବସ ମାଲିକ ସଂଘ ଓ ମ୍ୟୁନିସିପାଲିଟି ମୁହାଁମୁହିଁ ହୋଇଛନ୍ତି। ନୂତନ ଘରୋଇ ବସଷ୍ଟାଣ୍ଡ ନାଁରେ ମ୍ୟୁନିସିପାଲିଟି ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରିଛି ଏବଂ ତାହା ସମ୍ପୂର୍ଣ୍ଣ ବେଆଇନ ବୋଲି ଘରୋଇ ବସ୍ ମାଲିକ ସଂଘ ଅଭିଯୋଗ କରିଛି । କୌଣସି ପରିସ୍ଥିତିରେ ମ୍ୟୁନିସିପାଲିଟିର ସେହି ବେଆଇନ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ କିମ୍ବା ସେଠାକୁ ଘରୋଇ ବସ୍ ଗୁଡ଼ିକୁ ନିଆଯିବନାହିଁ । ଆବଶ୍ୟକ ହେଲେ ଆନ୍ଦୋଳନ ସାଙ୍ଗକୁ କୋର୍ଟର ଆଶ୍ରୟ ନିଆଯିବ ବୋଲି ଶୁକ୍ରବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ସେହି ସ୍ଥାନକୁ ଘରୋଇ ବସଷ୍ଟାଣ୍ଡ ମାନ୍ୟତା ଦେବା ପୂର୍ବରୁ ସଂଘ ପକ୍ଷରୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର କୌଣସି ପ୍ରସ୍ତାବ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ। ତାକୁ ନୂତନ ଘରୋଇ ବସଷ୍ଟାଣ୍ଡ ଭାବେ କୌଣସି ଭାବେ ଗ୍ରହଣ କରାଯିବ ନାହିଁ ଏବଂ ଘରୋଇ ବସ୍ ମାଲିକ ସଂଘ ତା ବିରୋଧରେ ସଂଗ୍ରାମ ଜାରି ରଖିବ ବୋଲି ସଂଘର ସଭାପତି ଭୀଷ୍ମଦେବ ଦୋରା କହିଥିଲେ । ସଂଘର ଦାବି ମୁତାବକ ବସଷ୍ଟାଣ୍ଡ ପାଇଁ ଆବଶ୍ୟକ କାର୍ଯ୍ୟ ତଥା ନିୟମାନୁସାରେ ବସଷ୍ଟାଣ୍ଡ ନିର୍ମାଣ କରା ନ ଯିବା ପର୍ଯ୍ୟନ୍ତ କୌଣସିକ୍ରମେ ଘରୋଇ ବସ ମାଲିକମାନେ ସେଠାକୁ ବସ୍ ନେବେନାହିଁ ଏବଂ ପୂର୍ବବତ୍ ପୁରୁଣା ସ୍ଥାନକୁ ବସଷ୍ଟାଣ୍ଡ ଭାବେ ବ୍ୟବହାର କରିବେ ବୋଲି ସେ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ସଂଘର ଉପଦେଷ୍ଟା ଇଂ ଦେବବ୍ରତ ମିଶ୍ର, ଉପସଭାପତି ଏମଡ଼ି ଇଦ୍ରିସ, ନିଲୁ ପାଣିଗ୍ରାହୀ ଏବଂ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ବରଗଡ଼ ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ବସଷ୍ଟାଣ୍ଡ ନିର୍ମାଣରେ କୌଣସି ନିୟମ ଉଲ୍ଲଂଘନ କରାଯାଇନାହିଁ। ଲୋକଙ୍କ ସୁବିଧା ତଥା ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ପୌର ପରିଷଦ ବହୁ ଟଙ୍କା ଖର୍ଚ୍ଚ କରି ସୁନ୍ଦର ଭାବେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରିଛି। ଆସନ୍ତା ୨୫ତାରିଖରେ ଅପରାହ୍ନ ୪ଟାରେ ଏହାର ଉଦଘାଟନୀ ସମାରୋହ ରହିଛି ବୋଲି ବେହେରା କହିଛନ୍ତି ।



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ



## ସଂକ୍ଷେପରେ



### କଲ୍ୟାଣ ମଣ୍ଡପର ଶିଳାନ୍ୟାସ

**ଦେଓଗାଁ, ୨୩।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝରରେ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ୟାସ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପରଝରର ସରପଞ୍ଚ ପ୍ରମୋଦିନୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଭ୍ୟ ଶୁଶିଳ ଚାନ୍ଦ ଓ ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ବିଭାଗ ତରଫରୁ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏ ଅବସରରେ ଜିଲା ପରିଷଦ ସଭ୍ୟ ଗୁରୁଦେବ ରଣା, ଶୈଳେନ୍ଦ୍ର ସାହୁ, ସ୍ଥାନୀୟ କୃଷି ସେବା ସମବାୟ ସଭାପତି ପଞ୍ଚାନନ ପଧାନ, ପୂର୍ବତନ ବ୍ଲକ ଅଧକ୍ଷ ବିଜୟ ସାହୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ଅନଙ୍ଗ ପଧାନ, ବାସୁ ପଧାନ, ରଜନୀ ପଟେଲ, ସଂଜୀବ ପଧାନ, ତୁଷାର ଦଲାଇ, କୈଳାସ ମହାନ୍ତିଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ସତ୍ୟସାଇ ବାବାଙ୍କ ଜନ୍ମବାର୍ଷିକ ଉତ୍ସବ

**ଦେଓଗାଁ,୨୩।୧୧(ଡି.ଏନ.ଏ):** ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁରରେ ଶୁକ୍ରବାର ସତ୍ୟସାଇ ବାବାଙ୍କ ୯୩ତମ ଜନ୍ମବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆବାହକ କୁମାର ଷାଣ୍ଢଙ୍କ ଆବାହକତ୍ୱରେ ତଥା ଗୋବିନ୍ଦ ମେହେରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଗୁରୁ ଦାମୋଦର ମିଶ୍ର ଯୋଗଦେଇଥିଲେ। ବାଳବିକାଶର ଶିଶୁ ଭଉଣୀ ଭାଇମାନେ ବାଳକ ବିକାଶରେ ଯୋଗଦେଇ କି ଲାଭପାଇ ପାରୁଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଳବିକାଶ ଗୁରୁ ରାଜୁ ପୁଟେଲଙ୍କ ସଂଯୋଜନାରେ ବାଳବିକାଶର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ସମସ୍ତ ବାଳବିକାଶର ଭଉଣୀଭାଇଙ୍କୁ ପୁରସ୍କୃତ କରାଯାଇଥିଲା। ଜମାଦାରପାଲି, ଉଡାର, ଝାରମୁଣ୍ଡା, ବରକାନୀ, ଜରାସିଂହା, ଦେଓଗାଁ, ଟେବେଡାମୁଣ୍ଡା, ରତନପୁର, ଗାଇବାହାଲ, ଜୁର୍ଲାକାନୀ ଏବଂ ହାତୀସରାରୁ ସହସ୍ରାଧିକ ଲୋକଙ୍କ ଭିଡ ଜମିଥିଲା। ସାଧୁରାମ ପୁରୋହିତ,ବାଳ ବିକାଶ ଗୁରୁମା ପୁଷ୍ପାଞ୍ଜଳି ମେହେର ପ୍ରମୁଖ ସହଯୋଗ କରିଥିଲେ।

### ଆଜି କ'ଣ କେଉଁଠି

ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

କଣ୍ଟାବାଞ୍ଜି ଜିଲା ପ୍ରସଙ୍ଗ

# ଆନ୍ଦୋଳନ ପ୍ରତି ବଢୁଛି ସମର୍ଥନ

**କଣ୍ଟାବାଞ୍ଜି, ୨୩।୧୧(ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିଲା ଦାବିରେ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଆନ୍ଦୋଳନ ଶୁକ୍ରବାର ୭ମ ଦିନରେ ପହଞ୍ଚିଛି। ଏହି ଦିନ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ କ୍ଲବର ସଭ୍ୟ ଏବଂ ଶିବ ଶକ୍ତି ମହିଳା ଗୋଷ୍ଠୀର ସଭ୍ୟାମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ସକାଳେ ସୁରେନ୍ଦ୍ର ସାଏ କ୍ଲବର ସଭ୍ୟମାନେ ସହର ପରିକ୍ରମା କରିଥିଲେ। କ୍ଲବର ସଭ୍ୟ ବିଷ୍ଣୁ ଦୀପ, ଆଶିଷ ଦୀପ, ହରିଶ ଦୀପ, ରାହୁଲ ଯାଦବ, ଗୌରବ ସୁନା, ତପନ କୁମାର ବେହେର, ପ୍ରେମାନନ୍ଦ ପୁଟେଲ, ଗୋପିରାଜ ସୁନା ଓ ମହିଳା ଗ୍ରୁପର ଜାନକୀ ସୁନା, ପ୍ରେମଶିଳା ସୁନା, ପଦ୍ମାଳୟା ନାୟକଙ୍କ ସହିତ ଜିଲା ସଂଘର୍ଷ ସମିତିର ସମସ୍ତ ସଭ୍ୟ ଓ ଓକିଲ ସଂଘ ପ୍ରତିନିଧିମାନେ ଧାରଣାରେ ଅଂଶଗ୍ରହଣ କରିଛନ୍ତି।




ଧାରଣାରେ ସାମିଲ ବୀର ସୁରେନ୍ଦ୍ର ସାଏ କ୍ଲବର ସଭ୍ୟ ଓ ମହିଳା ଗୋଷ୍ଠୀ।

# ୬ ବିଜ୍ଞାନ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

**ମୁରିବାହାଲ, ୨୩।୧୧(ଡି.ଏନ.ଏ)**

ମୁରିବାହାଲ ବ୍ଲକସ୍ତରୀୟ ବିଜ୍ଞାନ ମେଳା ତେନ୍ତୁଲିଖୁଣ୍ଟି ସରକାରୀ ନୋଡାଲ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୨ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ୬ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ କରାଯାଇଛି। ମୁରିବାହାଲ ବ୍ଲକର ୨୧ଗୋଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନେଇ ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନ ମେଳାକୁ ତେନ୍ତୁଲିଖୁଣ୍ଟି ସରପଞ୍ଚ କାଶିନାଥ ଭୋଇ ଓ ବଲାଙ୍ଗୀର ଜିଲା ଓଷ୍ଟା ସଂଘ ଉପସଭାପତି ପ୍ରଦୀପ ପୁଟେଲ, ଜିଲା ପରିଷଦ ସଭ୍ୟ ହସିତା ବେହେରାଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହାପରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୬୨ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ଧରୁଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ପିତବାସ ସାହୁ, ବିଜ୍ଞାନ ଶିକ୍ଷକ ରାଜକୁମାର ଭୋଇ ତଥା ମୁଖ୍ୟବକ୍ତା ଭାବେ ଟିଟିଲାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଛାୟାକାନ୍ତ ଷଡଙ୍ଗୀ ଯୋଗଦେଇ ବିଜ୍ଞାନର ଉପଲବ୍ଧି, ବିଜ୍ଞାନ ଦ୍ୱାରା ସମାଜର ପ୍ରଗତି ତଥା ପ୍ରତ୍ୟେକ ବ୍ୟକ୍ତି ବୈଜ୍ଞାନିକ ପଦ୍ଧତିରେ କାର୍ଯ୍ୟ କରିବା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ଶ୍ରୀମନ୍ତ ନାୟକ ସଂଯୋଜନା କରିଥିଲେ। ଅଶୋକ କୁମାର ତରିଆ, କିଶୋର ଚନ୍ଦ୍ର ପଣ୍ଡା, ଉଦ୍ଧବ ପୁଟେଲ, ରଶ୍ମିଲତା ପାତ୍ର, ସନ୍ତୋଷ କୁମାର ମେହେର, ବିଜୟ ରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଆକ୍ସନ କମିଟିର ଜରୁରୀ ବୈଠକ

# ୩ ତାରିଖ ବଲାଙ୍ଗୀର ବନ୍ଦକୁ ସମର୍ଥନ ଘୋଷଣା

**ବଲାଙ୍ଗୀର ଅଫିସ, ୨୩।୧୧**

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ନେଇ ଜିଲା ଓକିଲ ସଂଘ ପକ୍ଷରୁ ଆସନ୍ତା ଡିସେମ୍ବର ୩ତାରିଖରେ ଆହୂତ ବଲାଙ୍ଗୀର ବନ୍ଦ ଡାକରାକୁ ଆକ୍ସନ କମିଟି ସମର୍ଥନ ଘୋଷଣା କରିଛି । ଗୋପାଳଜୀ ପାଣିଗ୍ରାହୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଜରୁରୀ ବୈଠକରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି)ର ପଶ୍ଚିମ ଓଡିଶା ବନ୍ଦକୁ ପ୍ରତ୍ୟାଖାନ୍ କରିବା ଏବଂ ବଲାଙ୍ଗୀର ଓକିଲ ସଂଘର ବନ୍ଦ ପାଳନ ନିଷ୍ପତ୍ତିକୁ ସମର୍ଥନ କରିବା ପାଇଁ ନିଷ୍ପତ୍ତି ହୋଇଛି। ୧୯୪୭ ମସିହାରେ ବଲାଙ୍ଗୀରରେ ପାଟଣା ହାଇକୋର୍ଟ ରହିଥିଲା। ପୂର୍ବତନ ପାଟଣା ଷ୍ଟେଟ୍ ତଥା ବର୍ତ୍ତମାନର ବଲାଙ୍ଗୀର ଜିଲା ଓଡିଶା ସହ ମିଶ୍ରଣ ପରେ ଏହି ହାଇକୋର୍ଟ ଉଠାଇ ନିଆଯାଇଥିଲା। ତେବେ ସେହିଦିନରୁ ବଲାଙ୍ଗୀର ଜିଲା ଜଜ୍ ଓଡିଶା ହାଇକୋର୍ଟର ଏକ୍ସଅଫିସିଓ ରେଜିଷ୍ଟ୍ରାର ଭାବେ କ୍ଷମତାସୀନ ଅଛନ୍ତି। ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃସ୍ଥାପନ ପାଇଁ ସୁଦୃଢ଼ ଭିତ୍ତିଭୂମି ରହିଛି ଓ ବଲାଙ୍ଗୀରବାସୀଙ୍କ ଦାବି ଯଥାର୍ଥ ବୋଲି କମିଟି ବୈଠକରେ କୁହାଯାଇ ବଲାଙ୍ଗୀର ବନ୍ଦକୁ ସମର୍ଥନ ଘୋଷଣା କରାଯାଇଛି। ବିଗତ ଦିନ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ପୌର ନିର୍ବାଚନ ବାତିଲ କରାଯାଇଥିଲା ଓ ଉକ୍ତ ଆନ୍ଦୋଳନରେ ବଲାଙ୍ଗୀର ଆକ୍ସନ କମିଟି ସକ୍ରିୟ ଭୂମିକା ନିର୍ବାହ କରିଥିଲା। ବଲାଙ୍ଗୀର ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଆକ୍ସନ କମିଟି ଆଗକୁ ମଧ ସକ୍ରିୟ ଭୂମିକା ନିର୍ବାହ କରିବ ବୋଲି ଘୋଷଣା କରିଛି । ଆଞ୍ଚଳିକ ମତଭେଦ ଭୁଲି ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ସମ୍ବଲପୁର ସମର୍ଥନ ଘୋଷଣା କରୁ ବୋଲି ଆକ୍ସନ କମିଟି ନିବେଦନ କରିଥିବା ଜଣାଇଛନ୍ତି। ଏହି ଜରୁରୀ ବୈଠକରେ ଗିରୀଶ ସିଂଦେଓ, ଗୋପାଳକୃଷ୍ଣ ଆଚାର୍ଯ୍ୟ, ମୁନ୍ନା ପଟ୍ଟନାୟକ, ସନ୍ତୋଷ ସାହୁ, ଯୁବ ସଂଯୋଜକ ରିଲୁ ରଥ, ଯୁବ ସଭାପତି ବିନୋଦ କାଲସାଏ, ସନ୍ତୋଷ ପଟ୍ଟନାୟକ, ସୁରେନ୍ଦ୍ର ସେଠ୍, ଗୋବିନ୍ଦ ଶତପଥି, ଦେବବ୍ରତ ସିଂନିନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଠାକୁର ଦେଓ ଫୁଟବଲ

# ଫାଇନାଲରେ ସାମାଚୁଆନ



ଦ୍ୱିତୀୟ ସେମିଫାଇନାଲ ଖେଳରେ ଉଭୟ ଦଳର ଖେଳାଳିଙ୍କ ଗହଣରେ ଅତିଥି।

**ଦେଓଗାଁ, ୨୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ନାଇକେନସିରା ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ତୃତୀୟ ଠାକୁରଦେଓ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ନାଇକେନସିରା ଓ ସାମାଚୁଆନ ମଧ୍ୟରେ ଅନୁଷ୍ଠିତ ଖେଳରେ ସାମାଚୁଆନ ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଜିତେନ୍ଦ୍ର ଜାଲ, ମୁରଲୀଧର ବାଙ୍କ, ଦିବ୍ୟ କିଶୋର ଭୋଇ ଖେଳ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଆମ ଆଦମୀ ପାର୍ଟୀର ଜିଲା ଯୁବମୋର୍ଚ୍ଚା ସଭାପତି ଆଶିଷ କୁମାର ପାଣ୍ଡେ, ନିମନ୍ତ୍ରିତ ଅତିଥିଭାବେ ରମେଶ ଭୋଇ, ଅଶୋକ ସୁନା ଓ ଶ୍ରୀକାନ୍ତ ପଟେଲ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଶନିବାର ଚାଣ୍ଟିମୁଣ୍ଡା ଓ ମହିପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ ।

# ସଂକୀର୍ତ୍ତନ୍ୟ ପ୍ରତିଯୋଗିତା ସମ୍ପନ୍ନ

**ଟିକ୍ରାପଡା,୨୩।୧୧(ଡି.ଏନ.ଏ)**

ସଇଁନ୍ତଳା ବ୍ଲକ ଟିକ୍ରାପଡାଠାରେ କାର୍ତ୍ତିକ ବ୍ରତ ଉପଲକ୍ଷେ ସଂକୀର୍ତ୍ତନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଇମରା ଓ ଝରବାହାଲି ଗ୍ରାମର ସଂକୀର୍ତ୍ତନ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଅକ୍ଷୟ ସୁଆର ପୂଜକ ଦାୟିତ୍ୱ ତୁଲାଇଥିଲେ। ପଙ୍କଜିନୀ ରାଜପଲିଆ, ସନ୍ୟାସୀ ରାଜପଲିଆ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ଅରବିନ୍ଦ ସୁପକାର ଅତିଥିଭାବେ ଯୋଗ ଦେଇଥିଲେ। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କୁଡାସିଂହା ଅଁଳାସାଗରରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ।

# କୁବେର ଯୁବାମଞ୍ଚ ପକ୍ଷରୁ ବୋଇତ ବନ୍ଦାଣ

**ବଲାଙ୍ଗୀର ଅଫିସ, ୨୩।୧୧**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ବଲାଙ୍ଗୀର ସଦର ବ୍ଲକ କୁଡାସିଂହାଠାରେ କାର୍ତ୍ତିକେଶ୍ୱର ଡଙ୍ଗା ଭସା କମିଟି ତଥା କୁବେର ଯୁବାମଞ୍ଚ ଆନୁକୂଲ୍ୟରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଥିଲା । ଭୋର ୫ଟାରୁ ବୋଇତ ସହ ନଗର ପରିକ୍ରମା କରାଯାଇ ସ୍ଥାନୀୟ ଅଁଳାସାଗରଠାରେ ବୋଇତ ବନ୍ଦାଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ହରେକୃଷ୍ଣ ସାହୁଙ୍କ ସହ ସଞ୍ଜୟ ମାଝି, ମନୋଜ ଝାଙ୍କର, ପରେଶ ସାହୁ, ଚିତ୍ତରଞ୍ଜନ ପଧାନ, ବୁଲୁ ସାହୁ, ନରେଶ ସାହୁ, କୁବେର ସାହୁ, ଗୋବିନ୍ଦ ସାହୁ, ଭକ୍ତ ପୁଟେଲ, ପ୍ରକାଶ ପୁଟେଲ ସହଯୋଗ କରିଥିଲେ । କୁବେର ଯୁବା ମଞ୍ଚ ନଗର ସଭାପତି ଡା. ଲଳିତ କୁମାର ସାହୁ ଦୀପ ପ୍ରଜ୍ୱଳନ କରି ବୋଇତ ବନ୍ଦାଣ କରିଥିଲେ ।

**ସୂର୍ଯ୍ୟମୁଖୀ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ**

ଚଳିତ ରବି ଋତୁରେ ବରଗଡ଼ ଜିଲ୍ଲାରେ ଧାନ ଚାଷ ବଦଳରେ ସୂର୍ଯ୍ୟମୁଖୀ ଚାଷ ବହୁଳ ଭାବରେ କରିବା ପାଇଁ କୃଷି ବିଭାଗ ତରଫରୁ ସ୍ଥିର କରାଯାଇଛି। ଏଥିପାଇଁ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ହାଇବ୍ରିଡ୍ ସୂର୍ଯ୍ୟମୁଖୀ ବିହନ, ଅଣୁସାର (ବୋରନ) ଓ ପୋକମରା ଔଷଧ ମାଗଣାରେ ଯୋଗାଇ ଦିଆଯିବ ଏବଂ ଅମଳ ପରେ ସୂର୍ଯ୍ୟମୁଖୀ ମଞ୍ଜିକୁ ସରକାରଙ୍କ ତରଫରୁ ମଣ୍ଡି ଖୋଲାଯାଇ କେ.ଜି. ପ୍ରତି ୫୪.୦୦ଟଙ୍କା ଦରରେ କ୍ରୟ କରାଯିବ। ଏଣୁ ଏହି ଚାଷ ବହୁଳ ଭାବେ କରିବା ପାଇଁ ବରଗଡ଼ ଜିଲ୍ଲାର ଚାଷୀ ଭାଇମାନଙ୍କୁ ଅନୁରୋଧ ।

ସ୍ୱା./- କୃଷି ଉପନିର୍ଦ୍ଦେଶକ, ବରଗଡ଼

**ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର - ସଂସ୍କରଣ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବରପାଲି**

ସମସ୍ତ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଅଛି।

- ପ୍ରତ୍ୟେକ ୱାର୍ଡ଼ର ପରିବେଶକୁ ସଫାସୁତୁରା ରଖିବା ସହିତ ଅଳିଆ ଆବର୍ଜନାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ।
- ରାସ୍ତାକଡ଼ ଓ ସର୍ବସାଧାରଣ ସ୍ଥାନରେ ଇଟା, ବାଲି, ପଥର ଓ ଗୋଡ଼ି ପ୍ରଭୃତି ଜମାକରି ସର୍ବସାଧାରଣଙ୍କ ଯାତାୟାତ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ନିର୍ଦ୍ଦିଷ୍ଟ ସମୟ କିମ୍ବା ପୂର୍ବରୁ ପରିଷଦର ସମସ୍ତ ବକେୟା ଟିକସ ପୈଠ କରନ୍ତୁ।
- ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ କରାନ୍ତୁ।
- ଏନ୍.ଏ.ସି. ଦ୍ୱାରା ସୁଲଭ ମୂଲ୍ୟରେ CESS POOL ମେଶିନ୍ ଓ ଟ୍ୟାଙ୍କର ଯୋଗେ ପାଣିର ସୁବିଧା ଯୋଗାଇ ଦିଆଯାଉଅଛି।
- ନିଜ ଗୃହର ନିର୍ମାଣ ପୂର୍ବରୁ ସମ୍ପୂର୍ଣ୍ଣ ଗୃହର ନକ୍ସା-ମଞ୍ଜୁରୀ (Approval) କରାଇ ନିଅନ୍ତୁ।
- ପଲିଥିନ ବ୍ୟବହାର ବନ୍ଦ କରନ୍ତୁ ଓ ପରିବେଶର ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରାନ୍ତୁ।
- ପରିଷଦ ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ।

ଶ୍ରୀ ଭାଗୀରଥୀ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ | ଶ୍ରୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଉପାଧ୍ୟକ୍ଷ | ଶ୍ରୀମତୀ ମୀନା ସେଠ୍, ଅଧ୍ୟକ୍ଷା
ଶ୍ରୀ ଅଚ୍ୟୁତାନନ୍ଦ ପଣ୍ଡା, କାଉନସିଲର, ୱାର୍ଡ଼ନଂ -୧ | ସୁଖି ବେହେରା, କାଉନସିଲର, ୱାର୍ଡ଼ ନଂ-୨ | ଶ୍ରୀ ଅଶ୍ୱିନୀ କୁମାର ପରିଡ଼ା, କାଉନସିଲର, ୱାର୍ଡ଼ ନଂ-୪
ଶ୍ରୀମତୀ ଗାୟତ୍ରୀ ରାଉତ, କାଉନସିଲର, ୱାର୍ଡ଼ ନଂ-୬ | ଶ୍ରୀ ଭୋଜରାଜ ବେହେରା, କାଉନସିଲର, ୱାର୍ଡ଼ ନଂ-୭ | ଶ୍ରୀ ଅନନ୍ତ ମେହେର, କାଉନସିଲର, ୱାର୍ଡ଼ ନଂ-୮
ଶ୍ରୀମତୀ ରେବତୀ ଭୁଏ, କାଉନସିଲର, ୱାର୍ଡ଼ ନଂ-୯ | କୁମାରୀ ବାସନ୍ତି ଭୋଇ, କାଉନସିଲର, ୱାର୍ଡ଼ ନଂ-୧୦ | ଶ୍ରୀମତୀ ବବିତା ରଣା, କାଉନସିଲର, ୱାର୍ଡ଼ ନଂ-୧୧
ଓ ପରିଷଦର କର୍ମଚାରୀ ବୃନ୍ଦ

## ଓଡ଼ିଶା ସରକାର
## ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No.- L.A.I.-19/2018-726 Dated: 8.11.18

No.: VII-31: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର - ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- କାଦୋଡିହି, ଥାନା- ବଣେଇ, ନଂ.-୨୦୭, ତହସିଲ- ଲହୁଣୀପଡ଼ା, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ - ୨୦୧୩ (RFCTLAR & R Act. 2013)ର ଧାରା୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ - ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ - ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 15536, Dt.30.04.2018 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ :

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
| ସୁନ୍ଦରଗଡ଼ | ଲହୁଣୀପଡ଼ା | କାଡ଼ୋଡିହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨୪.୫୩୦ | ଏ୭.୯୭୦ | ଏଥି ସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼

**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ଓସାରିଆ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁଥିବା ରୟତି ଜମିର ତଫସିଲ**
**ମୌଜା: କାଦୋଡିହି, ତହସିଲ: ଲହୁଣୀପଡ଼ା, ଥାନା: ବଣାଇ, ଥାନା ନଂ.- ୨୦୭, ଜିଲ୍ଲା: ସୁନ୍ଦରଗଡ଼**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂ-ଅର୍ଜନ ରକବା | ହଳ କିସମ | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୨ | ୧୪୦ (ସ୍ଥ) | ୦.୫୩୦ | ୦.୦୨୦ | ଗୋଡ଼ା ଦୁଇ | ଡିମ୍ବୁ କିଶାନ, ପି.- ରବି କିଶାନ, ଭୁନ୍ଦୁ କିଶାନ, ପି.- ବାନେ କିଶାନ, ଜା: କିଶାନ, ବା: ନିଜଗାଁ। |
| ୨ | ୧୪ | ୩୩୨ (ସ୍ଥ) | ୦.୩୭୦ | ୦.୨୫୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.- ପଞ୍ଚୁ ମାହାନ୍ତ, ପାର୍ବତୀ ମାହାନ୍ତ, ସ୍ୱା. ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ମଧୁପୁର। |
| ୩ | ୧୫ | ୩୩୩ (ସ୍ଥ) | ୦.୧୩୦ | ୦.୦୮୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.- ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୪ | ୧୬ | ୧୩୬ (ସ୍ଥ) | ୦.୧୬୦ | ୦.୦୨୦ | ଘରବାରି | ଧନିଆଁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୭ (ସ୍ଥ) | ୦.୩୭୦ | ୦.୦୬୦ | ଘରବାରି | |
| | | ୩୬୯ (ସ୍ଥ) | ୦.୮୨୦ | ୦.୧୮୦ | ମାଳ ସାଧାରଣ | |
| ୫ | ୧୮ | ୩୬୫ (ସ୍ଥ) | ୦.୯୬୦ | ୦.୧୮୦ | ମାଳ ସାଧାରଣ | ଧରୁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୬ | ୧୯ | ୨୭୪ (ସ୍ଥ) | ୦.୫୮୦ | ୦.୧୮୦ | ମାଳ ସାଧାରଣ | ଧିରେଶେନ ପାତ୍ର, ପି.- ଠୁରୁ ପାତ୍ର, ଜା: ପାଣ, ବା: କୁର୍ଡ଼ା |
| ୭ | ୨୧ | ୩୬୪ (ସ୍ଥ) | ୦.୫୦୦ | ୦.୦୮୦ | ମାଳ ସାଧାରଣ | ନବୀନ କିସାନ, ପଞ୍ଚୁ ମାହାନ୍ତ, ପି.- ପଟୁଆ ମାହାନ୍ତ, ଜା: ମାହାନ୍ତ, ବା: ଶରଧାପୁର |
| | | ୩୭୧ (ସ୍ଥ) | ୦.୭୦୦ | ୦.୨୨୦ | ମାଳ ସାଧାରଣ | |
| | | ୩୭୪ (ସ୍ଥ) | ୩.୦୯୦ | ୦.୯୦୦ | ମାଳ ସାଧାରଣ | |
| ୮ | ୨୩ | ୧୩୨ | ୦.୪୭୦ | ୦.୪୭୦ | ବେର୍ଣ୍ଣା ସାଧାରଣ | ପଞ୍ଚୁ ମାହାନ୍ତ, ପି.- ମାଧ ମାହାନ୍ତ, ଜା: ମାହାନ୍ତ, ବା: ବଳ ଡିହି |
| | | ୧୪୮ (ସ୍ଥ) | ୧.୦୯୦ | ୦.୩୦୦ | ବେର୍ଣ୍ଣା ସାଧାରଣ | |
| ୯ | ୨୪ | ୩୬୩ (ସ୍ଥ) | ୧.୫୧୦ | ୦.୨୩୦ | ମାଳ ସାଧାରଣ | ପୂର୍ଣ୍ଣଚନ୍ଦ୍ର ମାହାନ୍ତ, ସୁରେନ୍ଦ୍ର ନାଥ ମାହାନ୍ତ, ପି.- ଗୋପୀନାଥ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୭୦ (ସ୍ଥ) | ୦.୭୨୦ | ୦.୧୪୦ | ମାଳ ସାଧାରଣ | |
| | | ୩୭୨ (ସ୍ଥ) | ୩.୩୭୦ | ୦.୯୧୦ | ମାଳ ସାଧାରଣ | |
| ୧୦ | ୩୨ | ୧୩୮ (ସ୍ଥ) | ୦.୨୧୦ | ୦.୧୦୦ | ଗୋଡ଼ା ଦୁଇ | ରଘୁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୬୬ (ସ୍ଥ) | ୦.୬୬୦ | ୦.୧୨୦ | ମାଳ ସାଧାରଣ | |
| ୧୧ | ୩୩ | ୨୮୮ | ୦.୫୫୦ | ୦.୫୫୦ | ମାଳ ସାଧାରଣ | ରାଧା ମାହାନ୍ତ, ପି.- ଦିର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୯୫ (ସ୍ଥ) | ୧.୪୯୦ | ୦.୩୫୦ | ମାଳ ସାଧାରଣ | |
| ୧୨ | ୩୮ | ୧୩୧ (ସ୍ଥ) | ୦.୭୪୦ | ୦.୬୦୦ | ବେର୍ଣ୍ଣା ସାଧାରଣ | ଶତ୍ରୁଘ୍ନ ମାହାନ୍ତ, ଶଙ୍କର ମାହାନ୍ତ, ପି.- ବନୁ ମାହାନ୍ତ, ଶୈତ ମାହାନ୍ତ, ସ୍ୱା. ବନୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୩ (ସ୍ଥ) | ୦.୧୯୦ | ୦.୦୩୦ | ମାଳ ସାଧାରଣ | |
| | | ୧୪୧ | ୦.୩୫୦ | ୦.୩୫୦ | ମାଳ ସାଧାରଣ | |
| | | ୧୪୨ (ସ୍ଥ) | ୦.୨୬୦ | ୦.୧୨୦ | ଗୋଡ଼ା ଦୁଇ | |
| | | ୧୪୩ | ୦.୨୦୦ | ୦.୨୦୦ | ଗୋଡ଼ା ଦୁଇ | |
| ୧୩ | ୪୩ | ୧୪୪ (ସ୍ଥ) | ୦.୧୨୦ | ୦.୦୨୦ | ବେର୍ଣ୍ଣା ସାଧାରଣ | ଶ୍ୟାମ କିଶାନ, ପି.- ସନୁ କିଶାନ, ଜା: କିଶାନ, ବା: ନିଜଗାଁ |
| ୧୪ | ୪୪ | ୨୭୪/୪୨୭ | ୦.୨୦୦ | ୦.୨୦୦ | ମାଳ ସାଧାରଣ | ଶିବ ମାହାନ୍ତ, ପି.- ଦୁର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୮୭ (ସ୍ଥ) | ୦.୩୭୦ | ୦.୦୩୦ | ମାଳ ସାଧାରଣ | |
| | | ୨୮୯ (ସ୍ଥ) | ୧.୧୫୦ | ୦.୫୨୦ | ମାଳ ସାଧାରଣ | |
| | | ୨୯୬ (ସ୍ଥ) | ୦.୫୯୦ | ୦.୧୨୦ | ମାଳ ସାଧାରଣ | |
| ୧୫ | ୪୬/୩ | ୩୩୪ (ସ୍ଥ) | ୦.୩୪୦ | ୦.୨୬୦ | ମାଳ ସାଧାରଣ | ରମେଶ ଚନ୍ଦ୍ର ମାହାନ୍ତ, ପି.- ଭୀମ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୧୬ | ୪୬/୪ | ୧୨୨ (ସ୍ଥ) | ୦.୨୮୦ | ୦.୦୧୦ | ମାଳ ସାଧାରଣ | ମହି ମାହାନ୍ତ, ପି.- ଗୋରାଚାନନ୍ଦ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୪ (ସ୍ଥ) | ୦.୨୦୦ | ୦.୧୦୦ | ମାଳ ସାଧାରଣ | |
| ୧୭ | ୪୬/୧୪ | ୧୩୦ (ସ୍ଥ) | ୦.୩୧୦ | ୦.୦୫୦ | ମାଳ ସାଧାରଣ | କୃଷ୍ଣଚନ୍ଦ୍ର ମାହାନ୍ତ, ଭରତ ଚନ୍ଦ୍ର ମାହାନ୍ତ, ତ୍ରିଲୋଚନ ମାହାନ୍ତ, ଇନ୍ଦ୍ରମଣି ମାହାନ୍ତ, ପି.- ଜୁଗଲ କିଶୋର ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୭୩ (ସ୍ଥ) | ୦.୯୫୦ | ୦.୦୨୦ | ମାଳ ସାଧାରଣ | |
| ମୋଟ | ୧୭ | ୩୫ | ୨୪.୫୩୦ | ୭.୯୭୦ | | |

ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼

24160/14/0030/1819

## ସଂକ୍ଷେପରେ

### ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

## ଅର୍ଦ୍ଧଦଗ୍ଧ ଅବସ୍ଥାରେ ମୃତଦେହ ଜବତ କଲା ପୋଲିସ

**ନୂଆପଡା ଅଫିସ,୨୩।୧୧**

ନୂଆପଡ଼ା ଜିଲା ଲଖନା ଥାନା ଅନ୍ତର୍ଗତ ଲଟକନପଡା ଗାଁର କାଂଶିରାମ ମାଝି (୨୪) ନାମକ ଜଣେ ଯୁବକ ସ୍ଥାନୀୟ ପୋଖରୀ ପାଣିରେ ବୁଡି ମୃତ୍ୟୁ ବରଣ କରିଛନ୍ତି । ମୃତଦେହକୁ ଗ୍ରାମବାସୀ ପୋଡି ଦେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। କାଂଶିରାମ ବହୁ ସମୟରେ ନିଶାସକ୍ତ ରହୁଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଘରୁ କୁଆଡେ ବାହାରି ଯାଇଥିଲେ । କିଛି ସମୟ ପରେ ଲୋକେ ସ୍ଥାନୀୟ ଏକ ପୋଖରୀରେ ପାଣିରେ ବୁଡିଥିବା ଦେଖିବାକୁ ପାଇଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବାହାରକୁ ଆଣିଥିଲେ। ହେଲେ ଘରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସକୁ ଖବର ନ ଦେଇ ମୃତଦେହକୁ ପୋଡି ଦେବାକୁ ନେଇଥିଲେ । ନିଆଁ ଲାଗିସାରିଥିଲା । କୌଣସି ସୂତ୍ରରୁ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅଧା ଅଂଶ ପୋଡିଥିଲା। ତାକୁ ଉଦ୍ଧାର କରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା ।

### ରାଜ୍ୟ ଟାଏକୋଣ୍ଡୋରେ ନୂଆପଡାର କୃତିତ୍ୱ

# ଛାତ୍ରୀଛାତ୍ର, ଶିକ୍ଷକଙ୍କ ଉଦ୍ୟମ କୃତିତ୍ୱ ଆଣିଥାଏ

**ନୂଆପଡା ଅଫିସ,୨୩।୧୧**

ବିଦ୍ୟାଳୟସ୍ତରରେ ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ମିଳିତ ଉଦ୍ୟମରୁ ଯେକୌଣସି ପ୍ରତିଯୋଗିତାରେ କୃତୀତ୍ୱ ମିଳିଥାଏ । ଏଥିପାଇଁ ଉଭୟସ୍ତରରେ ଉଦ୍ୟମ ଦରକାର ବୋଲି ମତ ପ୍ରକାଶ ପାଇଛି । ରାଜ୍ୟସ୍ତରୀୟ କ୍ରିଡାରୁ କୃତୀତ୍ୱ ଅର୍ଜନ କରି ବିଭିନ୍ନ କ୍ଷେତ୍ରରେ ୬ଟି ସ୍ୱର୍ଣ୍ଣ ପଦକ ଆଣି ଆସିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ଅତିଥିମାନେ ଏହା କହିଛନ୍ତି ।

ପୁରୀ ଜିଲା ହାଇସ୍କୁଲ ପଡିଆରେ ଆୟୋଜିତ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ନୂଆପଡା ଜିଲାରୁ ବାଳକ ବର୍ଗରେ ୧୦ ଏବଂ ବାଳିକା ବର୍ଗରେ ୬ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ବାଳିକା ବିଭାଗରୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଗୁରପାଣିରୁ ଯାଇଥିବା ତପସ୍ୱିନୀ ମାଝି, ଦୁକମଣୀ ମାଝି ସ୍ୱର୍ଣ୍ଣ ପଦକ ପାଇଛନ୍ତି । ବାଳକ ବିଭାଗରେ ସେହି ବିଦ୍ୟାଳୟ ପରେଶ ନାଥ ନାୟକ ଏବଂ ରୋଶନ ଗୋପାଳ ରାଉତ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରଶଖୋଲରୁ ଡିକେଶ ବନଛୋର ଏବଂ ୱେଷ୍ଟର୍ଣ୍ଣ ଓଡିଶା ପବ୍ଲିକ ସ୍କୁଲ ଖଡିଆଳରୁ ଅଲେକ୍ସ ପି. ସାଗର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିଭଳି ମାଗୁରପାଣି ହାଇସ୍କୁଲରୁ ୮ଜଣ ରୌପ୍ୟ ଏବଂ ୨ଜଣ ବ୍ରୋଞ୍ଜ ପଦକ ପାଇ ଜିଲାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏମାନେ ଆସନ୍ତା ଦିନରେ ଛତିଶଗଡରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଶୁକ୍ରବାର ଏହି ଖେଳାଳିମାନେ ନୂଆପଡାରେ ଆସି ପହଞ୍ଚିବା ପରେ ସମସ୍ତଙ୍କୁ ସ୍ୱାଗତ କରାଯାଇଛି । ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବ୍ଲକ ଶିକ୍ଷାଧିକାରୀ ରେଶମ ଲାଲ ନାଏକ ସଭାପତିତ୍ୱ କରିଥିବା ବେଳେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ମୁଖ୍ୟଅତିଥି, ଜିଲା କ୍ରିଡା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, ଜିଲା ବ୍ରିନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଖଳାଳିମାନେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଖେଳାଳିମାନଙ୍କୁ ନେଇ ଯାଇଥିବା ଟିମ ମ୍ୟାନେଜର ତଥା ଖେଳ ଶିକ୍ଷକ ଅନୀଲ କୁମାର ରାଉତ, କୋଚ ଗୋଦାବରୀ ରାଉତ, ରାଜ୍ୟ ତରଫରୁ ଖେଳ ପରିଚାଳନା ଦାୟିତ୍ୱରେ ଥିବା ମହତାବ ଆଡଜୁଆଡଙ୍କୁ ମଧ୍ୟ ବିଭାଗ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେହିଭଳି ଆଗାମୀ ଦିନରେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ନେଇ ରାଜ୍ୟ ଏବଂ ଜାତୀୟସ୍ତରରେ କୃତୀତ୍ୱ ଆଣିବାକୁ ଅଧିକାରୀମାନେ ପରାମର୍ଶ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କିଶୋର କୁମାର ପରିଡା, ନୀଳକଣ୍ଠ ସୁନା, ପ୍ରଦୀପ ଭୋଇ, ବିରେଶ ସାହୁ, ବିଦ୍ୟାଧର ମାଝି, ପ୍ରଶାନ୍ତ ପ୍ରଧାନୀ, ହେମନ୍ତ କୁମାର ଦଣ୍ଡସେନା, ଶରତ ପଣ୍ଡା, ଗିରିଧାରୀ ସା ପ୍ରମୁଖ ଯୋଗଦେଇଥିଲେ ।



ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ଏକ ଅନ୍ତରଙ୍ଗ ମୁହୂର୍ତ୍ତରେ ସ୍ୱର୍ଣ୍ଣ ପଦକ ବିଜେତା ଛାତ୍ରୀଛାତ୍ରମାନେ ।

- ନୂଆପଡା ଜିଲାକୁ ମିଳିଲା ୬ଟି ସ୍ୱର୍ଣ୍ଣ
- ଜିଲାସ୍ତରୀୟ ସମ୍ବର୍ଦ୍ଧନା

## ଖଡିଆଳରେ ଗୁରୁନାନକ ଜୟନ୍ତୀ

**ଖଡିଆଳ,୨୩।୧୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସହରରେ ଶିଖ୍ ସମ୍ପ୍ରଦାୟର ଶିଖ୍ ଧର୍ମ ଗୁରୁ ଗୁରୁନାନକଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଶୁକ୍ରବାର ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ଖଡିଆଳରେ ରହୁଥିବା ଶିଖ ସମ୍ପ୍ରଦାୟ ଲୋକେ ସ୍ଥାନୀୟ ଗୁରୁଦ୍ୱାରାରେ ଏକାଠି ହୋଇ ପୂଜାର୍ଚ୍ଚନା କରିବା ପରେ ଦ୍ୱିପହରରେ ଲଙ୍ଗରର ଆୟୋଜନ କରାଯାଇଥିଲା। ଏଥିରେ ଖଡିଆଳ ସହରର ବିଭିନ୍ନ ସମ୍ପ୍ରଦାୟ ଲୋକେ ସାମିଲ ହୋଇଥିଲେ । ପରେ ସନ୍ଧ୍ୟାରେ ଶିଖ୍ ସମ୍ପ୍ରଦାୟର ପରମ୍ପରା ଅନୁଯାୟୀ ଏକ ରଥରେ ଶିଖ ଗୁରୁ ଗୁରୁନାନକଙ୍କ ପ୍ରତିଛବିକୁ ନେଇ ଏକ ଶୋଭାଯାତ୍ରା ଖଡିଆଳ ସହର ପରିକ୍ରମା କରିଥିଲା। ଏଥିରେ ଶିଖ ସମ୍ପ୍ରଦାୟର ଛୋଟ ପୁଅଝିଅଠାରୁ ଯୁବତୀଯୁବକ, ବୟୋଜ୍ୟେଷ୍ଠ ସମସ୍ତେ ସାମିଲ ହୋଇଥିଲେ। ଜୟନ୍ତୀ ଉତ୍ସବରେ କୁଲବନ୍ତ ସିଂ ଖଣ୍ଡୁଜା, ସତପାଲ ସିଂ ଛାବଡା, ମନମୋହନ ସିଂ, ମଞ୍ଜିତ ସିଂ ଖଣ୍ଡୁଜା, ରବିନ୍ଦ୍ର ସିଂ ଖଣ୍ଡୁଜା, ମଞ୍ଜିତ ସିଂ ଅରୋରା, ମିଲଖା ସିଂ ପ୍ରମୁଖ ସହଯୋଗ କରିଥିଲେ ।



ଖଡିଆଳରେ ଶିଖ ସମ୍ପ୍ରଦାୟ ଲୋକେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି ।

# ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ, କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ

**ନୂଆପଡା ଅଫିସ /ଖଡିଆଳ, ୨୩।୧୧ (ଡି.ଏନ.ଏ.)**

ନୂଆପଡ଼ା ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ସକାଳେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ନୂଆପଡା ସହରର ରାଧାକୃଷ୍ଣ ପଡା ମନ୍ଦିରରେ ୩୪ତମ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । ପୂଜା କମିଟି ସଭାପତି ଭୋଲାନାଥ ଚଲାନଙ୍କ ସଭାପତିତ୍ୱରେ ପୂଜା ପରିଚାଳନା ହୋଇଥିଲା । ଗତ ୧୯ ତାରିଖଠାରୁ ଚାଲିଥିବା କାର୍ଯ୍ୟକ୍ରମ ପ୍ରଥମ ଦିନରେ କଳସ ଯାତ୍ରା ହୋଇଥିବାବେଳେ ୩ ଦିନ ଧରି ଦଣ୍ଡନୃତ୍ୟ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏହିକ୍ରମରେ ସ୍ଥାନୀୟ ମାରୁତି ନଗର ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ନୂତନ ପୂଜା କମିଟି ଗଠନ କରାଯାଇଛି । ନୃସିଂହ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୂତନ ସଭାପତି ଭାବେ ନେହେରୁ ସାହୁ, ଶରତ କୁମାର ପଣ୍ଡା ସମ୍ପାଦକ, ଶରତ ଭୋଇଙ୍କୁ କୋଷାଧ୍ୟକ୍ଷ, ସନ୍ତୋଷ ନାଏକଙ୍କୁ ସଂଯୋଜକ ଭାବେ ମନୋନୀତ କରାଯାଇଛି । ସେହିପରି କୋମନା ବ୍ଲକ ଅନ୍ତର୍ଗତ ଡୋଙ୍ଗରୀପାଲି ଗାଁରେ ପୂଜା କମିଟି ତରଫରୁ ୨୬ ବର୍ଷ ପାଇଁ ପୂଜା ପାଳିତ ହୋଇଯାଇଛି । ଗତ ୧୯ ତାରିଖଠାରୁ ଚାଲିଥିବା ପୂଜାରେ ପ୍ରତିଦିନ ପୁରାଣ ପାଠ ହୋଇଥିଲା । ଏଥିରେ କର୍ତ୍ତା ଭାବେ ଘନଶ୍ୟାମ ନାଏକ ଏବଂ ସନ୍ତୋଷୀ ନାଏକ ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ଦଣ୍ଡନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଭାପତି ରତ୍ନମଣୀ ଅଗସ୍ତି, ସମ୍ପାଦକ ସୁବାଷ ହଂସ, କୋଷାଧ୍ୟକ୍ଷ ମୂରଲୀଧର ନାଏକ ପ୍ରମୁଖ ପରିଚାଳନା କରିଥିଲେ । ଶୁକ୍ରବାର ସକାଳେ ଗାଁର ଶତାଧିକ ମହିଳା ପୁରୁଷମାନେ ସଂକୀର୍ତ୍ତନ୍ୟ କରି ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ । ସେହିପରି ଖଡିଆଳ ସହର ତଥା ଆଖପାଖ ଅଞ୍ଚଳରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ସହ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି । ଏଥିପାଇଁ ନଦୀନାଳ, ପୋଖରୀ ଓ ଜଳାଶୟଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା । ଶ୍ରଦ୍ଧାଳୁମାନେ ନିଜ ପସନ୍ଦର କିଏ କଦଳୀ ଡଙ୍ଗା ତଆଉ କିଏ କାଗଜ (ସୋଲ)ରେ ତିଆରି ହୋଇଥିବା ଆକର୍ଷିତ ଡଙ୍ଗାକୁ ପୂଜାର୍ଚ୍ଚନା କରିବା ପାଣିରେ ଭସାଇଥିଲେ । ଏଥିସହ ମନ୍ଦିରଗୁଡିକରେ ପୂଜାର୍ଚ୍ଚନା କରିବା ପାଇଁ ଦିନ ତମାମ୍ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା । ମନ୍ଦିରଗୁଡିକରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ବେଳେ ସହରର କୋଶଳେଶ୍ୱର ମନ୍ଦିରରେ ନାମଯଜ୍ଞର ଆୟୋଜନ କରାଯାଇଥିଲା । ଫଳରେ କାର୍ତ୍ତିକ ପୂର୍ଣ୍ଣିମା ଏବଂ ବୋଇତ ବନ୍ଦାଣ ଉତ୍ସବକୁ ନେଇ ଚାରିଆଡେ ଉତ୍ସବ ମୁଖର ହେବା ସହ ଚଳଚଞ୍ଚଳ ହୋଇ ଉଠିଥିଲା । ଏଥି ସହ ଖଡିଆଳ ବ୍ଲକ ଦମାପଲା, ଚିନ୍ଦାଗୁଡା, ଚଲାନପଡା, ରିଷିଗାଁ, ନେହେନା, ଡୁକଲା, ବରଗାଁ, ବାଦୀ ସମେତ ଖଡିଆଳ ସହରର ଗୋକୁଳନଗର ଓ ବ୍ରାହ୍ମଣପଡା ଆଦି ସ୍ଥାନରେ ରାସଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଖଡିଆଳ ସହରର ୱାର୍ଡ ନମ୍ବର ୧୨ ଗୁଡେଲ ବନ୍ଧରେ ହବିଷ୍ୟାଳିମାନେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ପାଳନ କରିଥିଲେ । ଏଥିରେ ମନୋଜ ହଂସ ଏବଂ ପ୍ରେମଶୀଳା ହଂସ କର୍ତ୍ତା ଏବଂ ପୂଜକ ଭାବେ ପ୍ରସନ୍ନ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ହବିଷ୍ୟାଳିମାନଙ୍କ ମଧ୍ୟରେ ରୂପା ହଂସ, ରୁଚି ହଂସ, ଲକ୍ଷ୍ମୀ ହଂସ, ପୁଷ୍ପାଞ୍ଜଳୀ ତମ୍ଭା, ମମତା ତମ୍ଭା, ଜାନକୀ ହାତୀ, ସୁମି ବାରିକ, ତୁଲେଶ୍ୱରୀ କୁଅଁର, ତୁଳସେ ବାଗ, ଉପମା ନାଏକ, ଚୁନକୀ ସଗରିଆ ପ୍ରମୁଖ ସାମିଲ ଥିଲେ । ଜିଲାରେ ନଦୀ ଓ ପୋଖରୀ ତୁଠ ହରିବୋଲ, କୃଷ୍ଣ ନାମରେ ମୁଖରିତ ହୋଇଥିଲା ।



ଡୋଙ୍ଗରୀପାଲି ଗାଁରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହବିଷ୍ୟାଳୀମାନେ ବସ୍ତି ପରିକ୍ରମା କରୁଛନ୍ତି ।

# ୬୫ ବର୍ଷରେ ରିଷିଗାଁର ରାସଲୀଳା

**ଖଡିଆଳ,୨୩।୧୧(ଡି.ଏନ.ଏ.)**– ନୂଆପଡା ଜିଲା ଖଡିଆଳ ବ୍ଲକ ରିଷିଗାଁ ରାହାସ ମଣ୍ଡଳୀ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଚାଲିଥିବା ରାସଲୀଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଅମାବାସ୍ୟାଠାରୁ ଆରମ୍ଭ ହୋଇଥିବା ରାସଲୀଳା କାର୍ଯ୍ୟକ୍ରମରେ ଗାଁର କୁନି କଳାକାରମାନଙ୍କଠାରୁ ଆରମ୍ଭ କରି ଯୁବକମାନେ ସାମିଲ ହୋଇ ଶ୍ରୀକୃଷ୍ଣଙ୍କ ଭଗବତ ଗୀତା ସ୍ୱରୂପ ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ ଆରମ୍ଭ କରି କଂସ ବଧ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ। ଦୀର୍ଘ ୧୫ ଦିନ ଧରି ନାଟକ ଅଭିନୟ କରିବା ପରେ କାର୍ତ୍ତିକ ପୂର୍ଣ୍ଣିମାରେ ରାସଲୀଳା ଉଦ୍‌ଯାପିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଖଡିଆଳ ଯୁବରାଜ ଦେବ ସିଂଦେଓ ମୁଖ୍ୟଅତିଥି, ଗଙ୍ଗାଧର ସିଂ ବାବୁ, ସ୍ଥାନୀୟ ସରପଞ୍ଚ ମାଲ୍ୟବନ୍ତ ସୁନା, ଚନ୍ଦ୍ରଶେଖର ଜାନୀ, ଚନ୍ଦ୍ରମଣୀ ଜାନୀ ପ୍ରମୁଖ ଯୋଗଦେଇ ରାସଲୀଳା ପାଳନର ଉଦ୍ଦେଶ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହା ଅନ୍ୟମାନଙ୍କ ପାଇଁ କଳା, ସଂସ୍କୃତି ଓ ସାହିତ୍ୟକୁ ବଞ୍ଚାଇବାର ଉଦାହରଣ ହେବା ସହ ଅନ୍ୟାୟ ଉପରେ ନ୍ୟାୟ ଓ ଅଧର୍ମ ଉପରେ ଧର୍ମର ବିଜୟର ବାର୍ତ୍ତା ପହଞ୍ଚାଇବାରେ ସହାୟକ ହେବ ବୋଲି କହିଥିଲେ । ରାସଲୀଳା କାର୍ଯ୍ୟକ୍ରମରେ ଗାଁର ଉଦୟ ସିଂ ବାବୁ, ମନୋରାମ ଝାଙ୍କର, କେଶବ କଟା, ବୁଧାରୁ ଜାନୀ ଓ ତ୍ରିଲୋଚନ ଜାନୀ ପ୍ରମୁଖ ସହଯୋଗ କରିଥିଲେ ।

## ସିନାପାଲିରେ ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳିତ

ସିନାପାଲି,୨୩।୧୧(ଡି.ଏନ.ଏ.)– ନୂଆପଡ଼ା ଜିଲା ସିନାପାଲିସ୍ଥିତ ସତ୍ୟସାଇ ବାବାଙ୍କ ମନ୍ଦିରରେ ବାବାଙ୍କ ୯୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ସିନାପାଲି ଅଞ୍ଚଳର ବାବାଙ୍କ ଭକ୍ତମାନେ ଏକତ୍ର ହୋଇ ବାବାଙ୍କ ଜୟନ୍ତୀ ପାଳନ କରିଥିଲେ । ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ଓମ୍‌କାରମ୍, ସୁପ୍ରଭାତମ୍, ନଗର ସଂକୀର୍ତ୍ତନ, ପ୍ରଶାନ୍ତ ପତାକା ଉତ୍ତୋଳନ, ନାରାୟଣ ସେବା ସହିତ ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ବାବାଙ୍କ ୯୩ ତମ ଜୟନ୍ତୀ ହୋଇଥିବାରୁ ୯୩ ଦୀପ ପ୍ରଜ୍ୱଳନ କରାଯାଇଥିଲା । ସାମାଜିକ କର୍ମୀ ପ୍ରଦୀପ ଜୈନ ଓ ମାତା ରୁକ୍ମିଣୀ ଜୈନ ଏହି ଅବସରରେ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିଥିଲେ ।


**ସୂର୍ଯ୍ୟମୁଖୀ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ**

ଚଳିତ ରବି ଋତୁରେ ବରଗଡ଼ ଜିଲ୍ଲାରେ ଧାନ ଚାଷ ବଦଳରେ ସୂର୍ଯ୍ୟମୁଖୀ ଚାଷ ବହୁଳ ଭାବରେ କରିବା ପାଇଁ କୃଷି ବିଭାଗ ତରଫରୁ ସ୍ଥିର କରାଯାଇଛି। ଏଥିପାଇଁ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ହାଇବ୍ରିଡ୍ ସୂର୍ଯ୍ୟମୁଖୀ ବିହନ, ଅଣୁସାର (ବୋରନ) ଓ ପୋକମରା ଔଷଧ ମାଗଣାରେ ଯୋଗାଇ ଦିଆଯିବ ଏବଂ ଅମଳ ପରେ ସୂର୍ଯ୍ୟମୁଖୀ ମଞ୍ଜିକୁ ସରକାରଙ୍କ ତରଫରୁ ମଣ୍ଡି ଖୋଲାଯାଇ କେ.ଜି. ପ୍ରତି ୫୪.୦୦ଟଙ୍କା ଦରରେ କ୍ରୟ କରାଯିବ। ଏଣୁ ଏହି ଚାଷ ବହୁଳ ଭାବେ କରିବା ପାଇଁ ବରଗଡ଼ ଜିଲ୍ଲାର ଚାଷୀ ଭାଇମାନଙ୍କୁ ଅନୁରୋଧ ।

ସ୍ୱା./– କୃଷି ଉପନିର୍ଦ୍ଦେଶକ, ବରଗଡ଼



**ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର – ସଂସ୍କରଣ**
**ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବରପାଲି**

**ସମସ୍ତ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଅଛି।**

- ପ୍ରତ୍ୟେକ ୱାର୍ଡ଼ର ପରିବେଶକୁ ସଫାସୁତୁରା ରଖିବା ସହିତ ଅଳିଆ ଆବର୍ଜନାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ।
- ରାସ୍ତାକଡ଼ ଓ ସର୍ବସାଧାରଣ ସ୍ଥାନରେ ଇଟା, ବାଲି, ପଥର ଓ ଗୋଡ଼ି ପ୍ରଭୃତି ଜମାକରି ସର୍ବସାଧାରଣଙ୍କ ଯାତାୟାତ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ନିର୍ଦ୍ଦିଷ୍ଟ ସମୟ କିମ୍ବା ପୂର୍ବରୁ ପରିଷଦର ସମସ୍ତ ବକେୟା ଟିକସ ପୈଠ କରନ୍ତୁ।
- ନିର୍ଦ୍ଧାରିତ ସମୟସୀମା ମଧରେ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ କରାନ୍ତୁ।
- ଏନ୍.ଏ.ସି. ଦ୍ୱାରା ସୁଲଭ ମୂଲ୍ୟରେ CESS POOL ମେଶିନ୍ ଓ ଟ୍ୟାଙ୍କର ଯୋଗେ ପାଣିର ସୁବିଧା ଯୋଗାଇ ଦିଆଯାଉଅଛି।
- ନିଜ ଗୃହର ନିର୍ମାଣ ପୂର୍ବରୁ ସମ୍ପୂର୍ଣ୍ଣ ଗୃହର ନକ୍ସା–ମଞ୍ଜୁରୀ (Approval) କରାଇ ନିଅନ୍ତୁ।
- ପଲିଥିନ ବ୍ୟବହାର ବନ୍ଦ କରନ୍ତୁ ଓ ପରିବେଶର ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରାନ୍ତୁ।
- ପରିଷଦ ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ।

ଶ୍ରୀ ଭାଗୀରଥୀ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ | ଶ୍ରୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଉପାଧକ୍ଷ | ଶ୍ରୀମତୀ ମୀନା ସେଠ୍, ଅଧକ୍ଷା
ଶ୍ରୀ ଅଚ୍ୟୁତାନନ୍ଦ ପଣ୍ଡା, କାଉନସିଲର, ୱାର୍ଡ଼ନଂ –୧ | ସୁଖି ବେହେରା, କାଉନସିଲର, ୱାର୍ଡ଼ ନଂ–୨ | ଶ୍ରୀ ଅଶ୍ୱିନୀ କୁମାର ପରିଡ଼ା, କାଉନସିଲର, ୱାର୍ଡ଼ ନଂ–୪
ଶ୍ରୀମତୀ ଗାୟତ୍ରୀ ରାଉତ, କାଉନସିଲର, ୱାର୍ଡ଼ ନଂ–୬ | ଶ୍ରୀ ଭୋଜରାଜ ବେହେରା, କାଉନସିଲର, ୱାର୍ଡ଼ ନଂ–୭ | ଶ୍ରୀ ଅନନ୍ତ ମେହେର, କାଉନସିଲର, ୱାର୍ଡ଼ ନଂ–୮
ଶ୍ରୀମତୀ ରେବତୀ ଭୁଏ, କାଉନସିଲର, ୱାର୍ଡ଼ ନଂ–୯ | କୁମାରୀ ବାସନ୍ତି ଭୋଇ, କାଉନସିଲର, ୱାର୍ଡ଼ ନଂ–୧୦ | ଶ୍ରୀମତୀ ବବିତା ରଣା, କାଉନସିଲର, ୱାର୍ଡ଼ ନଂ–୧୧

ଓ ପରିଷଦର କର୍ମଚାରୀ ବୃନ୍ଦ



## ଓଡ଼ିଶା ସରକାର

# ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

File No.- L.A.I.-19/2018-726 Dated: 8.11.18

No.: VII-31: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର – ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା– କାଦୋଡିହି, ଥାନା– ବଣେଇ, ନଂ.–୨୦୭, ତହସିଲ– ଲହୁଣୀପଡ଼ା, ଜିଲ୍ଲା– ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ – ୨୦୧୩ (RFCTLAR & R Act. 2013)ର ଧାରା୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ – ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ – ତାଳଚେର–ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ–୨) ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 15536, Dt.30.04.2018 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ–ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ :

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
| ସୁନ୍ଦରଗଡ଼ | ଲହୁଣୀପଡ଼ା | କାଡ଼ୋଡିହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨୪.୫୩୦ | ଏ୭.୯୭୦ | ଏଥି ସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି–ଅର୍ଜନ ଅଧିକାରୀ, ତାଳଚେର–ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, ସୁନ୍ଦରଗଡ଼**

**ତାଳଚେର–ବିମଳାଗଡ଼ ନୂତନ ପ୍ରଶସ୍ତ ଓସାରିଆ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ–ଅର୍ଜନ ହେବାକୁଥିବା ରୟତି ଜମିର ତଫସିଲ**
**ମୌଜା: କାଦୋଡିହି, ତହସିଲ: ଲହୁଣୀପଡ଼ା, ଥାନା: ବଣାଇ, ଥାନା ନଂ.– ୨୦୭, ଜିଲ୍ଲା: ସୁନ୍ଦରଗଡ଼**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂ–ଅର୍ଜନ ରକବା | ହଳ କିସମ | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୨ | ୧୪୦ (ସ୍ଥ) | ୦.୫୩୦ | ୦.୦୨୦ | ଗୋଡ଼ା ଦୁଇ | ଡିମ୍ବୁ କିଶାନ, ପି.– ରବି କିଶାନ, ଭୁନ୍ଦୁ କିଶାନ, ପି.– ବାନେ କିଶାନ, ଜା: କିଶାନ, ବା: ନିଜଗାଁ। |
| ୨ | ୧୪ | ୩୩୨ (ସ୍ଥ) | ୦.୩୭୦ | ୦.୨୫୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.– ପଞ୍ଚୁ ମାହାନ୍ତ, ପାର୍ବତୀ ମାହାନ୍ତ, ସ୍ୱା. ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ମଧୁପୁର। |
| ୩ | ୧୫ | ୩୩୩ (ସ୍ଥ) | ୦.୧୩୦ | ୦.୦୮୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.– ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୪ | ୧୬ | ୧୩୬ (ସ୍ଥ) | ୦.୧୬୦ | ୦.୦୨୦ | ଘରବାରି | ଧନିଆଁ ମାହାନ୍ତ, ପି.– ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୭ (ସ୍ଥ) | ୦.୩୭୦ | ୦.୦୬୦ | ଘରବାରି | |
| | | ୩୬୯ (ସ୍ଥ) | ୦.୮୨୦ | ୦.୧୮୦ | ମାଳ ସାଧାରଣ | |
| ୫ | ୧୮ | ୩୬୫ (ସ୍ଥ) | ୦.୯୬୦ | ୦.୧୮୦ | ମାଳ ସାଧାରଣ | ଧରୁ ମାହାନ୍ତ, ପି.– ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୬ | ୧୯ | ୨୭୪ (ସ୍ଥ) | ୦.୫୮୦ | ୦.୧୮୦ | ମାଳ ସାଧାରଣ | ଧିରେଶେନ ପାତ୍ର, ପି.– ଠୁରୁ ପାତ୍ର, ଜା: ପାଣ, ବା: କୁର୍ଡ଼ା |
| ୭ | ୨୧ | ୩୬୪ (ସ୍ଥ) | ୦.୫୦୦ | ୦.୦୮୦ | ମାଳ ସାଧାରଣ | ନବୀନ କିସାନ, ପଞ୍ଚୁ ମାହାନ୍ତ, ପି.– ପଟୁଆ ମାହାନ୍ତ, ଜା: ମାହାନ୍ତ, ବା: ଶରଧାପୁର |
| | | ୩୭୧ (ସ୍ଥ) | ୦.୭୦୦ | ୦.୨୨୦ | ମାଳ ସାଧାରଣ | |
| | | ୩୭୪ (ସ୍ଥ) | ୩.୦୯୦ | ୦.୯୦୦ | ମାଳ ସାଧାରଣ | |
| ୮ | ୨୩ | ୧୩୨ | ୦.୪୭୦ | ୦.୪୭୦ | ବେର୍ଣ୍ଣା ସାଧାରଣ | ପଞ୍ଚୁ ମାହାନ୍ତ, ପି.– ମାଧ ମାହାନ୍ତ, ଜା: ମାହାନ୍ତ, ବା: ବଳ ଡିହି |
| | | ୧୪୮ (ସ୍ଥ) | ୧.୦୯୦ | ୦.୩୦୦ | ବେର୍ଣ୍ଣା ସାଧାରଣ | |
| ୯ | ୨୪ | ୩୬୩ (ସ୍ଥ) | ୧.୫୧୦ | ୦.୨୩୦ | ମାଳ ସାଧାରଣ | ପୂର୍ଣ୍ଣଚନ୍ଦ୍ର ମାହାନ୍ତ, ସୁରେନ୍ଦ୍ର ନାଥ ମାହାନ୍ତ, ପି.– ଗୋପୀନାଥ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୭୦ (ସ୍ଥ) | ୦.୭୨୦ | ୦.୧୪୦ | ମାଳ ସାଧାରଣ | |
| | | ୩୭୨ (ସ୍ଥ) | ୩.୩୭୦ | ୦.୯୧୦ | ମାଳ ସାଧାରଣ | |
| ୧୦ | ୩୨ | ୧୩୮ (ସ୍ଥ) | ୦.୨୧୦ | ୦.୧୦୦ | ଗୋଡ଼ା ଦୁଇ | ରଘୁ ମାହାନ୍ତ, ପି.– ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୬୬ (ସ୍ଥ) | ୦.୬୬୦ | ୦.୧୨୦ | ମାଳ ସାଧାରଣ | |
| ୧୧ | ୩୩ | ୨୮୮ | ୦.୫୫୦ | ୦.୫୫୦ | ମାଳ ସାଧାରଣ | ରାଧା ମାହାନ୍ତ, ପି.– ଦିର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୯୫ (ସ୍ଥ) | ୧.୪୯୦ | ୦.୩୫୦ | ମାଳ ସାଧାରଣ | |
| ୧୨ | ୩୮ | ୧୩୧ (ସ୍ଥ) | ୦.୭୪୦ | ୦.୬୦୦ | ବେର୍ଣ୍ଣା ସାଧାରଣ | ଶତୃଘ୍ନ ମାହାନ୍ତ, ଶଙ୍କର ମାହାନ୍ତ, ପି.– ବନୁ ମାହାନ୍ତ, ଶୈତ ମାହାନ୍ତ, ସ୍ୱା. ବନୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୩ (ସ୍ଥ) | ୦.୧୯୦ | ୦.୦୩୦ | ମାଳ ସାଧାରଣ | |
| | | ୧୪୧ | ୦.୩୫୦ | ୦.୩୫୦ | ମାଳ ସାଧାରଣ | |
| | | ୧୪୨ (ସ୍ଥ) | ୦.୨୬୦ | ୦.୧୨୦ | ଗୋଡ଼ା ଦୁଇ | |
| | | ୧୪୩ | ୦.୨୦୦ | ୦.୨୦୦ | ଗୋଡ଼ା ଦୁଇ | |
| ୧୩ | ୪୩ | ୧୪୪ (ସ୍ଥ) | ୦.୧୨୦ | ୦.୦୨୦ | ବେର୍ଣ୍ଣା ସାଧାରଣ | ଶ୍ୟାମ କିଶାନ, ପି.– ସନୁ କିଶାନ, ଜା: କିଶାନ, ବା: ନିଜଗାଁ |
| ୧୪ | ୪୪ | ୨୭୪/୪୨୭ | ୦.୨୦୦ | ୦.୨୦୦ | ମାଳ ସାଧାରଣ | ଶିବ ମାହାନ୍ତ, ପି.– ଦୁର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୮୭ (ସ୍ଥ) | ୦.୩୭୦ | ୦.୦୩୦ | ମାଳ ସାଧାରଣ | |
| | | ୨୮୯ (ସ୍ଥ) | ୧.୧୫୦ | ୦.୫୨୦ | ମାଳ ସାଧାରଣ | |
| | | ୨୯୬ (ସ୍ଥ) | ୦.୫୯୦ | ୦.୧୨୦ | ମାଳ ସାଧାରଣ | |
| ୧୫ | ୪୬/୩ | ୩୩୪ (ସ୍ଥ) | ୦.୩୪୦ | ୦.୨୬୦ | ମାଳ ସାଧାରଣ | ରମେଶ ଚନ୍ଦ୍ର ମାହାନ୍ତ, ପି.– ଭୀମ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୧୬ | ୪୬/୪ | ୧୨୨ (ସ୍ଥ) | ୦.୨୮୦ | ୦.୦୧୦ | ମାଳ ସାଧାରଣ | ମହି ମାହାନ୍ତ, ପି.– ଗୋରାଚାନନ୍ଦ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୪ (ସ୍ଥ) | ୦.୨୦୦ | ୦.୧୦୦ | ମାଳ ସାଧାରଣ | |
| ୧୭ | ୪୬/୧୪ | ୧୩୦ (ସ୍ଥ) | ୦.୩୧୦ | ୦.୦୫୦ | ମାଳ ସାଧାରଣ | କୃଷ୍ଣଚନ୍ଦ୍ର ମାହାନ୍ତ, ଭରତ ଚନ୍ଦ୍ର ମାହାନ୍ତ, ତ୍ରିଲୋଚନ ମାହାନ୍ତ, ଇନ୍ଦ୍ରମଣି ମାହାନ୍ତ, ପି.– ଜୁଗଲ କିଶୋର ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୭୩ (ସ୍ଥ) | ୦.୯୫୦ | ୦.୦୨୦ | ମାଳ ସାଧାରଣ | |
| ମୋଟ | ୧୭ | ୩୫ | ୨୪.୫୩୦ | ୭.୯୭୦ | | |

**ଭୂ–ଅର୍ଜନ ଜୋନ ଅଧିକାରୀ**
24160/14/0030/1819 **ତାଳଚେର–ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼**

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୪ ନଭେମ୍ବର, ୨୦୧୮



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ତୁଳସୀ ଦାସ



## ସଂକ୍ଷେପରେ

### ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ ପାଳିତ

**ଟିକ୍ରାପଡା, ୨୩।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡାଠାରେ ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ ଶୁକ୍ରବାର ପାଳିତ ହୋଇଛି । ଆବାହକ ସଞ୍ଜୟ ସୁବୁଦ୍ଧି ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସେବା ସଂଯୋଜକ କପିଳାସ ଭୁଏ, ଅକ୍ଷୟ ରଣା, ପୀତବାସ ରାଜପଲିଆ, କେଶବ ପଶାୟତ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଭଜନ, ସତ୍‌ସଙ୍ଗ, ବାଳ ଭୋଗ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ରାମ ମନ୍ଦିରରେ ୫୬ ଭୋଗ ଅର୍ପଣ

**ଲୋଇସିଂହା, ୨୩।୧୧(ଡି.ଏନ.ଏ.):** ଆଗଲପୁର ବ୍ଲକ ନଅଗାଁ(ଖ) ରାମ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଛପନ ଭୋଗ ଶୁକ୍ରବାର ଲାଗି ହୋଇଛି । ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ଗ୍ରାମର ମେହେରପଡା ଆନୁକୂଲ୍ୟରେ ରାମ ମନ୍ଦିରରେ ପ୍ରଥମ ବର୍ଷ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ପଡାର ମହିଳାମାନେ ସଂକୀର୍ତ୍ତନ୍ୟର ତାଳେତାଳେ ୫୬ପ୍ରକାର ଭୋଗ ନେଇ ଛେରାପହରା କରି ମନ୍ଦିରରେ ପହଞ୍ଚିଥିଲେ। ରାମସେବକ ମିଶ୍ର ପୂଜାର୍ଚ୍ଚନା କରିଥିବାବେଳେ ବ୍ୟାସ ମନରଞ୍ଜନ ମିଶ୍ର ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ । ସେହିପରି ଗ୍ରାମର ରାଧାକୃଷ୍ଣ ମନ୍ଦିରରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।

### ଜଳନ୍ଧର ରାଜ ଉଦ୍‌ଯାପିତ

**ଲାଠୋର, ୨୩।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମ ବଜାର ପ୍ରାଙ୍ଗଣରେ ଦ୍ୱିତୀୟ ବର୍ଷ ଜଳନ୍ଧର ରାଜ କାର୍ଯ୍ୟକ୍ରମ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ସନ୍ଧ୍ୟାରେ ଜଳନ୍ଧରଙ୍କ ସ୍ୱର୍ଗପୁର ଆକ୍ରମଣ, ପାର୍ବତୀ ହରଣ, ବୃନ୍ଦାବତୀଙ୍କ ସତୀତ୍ୱ ହରଣ ସହ ଶିବଙ୍କ ହାତରେ ଜଳନ୍ଧର ବଧ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ସମ୍ମାନିତ ଅତିଥି ମାରୱାଡି ଯୁବାମଞ୍ଚ ସଭାପତି ରିଙ୍କୁ ଅଗ୍ରୱାଲ, ଲାଠୋର ଫରେଷ୍ଟର ନବକିଶୋର ଦାଶ ପ୍ରମୁଖ ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ଆୟୋଜକ କମିଟି ତରଫରୁ ସମସ୍ତ କଳାକାରଙ୍କୁ ମାନପତ୍ର ଦିଆଯାଇଥିଲା। କମିଟି ସଭାପତି ହରି ବାରିକ, ସମ୍ପାଦକ ନୀଳମଣି ବେହେରା, ସଦସ୍ୟ କିଶୋର ସେଠ, ଭଗବାନ ସେଠ, ଗୌରୀଶଙ୍କର ଥନାପତି, ଗଜିନ୍ଦ୍ର ବେହେରା, ମୁରଲୀ ଭଇଁଷାଲ, ପଙ୍କଜ ଅଗ୍ରୱାଲ, ଜଗା ମେହେର, ରାହୁଲ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା ସୁଶୀଲ ଅଗ୍ରୱାଲ କରିଥିଲେ।

### ପଦଯାତ୍ରା ପାଇଁ ଭାଜପାର ପ୍ରସ୍ତୁତି

**ଲୋଇସିଂହା, ୨୩।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଭାଜପା ମଣ୍ଡଳର ପକ୍ଷରୁ ୨୦୧୯ ନିର୍ବାଚନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ କରକଟିଆ ଛକଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆସନ୍ତା ୨୭ରୁ ୫ ଡିସେମ୍ବର ପର୍ଯ୍ୟନ୍ତ ପଞ୍ଚାୟତସ୍ତରରେ ପଦଯାତ୍ରା କରିବାକୁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ମଣ୍ଡଳ ସଭାପତି ଜ୍ୟୋର୍ତ୍ତିମୟ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆନନ୍ଦ ନାଏକ, ଭୂତନାଥ ନାଏକ, ସୁଦୀପ ସା, ଉତ୍ତମ କବାଟ, ମଙ୍ଗଳ ପାତ୍ରଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ପଦଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପଦଯାତ୍ରା ବୁର୍ଡାଠାରୁ ଆରମ୍ଭ ହୋଇ ଲୋଇସିଂହା ପଞ୍ଚାୟତରେ ଉଦ୍‌ଯାପିତ ହେବ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ ।

■ ବଲାଙ୍ଗୀର ବାଇପାସ୍ ରାସ୍ତା ଭେଳିକି

# ଭୁଆଁ ବୁଲାଉଛନ୍ତି ନେତା, ମନ୍ତ୍ରୀ, ଅଫିସର

**ବଲାଙ୍ଗୀର ଅଫିସ, ୨୩।୧୧**

ବହୁପ୍ରତୀକ୍ଷିତ ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପ ଅଛିଣ୍ଡା ଗଣିତରେ ପରିଣତ ହୋଇଛି । କିଛିଦିନ ତଳେ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ୧୯୦ କୋଟି ଅନୁଦାନକୁ କେନ୍ଦ୍ର ସରକାର ମଞ୍ଜୁର କଲେ ବୋଲି କେନ୍ଦ୍ର ସଡକ ପରିବହନ ଓ ରାଜପଥ ବିଭାଗର ମନ୍ତ୍ରୀଙ୍କ ଚିଠି ଦିଆଯାଇଥିଲା । କେନ୍ଦ୍ରମନ୍ତ୍ରୀଙ୍କ ପ୍ରକଳ୍ପ ଅନୁମୋଦନ ଚିଠି ଦିଆଯିବାର ୧୪ଦିନ ପରେ ଷ୍ଟାଣ୍ଡିଂ ଫାଇନାନ୍ସ କମିଟିରେ ବାଇପାସ୍ ରାସ୍ତା ପ୍ରକଳ୍ପରେ ପ୍ରଭାବିତ କୃଷି ଜମିରେ ଢ଼େର ମୂଲ୍ୟାୟନ ହୋଇଥିବା ଦର୍ଶାଇ ଆପତ୍ତି ଉଠାଯାଇ ଏହା ଉପରେ ସ୍ପଷ୍ଟୀକରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯିବାରୁ ଏହି ପ୍ରକଳ୍ପ ପୁଣି ଥରେ ଅନିଶ୍ଚିତତାକୁ ଠେଲି ହୋଇଯାଇଥିଲା। ଗତ ୨୦ ତାରିଖ ଷ୍ଟାଣ୍ଡିଂ କମିଟିରେ ଅନୁମୋଦନ ହେବା ପୂର୍ବରୁ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ନିତିନ ଗଡକରିଙ୍କ କାର୍ଯ୍ୟାଳୟରୁ କିଭଳି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗତ ୬ ତାରିଖରେ ବାଇପାସ୍ ରାସ୍ତା ପାଇଁ ୧୯୦ କୋଟି ମଞ୍ଜୁର ହୋଇଥିବା ଚିଠି ଦିଆଗଲା ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେନ୍ଦ୍ରମନ୍ତ୍ରୀଙ୍କ ଅନୁମୋଦନ ଚିଠି ପରେ କିଭଳି ଭାବେ



ବଲାଙ୍ଗୀର ବାଇପାସ୍ ରାସ୍ତା ଚିହ୍ନଟ ସ୍ଥାନ ।

ଏହି ପ୍ରକଳ୍ପ ପୁଣି ଥରେ ଅଟକିଛି ତାହା ବିସ୍ମୟ ସୃଷ୍ଟି କରିଛି । ବଲାଙ୍ଗୀର ଏମପି କଳିକେଶ ନାରାୟଣ ସିଂଦେଓ ଏହି ପ୍ରସଙ୍ଗକୁ ଗଣମାଧ୍ୟମ ସମ୍ମୁଖରେ ଉଠାଇ ପରୋକ୍ଷରେ ଭାଜପା ସରକାରକୁ କାଠଗଡାରେ ଠିଆ କରାଇଛନ୍ତି। ପ୍ରକଳ୍ପ ଅନୁଦାନ ମଞ୍ଜୁର ହୋଇ ନ ଥିବାବେଳେ କିଭଳି ଓ କେଉଁ କାରଣରୁ ଭାଜପା ମନ୍ତ୍ରୀ ଚିଠି ମାଧ୍ୟମରେ ୧୯୦ କୋଟି ଟଙ୍କା ଅନୁମୋଦନ ହୋଇଥିବା ସୂଚନା ଦେଲେ ସେ ସ୍ପଷ୍ଟୀକରଣ ଲୋଡିଛନ୍ତି । ଷ୍ଟାଣ୍ଡିଂ ଫାଇନାନ୍ସ କମିଟିରେ ଏହି ବାଇପାସ୍ ରାସ୍ତା ପାଇଁ ଆବଶ୍ୟକ କୃଷି ଜମିରେ ଢ଼େର ମୂଲ୍ୟାୟନ ହୋଇଥିବା ଉଲ୍ଲେଖ କରାଯାଇଛି ଓ କିଭଳି ଭାବେ ଏହା ଏତେ ଅଧିକ ଟଙ୍କା ହେଲା ସେ ନେଇ ଯୁକ୍ତି ଦର୍ଶାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ପୂର୍ବରୁ ବଲାଙ୍ଗୀର ବାଇପାସ୍ ରାସ୍ତା ଏପରି ଗୋଳମାଳ ଏକ ନିର୍ବାଚନୀ ପ୍ରସଙ୍ଗ ହେବା ସୁନିଶ୍ଚିତ ହୋଇଗଲାଣି । ଏଭଳି ପରିସ୍ଥିତିରେ ବାହାବା ନେଉଥିବା ଭାଜପା, ବିଜେଡି ଓ କଂଗ୍ରେସ ନେତାମାନେ ଲୋକଙ୍କୁ କ'ଣ ଜବାବ ଦେବେ ଚର୍ଚ୍ଚାର ବିଷୟ ହୋଇଛି।

ବଲାଙ୍ଗୀର ବାଇପାସ୍ ରାସ୍ତା ସହର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଦୀର୍ଘବର୍ଷର ବହୁପ୍ରତୀକ୍ଷିତ ପ୍ରକଳ୍ପ। ଏଥିପାଇଁ ପ୍ରାୟ ୧୩୫ ଏକର ଜମିର ଆବଶ୍ୟକତା ରହିଛି । ସର୍ଭେ ଅନୁସାରେ ଏହିରାସ୍ତା ୨୬ ନମ୍ବର ଜାତୀୟ ରାଜପଥର

## ଭାଜପା ଦେଉନାହିଁ ମନ୍ତ୍ରୀଙ୍କ ଚିଠିର ସ୍ପଷ୍ଟୀକରଣ

ମାଧିଆପାଲିଠାରୁ ପୁଇଁତଲା-ସୋନପୁର ୫୭ ନମ୍ବର ଜାତୀୟ ରାଜପଥକୁ ଛୁଇଁ କଦଳୀମୁଣ୍ଡା-ଟିଟିଲାଗଡ ରାସ୍ତାରେ ପ୍ରାୟ ୧୩କିଲୋମିଟର ଲମ୍ବ ହେବ । ଏଥି ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ଦଳର ନେତାମାନେ ଢ଼େର ପ୍ରୟାସ ଚଳାଇଥିବା କହୁଥିଲେ ମଧ୍ୟ ଦୀର୍ଘ ୧୮ ବର୍ଷ ହେଲା ପ୍ରକଳ୍ପ ସରୁନାହିଁ। ବିଜେଡିର ଏମପି କଳିକେଶ ନାରାୟଣ ସିଂଦେଓ ସଂସଦରେ, ଭାଜପା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଉପରେ, କଂଗ୍ରେସର ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ବିଧାନସଭାରେ ଓ ପବ୍ଲିକ୍ ଆକାଉଣ୍ଟସ୍ କମିଟିରେ ବାଇପାସ୍ ରାସ୍ତାକୁ ନେଇ ଅନେକ ଥର ଆଲୋଚନା ଓ ଚାପ ସୃଷ୍ଟି କରିଥିବା ଦର୍ଶାଇଛନ୍ତି । ଗତ ୬ତାରିଖ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କ ପ୍ରକଳ୍ପ ଅନୁମୋଦନ ଚିଠି ଆସିବା ପରେ ଭାଜପା, ବିଜେଡି ଓ କଂଗ୍ରେସର ଏହି ନେତାମାନେ ଗଣମାଧ୍ୟମରେ ଏବଂ ସୋସିଆଲ ମିଡିଆରେ ପ୍ରକଳ୍ପ ପାଇଁ ଶ୍ରେୟ ନେବାକୁ ଚେଷ୍ଟା କରିଥିଲେ । ଏବେ ଷ୍ଟାଣ୍ଡିଂ ଫାଇନାନ୍ସ କମିଟି ଆପତ୍ତି ଉଠାଇବା ପରେ ଶ୍ରେୟ ଭୁଲି କିଛି ନେତା ଓଲଟା ପ୍ରଶ୍ନ ପଚାରିବା ଆରମ୍ଭ କରିଛନ୍ତି। ଏହି ନେତାମାନଙ୍କ ଏଭଳି ୟୁଟର୍ନକୁ ନେଇ ସହରର ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜିଲାର ଜନସାଧାରଣଙ୍କୁ ଭୁଆଁ ବୁଲାଇବାରୁ ବିରତ ରହି ତୁରନ୍ତ ଘଟଣାର ସତ୍ୟାସତ୍ୟ ପ୍ରକାଶ କରନ୍ତୁ ବୋଲି ଲୋକେ ଦାବି କଲେଣି । ଜିଲା ପ୍ରଶାସନ ମଧ୍ୟ ଏହି ପ୍ରକଳ୍ପ ଜମିରେ ଅଧିକ ମୂଲ୍ୟାୟନକୁ ନେଇ କିଛି ସ୍ପଷ୍ଟୀକରଣ ଦେଇନାହିଁ । କିଭଳି ଭାବେ କେନ୍ଦ୍ରୀୟସ୍ତରରେ ଦୁଇ ଥର ବାଇପାସ୍ ରାସ୍ତାକୁ ନେଇ ଆପତ୍ତି ଉଠିଲାଣି ସେ ନେଇ କିଛି କୁହାଯାଇନାହିଁ। କେଉଁମାନେ ଏଥିପାଇଁ ଦାୟୀ ତାହା ବି ଜଣାପଡୁନାହିଁ । ଏମପି ସିଂଦେଓ ଷ୍ଟାଣ୍ଡିଂ କମିଟି ଚିଠି ପ୍ରଘଟ କରିବା ପରେ ଭାଜପା ତରଫରୁ କିଛି ବି ସ୍ପଷ୍ଟୀକରଣ ଦିଆଯାଇନାହିଁ । ଏନେଇ ଭାଜପା ଜିଲା ପ୍ରବକ୍ତା ପ୍ରଭାସ ପାଣିଗ୍ରାହୀଙ୍କୁ ପଚରାଯିବାରୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି ଉପରେ ନିର୍ଦ୍ଦିଷ୍ଟ ସ୍ପଷ୍ଟୀକରଣ ଦେବା ଛାଡି ବିଜେଡି ସରକାରକୁ ଦୋଷ ଦେଇଛନ୍ତି । ତେବେ ବାଇପାସ୍ ରାସ୍ତା ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ସ୍ପଷ୍ଟ ହୋଇଛି।

## ଜିଏସ୍‌ଟି ବିଲ୍ ଆଳରେ ଆଶାମା'ଙ୍କଠାରୁ ଟଙ୍କା ଆଦାୟ ଅଭିଯୋଗ

**ଲୋଇସିଂହା, ୨୩।୧୧(ଡି.ଏନ.ଏ)**

ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଆଶା ମା'ମାନଙ୍କଠାରୁ ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି କେତେକ ଆଶା ପିଏଚଓ ରମେଶ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରାପ୍ତ ସୂଚନାମତେ, ନିକଟରେ ଆଶା ମାମାନଙ୍କୁ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦେବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହା ଆଶାମାନଙ୍କ ଆକାଉଣ୍ଟରେ ଜମା ହୋଇଛି। ଏହି ଟଙ୍କାରେ ସେମାନେ ଛତା, ଚପଲ, ଟର୍ଚ୍ଚ ଲାଇଟ, ଆଲମିରା ଏବଂ ସାଇକେଲ କିଣିବା ବ୍ୟବସ୍ଥା ରହିଛି । ସାମଗ୍ରୀ କିଣା ବାବଦକୁ ପ୍ରାୟତଃ ୧୨ଶହ ଟଙ୍କା ଜିଏସଟି ବିଲ ଲାଗୁଛି । ଜିଏସଟିକୁ ମାତଦେବ ପାଇଁ ବିଭିନ୍ନ ଅଞ୍ଚଳର ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଆଶାମାନଙ୍କଠାରୁ ଘୋଷଣାନାମା ନିଆଯାଉଛି । ହେଲେ ଲୋଇସିଂହା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେତେକ କର୍ମଚାରୀ ଜିଏସଟି ବିଲ ରସିଦ ଦେବା ପାଇଁ ୪ଶହ ଟଙ୍କା ଆଦାୟ କରୁଛନ୍ତି। ଗତ ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ତାଲିମ ଶିବିରରେ କେତେକ ଆଶା ଟଙ୍କା ଆଦାୟକୁ ନାପସନ୍ଦ କରି ପିଏଚଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ସମ୍ପର୍କରେ ପିଏଚଓ ସାହୁ କହିଛନ୍ତି ଯେ, ଅଭିଯୋଗ ପାଇଛି। ଟଙ୍କା ଆଦାୟ ଠିକ କଥା ନୁହେଁ । ଶନିବାର ଏ ଦିଗରେ ପଦକ୍ଷେପ ନେବି।

## କୁଡ଼ାସିଂହାରେ ବୋଇତ ବନ୍ଦାଣ ଉତ୍ସବ

**ଦେଓଗାଁ, ୨୩।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ସଦର ବ୍ଲକ କୁଡାସିଂହାରେ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଓ ସ୍ଥାନୀୟ କାର୍ତ୍ତିକେଶ୍ୱର କମିଟି ତଥା କୁବେର ଯୁବାମଞ୍ଚ ତରଫରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁବେର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡା. ଲଳିତ କୁମାର ସାହୁ, ସମ୍ମାନୀତ ଅତିଥି ନାଟ୍ୟକାର ହରେକୃଷ୍ଣ ସାହୁ, ବୁଲୁ ସାହୁ,ରାଧେଶ୍ୟାମ ପଧାନ ପ୍ରମୁଖ ଯୋଗଦେଇ ଆୟୋଜକ କମିଟି ବୃନ୍ଦଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ । ସମ୍ପାଦକ ମନୋରଞ୍ଜନ ଝାଙ୍କର, ମ୍ୟାନେଜର ନରେଶ ସାହୁ ତଥା କମିଟି ସଭ୍ୟଙ୍କ ଉଦ୍ୟମରେ ୧୫ଫୁଟ ଲମ୍ବ ଓ ୫ଫୁଟ ପ୍ରସ୍ଥ ଥିବା ଶୋଲରେ ନିର୍ମିତ ଡଙ୍ଗାକୁ ପ୍ରାତଃରେ ନିକଟସ୍ଥ ଅଏଁଲାସାଗରରେ ବୋଇତ ବନ୍ଦାଣ କରି ଭସାଯାଇଥିଲା । ସଭ୍ୟ ସଞ୍ଜୟ ମାଝୀ, ସରୋଜ ପୁଟେଲ, ଚିତ୍ତ ରଞ୍ଜନ ପଧାନ, ପରେଶ ସାହୁ, ପ୍ରକାଶ ପୁଟେଲ, ଭକ୍ତ ପୁଟେଲ, ରବିନ ପୁଟେଲ, କିରନ ସାହୁ, ସରୋଜ ଗୁରୁ, ଓମସାହିଲ ଭୋଇ, ସଞ୍ଜୀବ ସାହୁ, ଦୀପକ ସାହୁ, ଗୋବିନ୍ଦ ସାହୁ ତଥା ପୁରୁଷୋତ୍ତମ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହରିଶଙ୍କରେ ଶ୍ରଦ୍ଧାଳୁଙ୍କ ଲମ୍ବାଲାଇନ ଲାଗିଛି।

## ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖପ୍ରାଖୋଲ, ୨୩।୧୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପବିତ୍ର ପୁଣ୍ୟକ୍ଷେତ୍ର ହରିଶଙ୍କରଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଶୁକ୍ରବାର ଦେଖିବାକୁ ମିଳିଥିଲା । ପୂର୍ଣ୍ଣିମା ପାଇଁ ମନ୍ଦିରରେ ଭୋରରୁ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ପାପନାଶିନୀ ଝରଣାରେ ସ୍ନାନ ସହିତ କଦଳୀ ଡଙ୍ଗାରେ ଦୀପ ଭସାଇ ଥିଲେ। ଆକାମା ବୈ ଡାକରେ ଝରଣା କୂଳ ମୁଖରିତ ହୋଇ ଉଠିଥିଲା । ହରିଶଙ୍କର ବାବାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଲମ୍ବାଧାଡିରେ ଛିଡା ହୋଇ ଦର୍ଶନ କରିଥିଲେ । ଭିଡ ନିୟନ୍ତ୍ରଣ ପାଇଁ ଖପ୍ରାଖୋଲ ଥାନା ଆଇଆଇ.ସି ଜ୍ୟୋତିରଞ୍ଜନ ପତି, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେର୍କେଟା, ବିଜୟ ପଟେଲଙ୍କ ସମେତ ପୋଲିସ୍ କର୍ମଚାରୀ ଉପସ୍ଥିତ ଥିଲେ । ଶୃଙ୍ଖଳିତ ଦର୍ଶନ ପାଇଁ ବେରିକେଡ ବ୍ୟବସ୍ଥା କରାଯାଇଥିବା ମନ୍ଦିର ପରିଚାଳକ ବେଣୁଧର ସାହୁ ପ୍ରକାଶ କରିଛନ୍ତି ।

ଭାଗିରଥୀ ମିର୍ଦ୍ଧା ସମାଜର ବଛର୍‌କି ସଭା

## ନାରୀଶିକ୍ଷା, ଅର୍ଥନୈତିକ ଉନ୍‌ନତି ଉପରେ ଗୁରୁତ୍

**ଟିକ୍ରାପଡା, ୨୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ୍ ଟିକ୍ରାପଡା ଲାନ୍ଥ ନଦୀ ବାଲିରେ ଭାଗିରଥୀ ମିର୍ଦ୍ଧା ସମାଜର ସର୍କଲ ସ୍ତରୀୟ ବଛର୍‌କି ସାଧାରନ୍ ସଭା ଅନୁଷ୍ଠିତ୍ ହେଇଯାଇଛେ। ସଭା ଗୁରୁବାର ରାତି ୮ ବଜେନୁ ଆରମ୍ ହେଇ ଶୁକୁରବାର ସଖାଳପୁଆ ଚାଲିଥିଲା । ଇଥିରେ ବେଲପଡ଼ା, ମୁରିବାହାଲ, ସଇଁତଲା ବ୍ଲକ୍ ଅଂଚଲରୁ ଶତାଧିକ୍ ମିର୍ଦ୍ଧା ସମାଜ ପର୍‌ତିନିଧି ସାମିଲ ହେଇଥିଲେ। ସଭା ଆରମ୍‌ରେ ପୂଜକ୍ ବନମାଳୀ ମିର୍ଦ୍ଧା ସମାଜର ଇଷ୍ଟ ଦେବ୍‌ତା ବୁଢ଼ାରଜାକଁର ପୂଜା କରିଥିଲେ। ସର୍କଲ ସଭାପତି ନୀଳକଣ୍ଠ ମିର୍ଦ୍ଧା ସଭାରେ ଅଧକ୍ଷତା କରିଥିଲେ। ବନବିହାରୀ ମିର୍ଦ୍ଧା ସଭା ସଂଯୋଜନା କରିଥିଲେ । ଉପସଭାପତି ବ୍ରହ୍ମାନନ୍ଦ ମିର୍ଦ୍ଧା କାଯ୍‌କରମର ଉଦେଶ୍ ଆର୍ ସମ୍ପାଦକ ରମେଶ ମିର୍ଦ୍ଧା ବଛର୍‌କି ବିବରଣୀ ପଢ଼ିଥିଲେ। ସମାଜ ଭିତ୍‌ରେ ସଂସ୍କୃତି ରକ୍ଷା, ନାରୀ ଶିକ୍ଷା, ଅର୍ଥନୈତିକ ଉନ୍‌ନତି ବିଷେରେ ବକ୍ତାମାନେ କହିଥିଲେ। ପୁରୁଷୋତ୍ତମ ପଧାନ, କୁନୁ ମିର୍ଦ୍ଧା, ବନମାଳି ମିର୍ଦ୍ଧା, ସିଦ୍ଧ ମିର୍ଦ୍ଧା, ଯଜ୍ଞ ମିର୍ଦ୍ଧା, ବସନ୍ତ ମିର୍ଦ୍ଧା, ମାଧବ ମିର୍ଦ୍ଧା, ଭକ୍ତବନ୍ଧୁ ମିର୍ଦ୍ଧା ପର୍‌ମୁଖ ଆଲୋଚନାରେ ଭାଗ୍ ନେଇଥିଲେ। ସଭା ଶେଷେ ଜଗନ୍ନାଥ ମିର୍ଦ୍ଧା ଧଏନ୍‌ବାଦ ଦେଇଥିଲେ। ପରମ୍ପରା ଅନ୍‌ସାରେ ଭିନେ ଭିନେ ଘରୋଇ ଆର୍ ସାମାଜିକ ବିବାଦର ସମାଧାନ କରାଯାଇଥିଲା। ମିର୍ଦ୍ଧା ସମାଜ ପରମ୍ପରା ଅନ୍‌ସାରେ ଲୋକ୍ ନିଜର ପିତୃପୁରୁଷ୍‌କଁର ଅସ୍ଥିକେ ଲାନ୍ଥ ନଦୀରେ ବିସର୍‌ଜନ କରିଥିଲେ। କେନ୍‌କାଲୁ ଲାନ୍ଥ ନଦୀକେ ଇ ଆଦିବାସୀ ସମାଜ୍‌ର ଲୋକ୍‌ମାନେ ଗଙ୍ଗା ନଦୀର ମାଏନ୍‌ତା ଦେଇ ଆସୁଛନ୍।



ଟିକ୍ରାପଡା ପାସର ଲାନ୍ଥ ନଦୀ ବାଲିରେ ଭାଗିରଥୀ ମିର୍ଦ୍ଧା ସମାଜର ବଛର୍‌କି ସଭା ।

■ ଛାତ୍ରୀଙ୍କ ହାତପୋଡ଼ି ଘଟଣା

## ଅନ୍ୟ ଶିକ୍ଷକମାନଙ୍କ ପ୍ରତି କୋହଳ ମନୋଭାବ

**ଗୁଡ଼ଭେଲା, ୨୩।୧୧(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏନଏସି ଅଧିନ କପସିଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ହାତ ପୋଡ଼ା ଘଟଣାକୁ ଦଶ ଦିନ ବିତିଛି। ଏହି ଘଟଣାରେ ସ୍କୁଲର ପ୍ରଧାନଶିକ୍ଷକ ନିଲମ୍ବିତ ହୋଇଥିବା ବେଳେ ଅନ୍ୟ ୩ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ହେଲେ ଦୁର୍ଘଟରା ଘଟିଥିବା ବେଳେ ସ୍କୁଲରେ ଉପସ୍ଥିତ ସିଆରସିସିଙ୍କୁ କାରଣ ଦର୍ଶାଅ ନୋଟିସ ଦେଇ ବିଭାଗୀୟ କର୍ମକର୍ତ୍ତା ଚୁପ ହୋଇ ବସି ଯାଇଛନ୍ତି। କେଉଁ କାରଣରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସ୍କୁଲରେ ବହୁ ଦିନ ଧରି ଶିକ୍ଷୟିତ୍ରୀଶିକ୍ଷକମାନେ ରହିଥିବାରୁ ମନମୁଖୀ କାମ କରି ଆସୁଥିବା ଅଭିଯୋଗ ହୋଇ ଆସୁଛି। ସେମାନେ ଛାତ୍ରୀଛାତ୍ରଙ୍କୁ ଶୌଚାଳୟ ଓ ବାରଣ୍ଡା ସଫା କରିବା, ଅଣ୍ଡା ଆଣିବା ସହ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା କାର୍ଯ୍ୟରେ ନିୟୋଜିତ କରୁଥିଲେ। ଶ୍ରେଣୀ ଗୃହ ଅଭାବ ରହିଥିଲେ ମଧ୍ୟ ଗଙ୍ଗାଧର କକ୍ଷକୁ ରୋଷେଇ ଘର ସହ ଶିକ୍ଷୟିତ୍ରୀ ଶିକ୍ଷକ ତଥା ବିଭାଗୀୟ କର୍ମଚାରୀଙ୍କ ଖାଇବା ଘରଭାବେ ବ୍ୟବହାର କରୁଥିଲେ। ପ୍ରତ୍ୟେକ ଦିନ ପ୍ରାୟ ୮ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଛାତ୍ରୀମାନେ ପାଳି କରି ରୋଷେଇ କରୁଥିଲେ। ଏହିକ୍ରମରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ସ୍ୱାଗତିକା ବୁଡେକ ଓ ମାନସୀ ରଣା ସିଆରସିସି ଓ ଅନ୍ୟ ୭ ଶିକ୍ଷକକ ପାଇଁ ରୋଷେଇ କରୁଥିଲେ । ଏହି ସମୟରେ ଗରମ ତେଲଥିବା କଢେଇରେ ପାଣିଥିବା ଭାବି ସ୍ୱାଗତିକା ନିଜ ହାତ ଦେଇ ଦେବାରୁ ପୋଡି ଯାଇଥିଲା । ଏହାପରେ ସ୍କୁଲର ଉପସ୍ଥିତ ଥିବା ସିଆରସିସି ସଞ୍ଜୟ ସାହୁ, ପ୍ରଧାନଶିକ୍ଷକ ପିତାମ୍ବର କଏଣ୍ଡା ତଥା ସ୍କଲର ଶିକ୍ଷୟିତ୍ରୀଶିକ୍ଷକ ଧ୍ୟାନ ନ ଦେବାରୁ ଗ୍ରାମବାସୀ ସ୍କୁଲ ଘେରାଉ କରିଥିଲେ । ଏପରିକି ବ୍ଲକ ଅଧକ୍ଷ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ସାମନାରେ ସମସ୍ତ ଅଭିଯୋଗ ସତ୍ୟ ପ୍ରମାଣିତ ହେଇଥିଲା। ତେବେ କାର୍ଯ୍ୟାନୁଷ୍ଠାନ କେବଳ ୪ଜଣଙ୍କ ବିରୋଧରେ ହୋଇଥିବା ବେଳେ ସିଆରସିସି ଓ ଆଉ ୩ ଶିକ୍ଷକଙ୍କ ପ୍ରତି ଶିକ୍ଷା ବିଭାଗ କାହିଁକି ନୀରବଦ୍ରଷ୍ଟା ସାଜିଛି ବୋଲି ପ୍ରଶ୍ନ ଉଠିଛି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଅଖିଳ ଦୀପ କହିଛନ୍ତି ଯେ, ସିଆରସିସିଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି ଏବଂ ଅନ୍ୟ ଶିକ୍ଷକମାନଙ୍କୁ ମଧ୍ୟ ପଚରାଉଚରା ଚାଲିଛି । ଆଉ କାହା ଚାପରେ ଆମେ କାର୍ଯ୍ୟ କରୁନାହି ବୋଲି ସେ କହିଥିଲେ ।

## ଫଟୋରେ ଖବର











ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରେ ବଲାଙ୍ଗୀର ଖୁଜେନପାଲି ଶିବ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦେବ ଦର୍ଶନ ପାଇଁ ଧାଡିବାନ୍ଧି ଠିଆ ହୋଇଛନ୍ତି (ବାମ)। ଟିଟିଲାଗଡ ଜିଲା ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣାରେ ଶୁକ୍ରବାର ସାମିଲ ହୋଇଥିବା ଉପଖଣ୍ଡ ଲକ୍ଷେଘର ଗଣ୍ଡା ସମାଜର କର୍ମକର୍ତ୍ତାମାନେ। ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇଲା ପରେ ମଧ୍ୟ ମୁଖ୍ୟ ଗେଟ୍ ହୋର୍ଡିଂରେ ବଲାଙ୍ଗୀର ସନ୍ଥ ଭୀମଭୋଇ ମେଡିକାଲ କଲେଜର ନାମକରଣ ବଦଳା ଯାଉନାହିଁ । (ଫଟୋ-ସୁନୀଲ) ।

**ସତ୍ୟସାଇ ବାବାଙ୍କ ଜନ୍ମବାର୍ଷିକୀ ପାଳିତ**
କଳାହାଣ୍ଡି ଜିଲା କଳମପୁର ବ୍ଲକ ଅନ୍ତର୍ଗତ ବଲାଗାଁଠାରେ ସତ୍ୟସାଇ ଅନୁଷ୍ଠାନ ତରଫରୁ ୯୩ତମ ବାବାଙ୍କ ଜନ୍ମ ବାର୍ଷିକୀ ଶୁକ୍ରବାର ପାଳିତ ହୋଇଅଛି।

# ରାଇସ୍ ମିଲ୍ ମାଲିକଙ୍କୁ ସରକାରଙ୍କ ଚେତାବନୀ

- ୨୪ ତାରିଖ ସୁଦ୍ଧା ଏଗ୍ରିମେଣ୍ଟ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ
- ବର୍ତ୍ତମାନ ସୁଦ୍ଧା ଜିଲାରେ ୭୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକୃତ
- ଭବାନୀପାଟଣା ଉପଖଣ୍ଡରେ ୬୯ ମଣ୍ଡି
- ଧର୍ମଗଡ ଉପଖଣ୍ଡରେ ୯୭ ମଣ୍ଡି ଖୋଲିବ

**ଭବାନୀପାଟଣା,୨୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ନଭେମ୍ବର ୧ରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା କଥା। କିନ୍ତୁ ୨୪ ଦିନ ବିତିଯାଇଥିଲେ ମଧ୍ୟ ମିଲର୍ସମାନଙ୍କ କେତେକ ଦାବିକୁ ନେଇ ମିଲର୍ସ ଓ ସରକାରଙ୍କ ମଧ୍ୟରେ ଚାଲିଥିବା ଟଣାଓଟରା ଯୋଗୁ ଧାନ କିଣା ନ ହୋଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମିଲର୍ସମାନେ ବାରମ୍ବାର ସରକାରଙ୍କ ଉପରେ ଚାପ ପକାଉଥିଲେ ମଧ୍ୟ ରାଜ୍ୟ ଯୋଗାଣ ନିଗମ ଓ ମିଲର ମଧ୍ୟରେ ସମାଧାନ ଓ ବୁଝାମଣା ଆଜି ସୁଦ୍ଧା ହୋଇ ନ ପାରିବାରୁ ଧାନ କିଣା ହୋଇ ପାରୁନାହିଁ। ଏହି ପରିପ୍ରେକ୍ଷୀରେ ଆସନ୍ତା ନଭେମ୍ବର ୨୪ ତାରିଖ ସୁଦ୍ଧା ମିଲର୍ସମାନେ ଧାନ ଉଠାଇବା ପାଇଁ ଏଗ୍ରିମେଣ୍ଟ ନ କଲେ ବାଧ୍ୟ ହୋଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବା ସହିତ ସେମାନଙ୍କୁ ଆଗାମୀ ଖରିଫ୍‌ରେ ଧାନ ସଂଗ୍ରହ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ସରକାର ଚେତାବନୀ ଦେଇଛି। କିନ୍ତୁ ମିଲର୍ସମାନଙ୍କ ଉପରେ ସରକାରଙ୍କ ଏହି ଚେତାବନୀ କୌଣସି ପ୍ରକାର ପ୍ରଭାବ ପଡି ନ ଥିବା ଦେଖିବାକୁ ମିଳିଛି। ନଭେମ୍ବର ୧ରୁ କଳାହାଣ୍ଡି ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା। କିନ୍ତୁ ମିଲର୍ସମାନଙ୍କ କେତେକ ଦାବିକୁ ନେଇ ଦୀର୍ଘ ୨୪ ଦିନ ଧରି ଧାନ ସଂଗ୍ରହ ପ୍ରକ୍ରିୟା କରି ନ ପାରିବା ଯୋଗୁ ଜିଲାରେ କୌଣସି ମଣ୍ଡି ଖୋଲିନାହିଁ । ଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୪ ତାରିଖ ସୁଦ୍ଧା ମିଲର୍ସମାନେ ଯଦି ଯୋଗାଣ ନିଗମ ସହିତ ଏଗ୍ରିମେଣ୍ଟ ନ କରନ୍ତି ସେମାନଙ୍କୁ ଆସନ୍ତା ଖରିଫ୍ ଧାନ ସଂଗ୍ରହରୁ ବାଦ ଦିଆଯିବ ବୋଲି ନିର୍ଦ୍ଦେଶନାମା ପାଇବା ପରେ ମିଲର୍ସମାନଙ୍କ ମହଲରେ କୁକୁଆ ଭୟ ଦେଖାଦେଇଛି । ଯାହାକୁ ନେଇ ମିଲର୍ସମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ମିଲରମାନଙ୍କ ଗୋଟିଏ ଗୋଷ୍ଠୀ ଜିଲା ପ୍ରଶାସନର ଏହି ନୋଟିସ ପାଇବା ପରେ ତୁରନ୍ତ ଏଗ୍ରିମେଣ୍ଟ କରିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡୁଛି । ତେବେ ଜିଲା ପ୍ରଶାସନ ନଭେମ୍ବର ୨୪ ତାରିଖ ଧାର୍ଯ୍ୟ କରିଥିବାରୁ ଏବଂ ଏହି ଦିନ ଶନିବାର ଥିବାରୁ ବ୍ୟାଙ୍କ ଗ୍ୟାରେଣ୍ଟି ଆଦି ଜମା କରିବାରେ ଅସୁବିଧା ହେବ । ତେଣୁ ୨୬ ତାରିଖରେ ବ୍ୟାଙ୍କ ଗ୍ୟାରେଣ୍ଟି ସହ ଏଗ୍ରିମେଣ୍ଟ କରିବେ ବୋଲି ମିଲର୍ସମାନଙ୍କ ଗୋଟିଏ ଗୋଷ୍ଠୀ ଜିଲା ପ୍ରଶାସନକୁ ଜଣାଇଛନ୍ତି। ଫଳରେ ଆସନ୍ତା ୨୬ ତାରିଖରେ କଳାହାଣ୍ଡି ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଦେଖାଦେଇଥିବା ଅଚଳାବସ୍ଥା ଦୂର ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଜିଲାର ୭୪ ମିଲର୍ସ ଯୋଗ୍ୟ ବିବେଚିତ ହୋଇଛନ୍ତି । ବର୍ତ୍ତମାନ ଯାଏ ଜଣେ ହେଲେ ମିଲର୍ସ ଯୋଗାଣ ବିଭାଗ ସହ ଚୁକ୍ତି କରିନାହାନ୍ତି । ଅପରପକ୍ଷରେ ୭୪ ଜଣ ମିଲର୍ସ ସାମୁହିକ ଭାବେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବାକୁ କେବଳ ଇଚ୍ଛା ପ୍ରକାଶ କରି ଏକ ପତ୍ର ଦେଇଛନ୍ତି । କୃଷି ବିଭାଗର ଆକଳନ ଅନୁଯାୟୀ କଳାହାଣ୍ଡି ଜିଲାରେ ଚଳିତ ଖରିଫ ଋତୁରେ ୮୦ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହେବ । ଚଳିତ ଖରିଫ ଋତୁରେ ଜିଲାର ୭୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ଜିଲାରେ ସମୁଦାୟ ୧୬୬ଟି ମଣ୍ଡି ଖୋଲାଯିବ । ଭବାନୀପାଟଣା ଉପଖଣ୍ଡରେ ୬୯ ଓ ଧର୍ମଗଡ ଉପଖଣ୍ଡରେ ୯୭ ମଣ୍ଡି ଖୋଲାଯିବ । ବର୍ତ୍ତମାନ ସୁଦ୍ଧା ଜିଲାରେ ୭୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକୃତ କରିଛନ୍ତି । ଜିଲା ପ୍ରଶାସନର ଚରମବାଣୀ ଶୁଣି ମିଲର୍ସମାନଙ୍କ ମଧ୍ୟରେ ଭାଳେଣି ପଡିଯାଇଛି ଏବଂ ମିଲରଙ୍କ ଗୋଟିଏ ଗୋଷ୍ଠି ଆସନ୍ତା ୨୬ ତାରିଖରେ ଏଗ୍ରିମେଣ୍ଟ କରିବା ଆପାତଃ ନିଶ୍ଚିତ ହୋଇଛି। ଯେଉଁ ମିଲର୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ନିମନ୍ତେ ଏଗ୍ରିମେଣ୍ଟ କରନ୍ତି ତାହେଲେ ସେହି ମିଲର୍ସମାନଙ୍କ ନେଇ ମଧ୍ୟ ଜିଲାର ସମସ୍ତ ମଣ୍ଡିରୁ ଧାନ ସଂଗ୍ରହ ପ୍ରକ୍ରିୟା ସୁରୁଖୁରୁରେ କରାଯାଇପାରିବ ବୋଲି ଜିଲା ଯୋଗାଣ ଅଧିକାରୀ ଶିବ ପ୍ରସାଦ ଦୋରା ପ୍ରକାଶ ସୂଚନା ଦେଇଛନ୍ତି ।

## ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ଗଣଧାରଣା

**କେସିଙ୍ଗା,୨୩।୧୧(ଡି.ଏନ.ଏ.)**

ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗତ ୨୧ ତାରିଖରେ କ୍ରୀଡ଼ା ସଚିବ ତାଙ୍କ ପ୍ରକୋଷ୍ଠରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହା ବିରୋଧରେ କେସିଙ୍ଗା ଓ କଳାହାଣ୍ଡି ଜିଲାରେ କାର୍ଯ୍ୟରତ ଖବରଦାତାମାନେ ବ୍ଲକ ସମ୍ମୁଖରେ ଶୁକ୍ରବାର ସକାଳ ୧୦ଠାରୁ ୧୨ଟା ୪୦ ମି. ପର୍ଯ୍ୟନ୍ତ ଗଣଧାରଣ ଓ ପ୍ରତିବାଦ କରିଥିଲେ। କ୍ରୀଡା ସଚିବଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କେସିଙ୍ଗା ଅତିରିକ୍ତ ବିଡିଓ ରାଜେନ୍ଦ୍ର ଶର୍ମାଙ୍କୁ ଖବରଦାତାମାନେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିବାଦ ସଭାରେ ସମସ୍ତ ଖବରଦାତାବୃନ୍ଦ ଯୋଗଦେଇଥିଲେ । ଏଥି ସହିତ କ୍ରୀଡା ସଚିବ ବିଶାଳ ଦେବଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଦାବି କରିଥିଲେ। ଏହି ସଭାରେ କେସିଙ୍ଗା ଓ କଳାହାଣ୍ଡି ଜିଲା ପ୍ରତିନିଧିମାନେ ଯୋଗଦେଇଥିଲେ। କେସିଙ୍ଗା ଆଇଆଇସି ବାସୁଦେବ ଛତ୍ରିଆ, ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ପଲମ,୨୩।୧୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଗିଗିନା ପଞ୍ଚାୟତସ୍ଥିତ ଗିଗିନା ରାସ୍ତାପଡାଠାରେ ତ୍ରିନାଥ ମନ୍ଦିର କମିଟି ଆନୁକୁଲ୍ୟରେ ରାହାସ ପୂର୍ଣ୍ଣିମା ଉପଲକ୍ଷେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଶୁକ୍ରବାର ହୋଇଯାଇଛି । ଏଥିରେ କର୍ତ୍ତା ଭାବେ ସଦା ଭାଟି, କନ୍ତୁଲା ଭାଟି ପୂଜା କାର୍ଯ୍ୟ କରିଥିଲେ। ପୂଜକ ଭାବେ ଦୟାନିଧି ବିଶି ରହିଥିବା ବେଳେ ଜପକ ଭାବରେ କୃଷ୍ଣଚନ୍ଦ୍ର ବେହେରା ରହି ପୂଜା କାର୍ଯ୍ୟ ତୁଲାଇଥିଲେ । ଏହି ଯଜ୍ଞରେ ୬ଟି ସଂକିର୍ତ୍ତନ୍ୟ ଦଳକୁ ନାମକିର୍ତ୍ତନ କରାଯାଇଥିଲା। ୨୧ ତାରିଖରେ କଳସ ଯାତ୍ରା, ୨୨ରେ ନାମାରମ୍ଭ ଓ ୨୩ରେ ନାମ ସମାପନ ଓ ପୂର୍ଣ୍ଣାହୁତି କରାଯାଇଥିଲା । ଏହି ଯଜ୍ଞରେ ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା ।

### ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ

**ପଲମ,୨୩।୧୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୬ତମ ବାର୍ଷିକ କ୍ରୀଡା ଉତ୍ସବ ବାଗଗୁଛା ଖେଳ ପଡିଆଟେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ସମୀର ରନ ନାଏକ, ସମ୍ମାନିତ ଅତିଥି ଭାବେ ଅଜୟ ସେନାପତି ଉଦ୍‌ଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଜ୍ଞାନରଞ୍ଜନ ଦାସ ଅତିଥି ପରିଚୟ କରିଥିବା ବେଳେ ଗୁରୁଜୀ ବେଣୁଧର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଥିରେ ୧୫୮ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଖେଳ ଶିକ୍ଷକ ପୁର୍ଣ୍ଣଚନ୍ଦ୍ର ଶାହା ଖେଳ ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସମ୍ପାଦକ ସୁଦାମ ଚରଣ ମିଶ୍ର ଓ କିଶୋର ମହାଲିଙ୍ଗ ଉପସ୍ଥିତ ରହିଥିଲେ । ଅଲେଖ ଚନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ସତ୍ୟ ସାଇବାବାଙ୍କ ୯୩ତମ ଜୟନ୍ତୀ ପାଳିତ

**ଜୁନାଗଡ,୨୩।୧୧(ସ୍ୱ.ପ୍ର.)**
କଳାହାଣ୍ଡି ଜିଲା ଜୁନାଗଡ଼ ସହରର ୨ଟି ସତ୍ୟ ସାଇ ମନ୍ଦିର ସମେତ ବ୍ରାହ୍ମଣୀଗୁଡାଠାରେ ବାବାଙ୍କ ୯୩ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଜୁନାଗଡ ତାଳବନ୍ଧପଡା ଭଜନମଣ୍ଡଳି ପକ୍ଷରୁ ବାବାଙ୍କ ସୁସଜ୍ଜିତ ରଥ ସହର ପରିକ୍ରମା କରିଥିଲା। ପରେ ମନ୍ଦିର ପରିସରରେ ଭଜନ, କୀର୍ତ୍ତନ ଓ ନାରାୟଣ ସେବା ମାଧ୍ୟମରେ ବସ୍ତ୍ରବଣ୍ଟନ, ପ୍ରସାଦ ସେବନ ସମେତ ସନ୍ଧ୍ୟାରେ ବାଳ ବିକାଶ ଭାଇମାନଙ୍କ ଦ୍ୱାରା କ୍ଷୁଦ୍ର ନାଟକ ଅନୁଷ୍ଠିତ ହୋଇଥିଲା। ସେହିଭଳି ବ୍ରାହ୍ମଣୀଗୁଡାଠାରେ ଗ୍ରାମ ସଂକୀର୍ତ୍ତନ, ସଫେଇ କାର୍ଯ୍ୟକ୍ରମ ଓ ନାରାୟଣ ସେବା ଅନୁଷ୍ଠିତ ହୋଇଥିଲା। ହିଙ୍ଗୁଳିବାହିଲି ମନ୍ଦିର ପକ୍ଷରୁ ମଧ୍ୟ ବାବାଙ୍କ ଜୟନ୍ତୀ ଧୁମଧାମରେ ପାଳିତ ହୋଇଥିଲା। ତାଳବନ୍ଧପଡାରେ ଆବାହକ ମୁକେଶ ଭଣ୍ଡାର ଘରିଆ, ଦୁର୍ଗାପ୍ରସାଦ ନାଏକ, ହୃଦାନ୍ଦ ପୂଝାରୀ, ବିଶ୍ୱଜିତ ନାଏକ, ଇଂ ନିର୍ମଳ ମହାନ୍ତି, ଭକ୍ତରାମ ଭାଟି, ଅଞ୍ଜନ କ୍ଷିତି ପ୍ରମୁଖ ସହଯୋଗ କରିଥିଲେ । ବ୍ରାହ୍ମଣୀଗୁଡାଠାରେ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ନାଏକ, ରାଧାକାନ୍ତ ଧଙ୍ଗଡାମାଝି, ଶିବରାମ ଗୁରୁ, ପ୍ରହ୍ଲାଦ ଶର୍ମା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ସଂଯୋଜକ ଭୋଲାନାଥ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି ହିଙ୍ଗୁଳିବାହିଲି ମନ୍ଦିର ପକ୍ଷରୁ ସୁବାଷ ପଣ୍ଡାଙ୍କ ନେତୃତ୍ୱରେ କାସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥିଲା।

# ସତ୍ୟସାଇ ବାବାଙ୍କ ଜନ୍ମ ବାର୍ଷିକୀ ପାଳିତ

**ମଣ୍ଡଲ,୨୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଳମପୁର ବ୍ଲକ ଅନ୍ତର୍ଗତ ବଲାଗାଁଠାରେ ସତ୍ୟସାଇ ଅନୁଷ୍ଠାନ ତରଫରୁ ୯୩ତମ ବାବାଙ୍କ ଜନ୍ମ ବାର୍ଷିକୀ ଶୁକ୍ରବାର ପାଳିତ ହୋଇାଇଛି । ବାବାଙ୍କ ଜନ୍ମ ଦିନ ତଥା କାର୍ତ୍ତିକ ପୂର୍ଣ୍ଣମୀ ଶୁକ୍ରବାର ପ୍ରାତଃ ୪ଘଣ୍ଟାରେ ଓମକାରମ୍, ସୁପ୍ରଭାତମ୍, ପ୍ରାତଃ ୫ଟାରେ ନଗର କିର୍ତ୍ତନ, ସକାଳ ୭ଟା କଳସଯାତ୍ରା, ୮ଟା ବାବାଙ୍କ ଷୋଡ଼ସ ଉପଚାର, ୧୦ଟା ବାବାଙ୍କର ରଥ ପରିକ୍ରମା ଓ ପ୍ରବଚନ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ଦିବା ୧ଘଣ୍ଟା ପ୍ରସାଦ ସେବନ ତଥା ଅନ୍ନଭୋଜନ କରାଯାଇଛି। ଅପରାହ୍ନ ୩ଟାରେ ଦରିଦ୍ର ନାରାୟଣ ସେବା, ସନ୍ଧ୍ୟା ୫ଟାରେ ରୁଦ୍ରାପିତମ ଏବଂ ବାବାଙ୍କର ଦୋଲି ଝୁଲଣ ଏବଂ ରାତି ୮ଟାରେ ମଙ୍ଗଳ ଆରତୀ କରାଯାଇଥିଲା । ସାଇ ମନ୍ଦିର ପୂଜକ ସୁବ୍ରତ କୁମାର ବେହେରା ପୂଜା କାର୍ଯ୍ୟ କରିଥିଲେ। ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବରେ ଅଞ୍ଚଳରୁ ହଜାର ହଜାର ସାଇପ୍ରେମୀ ଉପସ୍ଥିତ ଥିଲେ। ଏହି ଅବସରରେ ରୋଗୀମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ସତ୍ୟସାଇ ମନ୍ଦିର ଉଦ୍ୟୋଗକର୍ତ୍ତା ସୁନୀଲ କୁମାର ବେହେରା ଏବଂ ଅଜିତ କୁମାର ବେହେରା ଓ କନଭେନର୍ ସୁମେଶ୍ୱର ପୂଝାରୀ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ବଲାଗାଁ ସତ୍ୟସାଇ କମିଟି ଶ୍ୟାମ ପ୍ରସାଦ ବେହେରା, ଶେଷଦେବ ବେହେରା, ତ୍ରିନାଥ କାଣ୍ଡ, ଗୋବିନ୍ଦ ମାଝି, ଚନ୍ଦନ ବେହେରା, କୃଷ୍ଣ ଚନ୍ଦ୍ର ସାହୁ, ବିରେନ୍ଦ୍ର ପୂଝାରୀ, ପବିତ୍ର ସେଠି, ସନ୍ତୋଷ ବେହେରା ତଥା ଅଞ୍ଚଳର ସାଇପ୍ରେମୀ ବାବାଙ୍କ ଉତ୍ସବରେ ସହଯୋଗ କରିଥିଲେ ।


ସତ୍ୟସାଇ ବାବାଙ୍କ ଜନ୍ମବାର୍ଷିକୋତ୍ସବରେ ପୂଜାର୍ଚ୍ଚନା ଚାଲିଛି।

## ମାଣିକେଶ୍ୱରୀ ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ଭବାନୀପାଟଣା,୨୩।୧୧(ଡି.ଏନ.ଏ.)**

ମାଣିକେଶ୍ୱରୀ ସରକାରୀ ହାଇସ୍କୁଲର ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଟାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଇଲାରାଣୀ ମହାନ୍ତି ବାର୍ଷିକ କ୍ରୀଡାକୁ ଉଦଘାଟନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ତଥା ଅଧକ୍ଷ ରାଜ୍ୟ ଗୃହ ନିର୍ମାଣ ଓଡିଶା ଭୂପିନ୍ଦର ସିଂହ ଯୋଗଦେଇ କ୍ରିଡାବିତମାନଙ୍କୁ ଉତ୍ସାହିତ ତଥା ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ରବି କାନୁନ୍‌ଗୋ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ଜିତେନ୍ଦ୍ର ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ବ୍ରଜେନ୍ଦ୍ର କୁମାର ବଢ଼େଇ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡା ଉତ୍ସବକୁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ତଥା ବିଇଡି କଲେଜର ତାଲିମ ନେଉଥିବା ଛାତ୍ରୀଛାତ୍ର ସହଯୋଗ କରିଥିଲେ। ପ୍ରତିଯୋଗିତାରେ ସିନିୟର ବାଳକ ବିଭାଗ କମଳ ଲୋଚନ ସାନ୍ତା, ବାଳିକା ବିଭାଗରେ ସୁମି ରାଉତ ଚାମ୍ପିୟନ ହୋଇଥିଲେ। ଜୁନିୟର ବାଳକ ବିଭାଗରେ ବର୍ଷା ଗାଗରାଇ ଓ ବାଳିକା ବିଭାଗ ସଲିନା ଖାନ ଚାମ୍ପିୟନ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ରିଷିଡାରେ ବୋଇତ ବନ୍ଦାଣ ଉତ୍ସବ


ରିଷିଡ଼ା ବଡ ପୋଖରୀରେ ବୋଇତ ବନ୍ଦାଣ କରାଯାଉଛି ।

**ରିଷିଡ଼ା,୨୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ାରେ ଚଳିତବର୍ଷ ଶୁକ୍ରବାର ସକାଳରେ ବୋଇତ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅତୀତରେ ଏହି ଜାତିର ପୂର୍ବପୁରୁଷମାନେ ବୋଇତରେ ସମୁଦ୍ରରେ ଯାଇ ଦେଶ ବିଦେଶରୁ ବେପାର କରି ଘରକୁ ଫେରୁଥିଲେ। ଏହି ଜାତିର ଦାୟଦ ଭାବେ ପ୍ରତିବର୍ଷ ଏଠାରେ ବୋଇତ ବନ୍ଦାଣ ଓ ଭସାଣି ଉତ୍ସବ ପାଳନ କରାଯାଇଥାଏ। ପୂର୍ବ ପୁରୁଷଙ୍କ ସ୍ମୃତି ଓ ଅତୀତର ନୌବାଣିଜ୍ୟର ପରମ୍ପରାକୁ ମନେପ କାଇବା ପାଇଁ ଏଠାରେ ଏହି ଉତ୍ସବ ପାଳନ କରାଯାଉଛି । ଶ୍ରୀଶ୍ରୀ ରାମସ୍ୱାମୀ ଗ୍ରାମ୍ୟ ସମିତି ତୈଳିକ ବୈଶ୍ୟ ସମାଜ ତରଫରୁ ସଭାପତି ଅର୍ନ୍ତଯ୍ୟାମୀ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ରାତିରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ତୈଳିକ ବୈଶ୍ୟ ସମାଜର କେନ୍ଦ୍ର ଉପ ସଭାପତି ଭାଗୀରଥି ସାହୁ, ମୁଖ୍ୟବକ୍ତା ଭାବେ କଣ୍ଟାବାଞ୍ଜି ସହକାରୀ ବାଣିଜ୍ୟ କର କମିସନର ଲକ୍ଷ୍ମୀକାନ୍ତ ସାହୁ, କେନ୍ଦ୍ର ବାଚସ୍ପତି ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ କେନ୍ଦ୍ର ସଭାପତି ତଥା ଉପଦେଷ୍ଟା ଗଦାଧର ପୃଷ୍ଟି ଓ ବିଶ୍ୱନାଥ ସାହୁ, କେନ୍ଦ୍ର ଯୁଗ୍ମ ସମ୍ପାଦକ ରମେଶ କୁମାର ସାହୁ ଯୋଗଦେଇ ଅତୀତ ର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଅଲ ଇଣ୍ଡିଆ ମେଡିକାଲରେ କୃତକାର୍ଯ୍ୟ ହୋଇଥିବା ଏହି ସମିତିର ଚିନ୍ମୟ କୁମାର ସାହୁଙ୍କୁ କେନ୍ଦ୍ର ଉପସଭାପତି ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବନ୍ଦିଶ କୁମାର ସାହୁ ଓ ସିନ୍ଧୁ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶୁକ୍ରବାର ସକାଳରେ ବୋଇତରେ ପୂଜାର୍ଚ୍ଚନା କରି ହୁଳହୁଳି ଓ ହରିବୋଲ ଧ୍ୱନୀରେ ବୋଇତ ଭସାଣି କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବେହେରା ଡୋଳାମଣି ସାହୁ, କନ୍ଧମାଳ ବେହେରା କୁମର ସାହୁ, ଜଳେଶ୍ୱର ସମିତିର ପୂର୍ବତନ ସଭାପତି ଗଙ୍ଗାଧର ପୃଷ୍ଟି, ରିଷିଡ଼ା ସମିତି ସମ୍ପାଦକ ପଦ୍ମ କିଶୋର ସାହୁ, ଦଳବେହେରା ପ୍ରମୋଦ କୁମାର ସାହୁ, କେନ୍ଦ୍ର ସଦସ୍ୟ ଭୋଳାନାଥ ସାହୁ, ବାଚସ୍ପତି ଦୁଖୀମଣି ସାହୁ ରହିଥିବା ବେଳେ ରିଷିଡ଼ା, ମୋହନଗିରୀର ସଦସ୍ୟମାନେ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମରେ ତ୍ରିନାଥ ସାହୁ, ଦୀନବନ୍ଧୁ ସାହୁ, ଭୋଳାନାଥ ସାହୁ(ଖ), ବସୁଦେବ ସାହୁ, ସହଦେବ ସାହୁ, ଅଭିମନ୍ୟୁ ସାହୁ, ଦୁର୍ଯ୍ୟୋଧନ ସାହୁ, କେଦାର ସାହୁ, ନିରଞ୍ଜନ ସାହୁ, ଅଜିତ କୁମାର ସାହୁ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଉତ୍ସବରେ ଅନେକ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଭାଜପାର ପରାମର୍ଶ ପଦଯାତ୍ରା ୨୬ରୁ

**ଭବାନୀପାଟଣା,୨୩।୧୧(ଡି.ଏନ.ଏ.)**

ଭବାନୀପାଟଣା ନଗର ଭାଜପାର ଏକ ବୈଠକ ନଗର ସଭାପତି ପ୍ରେମନାଥ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୬ ତାରିଖରେ ଭବାନୀପାଟଣା ନଗର ଭାଜପାର ପରାମର୍ଶ ପଦଯାତ୍ରା ଆରମ୍ଭ କରିବା ପାଇଁ ପ୍ରସ୍ତୁତି ବୈଠକ ନିଷ୍ପତ୍ତି ନିଆଯାଇଛି । ଏହି ଯାତ୍ରା ୨୬ ତାରିଖ ଆରମ୍ଭ ହୋଇ ୨ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ ଏବଂ ନଗରର ପ୍ରତ୍ୟେକ ବୁଥ ପର୍ଯ୍ୟନ୍ତ ପହଞ୍ଚିବ। ଏହି ପରାମର୍ଶ ଯାତ୍ରାରେ ଜିଲା କୋଷାଧ୍ୟକ୍ଷ ପ୍ରମୋଦ ଜୈନଙ୍କୁ ମନୋନୀତ କରାଯାଇଛି । ବିଭିନ୍ନ ଦାୟିତ୍ୱରେ ଯୁଗଳ ପୋଡ, ଅଭିଜିତ ମିଶ୍ର, ସାକୁ ବାଲାନ, ଜୟଶଙ୍କର ନାଏକ, ପ୍ରଦୀପ ବିହାର, ହିମାଂଶୁ ବିଶ୍ୱାଳ, ଜଗବନ୍ଧୁ ସାହୁ, ନରହରି ପଟ୍ଟନାୟକ, ମହିଳା ନେତ୍ରୀ ଶୋଭାଗନୀ ପାତ୍ର, ପ୍ରଭାତି ଜାଲ, ଭାମା ବେମାଲ, ବବିତା ରାଣି ଦାଶ, ସୁରଭି ସୁନାନୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

### ପ୍ରଥମ ଫ୍ଲଡ୍ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ

# କଳାହାଣ୍ଡି ଟାଇଗର, ଚ୍ୟାମ୍ପସ୍ ଏକାଦଶ ବିଜୟୀ

**ଭବାନୀପାଟଣା,୨୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ପ୍ରଥମ ଫ୍ଲଡ୍ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ୨୦୧୮ର ପଞ୍ଚମ ଦିବସର ପ୍ରଥମ ମ୍ୟାଚ କଳାହାଣ୍ଡି ଟାଇଗର ଏବଂ ସାର୍କ ରାଇଡର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ କଳାହାଣ୍ଡି ଟାଇଗର ବେଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୩୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଦାନିଶ ୮୧ ରନ ସଂଗ୍ରହ କରିଥିଲେ । ଜବାବରେ ସାର୍କ ରାଇଡର ୯୧ ରନରେ ସମସ୍ତ ଉଇକେଟ ହରାଇ ଅଲ୍‌ଆଉଟ ହୋଇ ପରାଜିତ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍ ଏଲ୍‌ବିଏସ୍-ଏ ଓ ଚ୍ୟାମ୍ପସ୍ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଏଲ୍‌ବିଏସ୍-ଏ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୧୪୨ ରନ ସଂଗହ କରିଥିଲା । ଦଳ ପକ୍ଷରୁ ଦିପକ ପାଣିଗ୍ରାହୀ ୮୪ ରନ ଏବଂ ଶୁଭମ ଦାନ ୪୯ ରନ ସଂଗ୍ରହ କରିଥିଲେ। ଜବାବରେ ଚ୍ୟାମ୍ପସ୍ ଏକାଦଶ ୧୪୬ ରନ କରି ବିଜୟୀ ହୋଇଥିଲା । ଚ୍ୟାମ୍ପସ୍ ଦଳ ପକ୍ଷରୁ ବିଶାଳ ୫୫ ରନ ଏବଂ ମୁନା ୩୪ ରନ ସଂଗ୍ରହ କରିଥିଲେ । ବିଶାଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ମ୍ୟାଚ୍‌କୁ ଅଶୋକ ସାହାଣୀ, ପ୍ରଭାସ ବ୍ରହ୍ମା ପରିଚାଳନା କରିଥିଲେ । ସୂର୍ଯ୍ୟନାରାୟଣ ନାଗ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ପଞ୍ଚମ ଦିବସରେ ମୁଖ୍ୟଅତିଥି ଭାବେ ଲୋକନାଥ ଦୁର୍ଗା, ମୀନା ସାହାଣୀ ଏବଂ ବଦ୍ରି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ ।

# ଭିନ୍ନକ୍ଷମଙ୍କ ପାଇଁ ବାସଗୃହ ଯୋଜନା ସାତସପନ

**କର୍ଲାମୁଣ୍ଡା,୨୩।୧୧(ଡି.ଏନ.ଏ.)**

ସରକାର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ବାସଗୃହ ଯୋଜନାରେ ଶତକଡା ୩ ଭାଗ ଗୃହ ଯୋଗାଇ ଦେବାକୁ ନିୟମ ରହିଛି । କିନ୍ତୁ ଏହି ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଏଭଳି ଅଭିଯୋଗ ଆସିଛି । ଏହି ବ୍ଲକ ପୁଟିଗାଁ ଗ୍ରାମର ବୀର କୁମାର (୩୬) ଜଣେ ଭିନ୍ନକ୍ଷମ ବ୍ୟକ୍ତି । ଦୀର୍ଘ ବର୍ଷ ହେବ ସେ ରହୁଥିବା ଘର ଭଗ୍ନ ଅବସ୍ଥାରେ ରହିଛି। ଏ ନେଇ ସେ ଅନେକ ଥର ଜିଲାପାଳ ଓ କର୍ଲାମୁଣ୍ଡା ବିଡିଓଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ କରିଥିଲେ ହେଁ ତାଙ୍କ କଥା କେହି ଶୁଣୁ ନ ଥିବା କହିଛନ୍ତି। ତେବେ ସରକାର ୨୦୧୬ଠାରୁ ଭିନ୍ନକ୍ଷମଙ୍କ ପାଇଁ ବାସଗୃହ ଯୋଜନାରେ ଶତକଡା ୫ ଭାଗ ସଂରକ୍ଷଣର ନିୟମ କରିଥିଲେ ହେଁ ତାହା ପାଳନ କରାଯାଉ ନ ଥିବା କଳାହାଣ୍ଡି ଭିନ୍ନକ୍ଷମ ମଞ୍ଚର ସଭାପତି ସୁରେଶ ଚୌଧୁରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଏ ନେଇ ସ୍ଥାନୀୟ ବିଡିଓ କିଶୋର କୁମାର ପଣ୍ଡାଙ୍କୁ ପଚରାଯିବାରୁ ଜିଲା ପ୍ରଶାସନ ପ୍ରରାମର୍ଶକ୍ରମେ ଆଗାମୀ ଦିନରେ ଏ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।


ଭଗ୍ନ ଘର ସମ୍ମୁଖରେ ବୀର କୁମାର ।

### ରାଜ୍ୟ ସରକାର ଓଡିଶା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି

# ୧୩ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ

**ଭବାନୀପାଟଣା,୨୨।୧୧(ଡି.ଏନ.ଏ.)**

ଓଡିଶା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି କଳାହାଣ୍ଡି ଶାଖା ତରଫରୁ ସ୍ଥାନୀୟ ଜିଲା ଅମଲା ଭବନଠାରେ ରୂପକେଶରୀ ଦଳେଇଙ୍କ ସଭାପତିତ୍ୱରେ ଏକ ବୈଠକ ଅନଷ୍ଠିତ ହୋଇଯାଇଛି। ସଭାରେ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହିତ ବାରମ୍ବାର ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କଲେ ମଧ୍ୟ ସରକାର କର୍ଣ୍ଣପାତ ନ କରିବା ଯୋଗୁ ଉପସ୍ଥିତ କର୍ମଚାରୀ ନେତାଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା । ତୁରନ୍ତ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ୧୩ ଦଫା ଦାବି ପୂରଣ ନ କଲେ ବାଧ୍ୟ ହୋଇ କର୍ମଚାରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। କର୍ମଚାରୀଙ୍କ ସପ୍ତମ ବେତନ ପ୍ରକାରେ ତୁରନ୍ତ ଘରଭଡା ପିଛିଲା ତାରିଖରୁ ଲାଗୁ କରିବା, ବକେୟା ଥିବା ବର୍ଦ୍ଧିତ ବକେୟା ଦରମା ୬୦ ପ୍ରତିଶତ କର୍ମଚାରୀଙ୍କୁ ପ୍ରଦାନ, ୧୯୯୨ରେ କର୍ମଚାରୀ ଥଇଥାନ ଯୋଜନାକୁ ପୁନର୍ବାର କାର୍ଯ୍ୟକାରୀ କରିବା ଓ କର୍ମଚାରୀଙ୍କ ପରିବାର ଯୋଗ୍ୟ ସଦସ୍ୟଙ୍କୁ ଚାକିରୀ ନିଯୁକ୍ତି ପ୍ରଦାନ, ପ୍ରଚଳିତ ଠିକା କର୍ମଚାରୀ ନିଯୁକ୍ତି ଉଚ୍ଛେଦ କରାଯାଇ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ସହିତ ସମସ୍ତ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ଭାବେ ଘୋଷଣା, ପ୍ରଚଳିତ ନିୟମ ପରିବର୍ତ୍ତନ କରାଯାଇ ଜିଲାସ୍ତରୀୟ ଅଧିକାରୀଙ୍କୁ ଅସ୍ଥାୟୀ ଭବିଷ୍ୟତ ପାଣ୍ଠିରୁ ଉଠାଇବା ପାଇଁ ମଞ୍ଜୁରୀ ଦେବା ପାଇଁ ଜମା ରାଶିର ୩ ତୃତୀୟାଂଶ ଟଙ୍କା ଓ ୩୬ କିସ୍ତି ପରିବର୍ତ୍ତେ ୪୮ କିସ୍ତି କରିବା, କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ପାଇଁ ମାଗଣା ୫ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ପ୍ରଚଳନ, ତତ୍ ସହିତ ପ୍ରଚଳିତ ଥିବା ଔଷଧ ଖର୍ଚ୍ଚ ଭରଣା କରିବା, ୧୦ମ ଶ୍ରେଣୀ ପାସ କରିଥିବା ସମସ୍ତ ଯୋଗ୍ୟ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଜିଲାରେ ଗତ ୨୦୦୪ରୁ ଖାଲି ପଡିଥିବା କନିଷ୍ଠ ପଦବୀ କିରାଣୀ ପଦବୀରେ ୧୦ ପ୍ରତିଶତ କନିଷ୍ଠ କିରାଣୀ ପଦବୀ ନିଯୁକ୍ତି ଦେବା ଆଦି ୧୩ ଦଫା ଦାବି ଅନ୍ତର୍ଭୁକ୍ତ । ବୈଠକରେ ଜିଲା ଉପସଭାପତି ଭାବଗ୍ରାହୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲା ଅମଲା ସଂଘ ସଭାପତି ସୁକାନ୍ତ ମହାପାତ୍ର, ଚତୁର୍ଥ ଶ୍ରେଣୀ ସଂଘ ଉପଦେଷ୍ଟା ଅଶୋକ ନାଏକ, ବିଚାର ବିଭାଗୀୟ କର୍ମଚାରୀ ସଂଘ ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ, ଭାବନାଥ ରାୟଗୁରୁ ଏବଂ ଜିଲା ସଂଘ ସମ୍ପାଦକ ଅଭିମନ୍ୟୁ ମହାନନ୍ଦ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।



ଅନ୍ୟକୁ ଘୃଣା କରିବା ଅର୍ଥ ମୂଷାଙ୍କୁ ଜବତ କରିବା ପାଇଁ ନିଜ ଘରକୁ ପୋଡ଼ିଦେବା ସଙ୍ଗେ ସମାନ।
-ଇମରସନ



## ସଂକ୍ଷେପରେ

### ଡ୍ରାଇଭରଙ୍କଠାରୁ ୭୩ ହଜାର ଟଙ୍କା ଲୁଟ୍

**ରାଉରକେଲା ଅଫିସ/ବେଦବ୍ୟାସ, ୨୩।୧୧(ଡି.ଏନ୍.ଏ.)**- ବ୍ରହ୍ମଣୀତରଙ୍ଗ ଥନା ଅନ୍ତର୍ଗତ କରତକଳ ଛକରୁ ଗୁରୁବାର ରାତି ଗୋଟାଏରେ ଜଣେ ଟ୍ରକ୍ ଡ୍ରାଇଭରଙ୍କଠାରୁ ୭୩ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ଡ୍ରାଇଭରଙ୍କ ନାମ ମନୋଜ ସୋନି। ସୂଚନାନୁସାରେ ସୋନି କରତକଳ ଛକ ନିକଟରେ ଗାଡ଼ି ରଖି ଶୋଇଥିବା ବେଳେ ୪ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ମୁନରେ ଧମକ ଦେଇ ଟଙ୍କା ସହ ଏକ ମୋବାଇଲ ଲୁଟି ନେଇଥିଲେ। ଏ ନେଇ ସୋନି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ସୁରାକ ପାଇବାରେ ପୋଲିସ ବିଫଳ ରହିଛି।

### ନଟରାଜ ନୃତ୍ୟ ପରିଷଦର ବାର୍ଷିକୋତ୍ସବ ଆଜି

**ରାଉରକେଲା ଅଫିସ,୨୩।୧୧** - ସେକ୍ଟର-୧୯ ସିଭିକ ସେଣ୍ଟରଠାରେ ନଟରାଜ ନୃତ୍ୟ ପରିଷଦର ୨୦ତମ ବାର୍ଷିକୋତ୍ସବ ଓ ୭ମ ନଟରାଜ ପ୍ରତିଭା ସମ୍ମାନ ସମାରୋହ ଶନିବାର ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଏହି ଦୁଇଦିନିଆ କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟାରୁ ଆରମ୍ଭ ହେବ ବୋଲି ଅନୁଷ୍ଠାନ ଅଧକ୍ଷ ପ୍ରବୀର ଜେନା ସୂଚନା ଦେଇଛନ୍ତି।

### ବାସନ୍ତୀ ୟୁଥ୍ କ୍ଲବ ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୨୩।୧୧**-ବାସନ୍ତୀ ୟୁଥ କ୍ଲବ ପକ୍ଷରୁ ଗୁରୁବାର କଳ୍ପତରୁ ଆଶ୍ରମଠାରେ ଜୀବନବିନ୍ଦୁ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରୁ ମୋଟ ୭୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆର୍‌ଡିଏ ଅଧକ୍ଷ ସାରଦା ନାୟକ ଓ ଜୀବନବିନ୍ଦୁର ଜିଲା ସଂଯୋଜକ କୁନବିହାରୀ ଦାସଙ୍କ ସମେତ ଜ୍ୟୋତିରଞ୍ଜନ ଜେନା, ତାରିଣୀ ନାୟକ, ଅଲୋକ ଭଞ୍ଜ, ରଶ୍ମିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଯୁଥ କ୍ଲବ କାର୍ଯ୍ୟକର୍ତ୍ତା ପ୍ରଭାତ ସାହୁଙ୍କ ନେତୃତ୍ୱ ତଥା ଶଙ୍କର ଆବୁନି, ଧାନେନ୍ଦ୍ର ପାଣି ଓ ନିଲୁ ମହାପାତ୍ରଙ୍କ ସଂଯୋଜନାରେ ଶିବିର ପରିଚାଳିତ ହୋଇଥିଲା।

### ବୋଲେରୋ ଧକ୍କାରେ ସାଇକେଲ ଚାଳକ ଗୁରୁତର

**ରାଉରକେଲା ଅଫିସ,୨୩।୧୧**-ଡିଏଭି ସ୍କୁଲ ଛକ ରିଂ ରୋଡ୍‌ରେ ଗୁରୁବାର ସକାଳ ୬ଟାରେ ଏକ ବୋଲେରୋ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ସେ ବିଶ୍ରା ଛକ ଅଞ୍ଚଳର ବୋଲି ଜଣାପଡ଼ିଛି। ଏନେଇ ସେକ୍ଟର-୧୯ ଥାନା ପୋଲିସ ଏକ ମାମଲା (ନଂ.-୧୩୯/୨୦୧୮ ରୁଜୁ କରି ତଦନ୍ତ ଜାରି ରଖିଛି।



ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥି।

### ଦକ୍ଷିଣ ରାଉରକେଲାରେ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ

## ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନବକୃଷ୍ଣନଗରରେ ଭୂମିପୂଜା

**ରାଉରକେଲା ଅଫିସ,୨୩।୧୧**

ଓଡ଼ିଶାର ଅନ୍ୟତମ ବିପ୍ଳବୀ ପୁରୁଷ, ସାମାଜବାଦୀ ନେତା, ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୧୭ତମ ଜୟନ୍ତୀ ଶୁକ୍ରବାର ପୂର୍ବାହ୍ନରେ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ନବକୃଷ୍ଣନଗରଠାରେ ପାଳନ କରାଯାଇଛି। ଏଥିରେ ଗ୍ରାମ୍ୟ କମିଟି ସଭାପତି ବାସୁଦେବ ସାହୁ ଅଧକ୍ଷତା କରିଥିଲେ। ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ, ନବକୃଷ୍ଣନଗର ସି ବ୍ଲକ ଗ୍ରାମ୍ୟ କମିଟି ଓ ରାଉରକେଲା ମହାନଗର ନିଗମ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ପ୍ରଧାପିକା ଡ. ରୁକ୍ମିଣୀ ସାହୁ ଯଥାକ୍ରମେ ଉଦ୍‌ଘାଟକ, ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡା. ଫକୀର ଚରଣ ହୋତା, ଡା. ରାହାସବିହାରୀ ମହାପାତ୍ର ଓ ଡା. ବିଷ୍ଣୁପ୍ରିୟା ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ବକ୍ତବ୍ୟ ରଖି ନବକୃଷ୍ଣ ଚୌଧୁରୀଙ୍କ କର୍ମମୟ ଜୀବନ, କୃଷକ, ପ୍ରଜା ଓ ଭୂଦାନ ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ। ନୂଆ ଓଡ଼ିଶା ଗଠନରେ ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ବିଧାୟକ ତରାଇ ନବକୃଷ୍ଣ ଚୌଧୁରୀଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଭୂମିପୂଜା କରିଥିଲେ। ସମାରୋହରେ ଅନାଦି ମହାପାତ୍ର, ଗୌରାଙ୍ଗ ଦାସ, ବି. ଜଗଦୀଶ, ଶାନ୍ତନୁ ମୁଦାଲି, ସନ୍ଧ୍ୟା ଲାକ୍ରା, ସନାତନ ସାହୁ, ତ୍ରିନାଥ ଦାସମୋହିନୀ, ସୁଶାନ୍ତ ମହାପାତ୍ର, ସିଦ୍ଧେଶ୍ୱର ବଳ, ଭିକାରୀ ସାହୁ, ଶ୍ରୀନାଥ ନାୟକ, କୃଷ୍ଣ ସାହୁ, ସଞ୍ଜୟ ବଳ, ବସନ୍ତ ଦାସ ଓ ଶୁଭ୍ରକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଲେ ଲୋକେ

# ନଦୀ, ପୋଖରୀ କୂଳରେ ଶ୍ରଦ୍ଧାଳୁଙ୍କ ଭିଡ଼

**ରାଉରକେଲା ଅଫିସ,୨୩।୧୧**

ଶେଷ ହେଲା ପୁଣ୍ୟ ମାସ କାର୍ତ୍ତିକ ଓ ପଞ୍ଚୁକ ବ୍ରତ। ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ସକାଳେ ଡଙ୍ଗା ଭସାଇବା ପାଇଁ ନଦୀ ଓ ପୋଖରୀ କୂଳରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସୋଲ, କଦଳୀ ବାସୁଙ୍ଗା ଓ କାଗଜ ଡଙ୍ଗାରେ ଦୀପ ରଖି ଆ କା ମା ବୈ ଗୁଆପାନ ଥୋଇ ଉଚ୍ଚାରଣ ସହ ଲୋକେ ଡଙ୍ଗା ଭସାଇଥିଲେ। କୋଏଲ ନଦୀ ସମେତ ଛୋଟ ବଡ଼ ପୋଖରୀରେ ଶହ ଶହ ଡଙ୍ଗା ଭସାଯାଇଥିଲା। ତେବେ ପରମ୍ପରା ପାଳନ କରି ଶ୍ରଦ୍ଧାଳୁମାନେ ଘରକୁ ଫେରି ଆସିବା ପରେ ନଦୀ କୂଳରେ ଛାଡ଼ି ଆସିଥିଲେ କୁଢ଼ କୁଢ଼ ସୋଲ ତିଆରି ବର୍ଜ୍ୟ ଡଙ୍ଗା। ଏମିତି ଅସଂଖ୍ୟ ଡଙ୍ଗା ଭାସି ବୁଲୁଥିଲା ବ୍ରାହ୍ମଣୀ ଜଳରେ। ଏହାକୁ କିଏ ସଫା କରିବ ସେ ନେଇ କାହା ମନରେ ବିଚାର ନ ଥିଲା। ପରମ୍ପରାର ଦ୍ୱାହି ଦେଇ ଏଭଳି ଡଙ୍ଗାଭସାକୁ କେତେଜଣ ନାପସନ୍ଦ କରିଥିଲେ। ଅନ୍ୟପକ୍ଷରେ ଡଙ୍ଗା ଭସାଇ ଶ୍ରଦ୍ଧାଳୁମାନେ ବିଭିନ୍ନ ମନ୍ଦିରରେ ଦାବଦେବୀଙ୍କୁ ଦର୍ଶନ କରିଥିଲେ। ସହରର ପ୍ରମୁଖ ଶୈବପୀଠ ବେଦବ୍ୟାସ, ତର୍କରା ଓ ହନୁମାନ ବାଟିକା ସମେତ ଷ୍ଟିଲ ଟାଉନଶିପ, ସିଭିଲ ଟାଉନଶିପ ଓ ଫର୍ଟିଲାଇଜର ଟାଉନଶିପ ଅଞ୍ଚଳରେ ଥିବା ଦେବଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଅଧିକାଂଶ ମନ୍ଦିରରେ ଗତ ୫ ଦିନ ଧରି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।



ବୋଇତ ବନ୍ଦାଣ ଉତ୍ସବ ପରେ ଡିଏଭି ପୋଖରୀ କୂଳରେ ଜମା ହୋଇ ରହିଛି ବିପୁଳ ସଂଖ୍ୟକ ଡଙ୍ଗା।

### ୭ବଣ୍ଡଲ ବିଦ୍ୟୁତ୍ ତାର ନେଇଗଲେ ଅଟୋରିକ୍ସା ଚାଳକ

**ରାଉରକେଲା ଅଫିସ,୨୩।୧୧**

ବାରକୋଟ ଅଞ୍ଚଳରୁ ରାଉରକେଲା ଆସିଥିବା ଭୁବନେଶ୍ୱର ପ୍ରଧାନ ନାମକ ଜଣେ ବ୍ୟକ୍ତି ଶୁକ୍ରବାର ଅପରାହ୍ନରେ ମାର୍କେଟିଂ ସାରି ଅଟୋରିକ୍ସା ଯୋଗେ ପ୍ଲାଣ୍ଟସାଇଟ ରୋଡ୍‌ରେ ପହଞ୍ଚିଥିଲେ। ସେଠାରେ ତରବରିଆ ଭାବେ ଅଟୋରିକ୍ସାରୁ ସାମଗ୍ରୀ ଓହ୍ଲାଇଥିଲେ। ତେବେ ଗାଡ଼ିରେ ୭ ବଣ୍ଡଲ ମୂଲ୍ୟବାନ ବିଦ୍ୟୁତ୍ ତାର ଓହ୍ଲାଇବାକୁ ଭୁଲିଯାଇଥିଲେ। ଏନେଇ ଅଟୋରିକ୍ସା ଚାଳକ ଜଣଙ୍କ ସୂଚନ ଦେବା ପରିବର୍ତ୍ତେ ଆଖି ପିଛୁଳାକେ ସେଠାରୁ ଚମ୍ପଟ ମାରିଥିଲେ। ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଅଟୋ ଚାଳକଙ୍କ ପତ୍ତା ମିଳି ନ ଥିଲା। ଫଳରେ ପ୍ରଧାନ ନିରାଶ ହୋଇ ବାରକୋଟ ଫେରିଥିବା ସୂଚନା ମିଳିଛି।



ମୃତ ଶ୍ରମିକଙ୍କୁ କ୍ଷତିପୂରଣ ଦାବିରେ କାରଖାନା ଗେଟ୍ ସମ୍ମୁଖରେ ବସି ରହିଛନ୍ତି ବସ୍ତିବାସିନ୍ଦା।

## ହାଇୱା ଚାପାରେ ଯୁବକ ମୃତ

**ରାଉରକେଲା ଅଫିସ,୨୩।୧୧**

ଟାଙ୍ଗରପାଲି ଥାନା ଅନ୍ତର୍ଗତ ଦେଓଗାଁ ନିକଟ ହର୍ଷ୍ଟ୍ରିପ ମିଲ୍‌ରେ ଠିକାଦାରଙ୍କ ଅଧୀନରେ ରହି କାମ କରୁଥିବା ଜଣେ ଶ୍ରମିକ ଶୁକ୍ରବାର ସକାଳେ ହାଇୱା ଚାପାରେ ମୃତ୍ୟୁବରଣ କରୁଛନ୍ତି। ତାଙ୍କ ନାଁ ଶ୍ରୀ ଟପୋ (୩୧)। ସେ ଲାଲଟାଙ୍କି ନିକଟ ବନ୍ଧବସା ବାସିନ୍ଦା। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୫/୨୦୧୮) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାନୁସାରେ ଟପୋ ହର୍ଷ୍ଟ୍ରିପ ମିଲ୍ ପଛ ଗେଟ୍ ଦେଇ ସକାଳ ୮ଟା୧୫ରେ କାରଖାନାକୁ ପ୍ରବେଶ କରୁଥିଲେ। ଏତିକିବେଳେ ତାଙ୍କ ଉପରେ ଏକ ହାଇୱା ମାଡ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ କାରଖାନା ଗେଟ୍ ସମ୍ମୁଖରେ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ହାଇୱା ମାଲିକ ମୃତକଙ୍କ ପରିବାରକୁ ୧ଲକ୍ଷ ୭୫ ହଜାର କ୍ଷତିପୂରଣ ଦେବାକୁ ରାଜି ହେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ବସ୍ ଧକ୍କାରେ ଜଣେ ଗୁରୁତର

**ରାଉରକେଲା ଅଫିସ/ବେଦବ୍ୟାସ, ୨୩।୧୧(ଡି.ଏନ୍.ଏ.)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହି ଛକରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଏକ ବସ୍ ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିନାହିଁ। ଚିକିତ୍ସା ପାଇଁ ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ବ୍ୟକ୍ତି ଜଣକ ଏକ ସ୍କୁଟିରେ ଯାଉଥିବାବେଳେ ସୁନ୍ଦରଗଡ଼ରୁ ରାଉରକେଲା ଆସୁଥିବା ଓଡି୧୬-୦୮୭୭ନଂ ବସ୍ ତାଙ୍କୁ ଧକ୍କା ଦେଇଥିଲା।

## ଆର୍‌ଏସ୍‌ପିରୁ ଚୋରି, ୪ ଗିରଫ

**ରାଉରକେଲା ଅଫିସ,୨୩।୧୧**–ଆର୍‌ଏସ୍‌ପି ପରିସରରୁ ଚୋରି ଅଭିଯୋଗରେ ଟାଙ୍ଗରପାଲି ଥାନା ପୋଲିସ ଶୁକ୍ରବାର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.–୧୩୬/୨୦୧୮) ରୁଜୁ କରିଛି। ଗିରଫ ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ବୋଲି ଜଣାଯାଇଛି।

## ଜନସେବା ସଂସ୍ଥାନର ବାର୍ଷିକୋତ୍ସବ ୨୫ରେ

**ରାଉରକେଲା ଅଫିସ,୨୩।୧୧**–ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଧର୍ମ ପ୍ରସାର ବିଭାଗ ଜନସେବା ସଂସ୍ଥାନ ଦ୍ୱାରା ପଶ୍ଚିମ ଓଡ଼ିଶାର ବିଭିନ୍ନ ଅପହଞ୍ଚ ଅଞ୍ଚଳରେ ବନବାସୀ ଛାତ୍ରୀଛାତ୍ରଙ୍କୁ ହିନ୍ଦୁତ୍ୱର ପ୍ରକୃତ ଶିକ୍ଷା ଦେବା ଉଦ୍ଦେଶ୍ୟରେ ପରିଚାଳିତ ହେଉଥିବା ୧୫ଟି ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ ଆସନ୍ତା ୨୫ରେ ଅନୁଷ୍ଠିତ ହେବ। ଭଞ୍ଜଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦିଲୀ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ମୁଲଚାନ୍ଦଜୀ ଗର୍ଗଙ୍କ ସମେତ ଜାତୀୟ ଧର୍ମ ପ୍ରଚାର ସମିତି ଅଧକ୍ଷ ସ୍ୱେଦେଶପାଲ ଗୁପ୍ତା ଅତିଥି ରୂପେ ଯୋଗଦେବେ। ଏ ନେଇ ପରିଷଦର ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ସୂଚନା ଦେଇଛନ୍ତି। ଏଥିରେ ଗୀତାପାଠ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କୁହାଯାଇଛି।

### ଫଟୋରେ ଖବର



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସେକ୍ଟର-୨୨ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ମୁରୁଜରେ ଅଙ୍କାଯାଇଥିବା ମୟୂର।


**ସୂର୍ଯ୍ୟମୁଖୀ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ**

ଚଳିତ ରବି ଋତୁରେ ବରଗଡ଼ ଜିଲ୍ଲାରେ ଧାନ ଚାଷ ବଦଳରେ ସୂର୍ଯ୍ୟମୁଖୀ ଚାଷ ବହୁଳ ଭାବରେ କରିବା ପାଇଁ କୃଷି ବିଭାଗ ତରଫରୁ ସ୍ଥିର କରାଯାଇଛି। ଏଥିପାଇଁ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ହାଇବ୍ରିଡ୍ ସୂର୍ଯ୍ୟମୁଖୀ ବିହନ, ଅଣୁସାର (ବୋରନ) ଓ ପୋକମରା ଔଷଧ ମାଗଣାରେ ଯୋଗାଇ ଦିଆଯିବ ଏବଂ ଅମଳ ପରେ ସୂର୍ଯ୍ୟମୁଖୀ ମଞ୍ଜିକୁ ସରକାରଙ୍କ ତରଫରୁ ମଣ୍ଡି ଖୋଲାଯାଇ କେ.ଜି. ପ୍ରତି ୫୪.୦୦ଟଙ୍କା ଦରରେ କ୍ରୟ କରାଯିବ। ଏଣୁ ଏହି ଚାଷ ବହୁଳ ଭାବେ କରିବା ପାଇଁ ବରଗଡ଼ ଜିଲ୍ଲାର ଚାଷୀ ଭାଇମାନଙ୍କୁ ଅନୁରୋଧ।

ସ୍ୱା./– କୃଷି ଉପନିର୍ଦ୍ଦେଶକ, ବରଗଡ଼



**ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର – ସଂସ୍କରଣ**

**ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବରପାଲି**

**ସମସ୍ତ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଅଛି।**

- ପ୍ରତ୍ୟେକ ୱାର୍ଡ଼ର ପରିବେଶକୁ ସଫାସୁତୁରା ରଖିବା ସହିତ ଅଳିଆ ଆବର୍ଜନାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ।
- ରାସ୍ତାକଡ଼ ଓ ସର୍ବସାଧାରଣ ସ୍ଥାନରେ ଇଟା, ବାଲି, ପଥର ଓ ଗୋଡ଼ି ପ୍ରଭୃତି ଜମାକରି ସର୍ବସାଧାରଣଙ୍କ ଯାତାୟାତ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ନିର୍ଦ୍ଦିଷ୍ଟ ସମୟ କିମ୍ବା ପୂର୍ବରୁ ପରିଷଦର ସମସ୍ତ ବକେୟା ଟିକସ ପୈଠ କରନ୍ତୁ।
- ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ କରାନ୍ତୁ।
- ଏନ୍.ଏ.ସି. ଦ୍ୱାରା ସୁଲଭ ମୂଲ୍ୟରେ CESS POOL ମେଶିନ୍ ଓ ଟ୍ୟାଙ୍କର ଯୋଗେ ପାଣିର ସୁବିଧା ଯୋଗାଇ ଦିଆଯାଉଅଛି।
- ନିଜ ଗୃହର ନିର୍ମାଣ ପୂର୍ବରୁ ସମ୍ପୂର୍ଣ୍ଣ ଗୃହର ନକ୍ସା-ମଞ୍ଜୁରୀ (Approval) କରାଇ ନିଅନ୍ତୁ।
- ପଲିଥିନ ବ୍ୟବହାର ବନ୍ଦ କରନ୍ତୁ ଓ ପରିବେଶର ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରାନ୍ତୁ।
- ପରିଷଦ ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ।

ଶ୍ରୀ ଭାଗୀରଥୀ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ | ଶ୍ରୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଉପାଧ୍ୟକ୍ଷ | ଶ୍ରୀମତୀ ମୀନା ସେଠ୍, ଅଧ୍ୟକ୍ଷା

ଶ୍ରୀ ଅଚ୍ୟୁତାନନ୍ଦ ପଣ୍ଡା, କାଉନସିଲର, ୱାର୍ଡ଼ନଂ -୧ | ସୁଖି ବେହେରା, କାଉନସିଲର, ୱାର୍ଡ଼ ନଂ-୨ | ଶ୍ରୀ ଅଶ୍ୱିନୀ କୁମାର ପରିଡ଼ା, କାଉନସିଲର, ୱାର୍ଡ଼ ନଂ-୪

ଶ୍ରୀମତୀ ଗାୟତ୍ରୀ ରାଉତ, କାଉନସିଲର, ୱାର୍ଡ଼ ନଂ-୬ | ଶ୍ରୀ ଭୋଜରାଜ ବେହେରା, କାଉନସିଲର, ୱାର୍ଡ଼ ନଂ-୭ | ଶ୍ରୀ ଅନନ୍ତ ମେହେର, କାଉନସିଲର, ୱାର୍ଡ଼ ନଂ-୮

ଶ୍ରୀମତୀ ରେବତୀ ଭୁଏ, କାଉନସିଲର, ୱାର୍ଡ଼ ନଂ-୯ | କୁମାରୀ ବାସନ୍ତି ଭୋଇ, କାଉନସିଲର, ୱାର୍ଡ଼ ନଂ-୧୦ | ଶ୍ରୀମତୀ ବବିତା ରଣା, କାଉନସିଲର, ୱାର୍ଡ଼ ନଂ-୧୧

ଓ ପରିଷଦର କର୍ମଚାରୀ ବୃନ୍ଦ


## ଓଡ଼ିଶା ସରକାର

# ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

File No.- L.A.I.-19/2018-726 — Dated: 8.11.18

No.: VII-31: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର – ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- କାଦୋଡିହି, ଥାନା- ବଣେଇ, ନଂ.-୨୦୭, ତହସିଲ- ଲହୁଣୀପଡ଼ା, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ – ୨୦୧୩ (RFCTLAR & R Act. 2013)ର ଧାରା୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ – ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ – ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 15536, Dt.30.04.2018 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ :

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
| ସୁନ୍ଦରଗଡ଼ | ଲହୁଣୀପଡ଼ା | କାଦୋଡିହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨୪.୫୩୦ | ଏ୭.୯୭୦ | ଏଥି ସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଜିଲ୍ଲାପାଳ, ସୁନ୍ଦରଗଡ଼**

### ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ଓସାରିଆ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁଥିବା ରୟତି ଜମିର ତଫସିଲ

### ମୌଜା: କାଦୋଡିହି, ତହସିଲ: ଲହୁଣୀପଡ଼ା, ଥାନା: ବଣାଇ, ଥାନା ନଂ.– ୨୦୭, ଜିଲ୍ଲା: ସୁନ୍ଦରଗଡ଼

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂ-ଅର୍ଜନ ରକବା | ହଳ କିସମ | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୨ | ୧୪୦ (ସ୍ପ) | ୦.୫୩୦ | ୦.୦୨୦ | ଗୋଡ଼ା ଦୁଇ | ଡିମୁ କିଶାନ, ପି.– ରବି କିଶାନ, ଭୁନ୍ଦୁ କିଶାନ, ପି.– ବାନେ କିଶାନ, ଜା: କିଶାନ, ବା: ନିଜଗାଁ। |
| ୨ | ୧୪ | ୩୩୨ (ସ୍ପ) | ୦.୩୭୦ | ୦.୨୫୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.– ପଞ୍ଚୁ ମାହାନ୍ତ, ପାର୍ବତୀ ମାହାନ୍ତ, ସ୍ୱା. ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ମଧୁପୁର। |
| ୩ | ୧୫ | ୩୩୩ (ସ୍ପ) | ୦.୧୩୦ | ୦.୦୮୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.– ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୪ | ୧୬ | ୧୩୬ (ସ୍ପ) | ୦.୧୬୦ | ୦.୦୨୦ | ଘରବାରି | ଧନିଆଁ ମାହାନ୍ତ, ପି.– ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୭ (ସ୍ପ) | ୦.୩୭୦ | ୦.୦୬୦ | ଘରବାରି | |
| | | ୩୬୯ (ସ୍ପ) | ୦.୮୨୦ | ୦.୧୮୦ | ମାଳ ସାଧାରଣ | |
| ୫ | ୧୮ | ୩୬୫ (ସ୍ପ) | ୦.୯୬୦ | ୦.୧୮୦ | ମାଳ ସାଧାରଣ | ଧରୁ ମାହାନ୍ତ, ପି.– ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୬ | ୧୯ | ୨୭୪ (ସ୍ପ) | ୦.୫୮୦ | ୦.୧୮୦ | ମାଳ ସାଧାରଣ | ଧିରେଶେନ ପାତ୍ର, ପି.– ଠୁରୁ ପାତ୍ର, ଜା: ପାଣ, ବା: କୁର୍ଡ଼ା |
| ୭ | ୨୧ | ୩୬୪ (ସ୍ପ) | ୦.୫୦୦ | ୦.୦୮୦ | ମାଳ ସାଧାରଣ | ନବୀନ କିସାନ, ପଞ୍ଚୁ ମାହାନ୍ତ, ପି.– ପଟୁଆ ମାହାନ୍ତ, ଜା: ମାହାନ୍ତ, ବା: ଶରଧାପୁର |
| | | ୩୭୧ (ସ୍ପ) | ୦.୭୦୦ | ୦.୨୨୦ | ମାଳ ସାଧାରଣ | |
| | | ୩୭୪ (ସ୍ପ) | ୩.୦୯୦ | ୦.୯୦୦ | ମାଳ ସାଧାରଣ | |
| ୮ | ୨୩ | ୧୩୨ | ୦.୪୭୦ | ୦.୪୭୦ | ବେର୍ଣ୍ଣା ସାଧାରଣ | ପଞ୍ଚୁ ମାହାନ୍ତ, ପି.– ମାଧ ମାହାନ୍ତ, ଜା: ମାହାନ୍ତ, ବା: ବଳ ଡିହି |
| | | ୧୪୮ (ସ୍ପ) | ୧.୦୯୦ | ୦.୩୦୦ | ବେର୍ଣ୍ଣା ସାଧାରଣ | |
| ୯ | ୨୪ | ୩୬୩ (ସ୍ପ) | ୧.୫୧୦ | ୦.୨୩୦ | ମାଳ ସାଧାରଣ | ପୂର୍ଣ୍ଣଚନ୍ଦ୍ର ମାହାନ୍ତ, ସୁରେନ୍ଦ୍ର ନାଥ ମାହାନ୍ତ, ପି.– ଗୋପୀନାଥ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୭୦ (ସ୍ପ) | ୦.୭୨୦ | ୦.୧୪୦ | ମାଳ ସାଧାରଣ | |
| | | ୩୭୨ (ସ୍ପ) | ୩.୩୭୦ | ୦.୯୧୦ | ମାଳ ସାଧାରଣ | |
| ୧୦ | ୩୨ | ୧୩୮ (ସ୍ପ) | ୦.୨୧୦ | ୦.୧୦୦ | ଗୋଡ଼ା ଦୁଇ | ରଘୁ ମାହାନ୍ତ, ପି.– ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୬୬ (ସ୍ପ) | ୦.୬୬୦ | ୦.୧୨୦ | ମାଳ ସାଧାରଣ | |
| ୧୧ | ୩୩ | ୨୮୮ | ୦.୫୫୦ | ୦.୫୫୦ | ମାଳ ସାଧାରଣ | ରାଧା ମାହାନ୍ତ, ପି.– ଦିର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୯୫ (ସ୍ପ) | ୧.୪୯୦ | ୦.୩୫୦ | ମାଳ ସାଧାରଣ | |
| ୧୨ | ୩୮ | ୧୩୧ (ସ୍ପ) | ୦.୭୪୦ | ୦.୬୦୦ | ବେର୍ଣ୍ଣା ସାଧାରଣ | ଶତ୍ରୁଘ୍ନ ମାହାନ୍ତ, ଶଙ୍କର ମାହାନ୍ତ, ପି.– ବନୁ ମାହାନ୍ତ, ଶୈତ ମାହାନ୍ତ, ସ୍ୱା. ବନୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୩ (ସ୍ପ) | ୦.୧୯୦ | ୦.୦୩୦ | ମାଳ ସାଧାରଣ | |
| | | ୧୪୧ | ୦.୩୫୦ | ୦.୩୫୦ | ମାଳ ସାଧାରଣ | |
| | | ୧୪୨ (ସ୍ପ) | ୦.୨୬୦ | ୦.୧୨୦ | ଗୋଡ଼ା ଦୁଇ | |
| | | ୧୪୩ | ୦.୨୦୦ | ୦.୨୦୦ | ଗୋଡ଼ା ଦୁଇ | |
| ୧୩ | ୪୩ | ୧୪୪ (ସ୍ପ) | ୦.୧୨୦ | ୦.୦୨୦ | ବେର୍ଣ୍ଣା ସାଧାରଣ | ଶ୍ୟାମ କିଶାନ, ପି.– ସନୁ କିଶାନ, ଜା: କିଶାନ, ବା: ନିଜଗାଁ |
| ୧୪ | ୪୪ | ୨୭୪/୪୨୭ | ୦.୨୦୦ | ୦.୨୦୦ | ମାଳ ସାଧାରଣ | ଶିବ ମାହାନ୍ତ, ପି.– ଦୁର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୮୭ (ସ୍ପ) | ୦.୩୭୦ | ୦.୦୩୦ | ମାଳ ସାଧାରଣ | |
| | | ୨୮୯ (ସ୍ପ) | ୧.୧୫୦ | ୦.୫୨୦ | ମାଳ ସାଧାରଣ | |
| | | ୨୯୬ (ସ୍ପ) | ୦.୫୯୦ | ୦.୧୨୦ | ମାଳ ସାଧାରଣ | |
| ୧୫ | ୪୬/୩ | ୩୩୪ (ସ୍ପ) | ୦.୩୪୦ | ୦.୨୬୦ | ମାଳ ସାଧାରଣ | ରମେଶ ଚନ୍ଦ୍ର ମାହାନ୍ତ, ପି.– ଭୀମ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୧୬ | ୪୬/୪ | ୧୨୨ (ସ୍ପ) | ୦.୨୮୦ | ୦.୦୧୦ | ମାଳ ସାଧାରଣ | ମହି ମାହାନ୍ତ, ପି.– ଗୋରାଚାନନ୍ଦ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୪ (ସ୍ପ) | ୦.୨୦୦ | ୦.୧୦୦ | ମାଳ ସାଧାରଣ | |
| ୧୭ | ୪୬/୧୪ | ୧୩୦ (ସ୍ପ) | ୦.୩୧୦ | ୦.୦୫୦ | ମାଳ ସାଧାରଣ | କୃଷ୍ଣଚନ୍ଦ୍ର ମାହାନ୍ତ, ଭରତ ଚନ୍ଦ୍ର ମାହାନ୍ତ, ତ୍ରିଲୋଚନ ମାହାନ୍ତ, ଇନ୍ଦ୍ରମଣି ମାହାନ୍ତ, ପି.– ଜୁଗଲ କିଶୋର ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୭୩ (ସ୍ପ) | ୦.୯୫୦ | ୦.୦୨୦ | ମାଳ ସାଧାରଣ | |
| ମୋଟ | ୧୭ | ୩୫ | ୨୪.୫୩୦ | ୭.୯୭୦ | | |

**ଭୂ-ଅର୍ଜନ କୋନ ଅଧିକାରୀ**
**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼**

24160/14/0030/1819



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ



## ସଂକ୍ଷେପରେ

### ବନବାସୀ କଲ୍ୟାଣ ଆଶ୍ରମକୁ ଏଲ୍‌ଆଣ୍ଡଟି ତରଫରୁ ସହାୟତା

**ସୁନ୍ଦରଗଡ଼, ୨୩।୧୧ (ଡି.ଏନ୍.ଏ)-** ସ୍ଥାନୀୟ ଭୋଜପୁରସ୍ଥିତ ବନବାସୀ କଲ୍ୟାଣ ଆଶ୍ରମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏନ୍‌ଟିପିସି ଦର୍ଲିପାଲି ଠାରେ କାର୍ଯ୍ୟ କରୁଥିବା ଏଲଆଣ୍ଡଟି ପାୱାର କମ୍ପାନୀ ସିଏସ୍‌ଆର ଫଣ୍ଡ କାର୍ଯ୍ୟରେ ଅନ୍ତେବାସୀଙ୍କ ସକାଶେ ବଦାନ୍ୟତାର ହାତ ବଢେଇଛି। ଆଶ୍ରମକୁ ୫ କିଲୋୱାଟ ବିଶିଷ୍ଟ ଏକ ଜେନେରେଟର ସେଟ୍, ଛାତ୍ରାବାସର ସମସ୍ତ ଛାତ୍ରଙ୍କ ସକାଶେ କମ୍ବଳ, ଫୁଟବଲ, ଭଲିବଲ୍ ଆଦି ଖେଳ ସାମଗ୍ରୀ ଓ ରୋଷେଇ ଘରର ମରାମତି ପାଇଁ ଏବଂ ଛାତ୍ରଙ୍କ ଶୋଇବା ସକାଶେ ଖଟ ବାବଦରେ ୨୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଜନାର୍ଦ୍ଦନ ପାଣିଗ୍ରାହୀ ପରିଚାଳନା କରିଥିଲେ। ପଙ୍କଜ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓମପ୍ରକାଶ ଅଗ୍ରୱାଲ, ଡଃ ଚିତ୍ରସେନ ନାଏକ, ଶଶୀଭୂଷଣ ମହାକୁଳ, ଏଲଆଣ୍ଡଟି ପିୟୁଷ କାନ୍ତି ବୋଷ, ଦେବାଶିଷ ଲେଙ୍କା, ଦେବାଶୀଧର, ସୁଧୀର ଘୋଷ ପ୍ରମୁଖ ଏଲଆଣ୍ଡଟିର ଅଧିକାରୀମାନେ ଯୋଗଦେଇଥିଲେ।



### ବଡଗାଁ ବ୍ରହ୍ମଚାରୀ ଆଶ୍ରମରେ ଗୁରୁପୂର୍ଣ୍ଣିମା

**ବଡ଼ଗାଁ, ୨୩।୧୧ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଶ୍ରୀ ଜୟଶଙ୍କର ବ୍ରହ୍ମଚାରୀଙ୍କ ସ୍ମୃତି ସଦନ ବା ବ୍ରହ୍ମଚାରୀ ଆଶ୍ରମରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଛି। ପୂର୍ବାହ୍ନରେ ଜୟଶଙ୍କର ବ୍ରହ୍ମାଚାରୀ ଆଶ୍ରମରେ ଶ୍ରଦ୍ଧାଳୁ, ଶିଷ୍ୟମାନେ ସମବେତ ହେଲା ପରେ ଭଜନ କୀର୍ତ୍ତନ ଓ ଗୁରୁ ବନ୍ଦନା ସହ ପୂଜାର୍ଚ୍ଚନା କରାଯାଇଥିଲା। ସୁନ୍ଦରଗଡର ବରିଷ୍ଠ ଓକିଲ ବିଶେଶ୍ୱର ପୁରୋହିତ, ଶତୃଘ୍ନ ତ୍ରିପାଠୀ, ଛବିଳ ସେଠ, ପ୍ରତାପ ମହାପାତ୍ର, ଜ୍ୟୋତ୍ସ୍ନାମୟୀ ପାଣିଗ୍ରାହୀ, ଅର୍ଜୁନ ନାୟକଙ୍କ ସହିତ ଭକ୍ତମାନେ ଗୁରୁବନ୍ଦନା କରି ନଗର ପରିକ୍ରମା କରିଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ହାତୀପଲର ଗତିପଥ ଅନୁଧ୍ୟାନ

**ବଡ଼ଗାଁ, ୨୩।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡ଼ଗାଁ ମହାବୀର ପର୍ବତରେ ଥିବା ହାତୀପଲର ଗତିପଥ ଅନୁଧ୍ୟାନ କରାଯାଇଛି।

**ବଡ଼ଗାଁ**
- ଜଙ୍ଗଲ ପାର୍ଶ୍ୱ ଗ୍ରାମରେ ଅଢ଼େଇ ମାସଧରି ଉପଦ୍ରବ ଜାରି
- ବ୍ୟାପକ ଫସଲହାନୀ ଘଟାଉଛନ୍ତି
- ଡିଏଫ୍‌ଓ, ଆଇଆଇସି କଲେ ଅନୁଧ୍ୟାନ



ମହାବୀର ପର୍ବତରେ ଥିବା ହାତୀପଲର ଗତିପଥ ଅନୁଧ୍ୟାନ କରାଯାଉଛି।

ବନଖଣ୍ଡ ଅଧିନରେ ଥିବା ଜଙ୍ଗଲ ପାର୍ଶ୍ୱ ଗ୍ରାମ ଗୁଡିକରେ ଦୀର୍ଘ ଅଢ଼େଇ ମାସ ଉପଦ୍ରବ କଲାପରେ ୨୩ଟି ହାତୀଥିବା ପଲ କୁତ୍ରା ଅଞ୍ଚଳକୁ ଚାଲିଯାଇଥିଲେ। ଏହି ପଲରୁ ୪ଟି ଶାବକ ସହ ୧୩ଟି ହାତୀ ପୁଣି ବଡ଼ଗାଁ ବନଖଣ୍ଡ ଅଞ୍ଚଳକୁ ୨ଦିନ ହେଲା ଆସି ଉପଦ୍ରବ କରୁଛନ୍ତି। ହାତୀପଲର ଉପଦ୍ରବ ଯୋଗୁ ବଡ଼ଗାଁ ଅଞ୍ଚଳରେ ବ୍ୟାପକ ଫସଲହାନୀ ଘଟିଚାଲିଛି। ଫଳରେ ଗରିବ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଏହି ହାତୀପଲ କେଉଁ ରାସ୍ତାଦେଇ ଯାତାୟତ କରୁଛନ୍ତି, ତାକୁ ଜାଣିବା ପାଇଁ ଶୁକ୍ରବାର ସନ୍ଧ୍ୟାରେ ସୁନ୍ଦରଗଡ ଡିଏଫ୍‌ଓ ଅରୁଣ କୁମାର ମିଶ୍ର, ବଡ଼ଗାଁ ଥାନା ଆଇଆଇସି ସୂର୍ଯ୍ୟକାନ୍ତ ଦାସ, ବଡ଼ଗାଁ ରେଞ୍ଜର ବିଜୟ କୁମାର ମହାପାତ୍ର, ଫରେଷ୍ଟର ବିନୋଦ କୁମାର ପଟ୍ଟନାୟକ, ଫରେଷ୍ଟ ଗାର୍ଡ ଜୟନାରାୟଣ ପ୍ରଧାନ ଓ ବାସନ୍ତୀ ହରିଜନ ମହାବୀର ପର୍ବତକୁ ଯାଇ ହାତୀଙ୍କ ଗତିପଥ ଅନୁଧ୍ୟାନ କରିଛନ୍ତି। ୧୩ଟି ହାତୀ ଥିବା ପଲ ମହାବୀର ପର୍ବତରେ ଅବସ୍ଥାନ କରୁଛନ୍ତି।

## ତୈଳିକ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

**ବଡଗାଁ, ୨୩।୧୧ (ଡି.ଏନ.ଏ)**

ବଡ଼ଗାଁରେ ଉତ୍ତର ଉତ୍କଳ ତୈଳିକ ସମାଜ ବଡଗାଁ ଗ୍ରୁପ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମାଜର କେନ୍ଦ୍ରୀୟ ସଭାପତି ଡା. ଲବଣୀଧର ଦାନୀ ମୁଖ୍ୟଅତିଥି ଓ ପୂର୍ବତନ କଲେଜ ଅଧକ୍ଷ ନିତ୍ୟାନନ୍ଦ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଛବିଳ ସେଠ, ଅଧ୍ୟାପକ ହେମନ୍ତ ପଣ୍ଡା, ହରିଶ୍ଚନ୍ଦ୍ର ପୃଷ୍ଟି, ଉପାଧ୍ୟାୟ ପାଣିଗ୍ରାହୀ, ରାଉରକେଲାର ଅବସରପ୍ରାପ୍ତ ପ୍ରଫେସର ଜୟାନନ୍ଦ ବେହେରା, ବଡଗାଁର ବୟୋଜେଷ୍ଠ ପରଭା ସା, ମୀନକେତନ ସା ଅତିଥି ଭାବେ ଯୋଗଦେଇଥିଲେ। ଗୁରୁବାର ଅପରାହ୍ନରେ ନଗର ପରିକ୍ରମା, ଘଟ ଉତ୍ତୋଳନ କଲାପରେ କାର୍ତ୍ତିକ ଗାଧୋଉଥିବା ମହିଳାମାନେ ଆକାଶ ଦୀପ ପ୍ରଜ୍ୱଳନ କରିଥିଲେ। ଏହା ପରେ ମା' ମଙ୍ଗଳାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଓ ମଙ୍ଗ ପୂଜା କରାଯାଇଥିଲା। ସନ୍ଧ୍ୟାରେ କାର୍ତ୍ତିକ ମହାତ୍ମ୍ୟ, ରାସପୂର୍ଣ୍ଣିମା ଓ ବୋଇତ ବନ୍ଦାଣ, ଧାର୍ମିକ ଓ ପାରମ୍ପାରିକ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଦାନୀ, ତୈଳିକ ସମାଜର ଉତ୍ପତ୍ତି ଉପରେ କହିଥିଲେ। ଅଧ୍ୟାପକ ପଣ୍ଡା, ସାଧବ ବା ତୈଳିକ ବେଶ୍ୟ ସମାଜ ପୂର୍ବକାଳରେ କିପରି ଜଳପଥରେ ଯାଇ ବାଣିଜ୍ୟ କରି ଓଡିଶାକୁ ସମୃଦ୍ଧ କରିଥିଲେ ଆଲୋଚନା ଉପସ୍ଥାପନ କରିଥିଲେ। ନୌ-ବାଣିଜ୍ୟ ପାଇଁ ଜଳପଥରେ ଯାତ୍ରା କରି ପୂର୍ବେ ଇଣ୍ଡୋନେସିଆରେ ଏହି ସମାଜର କିଛି ଲୋକ ବସବାସ କରିଥିଲେ। କୃଷ୍ଣ ଏବଂ ରାଇଙ୍କ ଉପାଖ୍ୟାନ ଉପରେ ବ୍ୟାଖା କରିଥିଲେ। ଏହି ଅବସରରେ କଣ୍ଟିଆମୁରା ଗ୍ରାମର ଡ୍ୟାନ୍ସ ଗ୍ରୁପ ଓ ବଡଗାଁର ଲିଟିଲ ଷ୍ଟାର ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଶୁକ୍ରବାର ସକାଳେ ଗ୍ରାମର ତୈଳିକ ଓ ମଧୁବୈଶ୍ୟ ସମାଜର ମହିଳା, ପୁରୁଷ ଏବଂ ଗ୍ରାମବାସୀ ବୋଇତ ସହ ନଗର ପରିକ୍ରମା କଲା ପରେ ବଡ଼ି ବିଶାଳ ପୋଖରୀରେ ଭସାଣି କରିଥିଲେ। ନଗର ପରିକ୍ରମାରେ ସମ୍ବଲପୁର ଜିଲାର ଲପଡା ଓ ଡୁମେରମୁଣ୍ଡା ଗ୍ରାମର ସମ୍ପ୍ରଦା ଦଳ ବାଦ୍ୟ ପରିବେଷଣ କରିଥିଲେ। ତୈଳିକ ସମାଜ ବଡଗାଁ ଗ୍ରୁପର ସଭାପତି ଚକ୍ରଧର ପୃଷେଟ ସଭା ପରିଚାଳନା କରିଥିଲା ବେଳେ ଧରଣୀଧର ସା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରୋତ୍ତୋଳନରେ ସୁନ୍ଦରଗଡ ଖେଳାଳି ସ୍ୱର୍ଣ୍ଣପଦକ ବିଜୟୀ

**ସୁନ୍ଦରଗଡ, ୨୩।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ତରଫରୁ ଆନ୍ତଃ ଜିଲା ଭାରତ୍ତୋଳନ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ବିପାଶା ଦାସ ସ୍ୱର୍ଣ୍ଣପଦକ ବିଜୟିନୀ ହୋଇଛନ୍ତି। ସେହିପରି ନଳିନୀ ବଡାଇକ ଓ ଅବିନାଶ କୁମାର ନାଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗତ ୧୭ ଓ ୧୮ ତାରିଖରେ ଗଞ୍ଜାମ ଜିଲାର କବିସୂର୍ଯ୍ୟନଗରଠାରେ ସିନିୟର, ଜୁନିୟର ଓ ସବଜୁନିୟର ବର୍ଗରେ ଭାରୋତ୍ତଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲା ରାଉରକେଲାର ବିପାଶା ଦାସ ସବ ଜୁନିୟରବର୍ଗରେ ଭାଗ ନେଇ ଏହି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ନଳିନୀ ବଡାଇକ ସବଜୁନିୟର ବର୍ଗରେ ଓ ସିନିୟରବର୍ଗରେ ଅବିନାଶ କୁମାର ନାଏକ ଭାଗନେଇ ବ୍ରୋଞ୍ଜ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଜୟଦେବ ପାତ୍ର, ନିତ୍ୟକୁମାର ବଳ, ରାଜେନ୍ଦ୍ର ମହାନ୍ତି, ପୌଷଚନ୍ଦ୍ର ପଟେଲ, ଚିତ୍ତରଞ୍ଜନ ବହିଦାର, ରାଉରକେଲା ରାହାମା କ୍ଲବର ଅଶୋକ ପଟ୍ଟନାୟକ, ବାସୁଦେବ ବାନାର୍ଜୀ, ଅର୍ଜୁନ ପୁରସ୍କାରପ୍ରାପ୍ତ ସୁନୀଲ ପାତ୍ର କୃତୀ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




ଭାରୋତ୍ତୋଳନ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ବଢୁଛି ବାଲି ଚୋରା ଚାଲାଣ, ନାହିଁ କାର୍ଯ୍ୟାନୁଷ୍ଠାନ

**କୁଆଁରମୁଣ୍ଡା, ୨୩।୧୧(ଡି.ଏନ.ଏ.)**

କୁଆଁରମୁଣ୍ଡା ତହସିଲର ପଦ୍ମପୁର ଓ ଯମୁନାନାଳି ବାଲୁଘାଟରୁ ଶତାଧିକ ଟ୍ରକ ବାଲି ଚୋରା ଚାଲାଣ ହେଉଛି। ଉକ୍ତ ବାଲୁଘାଟରୁ ଗୋଟିଏ ଟିପି (ଟ୍ରାନ୍‌ଜିଟି ପାସ୍)ରେ ଦିନ ତମାମ ବାଲି ପରିବହନ ହେଉଛି। ନିୟମାନୁଯାୟୀ, ଗୋଟିଏ ଟିପିରେ ଗୋଟିଏ ଗାଡି ମାତ୍ର ଥରୁଟିଏ ବାଲି ଉଠାଇ ପାରିବ। ମାତ୍ର ଗୋଟିଏ ଟିପିରେ ଗୋଟିଏ ଗାଡି ଏକାଧିକ ଥର ବାଲି ଉଠାଇ ବିଭିନ୍ନ ସ୍ଥାନକୁ ଯାଉଛି। ଏହି ବେଆଇନ କାର୍ଯ୍ୟ ଦ୍ୱାରା ସରକାରୀ ରାଜସ୍ୱ ବହୁ ମାତ୍ରାରେ ହ୍ରାସ ପାଉଛି। କେବଳ ଏତିକି ନୁହେଁ, ଅସାଧୁ ବାଲି ବ୍ୟବସାୟୀମାନେ ନିଲାମ ଘାଟର ପରିସୀମା ବାହାରେ ମନମୁଖୀଭାବେ ବାଲି ଉଠାଇ ବିକ୍ରି କରୁଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ହେଲେ ଏଥିପ୍ରତି ରାଜସ୍ୱ ବିଭାଗ କର୍ମଚାରୀମାନେ ସବୁ ଜାଣି ଚୁପ୍ ରହିବା ଘଟଣା ପଛରେ ଭିନ୍ନ କାରଣ ଥାଇପାରେ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏପରିକି ବାଲିମାଫିଆ ଓ ରାଜସ୍ୱ କର୍ମଚାରୀଙ୍କ ସଲାସୁତ୍ରୁରା ଯୋଗୁ ଉକ୍ତ ବେଆଇନ କାର୍ଯ୍ୟ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ବାଲି ଚୋରା ଚାଲାଣରେ ରୋକ୍ ଲାଗିବା ପରିବର୍ତ୍ତେ ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ବେଆଇନ କାର୍ଯ୍ୟରେ ରାଜସ୍ୱ ବିଭାଗର କର୍ମଚାରୀଙ୍କ ହାତ ରହିଛି।

■ କାର୍ତ୍ତିକ ପଞ୍ଚୁକ ପାଲା ଅନୁଷ୍ଠିତ

## ଡ୍ୟାନସ୍ ପ୍ରତିଯୋଗିତାରେ ଭାଗନେଲେ ୨୬ ପ୍ରତିଯୋଗୀ

**ଲେଫ୍ରିପଡା, ୨୩।୧୧(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ପଟୁଆଡିହି ଗ୍ରାମରେ ୩୧ତମ କାର୍ତ୍ତିକ ପଞ୍ଚୁକ ପାଳନ ଅବସରରେ ପାଞ୍ଚ ଦିନ ଧରି ପାଲା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପାଞ୍ଚ ଦିନ ଧରି ପଶ୍ଚିମ ଓଡ଼ିଶାର ପାଲା ଗାୟିକା ଦମୟନ୍ତୀ ମହାପାତ୍ର ସହ ତାଙ୍କର ସାଥୀଗଣ ପାଲା ପରିବେଷଣ କରିଥିଲେ। ଏହାର ଶେଷ ଦିନରେ କୁନିକୁନି ଝିଅପୁଅଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଡ୍ୟାନସ୍ ପ୍ରତିଯୋଗିତା ଗୁରୁବାର ରାତିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମ ଓଡିଶାର ହାସ୍ୟଅଭିନେତା କେଦାର ପଟେଲ, ତାଙ୍କର ସାଥୀଗଣ ଯୋଗଦେଇ ବିଭିନ୍ନ ହାସ୍ୟାତ୍ମକ କଳା ପ୍ରଦର୍ଶନ କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ଡ୍ୟାନ୍ସ ପ୍ରତିଯୋଗିତାରେ ବିଚାରପତି ଭାବେ କାର୍ଯ୍ୟ ତୁଲାଇଥିଲେ। ପରିଶେଷରେ କୃତୀ ପ୍ରତିଯୋଗୀଙ୍କୁ ଆୟୋଜିତ କମିଟି ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଗନ୍ନାଥ ଠାକୁର ମଞ୍ଚ ପରିଚାଳନା କରିଥିଲେ। ପଟୁଆଡିହି ଗ୍ରାମର କଳାକାହ୍ନୁ ଠାକୁର, ଯୋଗେନ୍ଦ୍ର ଗୁର୍ଲିହା, ଦୁର୍ଯ୍ୟୋଧନ ସା, ରୁଦ୍ର ନାରାୟଣ ପଟେଲ, ଜନ୍ମଜୟ ଧୃଆ, ଜଗନ୍ନାଥ ଭୋଏ, ଟିକେଶ୍ୱର ପ୍ରଧାନ ପ୍ରମୁଖ ବ୍ୟକ୍ତି ବିଶେଷ ସହ ପଟୁଆଡିହି ଆଜାଦ୍‌ହିନ୍ଦ୍ ଯୁବକ ସଂଘର ଯୁବବନ୍ଧୁଗଣ ଏବଂ ଏସ୍‌ଏଚ୍‌ଜି ମହିଳା ଗ୍ରୁପ୍ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଏଥିରେ ଅଞ୍ଚଳର ମୋଟ୍ ୨୬ଜଣ ପ୍ରତିଯୋଗୀ ଡ୍ୟାନସ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ୩୩ ପ୍ରତିଶତ ମହିଳା ସଂରକ୍ଷଣ ସଂକଳ୍ପକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ନୂଆଗାଁ, ୨୩।୧୧ (ଡି.ଏନ.ଏ)**

ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ବିଧାନସଭା ଓ ଲୋକସଭା ନିର୍ବାଚନରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣକୁ ନେଇ ସଂକଳ୍ପ ପାରିତ କରିଥିବାରୁ ତାଙ୍କ ଏହି ପ୍ରସ୍ତାବକୁ ସୁନ୍ଦରଗଡ ଜିଲା ପରିଷଦ ଅଧକ୍ଷା ଏମ୍ମା ଏକ୍କା ସ୍ୱାଗତ କରିଛନ୍ତି। ତାଙ୍କ ସମେତ ବିଜେଡିର ନୂଆଗାଁ ବ୍ଲକ ଉପାଧକ୍ଷା ସାବିତ୍ରୀ ଟୁଟୀ, ଉର୍ମେଲ ସରପଞ୍ଚ ଏଲିଜା ବେଥ ଲୁଗୁନ, ଲୁକୁମବେଡା ସମିତି ସଭ୍ୟା ଲଲେନ ବାର୍ଲା, ବୀରମିତ୍ରପୁର ପୌରପାଳିକାର ଅଧକ୍ଷା ମଞ୍ଜୁ ଏକ୍କା, ବିଶ୍ରା ବ୍ଲକ ବିଜେଡି ସଭାନେତ୍ରୀ ପ୍ରେମା ଦାସ, ପୂର୍ବତନ ଜିଲାପରିଷଦ ଉପାଧକ୍ଷ ନିମନ୍ତି ଲୁଗୁନ, କୁଆରମୁଣ୍ଡା ବ୍ଲକ ଅଧକ୍ଷା ମାଗଦାଲି କାଙ୍ଗାଡ, ସରିତା କେର୍କେଟା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



ଇବ୍ ନଦୀକୂଳରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି।

## ଆକାମାବୈ ଧ୍ୱନିରେ ମୁଖରିତ ହେଲା ଇବ୍ ନଦୀକୂଳ

**ସୁନ୍ଦରଗଡ଼, ୨୩।୧୧ (ଡି.ଏନ୍.ଏ)**

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୁନ୍ଦରଗଡ଼ରେ ପ୍ରବାହିତ ଇବ୍ ନଦୀ ଓ ଅନ୍ୟାନ୍ୟ ଜଳାଶୟଗୁଡିକରେ ଉତ୍କଳର ଗୌରବମୟ ବାଣିଜ୍ୟିକ ପରମ୍ପରାକୁ ମନେ ପକାଇ ଡଙ୍ଗାଭସା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବଡି ଭୋରରୁ ଶୀତକୁ ଖାତିର ନ କରି ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଇବ୍ ନଦୀପଠାରେ ଡଙ୍ଗା ଭସାଇ ପୂଜାର୍ଚ୍ଚନା କରିଥିଲେ। କାର୍ତ୍ତିକ ହବିଷ ପାଳନ କରୁଥିବା ମହିଳାମାନେ ବାଲୁକାରେ ଶିବଲିଙ୍ଗ ସ୍ଥାପନ, ରାଧାଦାମୋଦର ପୂଜା, ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ସହ ହୁଳହୁଳି ଓ ଆକାମାବୈ ଧ୍ୱନୀରେ ନଦୀକୂଳ ମୁଖରିତ ହୋଇଉଠିଥିଲା। ଏହି ଉପଲକ୍ଷେ ଇବ୍ ନଦୀର ବିଭିନ୍ନ ଘାଟଗୁଡିକ ଲୋକାରଣ୍ୟ ହୋଇ ଉଠିଥିଲା। ନଦୀରେ ବୁଡ ପକାଇବା ପରେ ଶ୍ରଦ୍ଧାଳୁମାନେ ବିଭିନ୍ନ ଦେବାଳୟଗୁଡିକରେ ଯାଇ ପୂଜାର୍ଚ୍ଚନା କରିଥିଲେ। ସହରରେ ଥିବା ମହାଦେବପଡା ଘାଟସ୍ଥିତ ବାବା ଚନ୍ଦ୍ରଶେଖର, ଇବ୍ ନଗରର ନୀଳକଣ୍ଠେଶ୍ୱର ଓ ମହାନ୍ତିପଡା, ସୁନାରିପଡା, ପତ୍ରାପଡାସ୍ଥିତ ଶିବମନ୍ଦିର ସମେତ ଧରୁଆଡିହି ମେଢେଶ୍ୱର ମନ୍ଦିର ଗୁଡିକରେ ଭକ୍ତଙ୍କ ଭିଡ ଦେଖାଯାଇଥିଲା।

## କ୍ୟାଡର ରୁଲ ପ୍ରଣୟନ ନ ହେଲେ ଶିକ୍ଷା ବ୍ୟବସ୍ଥାକୁ ଅଚଳ କରିବା ଚେତାବନୀ

**ସୁନ୍ଦରଗଡ, ୨୩।୧୧ (ଡି.ଏନ୍.ଏ)**

୧୯୭୧ ମସିହାରୁ ଓଡିଶା ଶିକ୍ଷା ସେବା ପାଇଁ ଲୋକସେବା ଆୟୋଗ ଦ୍ୱାରା ଶିକ୍ଷା ସେବା ଅଧିକାରୀ ନିଯୁକ୍ତି ନିୟମ ପ୍ରଣୟନ ହୋଇଥିଲେ ମଧ୍ୟ ରାଜ୍ୟସରକାର ଅଦ୍ୟାବଧି ଶିକ୍ଷା ସେବା ଅଧିକାରୀଙ୍କ ପାଇଁ ଏକ କ୍ୟାଡର ରୁଲ ପ୍ରଣୟନ କରି ନାହାନ୍ତି। ଫଳରେ ଶିକ୍ଷା ସେବା ଅଧିକାରୀମାନେ ଉପଯୁକ୍ତ ପଦୋନ୍ନତି ଓ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏପରିକି କେତେକ ଶିକ୍ଷା ସେବା ଅଧିକାରୀ ବିନା ପଦୋନ୍ନତିରେ ଅବସର ନେଉଛନ୍ତି। ଏଣୁ ଶିକ୍ଷା ସେବା ଅଧିକାରୀମାନଙ୍କର ନ୍ୟାର୍ଯ୍ୟଦାବି ପ୍ରତି ଦୃଷ୍ଟି ଦେଇ କ୍ୟାଡର ରୁଲ ପ୍ରଣୟନ କରା ନ ଗଲେ ଓଡିଶା ଶିକ୍ଷା ସେବା ସଂଘ ଦାବି ପୂରଣ ପାଇଁ ରାଜରାସ୍ତାକୁ ଓହ୍ଲାଇ ଶିକ୍ଷା ବ୍ୟବସ୍ଥାକୁ ଅଚଳ କରିଦେବା ପାଇଁ ଚେତାବନୀ ଦେଇଛି। ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାୟୀ ସଂଘର ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ ଜରିଆରେ ନିଜର ନ୍ୟାର୍ଯ୍ୟଦାବି ଉପସ୍ଥାପନ କରିଛନ୍ତି। ଓଡିଶା ଶିକ୍ଷା ସେବା ସଂଘର ଦାବିକୁ ଯୁକ୍ତିଯୁକ୍ତ ଦର୍ଶାଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ସଭାପତି ହୃଦାନନ୍ଦ ଦ୍ୱିବେଦୀ, ମହାସଚିବ ଅମୀୟ କୁମାର ଦାଶଙ୍କ ସହ ସୁନ୍ଦରଗଡ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ସମର୍ଥନ ଜଣାଇଛନ୍ତି। ଏ ଦିଗରେ ଯଥାଶିଘ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

■ ଏକ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

# ପଦମ୍‌ପୁର ଚାମ୍ପିୟନ, ବୌଦ୍ଧ ରନର୍ସ ଅପ୍

**ଲେଫ୍ରିପଡା, ୨୩।୧୧(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ନୂଆଡିହି ଜୟହିନ୍ଦ୍ କ୍ଲବ୍ ଆନୁକୂଲ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ୫୫ତମ ଏକ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗଦାନ କରି କ୍ରୀଡାର ଉନ୍ନତି ଦିଗରେ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ ଫୁଟ୍‌ବଲ ଟୁର୍ନାମେଣ୍ଟ ନୂଆଡିହି ଗ୍ରାମର ସ୍ୱର୍ଗତ ବୁଦ୍ଧଦେବ କୁସୁମଙ୍କ ପ୍ରମୁଖ ଭୂମିକା ରହିଥିବାରୁ ସେହି ଦିବଂଗତ ମହାନ ବ୍ୟକ୍ତିଙ୍କ ସ୍ମୃତିଚାରଣ କରି ଆଗାମୀ ଦିନରେ ଫୁଟ୍‌ବଲ ଟୁର୍ନାମେଣ୍ଟକୁ ବଞ୍ଚାଇ ରଖିବା ପାଇଁ ମତାମତ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ଜିଲା ଭାଜପା ସଭାପତି ବଟ କିଶୋର ମିଶ୍ର, ପୂର୍ବତନ ଲେଫ୍ରିପଡା ବ୍ଲକ୍ ଅଧ୍ୟକ୍ଷ କୌତୁକ ଚୌଧୁରୀ, ସ୍ନେହଲତା ପଟେଲ, ଦର୍ଲିପାଲି ଏନ୍‌ଟିପିସି କମ୍ପାନୀର ହରିନାରାୟଣ ଶର୍ମା ପ୍ରମୁଖ ଯୋଗଦାନ କରିଥିଲେ। ଏହାର ଉଦ୍‌ଘାଟନୀ ଉତ୍ସବରେ ଦର୍ଲିପାଲି ସରପଞ୍ଚ ଗୋବିନ୍ଦ କୁମୁରା, ନୂଆଡିହି ଗ୍ରାମର କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟ ଛତ୍ରିଆ, ଭାଜପା ନେତା କଳାକୃଷ୍ଣ ଓରାମ ପ୍ରମୁଖ ଯୋଗଦାନ କରିଥିଲେ। ଟୁର୍ନାମେଣ୍ଟର ମଧ୍ୟ ଭାଗରେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ, ଟାଙ୍ଗରପାଲି ବ୍ଲକ୍ ଅଧ୍ୟକ୍ଷ ଜଟିଆ ମୁଣ୍ଡା ଯୋଗଦାନ କରି ଖେଳାଳି ସମେତ ଆୟୋଜିତ କମିଟି କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଏହାର ଫାଇନାଲ ଖେଳ ପଦମ୍‌ପୁର ଫୁଟ୍‌ବଲ ଦଳ ଏବଂ ବୌଦ ଫୁଟ୍‌ବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ରାଇବ୍ରେକର ମାଧ୍ୟମରେ ପଦମ୍‌ପୁର ଫୁଟ୍‌ବଲ ଦଳ ଚାମ୍ପିୟନ ହୋଇଥିବା ବେଳେ ବୌଦ ଫୁଟ୍‌ବଲ ଦଳ ରନର୍ସ ଅପ୍ ହୋଇଥିଲେ। କାର୍ଯ୍ୟକ୍ରମର ସନ୍ଧ୍ୟାରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ମେଘନାଦ ନାଏକ ଏବଂ ସମ୍ମାନିତ ଅତିଥି ଭାବେ ନୂଆପଡା ଜିଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ପଟେଲ, ଭାଜପା ନେତା କଳାକୃଷ୍ଣ ଓରାମ, ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ନରହରି ପଟେଲ ଯୋଗଦାନ କରି ଚାମ୍ପିୟନ ଦଳକୁ ଦଶ ହଜାର ଅର୍ଥରାଶି ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ସାତ ହଜାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନୂଆଡିହି ଗ୍ରାମ ସହ ଆଖପାଖ ଅଞ୍ଚଳର ୫୦ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ନୂଆଡିହି ଜୟହିନ୍ଦ୍ କ୍ଲବ୍‌ର ସଭାପତି ଜଗବନ୍ଧୁ କୁଲୁ, ସମ୍ପାଦକ ସିତଲ କୁସୁମ, ନିମାଇଁ କୁସୁମ, କୁଳମଣୀ ପଟେଲ, ସୌଭାଗ୍ୟ ପଟେଲ, ରାଜେଶ କୁସୁମ, ସତ୍ୟମ୍ ପଟେଲ, ରାମଲାଲ ଖଡିଆ, ଯୋଗେଶ କିଷାନ, ଯୁଗ୍ଲୁ ଖଡିଆ ପ୍ରମୁଖ ଗ୍ରାମବାସୀ ସକ୍ରିୟ ଭୂମିକା ଗ୍ରହଣ କରି ପରିଚାଳନା କରିଥିଲେ। ସୁଶାନ୍ତ ଶେଖର ଷଣ୍ଢ, ହେମନ୍ତ ନାଏକ, ସୁଶିଲ ପଟେଲ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଶେଷରେ ଗ୍ରାମର ଅଶୋକ ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ।



ଫାଇନାଲ ଖେଳର ଖେଳାଳିଙ୍କ ସହ ଅତିଥିଗଣ।



ନିଜର ଅହଂ ଭାବକୁ ସନ୍ତୁଷ୍ଟ କରିବା ପାଇଁ ଲୋକେ ଅନ୍ୟର ନିନ୍ଦା କରନ୍ତି ବୋଲି ବହୁ କ୍ଷେତ୍ରରେ ପ୍ରମାଣିତ ହୋଇଛି।
-କନ୍‌ଫୁସିୟସ



## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ

**କୋଲାବିରା,୨୩।୧୧(ଡି.ଏନ୍.ଏ.)**-କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ମିଳନ ଛକ ଯାତ୍ରା ମଣ୍ଡପରେ କୋଲାବିରା ଗୌରଭକ୍ତ ବୃନ୍ଦ ପକ୍ଷରୁ ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଭରତ ଚନ୍ଦ୍ର ସାହୁ ଓ ତାଙ୍କ ସ୍ତ୍ରୀ ଗୋଲାପୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ଦଳ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପୂଜକ କ୍ଷୀରୋଦ ପୂଜାରୀ ଓ ତାଙ୍କ ସହଯୋଗୀ ଲଳିତ ସାହୁ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଫକୀର ସାହୁ, ଗୋବର୍ଦ୍ଧନ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଲମ୍ବୋଧର ସାହୁ, ପ୍ରବୀଣ ସାହୁ, ବାବଲୁ ସାହୁ, ରାଜକୁମାର ମେହେର, ରଞ୍ଜିତ ଦଲେଇ, ହରିଶଙ୍କର ମରାଇ, ଗୋବିନ୍ଦ ଭୋଇ, ଭୋଲାନାଥ ସାହୁ, ସନ୍ତୋଷ ସାହୁ, ଆଲୋକ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### କାର୍ତ୍ତିକ ପୂର୍ଣ୍ଣିମା ସମାରୋହ

**କୋଲାବିରା,୨୩।୧୧(ଡି.ଏନ୍.ଏ.)**-କୋଲାବିରା ଅଞ୍ଚଳରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଛି। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ତେଲେନ ନଦୀ ତଥା ବିଭିନ୍ନ ପୋଖରୀରେ ଡଙ୍ଗା ଭସାଇଥିଲେ। ସେହିପରି ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା। ଏହି ଅବସରରେ କୋଲାବିରା ମିଳନ ଛକ ଯାତ୍ରା ମଣ୍ଡପ, କୁଲିତା ସମାସିଂହା, ରଘୁନାଥପାଲି, ବେଲମୁଣ୍ଡାଠାରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

### ଓଇଏସ ସଂଘର ଦାବିପତ୍ର ପ୍ରଦାନ

**ବୌଦ୍ଧ,୨୩।୧୧(ସ୍ୱ.ପ୍ର):** ବୌଦ୍ଧ ଜିଲା ଶିକ୍ଷା ସେବା (ଓଇଏସ) ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ଶିକ୍ଷା ସେବା ସଂଘ ସଭାପତି ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କ ନେତୃତ୍ୱରେ ଅତରିକ୍ତ ଜିଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଗାଆଣ, ଯୋଗୀନ୍ଦ୍ର ଦେବ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଘୁଟା ଓ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଧ୍ରୁବ ଚରଣ ଘିବେଲା ପ୍ରମୁଖ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ ।

### ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ

**ପଲମ,୨୩।୧୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ରୁପ୍ରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୬ତମ ବାର୍ଷିକ କ୍ରୀଡା ଉତ୍ସବ ବାଗଗୁଛା ଖେଳ ପଡିଆଟେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ସମୀର ରନ ନାଏକ, ସମ୍ମାନିତ ଅତିଥି ଭାବେ ଅଜୟ ସେନାପତି ଉଦ୍‌ଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଜ୍ଞାନରଞ୍ଜନ ଦାସ ଅତିଥି ପରିଚୟ କରିଥିବା ବେଳେ ଗୁରୁଜୀ ବେଣୁଧର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଖେଳ ଶିକ୍ଷକ ପୁର୍ଣ୍ଣଚନ୍ଦ୍ର ଶାହା ଖେଳ ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସମ୍ପାଦକ ସୁଦାମ ଚରଣ ମିଶ୍ର ଓ କିଶୋର ମହାଲିଙ୍ଗ ଉପସ୍ଥିତ ରହିଥିଲେ ।

## ଅଖା ଭିତରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

# ହାତୁଡ଼ିରେ ପିଟି ହତ୍ୟା କରିଥିଲେ ଅଭିଯୁକ୍ତ

**ଝାରସୁଗୁଡ଼ା ଅଫିସ,୨୩।୧୧**

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଦୁସୁରାପାଲି ଗ୍ରାମ ନିକଟ ଇବ୍‌ନଦୀରୁ ନଭେମ୍ବର ୧୬ ତାରିଖରେ ସୁବାସିନୀ ପ୍ରଧାନ (୪୮) ନାମକ ଜଣେ ମହିଳାଙ୍କ ମୃତଦେହ ଠାବ ହୋଇଥିଲା। ସୁବାସିନୀଙ୍କୁ ହତ୍ୟା କରିବା ପରେ ଗୋଡ଼ହାତ ବାନ୍ଧି ଅଖାରେ ଭର୍ତ୍ତି କରି ନଦୀରେ ଫିଙ୍ଗାଯାଇଥିଲା। ତେବେ କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି, ପୋଲିସ କହୁ ନ ଥିବାବେଳେ ହାତୁଡ଼ିରେ ପିଟି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ସୂଚନା



ସୁବାସିନୀଙ୍କ ଫାଇଲ୍ ଫଟୋ।

ମିଳିଛି। ହତ୍ୟା ପୂର୍ବରୁ ସୁବାସିନୀ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ତିନିଜଣ ମିଶି ତାଙ୍କୁ ହତ୍ୟା କରିବା ପରେ ଅଖାରେ ଭର୍ତ୍ତି କରି ନଦୀରେ ଫିଙ୍ଗିଥିଲେ। ଏହି ଘଟଣାରେ ଟାଉନଥାନା ପୋଲିସ ଜଣେ ମହିଳା ଏବଂ ଦୁଇଜଣ ପୁରୁଷଙ୍କୁ ହେପାଜତକୁ ନେଇଛି। ଅଟକ ଅଭିଯୁକ୍ତମାନେ ହାତୁଡ଼ିରେ ପିଟି ପିଟି ସୁବାସିନୀଙ୍କୁ ହତ୍ୟା କରିଥିଲେ। ପରେ ପ୍ରମାଣ ନଷ୍ଟ କରିବାକୁ ବହୁ ପ୍ରୟାସ କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। କିନ୍ତୁ ପୋଲିସ ହତ୍ୟାକାଣ୍ଡର ସମସ୍ତ ପ୍ରମାଣ ଯୋଗାଡ଼ କରିସାରିଛି। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାବାକୁ ପୋଲିସ ଯୋଜନା କରିଛି। ଏ ବାବଦରେ ଟାଉନଥାନା ଦାୟିତ୍ୱରେ ଥିବା ଇନ୍‌ସ୍ପେକ୍ଟର ପବିତ୍ର କିଷାନଙ୍କୁ ପଚାରିବାରୁ ସେ କହିଲେ, ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ।

ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ସୁବାସିନୀ ଝାରସୁଗୁଡ଼ା କକ୍ସ କଲୋନୀରେ ରହୁଥିବା ତାଙ୍କ ସାନଭଉଣୀ ଘରକୁ ଆସିଥିଲେ। ୧୧ ତାରିଖରେ ସୁବାସିନୀ ଭଉଣୀ ଘରୁ ବାହାରି ଏକାତାଲି ନିଜ ମାମୁ ଝିଅ ଭଉଣୀ ଘରକୁ ଯାଇଥିଲେ। ସେହିଦିନ ଅପରାହ୍ନରେ ଏକାତାଲିରୁ ବାହାରି ନିଜ ଘର ଲଖନପୁର ବ୍ଲକ୍ ଅଇଁଲାଝରଣ ଯାଇଥିବା ପୋଲିସ ଏତଲାରେ ଦର୍ଶାଯାଇଛି। କିନ୍ତୁ ସୁବାସିନୀ ଘରେ ପହଞ୍ଚି ନ ଥିଲେ। ୧୬ ତାରିଖ ଦିନ ବନହରପାଲି ଥାନା ଦୁସୁରାପାଲି ଗ୍ରାମ ନିକଟ ଇବ୍‌ନଦୀରୁ ସୁବାସିନୀଙ୍କ ମୃତଦେହ ଠାବ ହୋଇଥିଲା।

## ରାସ ପୂର୍ଣ୍ଣିମା ଯାତ୍ରା ଓ ଫୁଟବଲ ଟୁର୍ନାମେଣ୍ଟ

**କିର୍ମିରା,୨୩।୧୧(ଡି.ଏନ୍.ଏ.)**

କିର୍ମିରା ବ୍ଲକ ଭୀମଯୋର ପଞ୍ଚାୟତ ବୁଡ଼ାପରା ଗ୍ରାମରେ ରାସ ପୂର୍ଣ୍ଣିମା ଅବସରରେ ଫୁଟବଲ ଟୁର୍ନାମେଣ୍ଟ ଓ ଯାତ୍ରା ଅନୁଷ୍ଠିତ ହୋଇଛି। ମହିଳା ଓ ପୁରୁଷ ବର୍ଗରେ ତିନିଦିନ ଧରି ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପିସିସି ସଭ୍ୟ ବିଜୟ ଅଗ୍ରୱାଲ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ଭୀମଯୋର ସରପଞ୍ଚ ମଞ୍ଜୁଲତା ବାଗ, ସମିତିସଭ୍ୟ ଜନନୀ ବୁଦୁଲା, ନାଏବ ସରପଞ୍ଚ ମହାଦେଇ ବେହେରା ଉପସ୍ଥିତ ଥିଲେ। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଉଭୟ ବର୍ଗର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପୁରୁଷ ବର୍ଗରେ ହଣ୍ଡାଡୁପା ଟିମ୍ ଝିର୍ଲାପାଲିକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ସେହିପରି ମହିଳା ବର୍ଗରେ ଭୁବନେଶ୍ୱର ଟିମ କେନ୍ଦ୍ରାପଡ଼ାକୁ ୧-୦ ଗୋଲରେ ପରାସ୍ତ କରିଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ନବକିଶୋର ଦାସଙ୍କ ପୁଅ ବିଶାଲ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପିସିସି ସଭ୍ୟ ଅଗ୍ରୱାଲଙ୍କ ସମେତ ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ଝାରମୁଣ୍ଡା ସରପଞ୍ଚ ନଟବର ଅଗ୍ରୱାଲ, ଭୀମଯୋର ସରପଞ୍ଚଙ୍କ ପ୍ରତିନିଧି ମନ ବାଗ, ଜିଲା ପରିଷଦ ସଭ୍ୟା ସ୍ୱପ୍ନାମୟୀ ପଟେଲ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭୋଜରାଜ ପରୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଜୟନ୍ତ ଅଗ୍ରୱାଲଙ୍କ ସମେତ ଫୁଟବଲ କମିଟିର ଗଣେଶ ଚନ୍ଦ୍ର ବାଗ, ନରସିଂହ ବୁଢ଼ା, ବେଣୁଧର ଡୁଡୁମ, ସୁଶାନ୍ତ ପିଙ୍ଗ, ରାତୁ ଭୋଇ, କୁମର ପିଙ୍ଗ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ରାତିରେ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ




ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି।

**ଲଖନପୁର,୨୩।୧୧(ଡି.ଏନ୍.ଏ.)**

ବନ୍ଧବାହାଲ ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସମାଜର ସଭାପତି ବିଷ୍ଣୁଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସମାଜର ଦ୍ୱାଦଶ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅନୁପ ସାଏ, ମୁଖ୍ୟବକ୍ତା ତୈଳିକ ସମାଜ ନିଖିଳ ଉତ୍କଳ ମହାସଭା ଅତିରିକ୍ତ ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ସାହୁ, ସମ୍ମାନିତ ଅତିଥି ମହାସଭା କୋଷାଧ୍ୟକ୍ଷ କୃଷ୍ଣମୋହନ ସାହୁ ଓ ସ୍ଥାନୀୟ ସାଧାରଣ ସମ୍ପାଦକ ଦେବରାଜ ସାହୁ ପ୍ରମୁଖ ଯୋଗଦେଇଥିଲେ। ନିଳିମା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଦେବରାଜ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ସାଏ ଅଡ଼ାପଡ଼ା ଗ୍ରାମର ପରିବେଶବିତ୍ ସାଗର ସା ଓ ସଫଳ ଯୁବ ବ୍ୟବସାୟୀ ବ୍ରଜରାଜନଗରର ଅଶୋକ ସାହୁଙ୍କୁ ସମ୍ମାନିତ କରିଥିଲେ। ସମାଜର ସଦସ୍ୟା ସୌଦାମିନୀ ସାହୁ ଓ ସଦସ୍ୟ ଲକ୍ଷ୍ମୀକାନ୍ତ ସାହୁଙ୍କୁ ସଭାପତି ସାହୁ ସମ୍ବର୍ଦ୍ଧିତ କରିଥିଲେ। ସମାଜର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ମୁଖ୍ୟଅତିଥି ସାଏଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗୋପୀନାଥ ସାହୁ, ରବୀନ୍ଦ୍ର ସାହୁ, ଗଙ୍ଗାଧର ସାହୁ, ସତ୍ୟାନନ୍ଦ ସାହୁ, ଅଭିରାମ ସାହୁ ଓ ସୁଶିଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଲଖନପୁର,୨୩।୧୧(ଡି.ଏନ୍.ଏ.)**-ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଫାଣ୍ଡି ଅନ୍ତର୍ଗତ ଏମ୍‌ସିଏଲ୍ ଗଲ୍ଫ ଫିଲ୍ଡ ନିକଟ ଏକ ଗଛରୁ ଗୁରୁବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ବ୍ରଜରାଜନଗର ରେମଜା ଗ୍ରାମର ମୂଳ ବାସିନ୍ଦା ତଥା ସ୍ଥାନୀୟ ଖଡ଼ାମ ଗ୍ରାମରେ ଘର କରି ରହୁଥିବା ଈଶ୍ୱର ସାହୁଙ୍କ ପୁଅ ଉମାଶଙ୍କର ସାହୁ ବବୁଲ୍ (୩୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଈଶ୍ୱରଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.-୧୯/୧୮) ରୁଜୁକରି ତଦନ୍ତ ଚଳାଇଛି। ଉମାଶଙ୍କର ବନ୍ଧବାହାଲରେ ବୋଲେରୋ ଚାଳକଭାବେ କାମ କରୁଥିଲେ। ଗୁରୁବାର ସକାଳ ୮ଟାରେ ସେ ଘରୁ ବାହାରିଥିଲେ ମଧ୍ୟ ରାତି ୧୦ଟା ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ତାଙ୍କ ଫୋନ୍‌କୁ କଲ୍ କରିଥିଲେ। କିନ୍ତୁ ଯୋଗାଯୋଗ ହୋଇ ନ ଥିଲା। ରାତିରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଗୁରୁବାର ସକାଳେ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା।

## ଫଟୋରେ ଖବର



ମାନସିକ ଦିବ୍ୟାଙ୍ଗ ମହିଳାଙ୍କ ଚିକିତ୍ସା ଓ ଥଇଥାନ କେନ୍ଦ୍ର ମିଶନ୍ ଆଶ୍ରାର ଅନ୍ତେବାସୀମାନେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି।


ଓଡ଼ିଶା ସରକାର

ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No.- L.A.I.-19/2018-726 Dated: 8.11.18

No.: VII-31: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର - ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- କାଦୋଡିହି, ଥାନା- ବଣେଇ, ନଂ.-୨୦୭, ତହସିଲ- ଲହୁଣୀପଡ଼ା, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୭.୯୭୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ - ୨୦୧୩ (RFCTLAR & R Act. 2013)ର ଧାରା୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଵାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ - ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**
୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ - ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 15536, Dt.30.04.2018 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ :

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
| ସୁନ୍ଦରଗଡ଼ | ଲହୁଣୀପଡ଼ା | କାଡ଼ୋଡିହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨୪.୫୩୦ | ଏ୭.୯୭୦ | ଏଥି ସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼**

**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ଓସାରିଆ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁଥିବା ରୟତି ଜମିର ତଫସିଲ**
**ମୌଜା: କାଦୋଡିହି, ତହସିଲ: ଲହୁଣୀପଡ଼ା, ଥାନା: ବଣାଇ, ଥାନା ନଂ.- ୨୦୭, ଜିଲ୍ଲା: ସୁନ୍ଦରଗଡ଼**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂ-ଅର୍ଜନ ରକବା | ହଳ କିସମ | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୧୨ | ୧୪୦ (ସ୍ମ) | ୦.୫୩୦ | ୦.୦୨୦ | ଗୋଡ଼ା ଦୁଇ | ଡିମ୍ବୁ କିଶାନ, ପି.- ରବି କିଶାନ, ଭୁନ୍ଦୁ କିଶାନ, ପି.- ବାନେ କିଶାନ, ଜା: କିଶାନ, ବା: ନିଜଗାଁ। |
| ୨ | ୧୪ | ୩୩୨ (ସ୍ମ) | ୦.୩୭୦ | ୦.୨୫୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.- ପଞ୍ଚୁ ମାହାନ୍ତ, ପାର୍ବତୀ ମାହାନ୍ତ, ସ୍ୱା. ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ମଧୁପୁର। |
| ୩ | ୧୫ | ୩୩୩ (ସ୍ମ) | ୦.୧୩୦ | ୦.୦୮୦ | ମାଳ ସାଧାରଣ | ଦୁଃଖି ମାହାନ୍ତ, ପି.- ପଞ୍ଚୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୪ | ୧୬ | ୧୩୬ (ସ୍ମ) | ୦.୧୬୦ | ୦.୦୨୦ | ଘରବାରି | ଧନିଆଁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୭ (ସ୍ମ) | ୦.୩୭୦ | ୦.୦୬୦ | ଘରବାରି | |
| | | ୩୬୯ (ସ୍ମ) | ୦.୮୨୦ | ୦.୧୮୦ | ମାଳ ସାଧାରଣ | |
| ୫ | ୧୮ | ୩୬୫ (ସ୍ମ) | ୦.୯୬୦ | ୦.୧୮୦ | ମାଳ ସାଧାରଣ | ଧରୁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୬ | ୧୯ | ୨୭୪ (ସ୍ମ) | ୦.୫୮୦ | ୦.୧୮୦ | ମାଳ ସାଧାରଣ | ଧିରେଶେନ ପାତ୍ର, ପି.- ଠୁରୁ ପାତ୍ର, ଜା: ପାଣ, ବା: କୁର୍ଡ଼ା |
| ୭ | ୨୧ | ୩୬୪ (ସ୍ମ) | ୦.୫୦୦ | ୦.୦୮୦ | ମାଳ ସାଧାରଣ | ନବୀନ କିସାନ, ପଞ୍ଚୁ ମାହାନ୍ତ, ପି.- ପଟୁଆ ମାହାନ୍ତ, ଜା: ମାହାନ୍ତ, ବା: ଶରଧାପୁର |
| | | ୩୭୧ (ସ୍ମ) | ୦.୭୦୦ | ୦.୨୨୦ | ମାଳ ସାଧାରଣ | |
| | | ୩୭୪ (ସ୍ମ) | ୩.୦୯୦ | ୦.୯୦୦ | ମାଳ ସାଧାରଣ | |
| ୮ | ୨୩ | ୧୩୨ | ୦.୪୭୦ | ୦.୪୭୦ | ବେର୍ଣ୍ଣା ସାଧାରଣ | ପଞ୍ଚୁ ମାହାନ୍ତ, ପି.- ମାଧ ମାହାନ୍ତ, ଜା: ମାହାନ୍ତ, ବା: ବଳ ଡିହି |
| | | ୧୪୮ (ସ୍ମ) | ୧.୦୯୦ | ୦.୩୦୦ | ବେର୍ଣ୍ଣା ସାଧାରଣ | |
| ୯ | ୨୪ | ୩୬୩ (ସ୍ମ) | ୧.୫୧୦ | ୦.୨୩୦ | ମାଳ ସାଧାରଣ | ପୂର୍ଣ୍ଣଚନ୍ଦ୍ର ମାହାନ୍ତ, ସୁରେନ୍ଦ୍ର ନାଥ ମାହାନ୍ତ, ପି.- ଗୋପୀନାଥ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୭୦ (ସ୍ମ) | ୦.୭୨୦ | ୦.୧୪୦ | ମାଳ ସାଧାରଣ | |
| | | ୩୭୨ (ସ୍ମ) | ୩.୩୭୦ | ୦.୯୧୦ | ମାଳ ସାଧାରଣ | |
| ୧୦ | ୩୨ | ୧୩୮ (ସ୍ମ) | ୦.୨୧୦ | ୦.୧୦୦ | ଗୋଡ଼ା ଦୁଇ | ରଘୁ ମାହାନ୍ତ, ପି.- ରେଙ୍ଗୁଟୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୩୬୬ (ସ୍ମ) | ୦.୬୬୦ | ୦.୧୨୦ | ମାଳ ସାଧାରଣ | |
| ୧୧ | ୩୩ | ୨୮୮ | ୦.୫୫୦ | ୦.୫୫୦ | ମାଳ ସାଧାରଣ | ରାଧା ମାହାନ୍ତ, ପି.- ଦିର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୯୫ (ସ୍ମ) | ୧.୪୯୦ | ୦.୩୫୦ | ମାଳ ସାଧାରଣ | |
| ୧୨ | ୩୮ | ୧୩୧ (ସ୍ମ) | ୦.୭୪୦ | ୦.୬୦୦ | ବେର୍ଣ୍ଣା ସାଧାରଣ | ଶତୃଘ୍ନ ମାହାନ୍ତ, ଶଙ୍କର ମାହାନ୍ତ, ପି.- ବନୁ ମାହାନ୍ତ, ଶୈତ ମାହାନ୍ତ, ସ୍ୱା. ବନୁ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୩ (ସ୍ମ) | ୦.୧୯୦ | ୦.୦୩୦ | ମାଳ ସାଧାରଣ | |
| | | ୧୪୧ | ୦.୩୫୦ | ୦.୩୫୦ | ମାଳ ସାଧାରଣ | |
| | | ୧୪୨ (ସ୍ମ) | ୦.୨୬୦ | ୦.୧୨୦ | ଗୋଡ଼ା ଦୁଇ | |
| | | ୧୪୩ | ୦.୨୦୦ | ୦.୨୦୦ | ଗୋଡ଼ା ଦୁଇ | |
| ୧୩ | ୪୩ | ୧୪୪ (ସ୍ମ) | ୦.୧୨୦ | ୦.୦୨୦ | ବେର୍ଣ୍ଣା ସାଧାରଣ | ଶ୍ୟାମ କିଶାନ, ପି.- ସନୁ କିଶାନ, ଜା: କିଶାନ, ବା: ନିଜଗାଁ |
| ୧୪ | ୪୪ | ୨୭୪/୪୨୭ | ୦.୨୦୦ | ୦.୨୦୦ | ମାଳ ସାଧାରଣ | ଶିବ ମାହାନ୍ତ, ପି.- ଦୁର୍ଗା ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୮୭ (ସ୍ମ) | ୦.୩୭୦ | ୦.୦୩୦ | ମାଳ ସାଧାରଣ | |
| | | ୨୮୯ (ସ୍ମ) | ୧.୧୫୦ | ୦.୫୨୦ | ମାଳ ସାଧାରଣ | |
| | | ୨୯୬ (ସ୍ମ) | ୦.୫୯୦ | ୦.୧୨୦ | ମାଳ ସାଧାରଣ | |
| ୧୫ | ୪୬/୩ | ୩୩୪ (ସ୍ମ) | ୦.୩୪୦ | ୦.୨୬୦ | ମାଳ ସାଧାରଣ | ରମେଶ ଚନ୍ଦ୍ର ମାହାନ୍ତ, ପି.- ଭୀମ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| ୧୬ | ୪୬/୪ | ୧୨୨ (ସ୍ମ) | ୦.୨୮୦ | ୦.୦୧୦ | ମାଳ ସାଧାରଣ | ମହି ମାହାନ୍ତ, ପି.- ଗୋରାଚାନନ୍ଦ ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୧୩୪ (ସ୍ମ) | ୦.୨୦୦ | ୦.୧୦୦ | ମାଳ ସାଧାରଣ | |
| ୧୭ | ୪୬/୧୪ | ୧୩୦ (ସ୍ମ) | ୦.୩୧୦ | ୦.୦୫୦ | ମାଳ ସାଧାରଣ | କୃଷ୍ଣଚନ୍ଦ୍ର ମାହାନ୍ତ, ଭରତ ଚନ୍ଦ୍ର ମାହାନ୍ତ, ତ୍ରିଲୋଚନ ମାହାନ୍ତ, ଇନ୍ଦ୍ରମଣି ମାହାନ୍ତ, ପି.- ଜୁଗଲ କିଶୋର ମାହାନ୍ତ, ଜା: ମାହାନ୍ତ, ବା: ନିଜଗାଁ |
| | | ୨୭୩ (ସ୍ମ) | ୦.୯୫୦ | ୦.୦୨୦ | ମାଳ ସାଧାରଣ | |
| ମୋଟ | ୧୭ | ୩୫ | ୨୪.୫୩୦ | ୭.୯୭୦ | | |

**ଭୂ-ଅର୍ଜନ ଜୋନ ଅଧିକାରୀ**
**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼**
24160/14/0030/1819


# ମର୍ଯାକୁଦ ସେତୁ ପାଇଁ ମୃତ୍ତିକା ପରୀକ୍ଷା ଆରମ୍ଭ

**ବୌଦ୍ଧ,୨୩।୧୧(ସ୍ୱ.ପ୍ର)**

ମନମୁଣ୍ଡା ମର୍ଯାକୁଦ ଠାରେ ମହାନଦୀରେ ସେତୁ ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସେତୁ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ୪୫ କୋଟି ଟଙ୍କା ବ୍ୟୟରେ ଏହା ନିର୍ମାଣ ହେବାକୁ ଯାଉଛି । ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ବୌଦ୍ଧ ଗସ୍ତ କରି ଏହି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିବା କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପାଦଚଲା ରାସ୍ତା ସହିତ ୭.୫ ମିଟର ଚଉଡା ଏହି ସେତୁ ପାଇଁ ୩୬ ଗୋଟି ପିଲର ନିର୍ମାଣ କରାଯିବ । ବୌଦ୍ଧ ମାଷ୍ଟର ଲାଇନ ନିକଟରେ କୂଳ ସହିତ ସଂଯୁକ୍ତ ହେଉଥିବା ଏହି ସେତୁ କଲେଜ ସମ୍ମୁଖରେ ମୁଖ୍ୟ ସଡକ ସହିତ ସଂଯୁକ୍ତ ହେବ । ତେବେ ସେତୁର ଆପ୍ରୋଚ ରୋଡ ନିର୍ମାଣ ପାଇଁ ମାଷ୍ଟରଲାଇନ ପଛପଟେ ମଧ୍ୟ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସେତୁ ନିର୍ମାଣ ହେଲେ ମହାନଦୀ ଗର୍ଭରେ ମର୍ଜାକୁଦ ଟାପୁରେ ରହୁଥିବା ବୌଦ୍ଧ ଏନଏସିର ୧୩ ଓ ୧୪ ନମ୍ବର ୱାର୍ଡର ୩୦୦୦ ଲୋକଙ୍କ ପାଇଁ ସବୁଦିନ ନଦୀପାର ହେବା ସମସ୍ୟାର ସମାଧାନ ହେବ । ଏହାସହିତ ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସେବା ମଧ୍ୟ ପାଇପାରିବେ ।



ମହାନଦୀର ମର୍ଯାକୁଦଠାରେ ସେତୁ ପାଇଁ ମୃତ୍ତିକା ପରୀକ୍ଷା କରାଯାଉଛି ।


**ସୂର୍ଯ୍ୟମୁଖୀ ଚାଷ ପାଇଁ ସରକାରୀ ପ୍ରୋତ୍ସାହନ**

ଚଳିତ ରବି ଋତୁରେ ବରଗଡ଼ ଜିଲ୍ଲାରେ ଧାନ ଚାଷ ବଦଳରେ ସୂର୍ଯ୍ୟମୁଖୀ ଚାଷ ବହୁଳ ଭାବରେ କରିବା ପାଇଁ କୃଷି ବିଭାଗ ତରଫରୁ ସ୍ଥିର କରାଯାଇଛି। ଏଥିପାଇଁ ସରକାରଙ୍କ ତରଫରୁ ଚାଷୀମାନଙ୍କୁ ହାଇବ୍ରିଡ୍ ସୂର୍ଯ୍ୟମୁଖୀ ବିହନ, ଅଣୁସାର (ବୋରନ) ଓ ପୋକମରା ଔଷଧ ମାଗଣାରେ ଯୋଗାଇ ଦିଆଯିବ ଏବଂ ଅମଳ ପରେ ସୂର୍ଯ୍ୟମୁଖୀ ମଞ୍ଜିକୁ ସରକାରଙ୍କ ତରଫରୁ ମଣ୍ଡି ଖୋଲାଯାଇ କେ.ଜି. ପ୍ରତି ୫୪.୦୦ଟଙ୍କା ଦରରେ କ୍ରୟ କରାଯିବ। ଏଣୁ ଏହି ଚାଷ ବହୁଳ ଭାବେ କରିବା ପାଇଁ ବରଗଡ଼ ଜିଲ୍ଲାର ଚାଷୀ ଭାଇମାନଙ୍କୁ ଅନୁରୋଧ ।
ସ୍ୱା./- କୃଷି ଉପନିର୍ଦ୍ଦେଶକ, ବରଗଡ଼

**ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର - ସଂସ୍କରଣ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବରପାଲି**
**ସମସ୍ତ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଅଛି।**
- ପ୍ରତ୍ୟେକ ୱାର୍ଡ଼ର ପରିବେଶକୁ ସଫାସୁତୁରା ରଖିବା ସହିତ ଅଳିଆ ଆବର୍ଜନାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ।
- ରାସ୍ତାକଡ଼ ଓ ସର୍ବସାଧାରଣ ସ୍ଥାନରେ ଇଟା, ବାଲି, ପଥର ଓ ଗୋଡ଼ି ପ୍ରଭୃତି ଜମାକରି ସର୍ବସାଧାରଣଙ୍କ ଯାତାୟାତ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ନିର୍ଦ୍ଦିଷ୍ଟ ସମୟ କିମ୍ବା ପୂର୍ବରୁ ପରିଷଦର ସମସ୍ତ ବକେୟା ଟିକସ ପୈଠ କରନ୍ତୁ।
- ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ କରାନ୍ତୁ।
- ଏନ୍.ଏ.ସି. ଦ୍ୱାରା ସୁଲଭ ମୂଲ୍ୟରେ CESS POOL ମେଶିନ୍ ଓ ଟ୍ୟାଙ୍କର ଯୋଗେ ପାଣିର ସୁବିଧା ଯୋଗାଇ ଦିଆଯାଉଅଛି।
- ନିଜ ଗୃହର ନିର୍ମାଣ ପୂର୍ବରୁ ସମ୍ପୂର୍ଣ୍ଣ ଗୃହର ନକ୍ସା-ମଞ୍ଜୁରୀ (Approval) କରାଇ ନିଅନ୍ତୁ।
- ପଲିଥିନ ବ୍ୟବହାର ବନ୍ଦ କରନ୍ତୁ ଓ ପରିବେଶର ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରାନ୍ତୁ।
- ପରିଷଦ ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ।

ଶ୍ରୀ ଭାଗୀରଥୀ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ | ଶ୍ରୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଉପାଧ୍ୟକ୍ଷ | ଶ୍ରୀମତୀ ମୀନା ସେଠ୍, ଅଧ୍ୟକ୍ଷା
ଶ୍ରୀ ଅଚ୍ୟୁତାନନ୍ଦ ପଣ୍ଡା, କାଉନସିଲର, ୱାର୍ଡ଼ନଂ -୧ | ସୁଖି ବେହେରା, କାଉନସିଲର, ୱାର୍ଡ଼ ନଂ-୨ | ଶ୍ରୀ ଅଶ୍ୱିନୀ କୁମାର ପରିଡ଼ା, କାଉନସିଲର, ୱାର୍ଡ଼ ନଂ-୪
ଶ୍ରୀମତୀ ଗାୟତ୍ରୀ ରାଉତ, କାଉନସିଲର, ୱାର୍ଡ଼ ନଂ-୬ | ଶ୍ରୀ ଭୋଜରାଜ ବେହେରା, କାଉନସିଲର, ୱାର୍ଡ଼ ନଂ-୭ | ଶ୍ରୀ ଅନନ୍ତ ମେହେର, କାଉନସିଲର, ୱାର୍ଡ଼ ନଂ-୮
ଶ୍ରୀମତୀ ରେବତୀ ଭୁଏ, କାଉନସିଲର, ୱାର୍ଡ଼ ନଂ-୯ | କୁମାରୀ ବାସନ୍ତି ଭୋଇ, କାଉନସିଲର, ୱାର୍ଡ଼ ନଂ-୧୦ | ଶ୍ରୀମତୀ ବବିତା ରଣା, କାଉନସିଲର, ୱାର୍ଡ଼ ନଂ-୧୧
ଓ ପରିଷଦର କର୍ମଚାରୀ ବୃନ୍ଦ